DHARITRI

ଭୁବନେଶ୍ୱର, ରବିବାର, ମେ ୨୩/୨୦୨୧ (୧୨ ପୃଷ୍ଠା+ଛୁଟିଦିନ) Bhubaneswar, Sunday, May 23/2021 ★★★★★★

୪୭ଶ ଭାଗ ୧୭୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ରିଲିଜ ପୂର୍ବରୁ ଫାଇଦାରେ 'ଆର୍‌ଆର୍‌ଆର୍'**


ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଲିଙ୍କ ଅପ୍‌କମିଂ ଫିଲ୍ମ 'ଆର୍‌ଆର୍‌ଆର୍' ରିଲିଜ୍ ପାଇଁ ଏହାର ଡିଜିଟାଲ ଓ ସାଟେଲାଇଟ୍ ରାଇଟ୍ସ ୩୨୫ କୋଟି ଟଙ୍କାରେ ଡିଲ୍ ହୋଇଛି।

୧୦

୧୨

**ନରିନ୍ଦର ବାତ୍ରା ପୁନଃନିର୍ବାଚିତ**

ନରିନ୍ଦର ବାତ୍ରା ଦ୍ୱିତୀୟ ଥର ପାଇଁ ଅନ୍ତର୍ଜାତୀୟ ହକି ମହାସଂଘ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।




# ୟାସ୍: ୨୫ରୁ ପ୍ରବଳ ବର୍ଷା

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହୋଇଛି। ଏହା ରବିବାର ସକାଳ ସୁଦ୍ଧା ଅବପାତ(ଡିପ୍ରେସନ)ରେ ପରିଣତ ହେବ ଏବଂ ୨୪ ତାରିଖରେ ଲଘୁଚାପ ସାମୁଦ୍ରିକ ଝଡ଼ 'ୟାସ୍'ରେ ପରିଣତ ହେବ। ଏହା ଉତ୍ତର-ଉତ୍ତର-ପଶ୍ଚିମ ଦିଗ ଦେଇ ଗତିକରି ଆହୁରି ବଳ ଗୋଟାଇ ଭୟଙ୍କର ରୂପ ଧାରଣ କରିବ। ୨୪ ଘଣ୍ଟା ମଧ୍ୟରେ ଏହା ଅତି ଭୟଙ୍କର ହୋଇ ଗତି କରିବ। ୨୬ ତାରିଖ ସକାଳେ ଉତ୍ତର ଓଡ଼ିଶା କିମ୍ବା ବାଂଲାଦେଶ ଉପକୂଳ ଦେଇ ସ୍ଥଳଭାଗ ଅତିକ୍ରମ କରିବା ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ବାତ୍ୟା କେଉଁ ସ୍ଥାନ ଦେଇ ଗତି କରିବ ସେନେଇ ପାଣିପାଗ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ଲଘୁଚାପ ଅବପାତ ନେବା ପରେ ରବିବାର ସନ୍ଧ୍ୟା ସୁଦ୍ଧା ବାତ୍ୟାର ଲ୍ୟାଣ୍ଡଫଲ୍ ସମ୍ପର୍କରେ କୁହାଯାଇପାରିବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ୨୪ ତାରିଖ ସନ୍ଧ୍ୟା ସୁଦ୍ଧା ସମୁଦ୍ରରେ ବାତ୍ୟାର ବେଗ ୬୦ରୁ ୭୦ କି.ମି. ମଧ୍ୟରେ ରହିବ। ବାତ୍ୟାର ବେଗ ୧୨୦ରୁ ୧୬୫ କି.ମି. ଏବଂ ବେଳେ ବେଳେ ଏହା ୧୮୫ କି.ମି. ପର୍ଯ୍ୟନ୍ତ ଯାଇପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୟାସ୍ ପ୍ରଭାବରେ ୨୫ ତାରିଖ ରାତିରୁ ଉପକୂଳ ଓଡ଼ିଶାର ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା ଆଦି ଜିଲ୍ଲାରେ ପ୍ରବଳ ବର୍ଷା ହେବା ହୋଇପାରେ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ସୂଚନା ଅନୁସାରେ ୨୬ ଓ ୨୭ ତାରିଖ ଦୁଇଦିନ ଧରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷା ହୋଇପାରେ। ଏପରି କି ବାଲେଶ୍ୱର ଓ ମୟୂରଭଞ୍ଜର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହାଛଡ଼ା ଢେଙ୍କାନାଳ, ଅନୁଗୋଳ, ଦେବଗଡ଼ ଓ ସୁନ୍ଦରଗଡ଼ର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ୨୩ରୁ ସମୁଦ୍ରର ସ୍ଥିତି ଅତ୍ୟନ୍ତ ଭୟଙ୍କର ରହିବ। ☞ପୃଷ୍ଠା-୪

## ଆମ ପାଇଁ ସବୁ ଜୀବନ ମୂଲ୍ୟବାନ୍: ମୁଖ୍ୟମନ୍ତ୍ରୀ




ସମ୍ଭାବ୍ୟ ବାତ୍ୟାର ସ୍ଥିତି ନେଇ ଶନିବାର ରାତି ୧୨ଟାରେ ସଂଗୃହୀତ ଉପଗ୍ରହ ଚିତ୍ର।

- ଅତି ଭୟଙ୍କର ହୋଇପାରେ ବାତ୍ୟା
- ଘଣ୍ଟାକୁ ୧୬୫ କି.ମି. ବେଗରେ ମାଡ଼ିହେବ
- ୮ ଜିଲାରେ ଅତି ପ୍ରବଳ ବର୍ଷା
- ଉପକୂଳ ଜିଲାରେ ହାଇଆଲର୍ଟ
- ଆତଙ୍କିତ ନ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

# ୱେବ୍‌ସାଇଟ୍‌ରେ ମିଳିବ ଟେଷ୍ଟ ରିପୋର୍ଟ

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ୱେବ୍‌ସାଇଟରେ କୋଭିଡ୍-୧୯ ରିପୋର୍ଟ ମିଳିବ। ଉଭୟ ଆଣ୍ଟିଜେନ ଏବଂ ଆରଟିପିସିଆର ଟେଷ୍ଟ ରିପୋର୍ଟ ଉପଲବ୍ଧ ହେବ। ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡ ଓ କୋଭିଡ୍-୧୯ ୱେବ୍‌ସାଇଟରେ ଏଥିପାଇଁ ବ୍ୟବସ୍ଥା କରାଯାଇଛି। ଲୋକଙ୍କୁ ସୁବିଧାରେ କରୋନା ପରୀକ୍ଷା ରିପୋର୍ଟ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର କୋଭିଡ୍ ଟେଷ୍ଟ ରିପୋର୍ଟ ୱେବ୍‌ସାଇଟ ଶନିବାର ଲୋକାର୍ପିତ କରିଛନ୍ତି। କୋଭିଡ୍-୧୯ ପରୀକ୍ଷା ଯଥା ଆରଟିପିସିଆର କିମ୍ବା ରାପିଡ୍ ଆଣ୍ଟିଜେନ୍ ପରୀକ୍ଷା ପାଇଁ ନମୁନା ଦେଇଥିବା ବ୍ୟକ୍ତି ଏହି ୱେବ୍‌ସାଇଟରେ କେବଳ ସେମାନଙ୍କ ପଞ୍ଜୀକୃତ ମୋବାଇଲ୍ ନମ୍ବର କିମ୍ବା ଏସ୍‌ଆରଏଫ୍ ଆଇଡି ଦାଖଲ କରି ନିଜର ନମୁନା ପରୀକ୍ଷା ଫଳାଫଳ ଜାଣିପାରିବେ। ଆବଶ୍ୟକ ସ୍ଥଳେ ଏହାକୁ ଡାଉନଲୋଡ୍ ମଧ୍ୟ କରାଯାଇ ପାରିବ। ସ୍ୱାସ୍ଥ୍ୟ ବିଭାଗ ଓ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗର ଏହି ଅଭିନବ ବ୍ୟବସ୍ଥା ଦ୍ୱାରା ଲୋକମାନଙ୍କୁ ରିପୋର୍ଟ ସଂଗ୍ରହ କରିବା ପାଇଁ ପରୀକ୍ଷା କେନ୍ଦ୍ରକୁ ଯିବାକୁ ପଡ଼ିବ ନାହିଁ। ଡିଜିଟାଲ ପରୀକ୍ଷା ରିପୋର୍ଟରେ ନମୁନା ପରୀକ୍ଷା କରିଥିବା ବ୍ୟକ୍ତିଙ୍କ ସମସ୍ତ ବିବରଣୀ ରହିବ। ଏଥିସହ ଏହି ରିପୋର୍ଟରେ ଥିବା କ୍ୟୁଆର କୋଡ୍ ଯୋଗେ ପ୍ରାଧିକୃତ ସଂସ୍ଥା ଯେକୌଣସି ସମୟରେ ରିପୋର୍ଟର ସତ୍ୟାସତ୍ୟ ଯାଞ୍ଚ କରିପାରିବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ମହାମାରୀ ବିରୋଧ ଲଢ଼େଇରେ ଟେକ୍ନୋଲୋଜି ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର ପାଲଟିଛି। ଏହି ଅଭିନବ ବ୍ୟବସ୍ଥା ରିପୋର୍ଟ ସଂଗ୍ରହ ପ୍ରକ୍ରିୟାକୁ ସହଜ କରିବା ସହ ଲୋକଙ୍କୁ ସୁବିଧାରେ କୋଭିଡ୍ ରିପୋର୍ଟ ମିଳିବା ସହିତ ଏହି କଠିନ ସମୟରେ ଜନସାଧାରଣଙ୍କ ପାଇଁ ଯଥେଷ୍ଟ ଉପଯୋଗୀ ହେବ। ରାଜ୍ୟବାସୀଙ୍କ ମୂଲ୍ୟବାନ ଜୀବନ ସୁରକ୍ଷିତ କରିବା ପାଇଁ ଓଡ଼ିଶା ସରକାର କୋଭିଡ୍ ପରୀକ୍ଷାଠାରୁ ଆରମ୍ଭ କରି ଚିକିତ୍ସା ପର୍ଯ୍ୟନ୍ତ ସମସ୍ତ ସେବା ମାଗଣାରେ ଯୋଗାଇ ଦେଉଛନ୍ତି। କୋଭିଡ୍ ପରୀକ୍ଷାକୁ ଆହୁରି ବ୍ୟାପକ କରିବା ପାଇଁ ବିଭିନ୍ନ ଜିଲାରେ ଆରଟିପିସିଆର ପରୀକ୍ଷା କେନ୍ଦ୍ର ପ୍ରତିଷ୍ଠା କରାଯାଉଛି। ସେଠାରେ ଲୋକମାନଙ୍କୁ ପ୍ରତିଦିନ ସେବା ଯୋଗାଇ ଦିଆଯିବ। ଏହା କୋଭିଡ୍ ମହାମାରୀ ବିରୋଧ ଲଢ଼େଇରେ ଆହୁରି ଦୃଢ଼ତା ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ପରୀକ୍ଷା ରିପୋର୍ଟ ଅତ୍ୟନ୍ତ ସୁବିଧାଜନକ ଭାବରେ ଲୋକଙ୍କ ପାଖରେ ପହଞ୍ଚାଇବା ☞ପୃଷ୍ଠା-୪

## ହକି ଫେଡେରେଶନ ପକ୍ଷରୁ ପାଣ୍ଡିଆନଙ୍କୁ ପ୍ରେସିଡେଣ୍ଟ ଆୱାର୍ଡ



ଭି. କେ. ପାଣ୍ଡିଆନ

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି. କେ. ପାଣ୍ଡିଆନଙ୍କୁ ସମ୍ମାନଜନକ ପ୍ରେସିଡେଣ୍ଟ ଆୱାର୍ଡ ମିଳିଛି। ଅନ୍ତର୍ଜାତୀୟ ହକି ମହାସଂଘ (ଏଫଆଇଏଚ୍) ପକ୍ଷରୁ ଶନିବାର ଏହି ପୁରସ୍କାର ପ୍ରଦାନ କରାଯାଇଛି। ହକିର ପ୍ରଚାର ପ୍ରସାର ଦିଗରେ ତାଙ୍କର ଉଲ୍ଲେଖନୀୟ ଅବଦାନ ନେଇ ତାଙ୍କୁ ଏହି ପୁରସ୍କାର ମିଳିଛି। ଭିଡିଓ କନଫରେନ୍ସ ଜରିଆରେ ଏଫଆଇଏଚ୍‌ର ୪୭ତମ ସମ୍ମିଳନୀରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏନେଇ ହକି ଇଣ୍ଡିଆ ପକ୍ଷରୁ ଟୁଇଟ୍ କରି ପାଣ୍ଡିଆନଙ୍କୁ ଶୁଭେଚ୍ଛା ଜଣାଯାଇଛି।

# ଜେଲରେ ବଢୁଛି ସଂକ୍ରମଣ


ବ୍ରହ୍ମପୁର ଅଫିସ/ପଦ୍ମପୁର (ଡି.ଏନ.ଏ.), ୨୨।୫

- ପଦ୍ମପୁରର ୮୩ ଅନ୍ତେବାସୀ ପଜିଟିଭ୍
- ଚିନ୍ତା ବଢ଼ାଉଛି ବ୍ରହ୍ମପୁର ମଣ୍ଡଳ କାରାଗାର

କରୋନାର କରାଳ ରୂପରୁ ବାଦ୍ ପଡ଼ିନି କାରାଗାର। ରାଜ୍ୟର ବିଭିନ୍ନ ଜେଲରେ କଏଦୀ, ବିଚାରାଧୀନ ବନ୍ଦୀଙ୍କ ସମେତ କର୍ମଚାରୀ ସଂକ୍ରମଣର ଶିକାର ହେବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ଚିନ୍ତା ବଢ଼ିଛି। ରାଜ୍ୟର ହାଇପ୍ରୋଫାଇଲ ଅପରାଧୀଙ୍କ କାରଗାର ଭାବେ ପରିଚିତ ଝାରପଡ଼ା ଜେଲ ପରେ ଗଞ୍ଜାମ ଜିଲାର ବ୍ରହ୍ମପୁର ମଣ୍ଡଳ କାରଗାର ଏବଂ ବରଗଡ଼ ଜିଲା ପଦ୍ମପୁର ସବ୍‌ଜେଲକୁ ଘାରିଛି କୋଭିଡ୍ ଭୟ। ଦିନକୁ ଦିନ ବିଗୁଡୁଥିବାବେଳେ କଏଦୀ ଏବଂ କର୍ମଚାରୀଙ୍କ ସୁରକ୍ଷା ବିଭାଗ ପାଇଁ ଚ୍ୟାଲେଞ୍ଜ ପାଲଟିଛି।

ପଦ୍ମପୁର ସବ୍‌ଜେଲର ୮୩ ଅନ୍ତେବାସୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ପଦ୍ମପୁର ଉପଖଣ୍ଡ ଚିକିତ୍ସାଧିକାରୀ ଡା. ତହସିଲ ସାହୁଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ସବ୍‌ଜେଲର ୧୨୪ଜଣ ଅନ୍ତେବାସୀ ଏବଂ ୮ଜଣ ଷ୍ଟାଫ୍‌ଙ୍କ କୋଭିଡ୍ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୮୩ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି। କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୫ଜଣଙ୍କୁ ସ୍ଥାନୀୟ କୋଭିଡ୍ କେୟାର ସେଣ୍ଟରକୁ ପଠାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଅକ୍ସିଜେନ ଦିଆଯାଉଛି ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ପଦ୍ମପୁର ଉପଜିଲାପାଳ ତ୍ରିଲୋଚନ ପାତ୍ର, ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଦୀପ କୁମାର ସାହୁ, ଆଇଆଇସି ରାଜେନ୍ଦ୍ର କୁମାର ସିଆଲ ପ୍ରମୁଖ ସବ୍‌ଜେଲ ପରିଦର୍ଶନ କରି ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

ଅନୁରୂପ ଭାବେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ସଂକ୍ରମଣର ଶିକାର ହୋଇଥିବା ଏକଦୀଙ୍କ ମଧ୍ୟରୁ ୨ଜଣ ସୁସ୍ଥ ହୋଇଛନ୍ତି। ଅନ୍ୟ ୪୪ ଜଣଙ୍କ ମଧ୍ୟରୁ ଜଣେ କଏଦୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଶନିବାର ଆଇଟିଆଇ ହଷ୍ଟେଲରେ ଖୋଲା ଯାଇଥିବା କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ୪୩ ଜଣ ଜେଲ୍ ପରିସରରେ ଥିବା ଡିସିସିସିରେ ଚିକିତ୍ସାଧୀନ ଅଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଜେଲର୍ ସତ୍ୟନାରାୟଣ ବେହେରା ସୂଚନା ଦେଇଛନ୍ତି। ☞ପୃଷ୍ଠା-୪




## ହତ୍ୟା ମାମଲାରେ ସୁଶୀଲ କୁମାର ଗିରଫ



☞ପୃଷ୍ଠା-୧୨

**ଆଜିର ସମ୍ପାଦକୀୟ**

**ସୋସିଆଲ ମିଡିଆ ଭୟ**

# ଲକ୍‌ଡାଉନ୍‌ରେ ପୋଲିସ ହିଂସ୍ର

**ଲକ୍‌ଡାଉନ୍ ସମୟରେ ଜୀବନ ଜୀବିକା ବିପଦରେ ପଡ଼ିଥିବାବେଳେ ପୋଲିସ ବର୍ବରତା ସୀମା ଟପୁଛି। ଭାଜପା ଶାସିତ ଉତ୍ତରପ୍ରଦେଶର ଉନ୍ନାଓରେ ଜଣେ ୧୮ ବର୍ଷୀୟ ପରିବା ବିକାଳିଙ୍କୁ ପୋଲିସ ପିଟି ହତ୍ୟା କରିଛି। ପୋଲିସ ତା'ର ବ୍ରିଟିଶ୍ ଅମଳର ଅତ୍ୟାଚାର ମନୋଭାବକୁ ଯେତେବେଳେ ସୁଯୋଗ ପାଉଛି ଦେଖାଇ ପାରୁଛି ବୋଲି ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି।**

ଉନ୍ନାଓ, ୨୨।୫

- ଉନ୍ନାଓ: ନିସ୍ତୁକ ମାଡ଼ରେ ପରିବା ବିକାଳିଙ୍କ ମୃତ୍ୟୁ
- ୩ ପୋଲିସଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ

ଉତ୍ତରପ୍ରଦେଶର ଉନ୍ନାଓ ଜିଲାରେ କୋଭିଡ୍-୧୯ କର୍ଫ୍ୟୁ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ଜଣେ ୧୮ ବର୍ଷୀୟ ପରିବା ବ୍ୟବସାୟୀଙ୍କୁ ପୋଲିସ ନିର୍ଘୃମ ଭାବେ ପିଟିବାରୁ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ସମ୍ପୃକ୍ତ ଦୁଇଜଣ କନ୍‌ଷ୍ଟେବଲଙ୍କୁ ନିଲମ୍ବନ କରାଯିବା ସହ ଜଣେ ହୋମଗାର୍ଡଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଏଥିସହ ସେମାନଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଛି।

ଉନ୍ନାଓ ଜିଲାର ବାଙ୍ଗରମାଉ ଅନ୍ତର୍ଗତ ଭାଟପୁରୀ ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ଫୈସଲ ହୁସେନ ତାଙ୍କ ଘର ନିକଟରେ ପରିବା ବିକ୍ରି କରୁଥିଲେ। ସେ କରୋନା କର୍ଫ୍ୟୁକୁ ଉଲ୍ଲଂଘନ କରିଥିବାରୁ କନ୍‌ଷ୍ଟେବଲ ବିଜୟ ଚୌଧୁରୀ, ସୀମାବତ ଏବଂ ହୋମଗାର୍ଡ ସତ୍ୟପ୍ରକାଶ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପରେ ସେମାନେ ଫୈସଲଙ୍କୁ ବାଙ୍ଗରମାଉ ଥାନାକୁ ନେଇଯାଇ ପୁଣି ମାଡ଼ ମାରିବାରୁ ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

ପୋଲିସ ବର୍ବରତା ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଫୈସଲଙ୍କ ପରିବାରକୁ ସମସ୍ତ ସହାୟତା ଯୋଗାଇ ଦିଆଯିବା ସହ ଘଟଣାର ନିରପେକ୍ଷ ତଦନ୍ତ କରାଯିବ ବୋଲି ଏଏସ୍‌ପିଙ୍କ ସମେତ ବରିଷ୍ଠ ଅଧିକାରୀମାନେ ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା। ଅପରାଧୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସମେତ ଫୈସଲଙ୍କ ପରିବାରର ଜଣକୁ ଚାକିରି ଓ କ୍ଷତିପୂରଣ ଲାଗି ଦାବି ହୋଇଛି। ଅନ୍ୟପକ୍ଷରେ ହୃଦ୍‌ଘାତରେ ଫୈସଲଙ୍କର ମୃତ୍ୟୁ ଘଟିଥିବା ପୋଲିସ କହିଛି। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି।



ଫୈସଲ ହୁସେନ

# ଡବ୍ଲ୍ୟୁଏଚ୍‌ଓ ଗାଇଡ୍‌ଲାଇନ ମାନିନାହିଁ କେନ୍ଦ୍ର

ନୂଆଦିଲ୍ଲୀ, ୨୨।୫

**ସିରମ୍ ଇନଷ୍ଟିଚ୍ୟୁଟ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଅଭିଯୋଗ**

- ଟିକା ଷ୍ଟକ୍ କଥା ବିଚାର କରିନାହାନ୍ତି ସରକାର

କୋଭିଡ୍ ଟିକାର କେତେ ଷ୍ଟକ୍ ଅଛି ତାହା ବିଚାର ନ କରି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)ର ଗାଇଡଲାଇନ ନ ମାନି କେନ୍ଦ୍ର ସରକାର ଦେଶରେ ଟିକାକରଣ ବ୍ୟାପକ କରାଇଥିଲେ ବୋଲି ଅଭିଯୋଗ ଆଣିଛନ୍ତି ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶ ଯାଦବ। ଶୁକ୍ରବାର ଏକ ଭର୍ଚୁଆଲ ସମିଟ୍‌ରେ ଯୋଗ ଦେଇ ଯାଦବ କହିଛନ୍ତି, ପ୍ରାରମ୍ଭରେ ୩୦ କୋଟି ଲୋକଙ୍କ ଟିକାକରଣ ପାଇଁ ଯୋଜନା ହୋଇଥିବାବେଳେ ମୋଟ ୬୦ କୋଟି ଡୋଜ୍ ଭାକ୍ସିନ ଆବଶ୍ୟକ ଥିଲା। କିନ୍ତୁ ସେହି ଲକ୍ଷ୍ୟରେ ପହଞ୍ଚିବା ପୂର୍ବରୁ ସରକାର ୪୫ ବର୍ଷରୁ ଊର୍ଦ୍ଧ୍ୱ ବୟସ ବର୍ଗଙ୍କ ଟିକାକରଣ ପାଇଁ ଅନୁମତି ଦେଇଥିଲେ। ଏତେ ପରିମାଣର ଟିକା ମହଜୁଦ୍ ନ ଥିବା ଜାଣି ବି ପରେ ୧୮ ☞ପୃଷ୍ଠା-୪



ସୁରେଶ ଯାଦବ

**ଚାଇନାରେ ଭୂମିକମ୍ପ: ୩ ମୃତ**

ଚାଇନାର ୟୁନାନ ପ୍ରଦେଶରେ ଶୁକ୍ରବାର ଭୂମିକମ୍ପ ହୋଇଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୭ ଜଣ ଆହତ ହୋଇଛନ୍ତି। ଦାଲି ବାଇ ଅଟୋନମସ୍ ପ୍ରିଫେକ୍ଚରର ସମସ୍ତ ୧୨ କାଉଣ୍ଟି ଏବଂ ସହରରେ ଭୂମିକମ୍ପ ଅନୁଭୂତ ହୋଇଥିଲା। ଏଥିରେ ୟାଙ୍ଗବି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି।




## ସଂକ୍ଷେପରେ

### ଏନ୍‌କାଉଣ୍ଟର ବେଳେ ଯବାନ ଶହୀଦ

**ଗୁଆହାଟୀ, ୨୨।୫:** ଅରୁଣାଚଳ ପ୍ରଦେଶର ଚାଙ୍ଗଲାଙ୍ଗ ଜିଲାରେ ଶନିବାର ଉଗ୍ରପନ୍ଥୀମାନଙ୍କ ସହ ଗୁଳିବିନିମୟ ବେଳେ ଆସାମ ରାଇଫଲ୍ସ ବାହିନୀର ଜଣେ ଯବାନ ଶହୀଦ ହୋଇଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ଜିଲାର ନାମପୋଙ୍ଗ ସର୍କଲ ଅନ୍ତର୍ଗତ ଲୋଙ୍ଗ୍‌ଭି ଗ୍ରାମରେ ଏନ୍‌କାଉଣ୍ଟର ହୋଇଥିଲା। ଉଗ୍ରପନ୍ଥୀମାନେ ନ୍ୟାଶନାଲ ସୋସିଆଲିଷ୍ଟ କାଉନସିଲ୍ ଅଫ୍ ନାଗାଲାଣ୍ଡ (ଖପ୍‌ଲାଙ୍ଗ ୟୁଙ୍ଗ୍ ଅଙ୍ଗ୍)ର ସଦସ୍ୟ ବୋଲି ବିଶ୍ୱାସ କରାଯାଉଛି। ଆହତ ଯବାନଙ୍କୁ ହେଲିକପ୍ଟର ଯୋଗେ ହସ୍ପିଟାଲକୁ ନିଆଯାଇଛି।

### ଅଗଷ୍ଟରୁ ଉତ୍ପାଦନ ହେବ ସ୍ପୁଟନିକ ଭି




**ନୂଆଦିଲ୍ଲୀ, ୨୨।୫:** ରୁଷିଆ ଦ୍ୱାରା ବିକଶିତ କୋଭିଡ୍ ଟିକା ସ୍ପୁଟନିକ ଭି ଆସନ୍ତା ଅଗଷ୍ଟ ମାସରୁ ଭାରତରେ ଉତ୍ପାଦନ ଆରମ୍ଭ ହେବ। ଏନେଇ ଶନିବାର ରୁଷିଆରେ ଥିବା ଭାରତୀୟ ରାଷ୍ଟ୍ରଦୂତ ବାଲା ଭେଙ୍କଟେଶ ବର୍ମାଙ୍କୁ ଜଣାଇ ଦିଆଯାଇଛି। ଭାରତ ୮୫ କୋଟି ସ୍ପୁଟ୍‌ନିକ ଭି ଟିକା ଉତ୍ପାଦନ କରିବ ବୋଲି ଆଶା କରାଯାଉଛି। ଭାରତର ଟିକା ଆବଶ୍ୟକତା ପୂରଣ ପାଇଁ ଏବେ ରୁଷିଆ ସ୍ପୁଟ୍‌ନିକ ଭି ଟିକା ଯୋଗାଇ ଦେଉଛି। ପ୍ରଥମେ ମେ' ୧ରେ ୧.୫ ଲକ୍ଷ ଡୋଜ୍ ଓ ପରେ ୬୦ ହଜାର ଡୋଜ୍ ସ୍ପୁଟନିକ ଭି ଭାରତରେ ପହଞ୍ଚିଥିବାବେଳେ ମେ' ଶେଷ ସୁଦ୍ଧା ୩ ନିୟୁତ ଡୋଜ୍ ପହଞ୍ଚିବ ଓ ତାହା ଭାରତରେ ପ୍ୟାକିଂ ହେବ। ସେହିପରି ଜୁନ୍‌ରେ ୫ ନିୟୁତ ଡୋଜ୍ ଆସିବ ଏବଂ ଅଗଷ୍ଟରୁ ଭାରତରେ ଏହାର ଉତ୍ପାଦନ ହେବ ବୋଲି ବର୍ମା କହିଛନ୍ତି।

### ଉତ୍ତରପ୍ରଦେଶରେ ବଢ଼ିଲା କର୍ଫ୍ୟୁ ଅବଧି

**ଲକ୍ଷ୍ନୌ, ୨୨।୫:** ଉତ୍ତରପ୍ରଦେଶରେ ଜାରି ହୋଇଥିବା ଆଂଶିକ କର୍ଫ୍ୟୁ ଅବଧିକୁ ମେ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବରୁ ମେ ୨୪ ପର୍ଯ୍ୟନ୍ତ କର୍ଫ୍ୟୁ କଟକଣା ଲାଗୁ କରାଯିବାକୁ ଘୋଷଣା କରାଯାଇଥିଲା। ସେହିପରି ତାମିଲନାଡୁ ସରକାର ରବିବାରଠାରୁ ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ସମ୍ପୂର୍ଣ୍ଣ ଲକଡାଉନ ଘୋଷଣା କରିଛନ୍ତି।

### ରାମଦେବଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ନୂଆଦିଲ୍ଲୀ, ୨୨।୫:** କରୋନା ମହାମାରୀବେଳେ ଯୋଗଗୁରୁ ବାବା ରାମଦେବ ଏଲୋପାଥି ବିରୋଧରେ ଦେଇଥିବା ମନ୍ତବ୍ୟ ପାଇଁ ତାଙ୍କ ଉପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଇଣ୍ଡିଆନ ମେଡିକାଲ ଆସୋସିଏଶନ(ଆଇଏମ୍ଏ) ଶନିବାର ଦାବି କରିଛି। ଦେଶ ମହାମାରୀରେ ଯୁଝି ହେଉଥିବାବେଳେ ରାମଦେବ ସାଇଣ୍ଟିଫିକ୍ ମେଡିସିନ୍ ଉପରେ ଦେଇଥିବା ମନ୍ତବ୍ୟ ଅପମାନଜନକ ଏବଂ ଏହା ଲୋକଙ୍କୁ ବିଭ୍ରାନ୍ତ କରିବ ବୋଲି ଆଇଏମ୍ଏ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ରାମଦେବଙ୍କ ନାଁରେ ଏପିଡେମିକ୍ ଡିଜିଜ୍ ଆକ୍ଟ ଅନୁସାରେ ମାମଲା ରୁଜୁ କରାଯିବାକୁ ଆଇଏମ୍ଏ ଦାବି କରିଛି। ମଡର୍ନ ଏଲୋପାଥି ଏକ ଷ୍ଟୁପିଡ୍ ଓ ଦେବାଳିଆ ସାଇନ୍ସ ବୋଲି ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଭିଡିଓରେ ରାମଦେବ କହୁଥିବା ଦେଖିବାକୁ ମିଳିଛି।

### ଶୁଭେନ୍ଦୁ ଅଧିକାରୀଙ୍କ ବାପା, ଭାଇଙ୍କୁ ୱାଇ ପ୍ଲସ୍ ସୁରକ୍ଷା

**ନୂଆଦିଲ୍ଲୀ, ୨୨।୫:** ପଶ୍ଚିମବଙ୍ଗର ନବନିର୍ବାଚିତ ସମସ୍ତ ୭୭ ଭାଜପା ବିଧାୟକଙ୍କୁ କେନ୍ଦ୍ରୀୟ ସୁରକ୍ଷା ଯୋଗାଇ ଦିଆଯାଇଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଶୁଭେନ୍ଦୁ ଅଧିକାରୀଙ୍କ ବାପା ତଥା ଲୋକ ସଭା ସଦସ୍ୟ ଶିଶିର ଅଧିକାରୀ ଏବଂ ସାନଭାଇ ଦିବ୍ୟେନ୍ଦୁ ଅଧିକାରୀଙ୍କୁ ୱାଇ ପ୍ଲସ୍ ସୁରକ୍ଷା ଯୋଗାଇ ଦେଇଛି। ଏକଦା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କର ଅତ୍ୟନ୍ତ ବିଶ୍ୱସ୍ତ ଥିବା ଶୁଭେନ୍ଦୁ ଭାଜପାରେ ଯୋଗଦେବା ପରେ ନନ୍ଦିଗ୍ରାମ ଆସନରେ ତୃଣମୂଳ ଅଧକ୍ଷାଙ୍କୁ ପରାସ୍ତ କରିଥିଲେ। ୱାଇ ପ୍ଲସ୍ ବର୍ଗରେ ଶୁଭେନ୍ଦୁଙ୍କ ବାପା ଓ ଭାଇଙ୍କୁ ୧୧ ଜଣ ଲେଖାଏ ସିଆର୍‌ପିଏଫ୍ ଯବାନ ସୁରକ୍ଷା ଯୋଗାଇଦେବେ।

# ଏଭରେଷ୍ଟରେ ଶତାଧିକ ସଂକ୍ରମିତ



ଏଭରେଷ୍ଟ ଉପରେ ଶତାଧିକ ପର୍ବତାରୋହଣକାରୀ, ସହଯୋଗୀ କରୋନାରେ ସଂକ୍ରମିତ ହୋଇଛନ୍ତି। ବିଶ୍ୱର ସର୍ବୋଚ୍ଚ ଶୃଙ୍ଗରେ ସଂକ୍ରମଣ ନ ଥିବା ନେଇ ନେପାଳ ସରକାରୀ ଅଧିକାରୀ କହୁଥିଲେ ହେଁ ଏକ ବିଶେଷଜ୍ଞ କ୍ଲାଇମ୍ବିଂ ଗାଇଡ୍ ଶନିବାର ଏ ନେଇ ସୂଚନା ଦେଇଛି। ଜଣେ ବିଦେଶୀ ଗାଇଡ୍ ଏବଂ ୬ ନେପାଳୀ ଶେର୍‌ପା ସଂକ୍ରମିତ ହୋଇଥିବାରୁ ଅଷ୍ଟ୍ରିଆର ଲୁକାସ ଫର୍ଟେନବାକ୍ ତାଙ୍କ ଏଭରେଷ୍ଟ ଆରୋହଣ ବାତିଲ କରିଥିବା କହିଛନ୍ତି। କେବଳ ବେସ୍ କ୍ୟାମ୍ପରେ ଅତିକମ୍‌ରେ ଶହେ ଜଣ କରୋନାରେ ଆକ୍ରାନ୍ତ ହୋଇଥିବା ସେ ପ୍ରକାଶ କରିଛନ୍ତି। ଗତ ଏପ୍ରିଲରୁ ଚଳିତ ସିଜନ୍ ପାଇଁ ୪୦୮ ବିଦେଶୀ ପର୍ବତ ଆରୋହଣକାରୀ, ସେମାନଙ୍କ ସହଯୋଗୀ ଏବଂ ଶେର୍‌ପା ଗାଇଡ୍‌ଙ୍କୁ ଅନୁମତି ମିଳିଛି। ଚାଇନା ପାର୍ଶ୍ୱରୁ ଏଭରେଷ୍ଟ ଆରୋହଣ ଉପରେ କଟକଣା ଲାଗିଥିବାବେଳେ ନେପାଳ ପଟରୁ କିନ୍ତୁ ତାହା ଜାରି ରହିଛି।

# ମା' ହେଲେ ଶ୍ରେୟା



ବଲିଉଡ୍ ପ୍ଲେ ବ୍ୟାକ୍ ସିଙ୍ଗର ଶ୍ରେୟା ଘୋଷାଲ ଓ ସ୍ୱାମୀ ଶିଳାଦିତ୍ୟ ମୁଖୋପାଧ୍ୟାୟ ଶନିବାର ଏକ ପୁତ୍ର ସନ୍ତାନକୁ ସ୍ୱାଗତ କରିଛନ୍ତି। ଶ୍ରେୟା ମା' ହେବା ଖବର ତାଙ୍କ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଭଗବାନ ତାଙ୍କୁ ଏକ ମୂଲ୍ୟବାନ ପୁତ୍ର ସନ୍ତାନ ଆଶୀର୍ବାଦରେ ଦେଇଛନ୍ତି। ଏପରି ଇମୋଶନ ସେ ପୂର୍ବରୁ କେବେ ଅନୁଭବ କରି ନ ଥିଲେ ବୋଲି ଶ୍ରେୟା ଲେଖିଛନ୍ତି। ଏହାସହ ତାଙ୍କ ସମସ୍ତ ଶୁଭାକାଂକ୍ଷୀଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ୫ ଫେବୃୟାରୀ ୨୦୧୫ରେ ଶ୍ରେୟା ଓ ଶିଳାଦିତ୍ୟଙ୍କ ବିବାହ ହୋଇଥିଲା।

# ୬ ରାଜ୍ୟରେ ମୃତ୍ୟୁ ସଂଖ୍ୟା ଅଧିକ

**ନୂଆଦିଲ୍ଲୀ, ୨୨।୫(ପି.ଟି.)**

## ୨.୫୭ ଲକ୍ଷ ସଂକ୍ରମିତ, ୪,୧୯୪ ମୃତ
## ଦିନକରେ ସର୍ବାଧିକ ୨୦.୬୬ ଲକ୍ଷ ପରୀକ୍ଷା

ଭାରତରେ ଦୈନିକ ସଂକ୍ରମଣ କ୍ରମାଗତ ୬ ଦିନ ହେଲା ୩ ଲକ୍ଷ ତଳେ ରହିଛି। ଶନିବାର ସକାଳ ୮ଟା ସୁଦ୍ଧା ଗତ ୨୪ ଘଣ୍ଟା ମଧ୍ୟରେ ୨.୫୭ ଲକ୍ଷ କରୋନା ଆକ୍ରାନ୍ତ ହୋଇଥିବାବେଳେ ୪,୧୯୪ ଜଣଙ୍କର ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୬୨,୮୯,୨୯୦ରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ସେହିପରି ମୃତ୍ୟୁ ସଂଖ୍ୟା ୨,୯୫,୫୨୫ରେ ପହଞ୍ଚିଛି। ସକ୍ରିୟ ମାମଲା ସଂଖ୍ୟା ୨୯,୨୩,୪୦୦କୁ ହ୍ରାସ ପାଇଛି। ଏହା ମୋଟ ମାମଲାର ୧୧.୧୨ ପ୍ରତିଶତ। ଦେଶରେ ଆରୋଗ୍ୟ ହାର ୮୭.୭୬ ପ୍ରତିଶତକୁ ବୃଦ୍ଧି ପାଇଛି।

ଦେଶରେ କରୋନା ସ୍ଥିତି ସ୍ଥିର ରହିଥିବାବେଳେ ପଜିଟିଭ୍ ହାର, ଦୈନିକ ସଂକ୍ରମଣ ଏବଂ ସକ୍ରିୟ ମାମଲା ହ୍ରାସ ପାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ରିପୋର୍ଟ ଅନୁଯାୟୀ ୬ ରାଜ୍ୟରେ ମୃତ୍ୟୁ ସଂଖ୍ୟା ଅଧିକ ରହିଛି। ସେହି ରାଜ୍ୟଗୁଡ଼ିକ ହେଲେ ମହାରାଷ୍ଟ୍ର, କର୍ନାଟକ, ଉତ୍ତରପ୍ରଦେଶ, ତାମିଲନାଡୁ, ପଞ୍ଜାବ ଏବଂ ଦିଲ୍ଲୀ। ୭ ରାଜ୍ୟରେ ଦୈନିକ ସଂକ୍ରମଣ ୧୦ ହଜାର ଉପରେ ରହିଥିବାବେଳେ ୬ ରାଜ୍ୟରେ ୫ ହଜାରରୁ ୧୦ ହଜାର ମଧ୍ୟରେ ରହିଛି। ୯୩ ଜିଲାରେ ପଜିଟିଭିଟି ହାର ହ୍ରାସ ପାଇଛି। ଗତ ୧୦ ତାରିଖରେ ପଜିଟିଭିଟି ହାର ୨୪.୮୩% ଥିବାବେଳେ ଏବେ ୧୨.୫୪ %କୁ ହ୍ରାସ ପାଇଥିବା ଦେଖାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ୨୦.୬୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କର କରୋନା ପରୀକ୍ଷା କରାଯାଇଛି, ଯାହାକି ଗୋଟିଏ ଦିନରେ ସର୍ବାଧିକ। କ୍ରମାଗତ ୪ ଦିନ ହେଲା ଦୈନିକ ୨୦ ଲକ୍ଷରୁ ଅଧିକ ପରୀକ୍ଷା କରାଯାଉଛି। ବର୍ତ୍ତମାନ ସୁଦ୍ଧା ୧୯.୩୩ କୋଟିରୁ ଅଧିକ ଡୋଜ୍ କୋଭିଡ୍ ଟିକା ଦିଆଗଲାଣି।



କୋଭିଡ୍ ପରୀକ୍ଷା ଲାଗି ପଟିଆଲାରେ ଜଣେ ବୃଦ୍ଧାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଉଛି।

### ଗୋଟିଏ ଗାଁରେ ୨୨ ମୃତ

**ଗୋଣ୍ଡା, ୨୨।୫–** ଉତ୍ତରପ୍ରଦେଶର ଗୋଣ୍ଡା ଜିଲା ଅନ୍ତର୍ଗତ ଏକ ଛୋଟିଆ ଗାଁ ନିନ୍ଦୁରାରେ ୨୨ ଜଣଙ୍କର କରୋନାରେ ଜୀବନ ଗଲାଣି। ଲକ୍‌ଡାଉନ ଘୋଷଣା ହେବା ପରେ ପ୍ରବାସୀ ଶ୍ରମିକମାନଙ୍କ ଘରବାହୁଡ଼ା ଆରମ୍ଭ ହୋଇଯାଇଥିଲା। ଏହା ପରେ ଗାଁରେ ସଂକ୍ରମଣ ନିୟନ୍ତ୍ରଣ ବାହାରକୁ ଚାଲିଗଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହା ପୂର୍ବରୁ ଉତ୍ତରପ୍ରଦେଶ ପଞ୍ଚାୟତ ନିର୍ବାଚନରେ ଭୋଟ ଦେବା ପାଇଁ ମୁମ୍ବାଇରୁ ଫେରିଥିବା ଲୋକମାନଙ୍କ ପାଇଁ ଗ୍ରାମାଞ୍ଚଳରେ ସଂକ୍ରମଣ ବଢ଼ିଥିଲା। ମୁମ୍ବାଇରୁ ପ୍ରବାସୀ ଶ୍ରମିକମାନେ ନ ଫେରିବା ପର୍ଯ୍ୟନ୍ତ ସବୁ ଠିକ୍‌ଠାକ୍ ଥିଲା ବୋଲି ଗ୍ରାମବାସୀ କହିଛନ୍ତି।

### 'ସଂକ୍ରମଣ ଶୃଙ୍ଖଳରୁ ପିଲାଙ୍କୁ ଦୂରେଇ ରଖ'

**ନୂଆଦିଲ୍ଲୀ, ୨୨।୫**

କରୋନାରେ ଆକ୍ରାନ୍ତ ପିଲାମାନଙ୍କଠାରେ କ୍ୱଚିତ୍ ଲକ୍ଷଣ ଦେଖାଯାଉଥିବା ନୀତି ଆୟୋଗ (ସ୍ୱାସ୍ଥ୍ୟ) ସଦସ୍ୟ ଡ. ଭି.କେ. ପଲ୍ କହିଛନ୍ତି। ତେଣୁ ସେମାନଙ୍କଠାରୁ ଅନ୍ୟମାନଙ୍କୁ ସଂକ୍ରମଣ ବ୍ୟାପିବାର ସମ୍ଭାବନା ଅଧିକ ରହୁଛି। ସେଥିପାଇଁ ପିଲାମାନଙ୍କୁ ସଂକ୍ରମଣ ଶୃଙ୍ଖଳଠାରୁ ଦୂରେଇ ରଖିବା ଲାଗି ସରକାର ସମସ୍ତ ଉଦ୍ୟମ କରୁଛନ୍ତି। କରୋନା ସଂକ୍ରମଣର ଦ୍ୱିତୀୟ ଲହରରେ ଅଧିକ ସଂଖ୍ୟାରେ ପିଲା ଆକ୍ରାନ୍ତ ହେଉଛନ୍ତି। ତେଣୁ



ଡ. ଭି.କେ. ପଲ୍

ସେମାନଙ୍କ ଚିକିତ୍ସା ପ୍ରତି ଅଧିକ ଧ୍ୟାନ ଦେବା ନିମନ୍ତେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କୁ ପରାମର୍ଶ ଦିଆଯାଇଛି। ଜନସଂଖ୍ୟାର ୨୬ ପ୍ରତିଶତ ହେଉଛନ୍ତି ୧୪ ବର୍ଷରୁ କମ୍ ବୟସର। ସେମାନଙ୍କ ମଧ୍ୟରୁ ୭ ପ୍ରତିଶତଙ୍କ ବୟସ ୫ ବର୍ଷରୁ କମ୍। ସେମାନେ ଯେପରି ସଂକ୍ରମଣ ଶୃଙ୍ଖଳ ମଧ୍ୟକୁ ନ ଆସିବେ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ସଂକ୍ରମଣର ତୃତୀୟ ଲହରରେ ଅଧିକ ସଂଖ୍ୟାରେ ପିଲା ଆକ୍ରାନ୍ତ ହେବେ ବୋଲି ପୂର୍ବରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇଥିଲେ।

# ବ୍ଲାକ୍ ଫଙ୍ଗସ୍ ଔଷଧ ଯୋଗାଅ

**ନୂଆଦିଲ୍ଲୀ, ୨୨।୫(ପି.ଟି.)**

### ପ୍ରଧାନମନ୍ତ୍ରୀଙ୍କୁ ସୋନିଆଙ୍କ ପତ୍ର




ବିଭିନ୍ନ ରାଜ୍ୟରେ କରୋନାରୁ ଆରୋଗ୍ୟ ହୋଇଥିବା ଅନେକଙ୍କଠାରେ ବ୍ଲାକ୍ ଫଙ୍ଗସ୍ ସଂକ୍ରମଣ ଚିନ୍ତାର କାରଣ ପାଲଟିଛି। ଏହି ରୋଗର ଚିକିତ୍ସା ପାଇଁ ଆବଶ୍ୟକ ଔଷଧ ନ ମିଳିବା ସ୍ଥିତିକୁ ଆହୁରି ସଙ୍ଗିନ କରିଛି। ତେଣୁ ବ୍ଲାକ୍ ଫଙ୍ଗସ୍ ଚିକିତ୍ସା ପାଇଁ ଅତ୍ୟାବଶ୍ୟକ ଔଷଧ ଯୋଗାଣ ସୁନିଶ୍ଚିତ କରିବା ଲାଗି କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। ରୋଗୀମାନଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି। ବ୍ଲାକ୍ ଫଙ୍ଗସ୍‌କୁ ଆୟୁଷ୍ମାନ ଭାରତ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ କରାଯାଇ ନ ଥିବାରୁ ଏବାବଦରେ ତୁରନ୍ତ ପଦକ୍ଷେପ ନେବା ଲାଗି କଂଗ୍ରେସ ଅଧକ୍ଷା ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି। ବ୍ଲାକ୍ ଫଙ୍ଗସ୍ ବା ମ୍ୟୁକୋରମାଇକୋସିସ୍‌କୁ ମହାମାରୀ ଘୋଷଣା କରିବା ଲାଗି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ତେଣୁ ଏହି ରୋଗର ଚିକିତ୍ସା ପାଇଁ ଅତ୍ୟାବଶ୍ୟକ ଔଷଧ ପର୍ଯ୍ୟାପ୍ତ ଉତ୍ପାଦନ ଓ ଯୋଗାଣ ହେବା ଆବଶ୍ୟକ ବୋଲି ସୋନିଆ କହିଛନ୍ତି। ବ୍ଲାକ୍ ଫଙ୍ଗସ୍ ପାଇଁ ଲିପୋସୋମାଲ ଆମ୍ଫୋଟେରିସିନ–ବି ଅତି ଜରୁରୀ ହୋଇଥିବାବେଳେ ବଜାରରେ ଏହାର ଅଭାବ ଦେଖାଦେଇଛି।

# ଅନ୍ତଃନଳୀରେ ବ୍ଲାକ୍ ଫଙ୍ଗସ୍

**ନୂଆଦିଲ୍ଲୀ, ୨୨।୫**

ବ୍ଲାକ୍ ଫଙ୍ଗସ୍ ଅନ୍ତଃନଳୀକୁ ବି ସଂକ୍ରମଣ କରୁଛି। ଏଭଳି ବିରଳ ଘଟଣା ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ୨ ଜଣ ରୋଗୀଙ୍କଠାରେ ଦେଖାଯାଇଛି। ଉଭୟଙ୍କର ଡାଇବେଟିସ୍ ରହିଛି। କୋଭିଡ୍ ଚିକିତ୍ସା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଷ୍ଟିରଏଡ୍ ନେଇଥିଲେ ବୋଲି ଡାକ୍ତର କହିଛନ୍ତି। ତଳିପେଟରେ ଯନ୍ତ୍ରଣା ହେବାରୁ ଗଙ୍ଗାରାମ ହସ୍ପିଟାଲକୁ ନିଆଯାଇଥିଲା। ସିଟି ସ୍କାନ୍‌ରୁ ଉଭୟଙ୍କ ଅନ୍ତଃନଳୀରେ ବ୍ଲାକ୍ ଫଙ୍ଗସ୍ ବା ମ୍ୟୁକୋର୍‌ମାଇକୋସିସ୍ ସଂକ୍ରମଣ ହୋଇଥିବା ଜଣାପଡ଼ିଥିଲା। ଏହି ରୋଗ ସାଧାରଣତଃ ରୋଗୀର ନାକ, ଆଖି, ମୁହଁ ଓ ଫୁସ୍‌ଫୁସ୍ ଆଦିକୁ ସଂକ୍ରମଣ କରୁଥିବାବେଳେ ଅନ୍ତଃନଳୀରେ ସଂକ୍ରମଣ ହେବା ପ୍ରଥମ ଘଟଣା।



ବର୍ତ୍ତମାନ ସୁଦ୍ଧା ବ୍ଲାକ୍ ଫଙ୍ଗସ୍‌ରେ ୨୧୯ ଜଣଙ୍କ ମୃତ୍ୟୁ ହେଲାଣି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# 'ଭାରତୀୟ କୋଭିଡ୍ ଭାରିଆଣ୍ଟ' ଲେଖା ହଟାଅ

**ନୂଆଦିଲ୍ଲୀ, ୨୨।୫**

### ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମକୁ କେନ୍ଦ୍ରର ନିର୍ଦ୍ଦେଶ

କରୋନା ଭୂତାଣୁର ଭାରତୀୟ ଭାରିଆଣ୍ଟ ଲେଖାଥିବା ସମସ୍ତ ବିଷୟବସ୍ତୁ (କଣ୍ଟେଣ୍ଟ) ତୁରନ୍ତ ହଟାଇଦେବାକୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ପୂର୍ବରୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ କରୋନା ସମ୍ପର୍କିତ ମିଛ ଖବର, ଭୁଲ୍ ତଥ୍ୟ ପ୍ରସାରଣ ରୋକିବା ଲାଗି ଆଡଭାଇଜରି ଜାରି ହୋଇଥିଲା। ଏବେ କରୋନା ଭୂତାଣୁର ଭାରତୀୟ ଭାରିଆଣ୍ଟ ସାରା ଦେଶରେ ବ୍ୟାପିଛି ବୋଲି ଅନ୍‌ଲାଇନରେ ଭୁଲ୍ ତଥ୍ୟ ପ୍ରସାରିତ ହେଉଥିବା ମନ୍ତ୍ରଣାଳୟର ଦୃଷ୍ଟିକୁ ଆସିଛି। ଏହା ସମ୍ପୂର୍ଣ୍ଣ ଭୁଲ୍। କରୋନାରେ ଏଭଳି କୌଣସି ଭାରିଆଣ୍ଟ ନାହିଁ। ବି୧.୬୧୭ ଭାରିଆଣ୍ଟକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାର କୌଣସି ରିପୋର୍ଟରେ ଭାରତୀୟ ଭାରିଆଣ୍ଟ ଭାବେ ନାମିତ କରିନାହିଁ ବୋଲି ମନ୍ତ୍ରଣାଳୟ କହିଛି। ଏନେଇ ଗତ ୧୨ ତାରିଖରେ ମନ୍ତ୍ରଣାଳୟ ସ୍ପଷ୍ଟ କରିଥିବାବେଳେ ତୁରନ୍ତ ସେଭଳି ଲେଖାକୁ ହଟାଇଦେବା ଲାଗି ଏବେ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ନିର୍ଦ୍ଦେଶ ଦେଇଛି।

# ଦିଲ୍ଲୀରେ ଟିକାକରଣ ବନ୍ଦ

**ନୂଆଦିଲ୍ଲୀ, ୨୨।୫**

ଦିଲ୍ଲୀରେ ଭାକ୍ସିନ ଅଭାବରୁ ୧୮ରୁ ୪୪ ବର୍ଷ ବୟସ ବର୍ଗର ହିତାଧିକାରୀମାନଙ୍କ ନିମନ୍ତେ ଟିକାକରଣ କାର୍ଯ୍ୟକ୍ରମକୁ ଶନିବାରଠାରୁ ବନ୍ଦ ରଖାଯାଇଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ଦିଲ୍ଲୀରେ ସମସ୍ତଙ୍କୁ ଟିକା ଦେବା ପାଇଁ ୮୦ ଲକ୍ଷ ଡୋଜ୍‌ର ଆବଶ୍ୟକତା ରହିଛି। କେନ୍ଦ୍ର ସରକାର ବିଦେଶରୁ ଟିକା କିଣି ତୁରନ୍ତ ଯୋଗାଇଦେବାକୁ କେଜ୍‌ରିୱାଲ ଦାବି କରିଛନ୍ତି। ଅନେକ ଦେଶ ପାଖରେ ଆବଶ୍ୟକତାରୁ ବଳକା ଟିକା ରହିଛି। ସେମାନଙ୍କୁ ଟିକା ଯୋଗାଇବା ପାଇଁ ଅନୁରୋଧ କରିବାକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ପରାମର୍ଶ ଦେଇଛନ୍ତି।



ଦିଲ୍ଲୀର କୁତବ୍‌ମୀନାର ନିକଟରେ ଏକ ବସ୍‌କୁ କର୍ମଚାରୀମାନେ ସାନିଟାଇଜ୍ କରୁଛନ୍ତି।

# ଦିଲ୍ଲୀ ଛାଡ଼ିଲେଣି ୮ ଲକ୍ଷ ପ୍ରବାସୀ



**ନୂଆଦିଲ୍ଲୀ, ୨୨।୫**

କରୋନା ସଂକ୍ରମଣ ରୋକିବା ପାଇଁ ଦିଲ୍ଲୀ ସରକାର ଲକ୍‌ଡାଉନ ଘୋଷଣା କରିବା ଫଳରେ କାମଧନ୍ଦା ନ ପାଇ ୪ ସପ୍ତାହ ମଧ୍ୟରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ଜାତୀୟ ରାଜଧାନୀ ଛାଡ଼ିଲେଣି। ଦିଲ୍ଲୀ ପରିବହନ ବିଭାଗ ରିପୋର୍ଟରୁ ଏହା ଜଣାପଡ଼ିଛି। ଉକ୍ତ ରିପୋର୍ଟ ଅନୁଯାୟୀ ଏପ୍ରିଲ ୧୯ରୁ ମେ' ୧୪ ମଧ୍ୟରେ ୮,୦୭,୦୩୨ ଜଣ ପ୍ରବାସୀ ଶ୍ରମିକ ଦିଲ୍ଲୀ ଛାଡ଼ିଛନ୍ତି। ସେମାନେ ବସ୍ ଯୋଗେ ନିଜ ନିଜ ରାଜ୍ୟକୁ ଚାଲିଯାଇଛନ୍ତି। କେବଳ ପ୍ରଥମ ସପ୍ତାହରେ ୩,୭୯,୬୦୪ ଜଣ ରାଜଧାନୀ ଛାଡ଼ିଥିଲେ। ଏନେଇ ଦିଲ୍ଲୀର ଏନ୍‌ସିଟି ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଅନ୍ୟ ପଡୋଶୀ ରାଜ୍ୟର ପରିବହନ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ସେମାନଙ୍କ ପ୍ରତ୍ୟାବର୍ତ୍ତନକୁ ସୁଗମ କରିଥିଲା। ୪ ସପ୍ତାହ ମଧ୍ୟରେ ଆନ୍ତଃରାଜ୍ୟ ବସ୍‌ଗୁଡ଼ିକ ୨୧,୮୭୯ ଟ୍ରିପ୍ କରିଥିବା ଉକ୍ତ ରିପୋର୍ଟରେ କୁହାଯାଇଛି।

# ନେପାଳରେ ପୁଣି ରାଜନୈତିକ ସଙ୍କଟ

**କାଠମାଣ୍ଡୁ, ୨୨।୫(ଆଇଏଏନ୍‌ଏସ୍)**

- ପାର୍ଲାମେଣ୍ଟ ଭଙ୍ଗ କଲେ ରାଷ୍ଟ୍ରପତି
- ନଭେମ୍ବର ୧୨, ୧୯ରେ ନିର୍ବାଚନ




ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ସୁପାରିସକ୍ରମେ ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀ ଶୁକ୍ରବାର ମଧ୍ୟରାତ୍ରରେ ପାର୍ଲାମେଣ୍ଟ ଭଙ୍ଗ କରିବା ସହ ନଭେମ୍ବର ୧୨ ଓ ୧୯ରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ପାଇଁ ଘୋଷଣା କରିଛନ୍ତି। ଏହାକୁ ନେଇ ନେପାଳରେ ରାଜନୈତିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ବିରୋଧୀ ଦଳଗୁଡ଼ିକ ଓଲିଙ୍କ ନିଷ୍ପତ୍ତିକୁ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ କହି ବିରୋଧ କରିଛନ୍ତି। ନିର୍ବାଚନ କରିହେବ କି ନାହିଁ ଏହାକୁ ନେଇ ଭିନ୍ନ ମତ ପ୍ରକାଶ ପାଇଛି। ପାର୍ଲାମେଣ୍ଟ ଭଙ୍ଗ ରାଜନୈତିକ ବିଦ୍ରୋହ ପାଇଁ ଉଦ୍ୟମ ଏବଂ ତଥାକଥିତ ନିର୍ବାଚନ ଘୋଷଣା ଏକ ଜାଲିଆତି ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଶାସକ ଦଳ ନେତା ମାଧବ କୁମାର ନେପାଳ କହିଛନ୍ତି। ଓଲି ଏବଂ ନେପାଳ ଗୋଟିଏ ଦଳର ହୋଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଗୁରୁତର ମତପାର୍ଥକ୍ୟ ରହିଛି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଘନିଷ୍ଠତା ବାରମ୍ବାର ପାର୍ଲାମେଣ୍ଟ ଭାଙ୍ଗିବା ପଛର କାରଣ ବୋଲି ଦଳୀୟ ନେତାମାନେ କହିଛନ୍ତି। ଏହା ପୂର୍ବରୁ ଓଲିଙ୍କ ପରାମର୍ଶକ୍ରମେ ରାଷ୍ଟ୍ରପତି ଗତବର୍ଷ ଡିସେମ୍ବର ୨୦ରେ ପାର୍ଲାମେଣ୍ଟ ଭାଙ୍ଗିଦେଇଥିଲେ। ଗତ ଫେବୃୟାରୀ ୨୩ରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଫଳରେ ପୁନର୍ବାହାଲ କରାଯାଇଥିଲା। ସମ୍ବିଧାନକୁ ଧ୍ୱଂସ କରିବା ପାଇଁ ଭଣ୍ଡାରୀ ଏବଂ ଓଲି ଚାଲ୍ ଚଳାଇଥିବା ବିରୋଧୀ ଦଳ ନେପାଳ କଂଗ୍ରେସ ପାର୍ଟିର ବରିଷ୍ଠ ନେତା ରାମଚନ୍ଦ୍ର ପୌଡେଲ କହିଛନ୍ତି। ନୂଆ ସରକାର ଗଢ଼ିବା ପାଇଁ ଓଲି ଶୁକ୍ରବାର ଗୃହରେ ସଂଖ୍ୟାଗରିଷ୍ଠତା ଦେଖାଇବାରେ ବିଫଳ ହୋଇଥିଲେ। ବିରୋଧୀ ଦଳଗୁଡ଼ିକ ସଂଖ୍ୟାଗରିଷ୍ଠ ଭୋଟ ସହ ସରକାର ଗଢ଼ିବାକୁ ଦାବି ଜଣାଇବା ସତ୍ତ୍ୱେ ପାର୍ଲାମେଣ୍ଟକୁ ଭାଙ୍ଗିଦିଆଯିବା ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ। ଏହା ବିରୋଧରେ ନେପାଳ କଂଗ୍ରେସ ଆଇନଗତ, ରାଜନୈତିକ ଓ ସାମ୍ବିଧାନିକ ଲଢ଼େଇ ଲଢ଼ିବ ବୋଲି ପୌଡେଲ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ମେ, ୨୦୨୧



## କରୋନା ସଂକ୍ରମଣ ସ୍ଥିତି



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୬,୮୮,୨୮,୨୪୩ | ୩୪,୬୪,୦୦୮ | ୧୪,୭୭,୪୯,୫୭୧ |
| ଭାରତ | ୨,୬୫,୧୦,୫୭୩ | ୨,୯୮,୮୬୬ | ୨,୩୩,୯୨,୦୦୬ |
| ଓଡ଼ିଶା | ୬,୭୯,୫୩୦ | ୨୪୫୬(+୫୩) | ୫,୭୭,୯୮୩ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### କମୁନି ସଂକ୍ରମଣ

- ୨୪ ଘଣ୍ଟାରେ ୧୧,୧୦୮ ଚିହ୍ନଟ
- ଦିନକରେ ୨୬ ମୃତ
- ବିଏମସି ଅଞ୍ଚଳରୁ ୧୦୭୬ ଚିହ୍ନଟ



**ଭୁବନେଶ୍ୱର,୨୨।୫(ବ୍ୟୁରୋ):** ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟାରେ ଆଶାନୁରୂପ ହ୍ରାସ ହେଉନାହିଁ। ସଂକ୍ରମିତଙ୍କ ସଂଖ୍ୟା ୧୧ ହଜାର ଉପରେ ରହୁଛି। ଗତ ୨୪ ଘଣ୍ଟା ମଧ୍ୟରେ ୧୧,୧୦୮ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୨୬ ଜଣଙ୍କ ମୃତ୍ୟୁ ହୋଇଛି। ଏଥିସହିତ ରାଜ୍ୟରେ ଏ ପର୍ଯ୍ୟନ୍ତ ୨୪୫୬ ଜଣଙ୍କ ମୃତ୍ୟୁ ଘଟିଲାଣି। ସଂକ୍ରମିତଙ୍କ ମଧ୍ୟରୁ ୬୨୧୯ ଜଣ କ୍ୱାରାଣ୍ଟାଇନରୁ ଏବଂ ୪୮୮୯ ଜଣ ସ୍ଥାନୀୟ ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରେ ସର୍ବାଧିକ ୧୪୫୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଅନୁଗୋଳରୁ ୮୬୪, ବାଲେଶ୍ୱର ୫୦୯, ବରଗଡ଼ ୩୩୯, ଭଦ୍ରକ ୪୮୯, ବଲାଙ୍ଗୀର ୨୯୮, ବୌଦ୍ଧ ୨୭୩, କଟକ ୯୪୪, ଦେବଗଡ଼ ୧୨୫, ଢେଙ୍କାନାଳ ୧୩୧, ଗଜପତି ୧୫୬, ଗଞ୍ଜାମ ୨୧୪, ଜଗତ୍‌ସିଂହପୁର ୩୧୮, ଯାଜପୁର ୩୯୬, ମୟୂରଭଞ୍ଜରେ ୬୫୩, ନବରଙ୍ଗପୁର ୩୫୬, ସମ୍ବଲପୁର ୩୮୪, ସୁନ୍ଦରଗଡ଼ ୭୯୮, ରାୟଗଡ଼ା ୨୦୯, ନୟାଗଡ଼ରୁ ୩୩୨ ଜଣ ଚିହ୍ନଟ ହୋଇଛନ୍ତି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୧୦,୮୮୧ ଜଣ ସୁସ୍ଥ ହୋଇଛନ୍ତି। କେବଳ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରୁ ୧୦୭୬ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ଭିତରୁ ୧୪୮ କ୍ୱାରାଣ୍ଟାଇନରେ ଥିବା ବେଳେ ୯୨୮ ସ୍ଥାନୀୟ ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟୁଇଟ କରି ସୂଚନା ଦିଆଯାଇଛି। ଏଥିସହିତ ୯୮୯ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି।

### ପଇଡ଼ ଟ୍ରକ୍‌ରୁ ଗଞ୍ଜେଇ ଜବତ: ୩ ଗିରଫ



**କୋରାପୁଟ/ନନ୍ଦପୁର,୨୨।୫(ସ୍ୱ.ପ୍ର.):** କୋରାପୁଟ ଜିଲା ନନ୍ଦପୁର ଅଞ୍ଚଳରୁ ଏକ ପଇଡ଼ ବୋଝେଇ ଟ୍ରକ୍‌ରେ ଗଞ୍ଜେଇ ଚୋରା ଚାଲାଣ ବେଳେ ଧରାପଡ଼ିଛି। ୪୫୬ କେଜି ଗଞ୍ଜେଇ ଉତ୍ତର ପ୍ରଦେଶକୁ ଚାଲାଣ ହେଉଥିବା ବେଳେ ଧରାପଡ଼ିଥିବା ଏସ୍‌ପି ବରୁଣ ଗୁଣ୍ଟୁପାଲି କହିଛନ୍ତି। ଗଞ୍ଜେଇ ଚୋରାଚାଲାଣ ସମ୍ପର୍କରେ ସୂଚନା ପାଇ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିଥିଲା। ନନ୍ଦପୁରର ହିକିମପୁଟ ଅଞ୍ଚଳରୁ ଦ୍ରୁତଗତିରେ ଆସୁଥିବା ଟ୍ରକ୍(ଏପି୩୧ ଟି- ୩୬୫୨)କୁ ନନ୍ଦପୁର ପୋଲିସ ଅଟକାଇ ଯାଞ୍ଚ କରିଥିଲା। ତେବେ ଯାଞ୍ଚ ବେଳେ ଟ୍ରକ୍‌ରେ ପଇଡ଼ ଥିବାରୁ ଛାଡ଼ି ଦେଉଥିଲା। ମାତ୍ର ଗାଡି ନଂ.ରେ ତାଳମେଳ ନ ଥିବାରୁ ସନ୍ଦେହକରି ପୁଣି ଥରେ ଯାଞ୍ଚ କରିଥିଲା। ଏହି ଯାଞ୍ଚ ବେଳେ ସେଥିରୁ ଗଞ୍ଜେଇ ମିଳିଥିଲା ବୋଲି ଏସ୍‌ପି କହିଛନ୍ତି। ଏନେଇ ନନ୍ଦପୁର ଥାନାରେ ୫୭/୨୧ରେ ଏକ ମାମଲା ରୁଜୁ ହୋଇଛି। ଏଥିରେ ସମ୍ପୃକ୍ତ ୩ଜଣ ଗିରଫ ହୋଇଛନ୍ତି। ସେମାନେ ଉତ୍ତରପ୍ରଦେଶ ଅଞ୍ଚଳର ବିପିନ ସିଂ, ନୀତୀଶ ସିଂ ଓ ବିହାର ଅଞ୍ଚଳର ରାଜକୁମାର ନାମକ ବୋଲି ଜଣାପଡିଥିବା ଏସ୍‌ପି ପ୍ରକାଶ କରିଛନ୍ତି।

# କୋଭିଡ୍ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଆଶ୍ରୟସ୍ଥଳୀ

**ବାଲେଶ୍ୱର ଅଫିସ,୨୨।୫**

## ୟାସ୍ ମୁକାବିଲା ଲାଗି ଜିଲା ପ୍ରଶାସନର ପ୍ରସ୍ତୁତି ଜୋରଦାର



ଜିଲାସ୍ତରୀୟ ପ୍ରସ୍ତୁତି ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟ ଅଧିକାରୀ।

ବାତ୍ୟା 'ୟାସ୍' ମୁକାବିଲା ଲାଗି ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଏନେଇ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଶନିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସମ୍ଭାବ୍ୟ ବାତ୍ୟା ପୂର୍ବରୁ ପୂର୍ଣ୍ଣ ପ୍ରସ୍ତୁତି, ସତର୍କତା, ବାତ୍ୟା ପରେ ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସମୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ଓ ନିର୍ଦ୍ଦେଶ ଦେଇଥିଲେ।

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଶେଷ କରି ଜିରୋ କାଜୁଆଲଟି ଉପରେ ଜିଲାପାଳ ଅଧିକ ଗୁରୁତ୍ୱ ଦେଇଥିଲେ। ଜଳମଗ୍ନ ଆଶଙ୍କା ଥିବା ସମସ୍ତ ଗାଁ, ବାତ୍ୟା ପ୍ରଭାବିତ ହେବାକୁ ଥିବା ଅଞ୍ଚଳର କଚ୍ଚା ଓ ଆଜବେଷ୍ଟସ ଘରର ସମସ୍ତ ଲୋକଙ୍କୁ ଶତପ୍ରତିଶତ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦିବ୍ୟାଙ୍ଗ, ପାରାଲିସିସ୍ ରୋଗୀ, ଆସନ୍ନ ପ୍ରସବାମାନଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପାଇଁ ଯଥାଶୀଘ୍ର ତାଲିକା ପ୍ରସ୍ତୁତ କରିବାକୁ ପାଇଁ ଜିଲାପାଳ କହିଥିଲେ। ଏହାସହ କୋଭିଡ୍ ସଂକ୍ରମିତଙ୍କୁ ସ୍ୱତନ୍ତ୍ର ଆଶ୍ରୟସ୍ଥଳୀକୁ ନେବା ପାଇଁ କୁହାଯାଇଥିଲା। ୭ଦିନ ପାଇଁ ଆବଶ୍ୟକ ଔଷଧ ମହଜୁଦ୍, ଆମ୍ବୁଲାନ୍ସ, ଅକ୍ସିଜେନ ସିଲିଣ୍ଡର ପ୍ରସ୍ତୁତ ରଖିବା ସହିତ ବିଡିଓମାନଙ୍କୁ ୨ହଜାର ଲେଖାଏ ମାସ୍କ ପ୍ରଦାନ ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକ ଚୁଡା, ଗୁଡ, ଚାଉଳ, ମାଗଣା ରନ୍ଧା ଖାଦ୍ୟ ବ୍ୟବସ୍ଥା ସହ ଆବଶ୍ୟକ ଇନ୍ଧନ ମହଜୁଦ ନେଇ ସିଏସଓ ବୈଠକରେ ସୂଚନା ଦେଇଥିଲେ। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣ ନେଇ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ହୋଇଥିବା ପ୍ରସ୍ତୁତି ସମ୍ବନ୍ଧରେ ଜିଲାପାଳ ସମୀକ୍ଷା କରିଥିଲେ। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ସମୁଦ୍ର ଭିତରକୁ ଯାଇଥିବା ସମସ୍ତ ମାଛଧରା ବୋଟ୍ କୂଳକୁ ଫେରି ଆସିଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା। ବିଦ୍ୟୁତ ବିଭାଗର ଟିମ୍ ପ୍ରସ୍ତୁତ କରି ଉପକୂଳ ଅଞ୍ଚଳରେ ଆଗୁଆ ମୁତୟନ କରାଯିବା ସହିତ ଯଥେଷ୍ଟ ପୂର୍ବରୁ ଆବଶ୍ୟକ ଥିବା ବିଦ୍ୟୁତ୍ ଖୁଣ୍ଟି, ଟ୍ରାନ୍ସଫର୍ମର, କେବୁଲ ଆଦି ସମ୍ପୃକ୍ତ ସ୍ଥାନରେ ମହଜୁଦ ରଖିବାକୁ କୁହାଯାଇଛି। ମହଜୁଦ୍ ଥିବା ପଲିଥିନ ଆର୍‌ଆଇମାନଙ୍କ ନିକଟକୁ ପଠାଇଦେବା ପାଇଁ କୁହାଯାଇଥିଲା। ସମ୍ଭାବ୍ୟ ବାତ୍ୟା ପାଇଁ ୩ଟି ଓଡ୍ରାଫ୍ ଟିମ୍ ପ୍ରସ୍ତୁତ ରହିବା ସହ ଅତିରିକ୍ତ ଓଡ୍ରାଫ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ଆସି ପହଞ୍ଚିବା ନେଇ ସୂଚନା ଦିଆଯାଇଥିଲା। ବିଏସ୍‌ଏନ୍‌ଏଲ୍‌ର କାର୍ଯ୍ୟକାରୀ ଥିବା ୧୪୪ ଟାୱାରରେ ୧୪୪ ଜେନେରେଟର ଥିବାରୁ ଲାଇନ କଟିଲେ ବି ଅସୁବିଧା ଉପୁଜିବ ନାହିଁ ବୋଲି ସୂଚନା ଦିଆଯାଇଥିଲା। ବାତ୍ୟା ପରେ କ୍ଷୟକ୍ଷତି ଆକଳନ କରାଯିବା ପାଇଁ ଜିଲାପାଳ ଉପଜିଲାପାଳମାନଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ସମସ୍ତ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ବିଶୋଧନ କରାଯିବା ସହ ପାନୀୟଜଳ, ଆବଶ୍ୟକ ଜେନେରେଟର ପ୍ରସ୍ତୁତ କରାଯିବା ଦିଗରେ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପଜିଲାପାଳ ହରିଶ ଚନ୍ଦ୍ର ଜେନା, ପ୍ରୋବେସନର ଆଇଏଏସ୍ କୁନାଲ ଚୌହାନଙ୍କ ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



**ବାତ୍ୟା ଭୟ:** ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ୍ ଅଞ୍ଚଳର ଆମ୍ବଚାଷୀ ତରବରିଆଭାବେ ବଗିଚାରୁ ଆମ୍ବ ସଂଗ୍ରହ କରୁଛନ୍ତି।

## ସମ୍ଭାବ୍ୟ ବାତ୍ୟା ସମୀକ୍ଷା କଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟା 'ୟାସ୍'କୁ ନେଇ ପ୍ରାକ୍ ପ୍ରସ୍ତୁତି ଏବଂ ଏହାର ମୁକାବିଲା ପାଇଁ ହୋଇଥିବା ପ୍ରସ୍ତୁତି ଉପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ଭାରତୀୟ ପାଣିପାଗ ବିଭାଗ ନିର୍ଦ୍ଦେଶକ(ଆଇଏମ୍‌ଡି) ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ଏବଂ ଏନ୍‌ଡିଆରଏଫ ଡିଜି ସତ୍ୟନାରାୟଣ ପ୍ରଧାନଙ୍କ ସହ ଭିଡିଓ କନ୍‌ଫରେନ୍ସରେ ଧର୍ମେନ୍ଦ୍ର ବାତ୍ୟା ସମ୍ପର୍କିତ ଆଲୋଚନା କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ସମ୍ଭାବ୍ୟ ବାତ୍ୟା ସ୍ଥିତି ଏବଂ ଅବସ୍ଥିତି ନେଇ ବିସ୍ତୃତ ଭାବେ କଥା ହେବା ସହ ଏନ୍‌ଡିଆର୍‌ଏଫ ଦ୍ୱାରା ହୋଇଥିବା ପ୍ରସ୍ତୁତି ଉପରେ ମଧ୍ୟ ଆଲୋଚନା କରିଛନ୍ତି। ଏନଡିଆର୍‌ଏଫ ଓଡିଶାକୁ ସମସ୍ତ ପ୍ରକାର ସହଯୋଗ ତଥା ବିପର୍ଯ୍ୟୟ ସୁରକ୍ଷା ବଳ ନିୟୋଜିତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ଡିଜି ଏସ୍.ଏନ୍. ପ୍ରଧାନ ସୂଚନା ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟା ନେଇ ସରକାର ସମ୍ପୂର୍ଣ୍ଣ ସହଯୋଗ କରିବା ଲାଗି ପ୍ରସ୍ତୁତ ଅଛନ୍ତି। ଏନେଇ ଧର୍ମେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱୟରେ ଏହି ବାତ୍ୟାର ମୁକାବିଲା କରିପାରିବା। ଲୋକମାନେ ଭୟଭୀତ ନ ହୋଇ ସଜାଗ ରହିବାର ଆବଶ୍ୟକତା ଅଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

## କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଗସ୍ତକଲେ ଅଗ୍ନିଶମ ଡିଜି

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

ସମ୍ଭାବ୍ୟ ବାତ୍ୟା 'ୟାସ'ର ମୁକାବିଲା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅଗ୍ନିଶମ ଡିଜି ଏମ୍. ଅକ୍ଷୟ ଶନିବାର ବାତ୍ୟାରେ ପ୍ରଭାବିତ ହେବାକୁ ଥିବା କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାକୁ ଗସ୍ତ କରି ପ୍ରାକ୍ ପ୍ରସ୍ତୁତି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଥମେ କେନ୍ଦ୍ରାପଡା ଜିଲା ସଦର ମହକୁମାସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟଠାରେ ପୋଲିସ ଅଧୀକ୍ଷକ ଓ ଅଗ୍ନିଶମ ଅଧିକାରୀଙ୍କ ସହ ବାତ୍ୟା ମୁକାବିଲା ନେଇ ବୈଠକ କରିଥିଲେ। ପରେ ଜଗତ୍‌ସିଂହପୁର ଜିଲା ଗସ୍ତକରି ପାରାଦୀପଠାରେ ସ୍ଥାନୀୟ ପୋଲିସ ଅଧୀକ୍ଷକଙ୍କ ସମେତ ଅଗ୍ନିଶମ ଅଧିକାରୀଙ୍କୁ ନେଇ ପ୍ରସ୍ତୁତିର ସମୀକ୍ଷା କରିବା ସହ ସମସ୍ତ ଉଦ୍ଧାରକାରୀ ଯନ୍ତ୍ରାଂଶ ସହ କର୍ମଚାରୀଙ୍କୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜିଲା ପୋଲିସ ଓ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ।

## ୩ ହୋମ୍‌ଗାର୍ଡ ସମେତ ୪ ଗିରଫ

**ଗୁଣପୁର,୨୨।୫(ଡି.ଏନ୍.ଏ.)**

ଏକ ଗଞ୍ଜେଇ ବୋଝେଇ ଗାଡ଼ିକୁ ଅଟକାଇବା ବଦଳରେ ଛାଡ଼ିଦେବା ଅଭିଯୋଗରେ ରାୟଗଡ଼ା ଜିଲା ଗୁଡାରି ଥାନା ପୋଲିସ ୩ ହୋମ୍‌ଗାର୍ଡ ଏବଂ ଜଣେ ଗ୍ରାମବାସୀଙ୍କୁ ଗିରଫ କରିଛି। ସେମାନେ ହେଲେ ହୋମ୍‌ଗାର୍ଡ ପ୍ରସାଦ କୁମ୍ଭାର, ଗୋପବନ୍ଧୁ ଗୌଡ଼, ଜି. କ୍ରିଷ୍ଣା ରାଓ ଏବଂ ଗୁମୁଡ଼ା ବାସିନ୍ଦା ଅନିଲ ଗୌଡ଼। ଗତ ୧୭ ତାରିଖରେ ରାମନାଗୁଡ଼ା ବ୍ଲକ୍ ଗୁମୁଡ଼ା ଗ୍ରାମଦେଇ ଉକ୍ତ ଗଞ୍ଜେଇ ଗାଡ଼ି ଯାଉଥିଲା। ଅଭିଯୁକ୍ତ ୩ ହୋମ୍‌ଗାର୍ଡ ଗୁମୁଡ଼ା ଗ୍ରାମବାସୀଙ୍କ ସହ ମିଶି ଗାଡ଼ିଟିକୁ ଛାଡ଼ିଦେଇଥିଲେ। ଏହା ଜଣା ଗୁଡ଼ାରି ଥାନା ପୋଲିସ ଉପରୋକ୍ତ ୪ ଜଣଙ୍କୁ ଗିରଫ କରି ଶନିବାର ଗୁଣପୁର କୋର୍ଟକୁ ଚାଲାଣ କରିଥିବା ଏସ୍‌ଡିପିଓ ଅଜୟ ବାରିକ କହିଛନ୍ତି।

## ସଙ୍ଗୀତକାର ରାମ ଲକ୍ଷ୍ମଣଙ୍କ ପରଲୋକ

**ନୂଆଦିଲ୍ଲୀ, ୨୨।୫**



ବର୍ଷୀୟାନ ସଙ୍ଗୀତକାର ରାମ ଲକ୍ଷ୍ମଣଙ୍କ ଶନିବାର ହୃଦ୍‌ଘାତରେ ପରଲୋକ ହୋଇଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ତାଙ୍କ ପ୍ରକୃତ ନାମ ବିଜୟ ପାଟିଲ। ୬ ଦିନ ତଳେ ସେ କରୋନା ଟିକା କୋଭିଶିଲ୍ଡର ଦ୍ୱିତୀୟ ଡୋଜ୍ ନେଇଥିଲେ ବୋଲି ପୁଅ ଅମର ପାଟିଲ କହିଛନ୍ତି। ଭାକ୍ସିନ ନେଇ ଘରକୁ ଆସିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିଥିଲା। ନାଗପୁରସ୍ଥିତ ତାଙ୍କ ବାସଭବନରେ ଡାକ୍ତର ରାମ ଲକ୍ଷ୍ମଣଙ୍କ ଚିକିତ୍ସା କରୁଥିଲେ। ଅପରାହ୍ନ ପ୍ରାୟ ୨ଟାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ବୋଲି ଅମର କହିଛନ୍ତି। ତାଙ୍କ ପରଲୋକରେ ସଙ୍ଗୀତ ସାମ୍ରାଜ୍ଞୀ ଲତା ମଙ୍ଗେସକର ଶୋକ ବ୍ୟକ୍ତ କରିଛନ୍ତି। 'ହମ୍ ଆପକେ ହୈ କୌନ', 'ମୈନେ ପ୍ୟାର କିୟା', 'ପଥର କେ ଫୁଲ୍', 'ଅନମୋଲ୍', 'ହମ୍ ସାଥ୍ ସାଥ୍ ହୈ' ଆଦି ୧୫୦ରୁ ଉର୍ଦ୍ଧ୍ୱ ହିନ୍ଦୀ, ମରାଠୀ, ଭୋଜପୁରୀ ଫିଲ୍ମରେ ସେ ସଙ୍ଗୀତ ରଚନା କରିଛନ୍ତି।

## ଜନ୍ମନେଲେ ୨୮ ଘଡ଼ିଆଳ ଶାବକ

**ବନ୍ତଳା,୨୨।୫(ଡି.ଏନ.ଏ.)**

### ଇତିହାସ ରଚିଲା ସାତକୋଶିଆ

ସାତକୋଶିଆ ଅଭୟାରଣ୍ୟର ଅନୁଗୋଳ ଜିଲା ମହାନଦୀ ଗଣ୍ଡରେ ଶନିବାର ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ଗଣ୍ଡର ଉପରମୁଣ୍ଡ ବଳଦମରା ଠାରେ ୨୮ ଘଡ଼ିଆଳ ଶାବକ ଜନ୍ମ ନେବା ସହ ଦୀର୍ଘ ୪୦ ବର୍ଷର ଅଭିଯାନ ସଫଳ ହୋଇଛି। ଫଳରେ ସାତକୋଶିଆ ଅଭୟାରଣ୍ୟ ଆଉ ଏକ ଇତିହାସ ରଚିଛି।

ପ୍ରକାଶ ଯେ, ଘଡ଼ିଆଳ ପ୍ରଜାତିର କୁମ୍ଭୀରଙ୍କ ଆବାସସ୍ଥଳୀ ପାଇଁ ସାତକୋଶିଆ ଗଣ୍ଡ ଏକ ଉପଯୁକ୍ତ ସ୍ଥାନ। ହେଲେ ମଗର ପ୍ରଜାତିର କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ହେଉଥିବାବେଳେ ଏଠାରେ ଘଡ଼ିଆଳଙ୍କ ସଂଖ୍ୟା ହାତଗଣତିକୁ ଚାଲିଆସିଛି। ବାରମ୍ବାର ଉଦ୍ୟମ ସତ୍ତ୍ୱେ ଘଡ଼ିଆଳଙ୍କ ବଂଶ ବୃଦ୍ଧି ହୋଇପାରୁ ନାହିଁ। ତେବେ ଶନିବାର ଗଣ୍ଡର ଉପରମୁଣ୍ଡରେ ଥିବା ବଳଦମରା ଠାରେ ବନ କର୍ମଚାରୀମାନେ ସକାଳେ ପାଟ୍ରୋଲିଂ କରୁଥିବାବେଳେ ଏକ ବିରଳ ଦୃଶ୍ୟ ଦେଖିବାକୁ ପାଇଥିଲେ। ଘଡ଼ିଆଳ ଅଣ୍ଡାରୁ ଶାବକ ବାହାରି ନଦୀ କୂଳରେ ମା' ସହ ଖେଳୁଥିବା କର୍ମଚାରୀମାନେ ଦେଖି ଟିକରପଡା ରେଞ୍ଜ ଅଧିକାରୀ ଓ ସାତକୋଶିଆ ଡିଏଫ୍‌ଓ ରବି ମିନାଙ୍କୁ ଜଣାଇଥିଲେ। ପରେ ଗଣ୍ଡକୁ ସମ୍ପୂର୍ଣ୍ଣ ସିଲ୍ କରାଯିବା ସହ ଶାବକ ଥିବା ସ୍ଥାନର ୨ଶହ ମିଟର ମଧ୍ୟରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମାଛଧରା ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପ୍ରଦୀପ ରାଜ କରାଟେ କହିଛନ୍ତି, ଦୀର୍ଘ ବର୍ଷର ଯୋଜନା ସଫଳ ହୋଇଛି। ପ୍ରାଥମିକ ତଦନ୍ତରୁ ୨୮ ଶାବକ ଜନ୍ମ ନେଇଥିବା ଜଣାପଡିଛି। ଆଗକୁ ଏହି ସଂଖ୍ୟା ବଢ଼ିପାରେ।



ମା' ଘଡ଼ିଆଳ କୁମ୍ଭୀର ସହ ଶାବକମାନେ।

## ଏମ୍‌କେସିଜିରେ ବ୍ଲାକ୍ ଫଙ୍ଗସ୍ ରୋଗୀ

**ବ୍ରହ୍ମପୁର ଅଫିସ,୨୨।୫**

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଶନିବାର ଜଣେ ବ୍ଲାକ ଫଙ୍ଗସ ରୋଗୀ ଚିହ୍ନଟ ହୋଇଛନ୍ତି। ମହିଳାଙ୍କ ବୟସ ପ୍ରାୟ ୫୦ ହୋଇଥିବା ବେଳେ ଘର ଗଞ୍ଜାମ ଜିଲା ବୋଲି ସୂଚନା ମିଳିଛି। ତାଙ୍କର ଆଖି କଳା ପଡ଼ିଯାଇଛି। ସେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରୁଛନ୍ତି। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିବା ଡାକ୍ତର ଉମାଶଙ୍କର ମିଶ୍ର ସୂଚନା ଦେଇଛନ୍ତି।


## ମହାମାରୀ ବିରୋଧୀ ଯୁଦ୍ଧର ଅସ୍ତ୍ରରେ ପରିଣତ ହୋଇଛି ଜୋଲି ତୁଳସୀ-51 ଡ୍ରପ୍‌ସ




CLINICALLY TESTED

କାଲି ପର୍ଯ୍ୟନ୍ତ ଯାହା ଆମେ କେବଳ ଖବରରେ ଦେଖୁଥିଲୁ, ତାହା ଏବେ ଆମ ଆଖପାଖରେ ଘଟୁଛି । ଏପରି କ୍ଷେତ୍ରରେ ନିଜ ପରିବାରର ସୁରକ୍ଷାକୁ ସୁନିଶ୍ଚିତ କରିବା ଅତ୍ୟନ୍ତ କଷ୍ଟକର ପ୍ରତୀତ ହେଉଛି । କିନ୍ତୁ ଏମିତି କିଛି ନାହିଁ, ଏଥିରୁ ରକ୍ଷା ପାଇହେବ।

ବେପରୁଆ ମନୋଭାବ ଆଦୌ ରଖନ୍ତୁ ନାହିଁ ଏବଂ ଲାବ୍ ପ୍ରମାଣିତ ନାଚୁରାଲ୍ ଇମ୍ୟୁନିଟି ବୁଷ୍ଟର୍ ଜୋଲି ତୁଳସୀ 51 ଡ୍ରପ୍‌ସ ସେବନ କରିବା ଜାରି ରଖନ୍ତୁ ଓ ପୂରା ପରିବାରକୁ ଭାଇରାଲ୍ ସଂକ୍ରମଣ ଓ ଋତୁକାଳୀନ ରୋଗର ପ୍ରକୋପରୁ ସୁରକ୍ଷିତ ରଖନ୍ତୁ ।

ଆପଣଙ୍କ ପରିବାରର ସୁରକ୍ଷା କବଚ

- ଇମ୍ୟୁନିଟି ବଢ଼ାଇବା ପାଇଁ Clinically Tested ପରିଣାମ
- ବର୍ଷ ବର୍ଷର ପୁରୁଣା ଓ ବିଶ୍ୱସନୀୟ ଉତ୍ପାଦ
- ଇମ୍ୟୁନିଟି ବଢ଼ାଇବା ସହିତ Body ମଧ୍ୟ Detox କରନ୍ତୁ
- ତୁଳସୀର ସହସ୍ରାଧିକ ଅନ୍ୟାନ୍ୟ ଲାଭ ଆୟୁର୍ବେଦରେ ବର୍ଣ୍ଣିତ
- କୋଟି କୋଟି ସନ୍ତୁଷ୍ଟ ଗ୍ରାହକ

ପାଞ୍ଚ ପ୍ରକାର ତୁଳସୀରୁ ଅତ୍ୟନ୍ତ ବିଶେଷ ବିଧିରେ ପ୍ରସ୍ତୁତ ଅର୍କ

JOLLY
ତୁଳସୀ 51 ଡ୍ରପ୍‌ସ
ଲାବ୍ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ

ଧ୍ୟାନ ଦିଅନ୍ତୁ, ଜୋଲି ତୁଳସୀ 51 ଡ୍ରପ୍‌ସର ଅଭୂତପୂର୍ବ ଲୋକପ୍ରିୟତା କାରଣରୁ ବଜାରରେ ଏକାସଦୃଶ ଅନେକ ପ୍ରଡକ୍ଟ ଆସିଯାଇଛି । ତେଣୁ କିଣିବା ସମୟରେ ଜୋଲି ତୁଳସୀ 51 ଡ୍ରପ୍‌ସ ହିଁ ମାଗନ୍ତୁ ଓ କିଣନ୍ତୁ ।

ସବୁ ମେଡିକାଲ ଷ୍ଟୋରରେ ଉପଲବ୍ଧ । Helpline: 0161-520-1588 Buy Online:www.jollypharmaindia.com


# କେନ୍ଦ୍ର ପଠାଇଥିବା ୭୩ ଭେଣ୍ଟିଲେଟର ଅଚଳ

**ଭୁବନେଶ୍ୱର, ୨୨।୫(ବ୍ୟୁରୋ)**



କେନ୍ଦ୍ର ସରକାର ଓଡ଼ିଶାକୁ ପଠାଇଥିବା ୫୬୭ ଭେଣ୍ଟିଲେଟର ମଧ୍ୟରୁ ୭୩ଟି ଅଚଳ ହୋଇପଡ଼ିରହିଛି। ସେଥିରୁ ୧୮ଟିରେ ଉତ୍ପାଦନଗତ ତ୍ରୁଟି ରହିଥିବାବେଳେ ଅବଶିଷ୍ଟ ୫୫ ଯନ୍ତ୍ରାଂଶ ଅଭାବରୁ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ରାଜ୍ୟରେ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଡାକ୍ତରୀ ଉପକରଣ ଅଭାବ ଥିବାବେଳେ କେନ୍ଦ୍ରୀୟ ସହାୟତାରେ ଏଭଳି ବିଭ୍ରାଟ ପରିଲକ୍ଷିତ ହୋଇଛି।

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କହିବା ହେଲା, ଗୁରୁତର କୋଭିଡ୍ ରୋଗୀଙ୍କ ଚିକିତ୍ସା ପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ଅଦ୍ୟାବଧି ୪୪୭ ବିଇଏଲ୍ ଭେଣ୍ଟିଲେଟର (ମଡେଲ- ସିଭି୨୦୦) ଏବଂ ୧୨୦ ଏଜିଭିଏ ଭେଣ୍ଟିଲେଟର ଦେଇଛନ୍ତି। ସେଥିରୁ ୧୮ଟି ବିଇଏଲ୍ ଭେଣ୍ଟିଲେଟରରେ ମାନୁଫ୍ୟାକ୍ଚରିଂ ତ୍ରୁଟି ଥିବାବେଳେ ଅନ୍ୟ ୪୭ ଭେଣ୍ଟିଲେଟର ପାଇଁ ଜରୁରୀ ଉପକରଣ ଯୋଗାଇଦିଆଯାଇ ନ ଥିବାରୁ ତାହା କାର୍ଯ୍ୟକ୍ଷମ ହୋଇନାହିଁ। ସେହିପରି ୮ ଏଜିଭିଏ ଭେଣ୍ଟିଲେଟରର ଯନ୍ତ୍ରାଂଶ ଉତ୍ପାଦନକାରୀ ସଂସ୍ଥାଠାରୁ ଆସି ନ ଥିବାରୁ ସେଗୁଡ଼ିକୁ କାମରେ ଲଗାଯାଇପାରିନାହିଁ। କାର୍ଯ୍ୟକ୍ଷମ ହୋଇ ନ ଥିବା ଭେଣ୍ଟିଲେଟରଗୁଡ଼ିକ ମଧ୍ୟରୁ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜରେ ୧୭, ଅଶ୍ୱିନୀ ସମ୍ବଲପୁରରେ ୧୨, ଆଦିତ୍ୟ ଅଶ୍ୱିନୀ ଭୁବନେଶ୍ୱରରେ ୭ଟି ରହିଛି। ଅବଶିଷ୍ଟ ମଧ୍ୟରୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ବଲାଙ୍ଗୀର ମେଡିକାଲ କଲେଜରେ ୬ଟି ଲେଖାଏ ଏବଂ ରାଉରକେଲା ଜେ.ପି. ହସ୍ପିଟାଲରେ ୫ଟି ଭେଣ୍ଟିଲେଟର ପଡ଼ିରହିଛି। ସେହିପରି ବୁର୍ଲାର ଭିମ୍‌ସାର, ରାଉରକେଲା ସରକାରୀ ଡାକ୍ତରଖାନା, ଝାରସୁଗୁଡା କୋଭିଡ୍-୧୯ ହସ୍ପିଟାଲ, ଗଜପତି ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଅନୁଗୁଳ କୋଭିଡ୍-୧୯ ହସ୍ପିଟାଲରେ ୩ଟି ଲେଖାଏ କାର୍ଯ୍ୟକ୍ଷମ ହୋଇ ନ ଥିବା ଭେଣ୍ଟିଲେଟର ରହିଛି। ଏହାବାଦ୍ କିମ୍ସ କୋଭିଡ୍ ହସ୍ପିଟାଲକୁ ପଠାଯାଇଥିବା ୨ଟି ଭେଣ୍ଟିଲେଟର ମଧ୍ୟ ଅକାମୀ ବୋଲି ଜଣାପଡ଼ିଛି। ଏହାବ୍ୟତୀତ କିମ୍‌ସ ଭୁବନେଶ୍ୱର, କିଦ୍ସ ଭୁବନେଶ୍ୱର ଓ ଝାରସୁଗୁଡ଼ା ଜିଲା ଚିକିତ୍ସାଳୟରେ ଗୋଟିଏ ଲେଖାଏ ଭେଣ୍ଟିଲେଟର ଅଚଳ ହୋଇପଡ଼ିଛି। ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ, ରାଜ୍ୟର ବିଭିନ୍ନ ହସ୍ପିଟାଲରେ ୪୭୨ ଭେଣ୍ଟିଲେଟର ସଂଯୋଗ କରାଯାଇଛି। ୧୦ ବିଇଏଲ୍ ଏବଂ ୧୨ ଏଜିଭିଏ ଭେଣ୍ଟିଲେଟରକୁ ଜରୁରୀ ସମୟ ପାଇଁ ସଂରକ୍ଷିତ ରଖାଯାଇଛି। ପ୍ରକାଶ ଯେ, ମହାମାରୀ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଜୀବନରକ୍ଷକ ଭେଣ୍ଟିଲେଟରଗୁଡ଼ିକୁ ରାଜ୍ୟ ସରକାର କାମରେ ଲଗାଉନାହାନ୍ତି ବୋଲି ଶନିବାର ଭାଜପା ନେତା ପ୍ରଦୀପ ପୁରୋହିତ ସମାଲୋଚନା କରିଥିଲେ।

**ଆଜିର ମନ୍ତବ୍ୟ**

କେନ୍ଦ୍ର ସରକାର ଟିକା ନ ଯୋଗାଇଲେ ଦିଲ୍ଲୀରେ ୧୮ରୁ ୪୪ ବର୍ଷ ବୟସ ବର୍ଗ ପାଇଁ ଟିକାକରଣ କେନ୍ଦ୍ର ବନ୍ଦ କରିବାକୁ ପଡ଼ିବ।
-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସାଇବର କ୍ରାଇମ୍ ଠକେଇର ଶିକାର ଯୁବତୀ

**ଫୋନ୍ ପେ’ରେ ଲୁଟିଲେ ୫୮ ହଜାର**

**ଝାରସୁଗୁଡ଼ା ଅଫିସ,୨୨।୫**

ଝାରସୁଗୁଡ଼ା ଜିଲା ବେଲପାହାଡ ଥାନା ଅଞ୍ଚଳର ପୁଣି ଜଣେ ଯୁବତୀ ସାଇବର୍ କ୍ରାଇମ୍ ଠକେଇର ଶିକାର ହୋଇଛନ୍ତି। ଲଟେରି ଉଠିଥିବା ଲୋଭ ଦେଖାଇ ଯୁବତୀଙ୍କ ଆକାଉଣ୍ଟରୁ ଫୋନ୍ ପେ ମାଧ୍ୟମରେ ଦୁର୍ବୃତ୍ତମାନେ ୫୮ହଜାର ୪୮୦ଟଙ୍କା ଠକି ନେଇଛନ୍ତି। ଠକେଇର ଶିକାର ହୋଇଥିବା ଯୁବତୀ ଟାଟାକ୍ରୋସାକୀ କମ୍ପାନୀର କର୍ମଚାରୀ ରେଶ୍ମୀ ସିକା ଏ ନେଇ ଗତ ସୋମବାର ବେଲପାହାଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ.୯୪/୨୧ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଥାନା ଆଇଆଇସି ରଞ୍ଜନ ବିଶ୍ୱାଳ ଓ ସାଇବର୍ ସେଲ୍ ମିଳିତ ଉଦ୍ୟମରେ ଫ୍ଲିପ୍‌କାର୍ଡ ଜରିଆରେ ୩୦ହଜାର ଲୁଟ୍ ଟଙ୍କା ଜବତ ହୋଇଛି।

ରେଶ୍ମୀଙ୍କ ନିକଟକୁ ଗତ ସୋମବାର ଏକ ଅଜଣା ଫୋନ୍ କଲ୍ ଆସିଥିଲା। ଲୁଟେରାମାନେ ତୁମର ୨ହଜାର ଟଙ୍କା ଲଟେରି ଉଠିଛି, ଏହାକୁ ପାଇବା ପାଇଁ ଫୋନ୍ ପେ ମାଧ୍ୟମରେ ମୋବାଇଲ୍‌ରେ ଆପ୍ ଡାଉନ୍ ଲୋଡ୍ କରିବା ଲାଗି କହିଥିଲେ। ରେଶ୍ମୀ ସେହି ମୋବାଇଲ୍ ଆପ୍ ଡାଉନ୍‌ଲୋଡ୍ କରିବା ପରେ ପ୍ରଥମେ ତାଙ୍କ ଆକାଉଣ୍ଟରୁ ୨ହଜାର ଟଙ୍କା କଟିଯାଇଥିଲା। ଲୁଟେରାଙ୍କ କହିବା ଅନୁସାରେ ସେହି ଆପ୍‌କୁ ରେଶ୍ମୀ ୧୬ଥର ଆପ୍‌କୁ ଅପ୍‌ଡେଟିଂ କରିଥିଲେ। ଫଳରେ ଯୁବତୀଙ୍କ ଆକାଉଣ୍ଟରୁ ସମୁଦାୟ ୫୮ହଜାର ୪୮୦ଟଙ୍କା କଟିଯାଇଥିଲା।

# ଟ୍ରେନ୍‌ରେ ସୁରଟ ଯାଉଥିଲା ଗଞ୍ଜେଇ

**୨୦ କେଜି ଗଞ୍ଜେଇ ଜବତ, ୨ ଗିରଫ**

- ଗଞ୍ଜାମରୁ ଚୋରା ଚାଲାଣ କରୁଥିଲେ ଦୁଇ ଅଭିଯୁକ୍ତ
- ପ୍ରବାସୀ ଶ୍ରମିକଙ୍କୁ ଚଢ଼ା ଦରରେ ବିକ୍ରି କରୁଥିଲେ

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

ଲକ୍‌ଡାଉନ୍ ସତ୍ତ୍ୱେ ଟ୍ରେନରେ ଚାଲୁଛି ନିଶାଦ୍ରବ୍ୟ କାରବାର। ଓଡ଼ିଶାରୁ ଗୁଜରାଟ ଚାଲାଣ ହେଉଛି ଗଞ୍ଜେଇ। ସୁରଟରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କୁ ଅଧିକ ଦରରେ ବିକ୍ରି କରି ମାଲାମାଲ ହେଉଛନ୍ତି ମାଫିଆ। ଶୁକ୍ରବାର ସୁରଟ ଚାଲାଣବେଳେ ଜିଆର୍‌ପି ଓ ଆରପିଏଫ୍ ମିଳିତ ଭାବେ ଭୁବନେଶ୍ୱର ରେଲ୍‌ୱେ ଷ୍ଟେଶନରେ ଚଢାଉ କରି ଦୁଇ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଗଞ୍ଜାମ ଜିଲା ହିଞ୍ଜିଳି ଥାନା ବେଲଗାଁ ଗ୍ରାମର ଶ୍ରୀଧର ପାଣିଗ୍ରାହୀ (୩୧) ଓ ନାରାୟଣ ସାହୁ (୩୪)। ସେମାନଙ୍କଠାରୁ ୨୦ କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରିଛି ପୋଲିସ। ଏହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ। ତେବେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଧରିବା ପାଇଁ ପୋଲିସ ଅଧିକ ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଶ୍ରୀଧର ଓ ନାରାୟଣ ଗୁଜରାଟର ସୁରତରେ ଶ୍ରମିକ ଭାବେ କାମ କରନ୍ତି। ମଝିରେ ମଝିରେ ଏମାନେ ଓଡିଶା ଆସି ଟ୍ରେନରେ ଗଞ୍ଜାମରୁ ଗଞ୍ଜେଇ ନେଇ ସୁରତରେ ବିକ୍ରି କରନ୍ତି। ସେଠାରେ ଥିବା ଓଡିଆ ଶ୍ରମିକଙ୍କୁ ଚଢା ଦରରେ ବିକ୍ରି କରି ବିପୁଳ ପରିମାଣରେ ଟଙ୍କା ରୋଜଗାର କରୁଥିଲେ। ତେବେ ଏନେଇ ଜିଆର୍‌ପି ଓ ଆର୍‌ପିଏଫ୍ ଖବର ପାଇବା ପରେ ସେମାନଙ୍କୁ ଧରିବା ପାଇଁ ମିଳିତ ଟିମ୍ ଗଠନ କରାଯାଇଥିଲା। ଶୁକ୍ରବାର ଭୁବନେଶ୍ୱର ରେଳ ଷ୍ଟେଶନର ୧ ନମ୍ବର ପ୍ଲାଟଫର୍ମରେ ଅଭିଯୁକ୍ତଦ୍ୱୟ ଦୁଇଟି ବ୍ୟାଗରେ ଗଞ୍ଜେଇ ଭର୍ତ୍ତି କରି ଟ୍ରେନ୍‌କୁ ଅପେକ୍ଷା କରିଥିବାବେଳେ ଟିମ୍ ଅତର୍କିତ ଚଢାଉ କରି କାବୁ କରିଥିଲା।



ଗିରଫ ଅଭିଯୁକ୍ତ ଦ୍ୱୟ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହିବ। ନିଜ ସଂସ୍ପର୍ଶରେ ଆସୁଥବା ଲୋକମାନଙ୍କ କଥାଗୁଡ଼ିକ ଠିକ୍ ଥିଲେ ମଧ ଆପଣଙ୍କୁ ଭଲ ଲାଗିବ ନାହିଁ। ଅବଶ୍ୟ ଅପରାହ୍ନେ ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ସମ୍ବାଦ ଶୁଣି ଖୁସି ହେବେ। ରବିଙ୍କ ସୁପ୍ରଭାବରୁ ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ**

ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ଜମିଜମା ପାଇଁ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ। ଆକସ୍ମିକ ଭାବରେ ମୋଟା ଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ, ଅବଶ୍ୟ ସହକର୍ମୀମାନେ ସହଯୋଗର ହାତ ବଢ଼ାଇବେ।

**ମିଥୁନ**

ଯାହା ବି ନିଷ୍ପତ୍ତି ନେବେ, ତାହା ଶେଷ ସମୟରେ ଓଲଟ ପାଲଟ ହୋଇ ଯାଇପାରେ। ମଙ୍ଗଳଙ୍କ କୁପ୍ରଭାବରୁ ବିବାଦୀୟ ପରିସ୍ଥିତି ତଥା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଘରେ ବନ୍ଧୁମିଳନର ସୂଚନା ରହିଛି। କଳା, ସାହିତ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକରେ ଉପଯୁକ୍ତ ଭାବେ ଫଳ ପାଇପାରିବେ।

**କର୍କଟ**

ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ପ୍ରଭାବରୁ କର୍ମକ୍ଷେତ୍ର ଓ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ପ୍ରତ୍ୟେକ ଉଦ୍ୟମ ସାକାର ହେବା ଦିଗରେ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ପାଇପାରିବେ। ନୂତନ ସ୍ଥାନକୁ ଯାତ୍ରା ଯୋଗ ରହିଛି। ଆର୍ଥିକ ସ୍ଥିତି ପୂର୍ବପରି କିନ୍ତୁ ଅଧିକାଂଶ କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହେବେ।

**ସିଂହ**

ଶନିଙ୍କ ପ୍ରଭାବରୁ ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିପାରେ। ଆଜି ଆପଣ ଯାହା ପାଇବେ, ତାହା ବହୁତ ପୂର୍ବରୁ ହିଁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। କର୍ମକ୍ଷେତ୍ରରେ କାରଣ ନ ଥାଇ ମଧ ଦୋଷୀ ସାବ୍ୟସ୍ତ ହେବାକୁ ପଡ଼ିପାରେ।

**କନ୍ୟା**

ଆଜି ପାରିବାରିକ କ୍ଷେତ୍ର ସମସ୍ୟା ବହୁଳ ରହିପାରେ। ଭୁଲ୍ ବୁଝାମଣା ହିଁ ଏହାର ପ୍ରଧାନ କାରଣ ହେବ। ପାପଗ୍ରହ ମଧ୍ୟସ୍ଥ ବୃହସ୍ପତି ହେତୁ ଯାନବାହନରେ ସତର୍କ ରହିବା ଭଲ। ପିଲାମାନଙ୍କ କୃତିତ୍ୱ ସକାଶେ ଗର୍ବ ଅନୁଭବ କରିପାରନ୍ତି। ଆକସ୍ମିକ ଭାବରେ ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ତୁଳା**

ଏକାଧିକଗ୍ରହ ମଧ୍ୟସ୍ଥ ରାଶ୍ୟାଧିପତି କାରଣରୁ ଆପଣ କାହାର ମିଠା କଥାରେ ଭାସି ଯାଆନ୍ତୁ ନାହିଁ, ଯାହାକି ସମସ୍ୟାର କାରଣ ପାଲଟିବ। କର୍ମକ୍ଷେତ୍ରରେ ଗୁଜବ ମନକୁ ଆତଙ୍କିତ କରିବାର ସୂଚନା ପାଇବେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ। ହଠାତ୍ ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ମନ ବଳାଇ ପାରନ୍ତି।

**ବିଛା**

ଏକାଦଶସ୍ଥ ଚନ୍ଦ୍ର ହେତୁ ଆପଣଙ୍କର ପ୍ରତ୍ୟେକ ଅସ୍ୱସ୍ତିକର ପରିସ୍ଥିତି ସୁଧୁରି ଯିବ। ଲେଖାପଢ଼ା, କଳା, ସାହିତ୍ୟ, ସଙ୍ଗୀତ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଅଫିସର ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି, ସେପରି କିଛି ଘଟିବ ନାହିଁ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ**

ଚନ୍ଦ୍ର ସହ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି କାରଣରୁ ଆଜିର କୌଣସି କାର୍ଯ୍ୟ ମନଲାଖି ନ ହୋଇପାରେ। ନୂତନ କାମର ପରିକଳ୍ପନା କରିବା ସାଙ୍ଗକୁ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଜମିଜମା, ବ୍ୟବସାୟ, ପରିବହନ କ୍ଷେତ୍ର ଭଲ ରହିବ ଏବଂ ପାରିବାରିକ ସମସ୍ୟାକୁ ସୁଧାରି ନେବେ।

**ମକର**

କୋଣ ସ୍ଥାନରେ ରାଜଯୋଗ ସୃଷ୍ଟି ହୋଇଥିବାରୁ ଆତ୍ମୀୟ କିମ୍ବା ସମ୍ପର୍କୀୟ ପାଖେଇ ଆସିବେ। ଅତି ପ୍ରିୟ ବନ୍ଧୁଟି ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହୋଇଯିବ। ପାରିବାରିକ କ୍ଷେତ୍ରରେ ଟେନସନ୍ କମିଯିବାର ଆଶା କରାଯାଇପାରେ। ପରିସ୍ଥିତିବିଶତଃ ବାଧବାଧକତାରେ ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ।

**କୁମ୍ଭ**

ଚତୁର୍ଥ ଭାବରେ ଗ୍ରହ ସନ୍ନିବେଶ କାରଣରୁ ପରିବାରର ବାରଣକୁ ନ ମାନି କୌଣସି କାମରେ ଆଗଭର ହେବା ଠିକ୍ ହେବନି। ଅଫିସ୍‌ରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। କାମ ହାସଲ ନ ହେବା କାରଣକୁ ନେଇ ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ। ବ୍ୟବସାୟ, ମାଲିମକଦ୍ଦମା କିମ୍ବା ଜମିଜମା ସମସ୍ୟା ଜଟିଳ ହେବ।

**ମୀନ**

ରାଶିପ୍ରତି ଚନ୍ଦ୍ରଙ୍କ ପୂର୍ଣ୍ଣଦୃଷ୍ଟି ହେତୁ ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଅପ୍ରିୟ ସତ୍ୟ ପ୍ରକାଶ କରି ବିବାଦୀୟ ହୋଇ ପାରନ୍ତି। ପରିବହନରେ, ପ୍ରଶାସନିକ ସ୍ତରରେ, ଆଲୋଚନା କ୍ଷେତ୍ରରେ ପ୍ରତିବନ୍ଧକକୁ ଦୂରେଇବାର ପ୍ରଯତ୍ନ କରିପାରନ୍ତି। ଗୃହ କାମରେ ବ୍ୟସ୍ତ ରହି କୌଣସି କାମକୁ ପାସୋରି ଦେଇ ସମାଲୋଚିତ ହୋଇପାରନ୍ତି।

ଆଜି ବୈଶାଖ ଶୁକ୍ଳପକ୍ଷର ସ୍ମାର୍ତ୍ତସମ୍ମତ ମୋହିନୀ ଏକାଦଶୀ ଏବଂ ବୈଷ୍ଣବସମ୍ମତ ତ୍ରିସ୍ପୃଶା ଏକାଦଶୀ ରବିବାର, ରବି ନାରାୟଣବ୍ରତ, ମେ ୨୩ ତାରିଖ, ରାଶିନକ୍ଷତ୍ର- ଦିବା ଘ. ୧୨।୧୧ ମି.ମି. ପରେ ଚିତ୍ରା/କନ୍ୟା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୫୬ ଗତେ ଘ.୦୯।୩୩ ମଧ୍ୟେ, ଘ.୧୨।୦୯ ଗତେ ଘ.୦୨।୪୬ ମଧ୍ୟେ ଅମୃତବେଳା ।। ଅପରାହ୍ନ ଘ.୦୪।୩୦ ଗତେ ଘ. ୦୫।୨୨ ମଧ୍ୟେ ମାହେନ୍ଦ୍ରବେଳା ।। ଦିବା ଘ.୦୪।୩୬ ଗତେ ଘ.୦୬।୧୪ ମଧ୍ୟେ ରାହୁକାଳ ।।

# ୨୬ରେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ

ଭୁବନେଶ୍ୱର,୨୨।୫(ବ୍ୟୁରୋ): ଆସନ୍ତା ୨୬ ତାରିଖରେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ସଂଗଠିତ ହେବ। ଚନ୍ଦ୍ର ପୃଥିବୀର ଉପଛାୟାରେ ଅପରାହ୍ନ ୨ଟା ୧୭ରେ ପ୍ରବେଶ କରିବ ଓ ରାତି ୭ଟା ୧୯ରେ ସମ୍ପୂର୍ଣ୍ଣ ବାହାରିଯିବ। ସେହିପରି ଛାୟାରେ ଅପରାହ୍ନ ୩ଟା ୧୪ରେ ପ୍ରବେଶ କରି ସନ୍ଧ୍ୟା ୬ଟା ୨୨ରେ ସମ୍ପୂର୍ଣ୍ଣ ବାହାରିଯିବ। ଛାୟା ମଧ୍ୟରେ ଥିବାବେଳେ ଗ୍ରହଣକୁ ଖାଲି ଆଖିରେ ଦେଖିହେବ। ଚନ୍ଦ୍ର ଗ୍ରହଣ ସମୟରେ ଚନ୍ଦ୍ର ରକ୍ତ ବର୍ଣ୍ଣ ବା ଲାଲ୍ ରଙ୍ଗ ହୋଇଯିବ। କିନ୍ତୁ ଏହି ସମୟରେ ଭାରତ ତଥା ଓଡ଼ିଶାରେ ଦିନ ହୋଇଥିବ ଓ ଚନ୍ଦ୍ର ଦିଗବଳୟ ତଳେ ଥିବାରୁ ଏଠାରେ ଗ୍ରହଣ ଦେଖିହେବ ନାହିଁ। ତେବେ ପଠାଣିସାମନ୍ତ ପ୍ଲାନେଟାରିୟମ ଭୁବନେଶ୍ୱର ତରଫରୁ ଅନଲାଇନ୍‌ରେ ଲାଇଭ୍ ଦେଖିବାର ବ୍ୟବସ୍ଥା କରାଯାଇଛି। ଚନ୍ଦ୍ର ଗ୍ରହଣ ଦେଖିବାର ପ୍ରକୃଷ୍ଟ ସମୟ ହେଉଛି ଅପରାହ୍ନ ୪ଟା ୪୧ରୁ ୪ଟା ୫୫।

# ମଦ ଲାଇସେନ୍ସ ଫି ଛାଡ଼କୁ କଂଗ୍ରେସର ସମାଲୋଚନା

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

ରାଜ୍ୟ ସରକାର ମଦ ବ୍ୟବସାୟୀଙ୍କ ଉପରୁ ୨୦୨୦ ଜୁନ୍‌ରୁ ଡିସେମ୍ବର ପର୍ଯ୍ୟନ୍ତ ଲାଇସେନ୍ସ ଫି ଛାଡ଼ କରିବାକୁ ନିଷ୍ପତ୍ତି ନେବା ଦୁଃଖ ଓ କ୍ଷୋଭର ବିଷୟ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ବିରୋଧ କରିଛନ୍ତି। ନିରଞ୍ଜନ ଏକ ବିବୃତିରେ ଗଣମାଧ୍ୟମକୁ କହିଛନ୍ତି, ସମଗ୍ର ରାଜ୍ୟର ମଦ ବ୍ୟବସାୟୀଙ୍କ ଦ୍ୱାରା ବୋଧହୁଏ ସରକାର ପରିଚାଳିତ ହେଉଛନ୍ତି। ଏ ସରକାରଙ୍କୁ ଜଗନ୍ନାଥ ଭରସା ଏବଂ ତେଲିଆ ମୁଣ୍ଡରେ ତେଲ ଦେବା ଏମାନଙ୍କ କାମ। କରୋନା ସମୟରେ ଗରିବ, ଶ୍ରମିକ, ଛୋଟ ବ୍ୟବସାୟୀ, ସ୍ୱଳ୍ପ ଆୟକାରୀ ତଥା ମଧ୍ୟବିତ୍ତ ପରିବାରବର୍ଗ ପ୍ରଭାବିତ ହେଉଛନ୍ତି। ଜରୁରୀ ସାମଗ୍ରୀର ଦର ଅହେତୁକ ବୃଦ୍ଧି ପାଉଛି। ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସ୍‌ର ଦାମ ବୃଦ୍ଧି ହେତୁ ୮୫ ଭାଗ ଲୋକ ପୀଡ଼ିତ ହେଉଛନ୍ତି। ମାତ୍ର ଏ ସରକାର କେବଳ ମଦ ବ୍ୟବସାୟଙ୍କୁ ଆର୍ଥିକ ସୁରକ୍ଷା ଦେବାରେ ଲାଗିଛି। ସରକାର ସମ୍ବିଧାନରେ ଅହିଂସା ଶବ୍ଦକୁ ରଖିବାକୁ ଡିଣ୍ଡିମ ପିଟୁଥିବା ବେଳେ ମଦ ବ୍ୟବସାୟୀଙ୍କୁ ଆର୍ଥିକ ସହାୟତା ଯୋଗାଇବା ମହାତ୍ମା ଗାନ୍ଧୀଙ୍କର କେଉଁ ନୀତି ଓ ଆଦର୍ଶକୁ ପାଥେୟ କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଗ ଚଲା,**
**ପର ଗାଈ ଦୁହାଁ, ବତୀ ପେଲା;**
**ନାଥ ବୋଲେ ପୁତାରେ,**
**ଜୀଇଁ ଥାଉଁ ଥାଉଁ ମଲା।**

ଯେଉଁମାନେ ଉପରେ ପଡ଼ି କଥା କୁହନ୍ତି, ପର କାମରେ ହାତ ଦିଅନ୍ତି ତଥା ନ ବୁଝି ନ ଶୁଝି ପର କଥାରେ ଭାସିଯାନ୍ତି, ସେମାନେ ମୂର୍ଖ ବୋଲି ପରିଗଣିତ ହୋଇଥାନ୍ତି। ସେମାନଙ୍କର ନିଜର ଅସ୍ତିତ୍ୱ ବୋଲି କିଛି ନ ଥାଏ। ଏହି ଧରଣର ବ୍ୟକ୍ତି ସବୁବେଳେ, ସବୁକ୍ଷେତ୍ରରେ ହଇରାଣ ହରକତ ହେବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆଟିକା ଚୁହାଁର**
**ମାଇପ ମରେ।**

ଯେଉଁମାନେ କୃପଣ ପ୍ରକୃତିର ହୋଇଥାନ୍ତି ସେମାନେ ନିଜ ଖାଇବା ପିଇବା ତଥା ଚଳିବାରେ ଅନେକ କାଟଛାଣ୍ଟ କରିଥାନ୍ତି। ଧନ ସରିଯିବା ଭୟରେ ସେମାନେ ନିଜ ଖର୍ଚ୍ଚକୁ ଯଥାସମ୍ଭବ ସୀମିତ ରଖିଥାନ୍ତି। ଫଳସ୍ୱରୂପ ତାଙ୍କ ଘରର ସଦସ୍ୟମାନେ ଭୋକ ଉପାସରେ ପଡି ରହିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

### ୟାସ୍: ୨୫ରୁ ପ୍ରବଳ ...

ବଡ଼ ବଡ ଲହଡ଼ି ଉଠିପାରେ। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ୨୩ରୁ ୨୪ ତାରିଖ ମଧ୍ୟରେ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ୨୪ରୁ ୨୭ ମଧ୍ୟରେ ଉତ୍ତର ବଙ୍ଗୋପସାଗର ମଧ୍ୟକୁ ନ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ସମ୍ଭାବ୍ୟ ସାମୁଦ୍ରିକ ଝଡ଼କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରସ୍ତୁତି ଜୋରସୋରରେ ଆରମ୍ଭ କରିଛନ୍ତି। ‘ୟାସ୍’ର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ସନ୍ଧ୍ୟାରେ ଭିଡିଓ କନ୍‌ଫରେନ୍ସ ଜରିଆରେ ସମୀକ୍ଷା କରିଛନ୍ତି। ଜନସାଧାରଣଙ୍କ ଜୀବନର ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନା ବେଳେ ଆମ ପାଇଁ ସବୁ ଜୀବନ ମୂଲ୍ୟବାନ। ତଳିଆ ଅଞ୍ଚଳରେ ଏବଂ ବିପଦସଙ୍କୁଳ ସ୍ଥାନରେ ରହୁଥିବା ଲୋକଙ୍କୁ ସ୍ଥାନାନ୍ତର କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଜିଲାପାଳ ଏବଂ ଏସ୍‌ପିମାନେ ଏହି କାର୍ଯ୍ୟକୁ ବ୍ୟକ୍ତିଗତ ଭାବେ ତଦାରଖ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମୁଖ୍ୟ ଶାସନ ସଚିବ ବାତ୍ୟା ପ୍ରସ୍ତୁତି କାର୍ଯ୍ୟକ୍ରମକୁ ନିୟମିତ ମନିଟରିଂ କରି ଜିଲା ପ୍ରଶାସନକୁ ଆବଶ୍ୟକ ପରାମର୍ଶ ଦେବାକୁ ମଧ ସେ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଉପକୂଳବର୍ତ୍ତୀ ଓ ଏହାର ଆଖପାଖ ଜିଲାଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହି ପ୍ରବଳ ବର୍ଷା ଓ ପବନ ପାଇଁ ସତର୍କତାମୂଳକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବାତ୍ୟାକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ପରିଚାଳନା ଟିମ୍ ଓଡ୍ରାଫ୍,ଏନ୍‌ଡିଆରଏଫ୍, ରାସ୍ତା ସଫା ମେଶିନ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ଆବଶ୍ୟକ ସମସ୍ତ ଯନ୍ତ୍ରପାତି ପ୍ରସ୍ତୁତ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଝଡ଼ ପରେ ସବୁଠାରୁ କମ୍ ସମୟ ମଧ୍ୟରେ ରାସ୍ତାକୁ ସଫା କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ସେହିପରି ବିଦ୍ୟୁତ୍ ଯୋଗାଣ ଓ ଟେଲିଯୋଗାଯୋଗ ବ୍ୟବସ୍ଥାର ପୁନଃସଂଯୋଗ ପାଇଁ ସମସ୍ତ ଟିମ୍ ଓ ଆବଶ୍ୟକ ଯନ୍ତ୍ରପାତି ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରଖିବା ପାଇଁ କୁହାଯାଇଛି। ଆବଶ୍ୟକସ୍ଥଳେ ଅନ୍ୟ ରାଜ୍ୟରୁ ଅତିରିକ୍ତ ଟିମ୍ ଓ ଯନ୍ତ୍ରପାତି ଆଣି ମହଜୁଦ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍ ସ୍ଥିତି ଯୋଗୁ ଏହି ସମୟରେ ଅକ୍ସିଜେନ ଯୋଗାଣ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବାତ୍ୟା ସମୟରେ ଅକ୍ସିଜେନ ଯୋଗାଣରେ ଯେପରି କୌଣସି ସମସ୍ୟା ନ ହୁଏ, ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ସ୍ୱତନ୍ତ୍ର ଦକ୍ଷତା ରହିଛି । ପ୍ରାୟ ପ୍ରତିବର୍ଷ ରାଜ୍ୟ ବାତ୍ୟାର ସମ୍ମୁଖୀନ ହେଉଛି। କୋଭିଡ୍ ମହାମାରୀ ଯୋଗୁ ପରିସ୍ଥିତି ଆହୁରି ଜଟିଳ ହୋଇଛି । ତେବେ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିବ ଏବଂ ଏକ ତ୍ରୁଟିଶୂନ୍ୟ ପ୍ରସ୍ତୁତି ପ୍ରକ୍ରିୟାକୁ ସୁନିଶ୍ଚିତ କରିବ। ୟାସ୍ ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ରହିଛନ୍ତି। ଭୟଭୀତ ନ ହେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ବାତ୍ୟାର ମୁକାବିଲା ପାଇଁ ନିୟମିତ ଭାବେ ପ୍ରସ୍ତୁତି ବୈଠକ କରାଯାଉଛି। ସମ୍ପୃକ୍ତ ବିଭାଗଗୁଡ଼ିକ ଏଥିପାଇଁ ପ୍ରସ୍ତୁତ ରହିଛନ୍ତି। ଲୋକଙ୍କୁ ସ୍ଥାନାନ୍ତର କରିବା ପାଇଁ ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି। ଜଳ ଓ ବିଦ୍ୟୁତ୍ ଯୋଗାଣ ପୁନଃସ୍ଥାପନ ପାଇଁ ଆବଶ୍ୟକ ଟିମ୍ ଓ ଯନ୍ତ୍ରପାତି ମଧ ପ୍ରସ୍ତୁତ ରଖାଯାଇଛି ବୋଲି ସେ କହିଛନ୍ତି। ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ପ୍ରଦୀପ୍ତ ଜେନା କହିଛନ୍ତି ଯେ, ରବିବାର ସନ୍ଧ୍ୟା ସୁଦ୍ଧା ବାତ୍ୟାର ଗତିପଥ ସମ୍ପର୍କରେ ଠିକ୍ ସୂଚନା ମିଳିବ। ବାତ୍ୟାର ମୁକାବିଲା ପାଇଁ ସବୁପ୍ରକାର ପ୍ରସ୍ତୁତି କରାଯାଇଛି। ୨୨ଟି ଏନ୍‌ଡିଆରଏଫ୍ ଟିମ୍, ୬୬ଟି ଓଡ୍ରାଫ୍ ଟିମ୍, ୧୭୭ଟି ଅଗ୍ନିଶମ ସେବା ଟିମ୍ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରସ୍ତୁତ ରହିଛନ୍ତି। ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ସହିତ ଲୋକଙ୍କ ସ୍ଥାନାନ୍ତର ପାଇଁ ଅତିରିକ୍ତ ଆଶ୍ରୟସ୍ଥଳୀ ମଧ ଚିହ୍ନଟ କରାଯାଇଛି। ସ୍ଥାନାନ୍ତର ବେଳେ କୋଭିଡ୍ ନିୟମାବଳୀର ପାଳନ କରାଯିବ। ସେହିପରି ଟେଲିକମ୍ ଓ ବିଦ୍ୟୁତ୍ ବିଭାଗକୁ ମଧ ତୁରନ୍ତ ପୁନଃସଂଯୋଗ ପାଇଁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜୁନ୍ ପ୍ରଥମ ସପ୍ତାହ ମଧ୍ୟରେ ପ୍ରସବ ସମ୍ଭାବନା ଥିବା ସମସ୍ତ ଗର୍ଭବତୀ ମହିଳାଙ୍କୁ ହସ୍ପିଟାଲକୁ ନେବା ପାଇଁ ଜିଲାଗୁଡ଼ିକୁ ପରାମର୍ଶ ଦିଆଯାଇଛି ବୋଲି ସେ କହିଛନ୍ତି। ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା ଅକ୍ସିଜେନ ଯୋଗାଣ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ମହଜୁଦ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି । ସବୁ ରିଫିଲିଂ ଷ୍ଟେଶନକୁ ଅତିରିକ୍ତ ଡିଜି ସେଟ୍ ଦିଆଯାଇଛି। ଜିଲାଗୁଡ଼ିକ ସବୁ ଅକ୍ସିଜେନ ସିଲିଣ୍ଡରକୁ ଆଗୁଆ ରିଫିଲିଂ କରି ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ବୈଠକରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାର ଜିଲାପାଳମାନେ ସେମାନଙ୍କ ପ୍ରସ୍ତୁତି ବିଷୟରେ ସୂଚନା ଦେଇଥିଲେ। ବାଲେଶ୍ୱରରେ ୧୨୨୩ଟି ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଥିବାବେଳେ ଭଦ୍ରକରେ ୭୦୦, କେନ୍ଦ୍ରାପଡ଼ାରେ ୯୭୦ ଓ ଜଗତ୍‌ସିଂହପୁରରେ ୨୨୩ଟି ଆଶ୍ରୟସ୍ଥଳୀ ଚିହ୍ନଟ କରି ରଖାଯାଇଛି ବୋଲି ସୂଚନା ଦିଆଯାଇଥିଲା। ଏହାସହିତ ଅକ୍ସିଜେନ ବ୍ୟବସ୍ଥା, ଉଦ୍ଧାର କାର୍ଯ୍ୟ, ଖାଦ୍ୟ, ଔଷଧ ଆଦି ସମସ୍ତ ଆବଶ୍ୟକ ପ୍ରସ୍ତୁତି କରାଯାଇଛି ବୋଲିଜିଲାପାଳମାନେ ସୂଚନା ଦେଇଥିଲେ। ଗର୍ଭବତୀ ମହିଳାମାନଙ୍କୁ ସ୍ଥାନାନ୍ତର ଓ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି ବୋଲି ସେମାନେ କହିଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା, ଡିଜି ଅଭୟ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର, ମହିଳା ଓ ଶିଶୁବିକାଶ ବିଭାଗର ପ୍ରମୁଖ ସଚିବ ଅନୁ ଗର୍ଗ, ଅଗ୍ନିଶମ ସେବା ଡିଜି ଶ୍ରୀ ଏମ୍. ଅକ୍ଷୟ, ଆଞ୍ଚଳିକ ପାଣିପାଗ ବିଭାଗର ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ଥିଲେ ।

### ୱେବ୍‌ସାଇଟ୍‌ରେ ମିଳିବ ...

ପାଇଁ ୫-ଟି ଅଧୀନରେ ଏହି ଆର୍‌ଟିପିସିଆର୍ ରିପୋର୍ଟ ୱେବ୍‌ସାଇଟ ଆରମ୍ଭ କରାଯାଇଛି। ବ୍ୟବହାରକାରୀଙ୍କ ଗୋପନୀୟତା ସୁନିଶ୍ଚିତ କରିବା ପାଇଁ ଓଟିପି ଦ୍ୱାରା ପଞ୍ଜୀକୃତ ହୋଇଥିବା ମୋବାଇଲ ନମ୍ବରକୁ ରିପୋର୍ଟ ପଠାଯିବାର ବ୍ୟବସ୍ଥା ହୋଇଛି। ଜନସାଧାରଣଙ୍କ ସୁବିଧା ପାଇଁ https://covid19regd.odisha.gov.in/samplecollectiondetails.aspx ୱେବ୍‌ସାଇଟକୁ https://statedashboard.odisha.gov.in ସହିତ ସଂଯୋଗ କରାଯାଇଛି। ଏହି ଅବସରରେ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ସଚିବ ମନୋଜ କୁମାର ମିଶ୍ର କହିଛନ୍ତି, ଅନେକ ସମୟରେ ଲୋକମାନେ କୋଭିଡ୍ ରିପୋର୍ଟ ପାଇବା ପାଇଁ ପରୀକ୍ଷା କେନ୍ଦ୍ରରେ ଦୀର୍ଘ ସମୟ ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନର କଠିନ ସମୟରେ ନିଜ ନମୁନା ପରୀକ୍ଷା ରିପୋର୍ଟ ଜାଣିବା ନେଇ ଉତ୍କଣ୍ଠା ରହିବା ସ୍ୱାଭାବିକ । ଲୋକମାନେ ନମୁନା ପରୀକ୍ଷା ପାଇଁ ଦେଇ ସଙ୍ଗେ ସଙ୍ଗେ ରିପୋର୍ଟ ଆଶା କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆମେ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗରେ ସିଧାସଳଖ ଲୋକଙ୍କୁ ନମୁନା ପରୀକ୍ଷା ରିପୋର୍ଟ ପ୍ରଦାନର ବ୍ୟବସ୍ଥା କରିଛୁ। ଏହି ସୁବିଧା ଗ୍ରାମପଞ୍ଚାୟତସ୍ତରରେ ‘ମୋ ସେବା କେନ୍ଦ୍ର’ରେ ମଧ ଉପଲବ୍ଧ ହେବ ବୋଲି ସେ କହିଛନ୍ତି। କୋଭିଡ-୧୯ ଟେଷ୍ଟ ରିପୋର୍ଟ ପାଇବା ପାଇଁ ୱେବସାଇଟକୁ ଯାଇ ନୋ ୟୋର ଟେଷ୍ଟ ରିପୋର୍ଟକୁ କ୍ଲିକ କରିବାକୁ ପଡ଼ିବ। ନମୁନା ସମୟରେ ଦେଇଥିବା ନିଜ ମୋବାଇଲ ନମ୍ବର ଦେବାକୁ ପଡ଼ିବ। ମୋବାଇଲ ନମ୍ବର ଦେଲା ପରେ ନିଜ ନମ୍ବରକୁ ଏକ ଓଟିପି ଆସିବ। ଓଟିପି ନମ୍ବର ଦେଇ ସବମିଟ୍ କରିବା ପରେ ଟେଷ୍ଟ ରିପୋର୍ଟ ଦେଖାଯିବ।


### ଡବ୍ଲ୍ୟୁଏଚ୍‌ଓ ଗାଇଡ୍‌ଲାଇନ ...

ବର୍ଷରୁ ଊର୍ଦ୍ଧ୍ୱଙ୍କୁ ଟିକା ଦିଆଯିବାକୁ ସରକାର ଘୋଷଣା କରିଥିଲେ। ଏଥିରୁ ଆମକୁ ଶିକ୍ଷା ନେବାକୁ ପଡ଼ିବ। ଟିକାର ଉପଲବ୍ଧତାକୁ ଧ୍ୟାନରେ ରଖି ଏବଂ ଡବ୍ଲ୍ୟୁଏଚ୍‌ଓର ଗାଇଡଲାଇନ ଅନୁସାରେ ତାହାକୁ ବ୍ୟବହାର କରିବା ଉଚିତ ଥିଲା ବୋଲି ଯାଦବ କହିଛନ୍ତି। ଲୋକଙ୍କ ସୁରକ୍ଷା ପାଇଁ ଟିକାକରଣ ଆବଶ୍ୟକ। କିନ୍ତୁ ଟିକା ନେବା ପରେ ବି ଅନେକ ସଂକ୍ରମିତ ହେବାର ଆଶଙ୍କା ରହିଛି। ତେଣୁ ଭାକ୍ସିନ ନେଇ ମଧ ଲୋକଙ୍କୁ କରୋନା କଟକଣା ମାନିବାକୁ ପଡ଼ିବ ବୋଲି ଯାଦବ କହିଛନ୍ତି। ଭାରତରେ ଦେଖାଦେଇଥିବା ଭାରିଆଣ୍ଟ ବିରୋଧରେ ଟିକା ପ୍ରଭାବୀ ହେଉଥିଲେ ବି ଭାକ୍ସିନେଶନରେ ଭୂତାଣୁର ନୂଆ ଭାରିଆଣ୍ଟ ସମସ୍ୟା ସୃଷ୍ଟି କରିପାରେ। ଅନ୍ୟପକ୍ଷରେ ସିଡିସି ଏବଂ ଏନ୍‌ଆଇଏଚ୍ ଡାଟା ଅନୁସାରେ ନିୟାମକ ସଂସ୍ଥା ଦ୍ୱାରା ଲାଇସେନ୍ସ ପ୍ରାପ୍ତ ଟିକାକୁ ଭାକ୍ସିନେସନରେ ସାମିଲ କରାଯାଇପାରିବ। କିନ୍ତୁ କେଉଁ ଟିକା ପ୍ରଭାବୀ ଏବଂ କେଉଁଟି ନୁହେଁ ତାହା ଏତେ ଶୀଘ୍ର କୁହାଯାଇପାରିବ ନାହିଁ ବୋଲି ଯାଦବ ପ୍ରକାଶ କରିଛନ୍ତି।

### ଜେଲରେ ବଢୁଛି ...

ସୂଚନାଯୋଗ୍ୟ, ବ୍ରହ୍ମପୁର କାରାଗାରର ମୋଟ ୮୪ଜଣଙ୍କ ଆଣ୍ଟିଜେନ୍ ପରୀକ୍ଷା କରାଯାଇଥିବାବେଳେ ୪୬ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଶନିବାର ସୁଦ୍ଧା ଜେଲରେ କଏଦୀଙ୍କ ସଂଖ୍ୟା ୮୯୩ ରହିଛି। ୮୪ ଜଣଙ୍କ ବାଦ୍ ଦେଇ ଅନ୍ୟମାନଙ୍କ କରୋନା ପରୀକ୍ଷା କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖାଯାଇଥିବା ଜେଲର୍ କହିଛନ୍ତି। ଅନ୍ୟପଟେ ଏଠାରେ ରହୁଥିବା ୩୫ ଏକଦୀଙ୍କୁ ପାରୋଲରେ ଛଡ଼ାଯିବାକୁ ନିଷ୍ପତ୍ତି ହୋଇଛି। ଇତିମଧ୍ୟରେ ପର୍ଯ୍ୟାୟକ୍ରମେ ୨୩ଜଣଙ୍କୁ ଛଡ଼ାଗଲାଣି। ଅନ୍ୟ ୧୨ଜଣଙ୍କୁ ଶୀଘ୍ର ଛଡ଼ାଯିବ ବୋଲି ଜେଲର୍ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବ୍ରହ୍ମପୁର ମଣ୍ଡଳ କାରାଗାରରୁ ଗତ ୧୩ ତାରିଖରେ ୭ଜଣ, ୧୭ ତାରିଖରେ ୬, ୧୮ ତାରିଖରେ ୪, ୧୯ ତାରିଖରେ ୩, ୨୦ ତାରିଖରେ ଜଣେ ଏବଂ ଶୁକ୍ରବାର ୨ଜଣଙ୍କୁ ୯୦ ଦିନ ପାଇଁ ପାରୋଲରେ ଛଡ଼ାଯାଇଛି। ଏଠାରେ ଦୁଇ ପର୍ଯ୍ୟାୟରେ ହୋଇଥିବା ଟିକାକରଣ କାର୍ଯ୍ୟକ୍ରମରେ ୯୫ କଏଦୀ ଟିକା ନେଇ ସାରିଛନ୍ତି।


## classifieds Everyday 0674-2580101, 2549302



MATRIMONIAL

**GROOM WANTED**

56ବୟସ୍କା, Caste, Widow, Govt. Lecturer ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। ଯୋଗାଯୋଗ: 7606067313. D-67594

**Oriya brahmin groom for Bangalore working brahmin Engineer girl, 33, 11lakhs, Own flat. Mutually separated after short marriage. 9437488512.** D-70706



real estate

**SALE**

**1/2/3 BHK ready to move apartment for sale at DHPL Enclave 2 Kalarahanga. Contact 9937059891.** D-20642

Require, Minimum 2Acre Yellowzone Homested Land with 30/40 feet Road on Outright/ Sharing basis across Bhubaneswar. Contact- 9861022055/ 9938219397. D-20754

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-20685

Contact for House Construction and Interior Design(Modular Kitchen/TV Unit/ Wardrobe) from the experts -7008550473. D-20755



education

Online classes for kids by RIBS, Bhubaneswar a playschool, Contact: 8249293044 mail director.ribs.bbsr@gmail.com. D-20761


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଖବରଦାତାଙ୍କୁ ପୋଲିସ ଆକ୍ରମଣ: ତେଜିଲା ପ୍ରତିବାଦ




ପୁରୀରେ ଜଣେ ପରିବା ବ୍ୟବସାୟୀଙ୍କୁ ପୋଲିସର ନିର୍ଘାତ ମାଡ଼ ସମ୍ପର୍କରେ ଖବର ସଂଗ୍ରହ କରିବାକୁ ଯାଇଥିବା ଧରିତ୍ରୀର ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କୁ ଯେଉଁଭଳି ଭାବେ ଆକ୍ରମଣ କରାଗଲା, ତାହାକୁ ବିଭିନ୍ନ ବର୍ଗର ବ୍ୟକ୍ତି ନିନ୍ଦା କରୁଛନ୍ତି। ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କ ଉପରେ ପୋଲିସର ଦମନଲୀଳାକୁ ଘୋର ପ୍ରତିବାଦ କରାଯାଉଛି। କରୋନା ଲଢ଼େଇର ସମ୍ମୁଖ ଯୋଦ୍ଧା ଖବରଦାତାଙ୍କୁ ଆକ୍ରମଣ କରିଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସବୁ ମହଲରୁ ଦାବି ହେଉଛି। ଏନେଇ ବିଭିନ୍ନ ସାମ୍ବାଦିକ ସଂଘ ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ପ୍ରଶାସନିକ ଅଧିକାରୀଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦିଆଯାଇଛି।

## ଆକ୍ରମଣକୁ ତୀବ୍ର ବିରୋଧ କରୁଛି



ଗଣତନ୍ତ୍ରରେ ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ଆକ୍ରମଣ ଶୋଭନୀୟ ନୁହେଁ। ଖବରଦାତାଙ୍କ ଉପରେ କୌଣସି ପ୍ରକାର ଆକ୍ରମଣକୁ ତୀବ୍ର ବିରୋଧ କରୁଛି। ପୁରୀର କାର୍ଯ୍ୟରତ ସାମ୍ବାଦିକ ଦତ୍ତାତ୍ରେୟ ନାୟକଙ୍କ ଉପରେ ହୋଇଥିବା ଆକ୍ରମଣ ବିରୋଧରେ ତଦନ୍ତ କରିବା ଲାଗି ଡିଜିପି ନିକଟରେ ପୁରୀ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ଅନୁଯାୟୀ ଯିଏ ଦୋଷୀ ହୋଇଥିବ ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ।

- ମାନସ ମଙ୍ଗରାଜ, ରାଜ୍ୟ ସରକାରଙ୍କ ଗଣମାଧମ ଉପଦେଷ୍ଟା

## ନିରପେକ୍ଷ ଯାଞ୍ଚ ହେବା ଦରକାର



ପୁରୀ ଜିଲା ଖବରଦାତା ଦତ୍ତାତ୍ରେୟ ନାୟକଙ୍କୁ ପୋଲିସ ମାଡ଼ ମାରିବା ଘଟଣାରେ ଡିଜିପି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ଏସ୍‌ପିଙ୍କ ଦ୍ୱାରା ଏହି ତଦନ୍ତ କରାଯିବ। କିନ୍ତୁ ଏକ ନିରପେକ୍ଷ ଯାଞ୍ଚ ହେବା ଦରକାର। ଏଥିପାଇଁ ରାଜ୍ୟ ମାନବ ଅଧିକାରୀ କର୍ମୀଙ୍କ ଭଳି ସ୍ୱାଧିନ ବ୍ୟକ୍ତିଙ୍କୁ ଯାଞ୍ଚ ଲାଗି ଗଠିତ ପ୍ୟାନେଲରେ ଅନ୍ତର୍ଭୁକ୍ତ କରାଯିବା ଉଚିତ। ଏହି ଘଟଣାର ଶୀଘ୍ର ଏବଂ ଆଦର୍ଶ ଅନୁସନ୍ଧାନ, ଦଣ୍ଡବିଧାନ ହେବ ବୋଲି ଆଶା। ଖୋଲାଖୋଲି ଜନସାଧାରଣଙ୍କ ବିରୋଧରେ ପୋଲିସର ବର୍ବରତା ଗ୍ରହଣୀୟ ନୁହେଁ।

- ବିଶ୍ୱଜିତ୍ ମହାନ୍ତି, ପରିବେଶବିତ୍

## ଘଟଣାର ପୁନରାବୃତ୍ତି ନ ହେଉ



ଗଣତନ୍ତ୍ରର ଚତୁର୍ଥସ୍ତମ୍ଭର କର୍ମଚାରୀମାନଙ୍କୁ ଯେପରି ବେଆଇନ ଭାବେ ମାଡ ମରା ଯାଇଛି, ତାକୁ ମୁଁ ଦୃଢ ଭାବେ ନିନ୍ଦା କରୁଛି। ପୁରୀ ଜିଲା ଖବରଦାତା ଦତ୍ତାତ୍ରେୟ ନାୟକଙ୍କ ଉପରେ ଆକ୍ରମଣ ଘଟଣା ଅତି ଦୁଃଖଦାୟକ। ଏପରି ଘଟଣାର ଯେପରି ପୁନରାବୃତ୍ତି ନ ହଉ।

- କୁସୁମ ଟେଟେ, ବିଧାୟିକା, ସୁନ୍ଦରଗଡ଼

## ମାନବିକତାର ଘୋର ଅଭାବ



ଧରିତ୍ରୀର ପୁରୀ ଜିଲା ପ୍ରତିନିଧିଙ୍କ ଉପରେ ପୋଲିସର ଅତ୍ୟାଚାର ମାନବିକତାର ଘୋର ଅଭାବକୁ ଦର୍ଶାଉଛି। ଦୋକାନୀଙ୍କୁ ଦିନ ୧୧ଟା ଯାଏ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରିବା ଲାଗି ସରକାର ଅନୁମତି ଦେଇଛନ୍ତି। ତେବେ ସେହି ସମୟ ଭିତରେ ପୋଲିସ ସେମାନଙ୍କୁ ହଇରାଣ କରିବା କ'ଣ ଦରକାର? ଯଦି ସେମାନେ ବିକ୍ରି ନ କରିବେ ଲୋକେ ଜିନିଷପତ୍ର କିଣିବେ କେମିତି ଓ କିଭଳି ସେମାନେ ନିଜ ଜୀବିକା ବଞ୍ଚାଇବେ।

- ମଳୟ ମିଶ୍ର, ପୁରୀ, ଅବସରପ୍ରାପ୍ତ କୂଟନୀତିଜ୍ଞ

## ଖାକି ପୋଷାକରେ ଦାଦାଗିରି



କରୋନା ମହାମାରୀ ସମୟରେ ନିଜ ଜୀବନକୁ ବାଜି ଲଗାଇ କର୍ତ୍ତବ୍ୟ କରୁଥିବା ସାମ୍ବାଦିକଙ୍କ ଉପରେ ପୋଲିସର ବର୍ବରତା ଆଦୌ ଗ୍ରହଣୀୟ ନୁହେଁ। ଏଭଳି ଆଚରଣ ଖାକି ପୋଷାକରେ ଦାଦାଗିରି ଭଳି ହୋଇଛି। ରାଜ୍ୟ ସରକାର ସାମ୍ବାଦିକମାନଙ୍କୁ ସମ୍ମୁଖ ଯୋଦ୍ଧା ଭାବେ ଘୋଷଣା କରିଥିବାବେଳେ ପୋଲିସର ଏତାଦୃଶ କାର୍ଯ୍ୟ ନିନ୍ଦନୀୟ। ଏନେଇ ଜାତୀୟ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିବି।

- ଭଜମନ ବିଶ୍ୱାଳ, ଜାତୀୟ ମାନବାଧିକାର ଡିଫେଣ୍ଡର, ଯାଜପୁର

## ପୋଲିସ ପାଇଁ କଳଙ୍କିତ ଅଧ୍ୟାୟ



ପୁରୀରେ ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ପୋଲିସ ମାଡ଼ ମାରିବା ପୋଲିସ ପାଇଁ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କଲା। ଆଇନରକ୍ଷକ ହୋଇ ପୋଲିସ ନିଜେ ଆଇନର ଅପବ୍ୟବହାର କରି ନିଜ ବିଭାଗକୁ ଲଜ୍ଜିତ କରିଛି। ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ।

- ଦଶରଥ ପଡିଆମି, ଜିଲା ପରିଷଦ ଅଧ୍ୟକ୍ଷ, ମାଲକାନଗିରି

## ଆଦୌ ଗ୍ରହଣୀୟ ନୁହେଁ



ଲକ୍‌ଡାଉନରେ ପୋଲିସ୍ ସାଧାରଣ ଲୋକଙ୍କ ଉପରେ ଏକଛତ୍ରବାଦୀ ଶାସନ ଚଳାଉଛି। କୋଭିଡ୍ ମହାମାରୀ ସମୟରେ ଜଣେ ଖବରଦାତା ନିଷ୍ଠାପର ଭାବେ କାର୍ଯ୍ୟ କରି ଲୋକଙ୍କ ନିକଟରେ ଠିକ୍ ଖବର ପହଞ୍ଚାଉଛନ୍ତି। ଏଭଳି ସ୍ଥଳେ ପୋଲିସ୍ ସେମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରି ଆକ୍ରମଣ କରିବା ଆଦୌ ଗ୍ରହଣୀୟ ନୁହେଁ। ଏଣୁ ଆକ୍ରମଣକାରୀ ପୋଲିସ୍ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଜରୁରୀ।

- ଭାଲଚନ୍ଦ୍ର ଷଡ଼ଙ୍ଗୀ, ବାମପନ୍ଥୀ ନେତା, ବ୍ରହ୍ମପୁର

## ଡରେଇ ରଖିବାର ପ୍ରୟାସ



ପୁରୀରେ କାର୍ଯ୍ୟରତ ଖବରଦାତାଙ୍କ ଉପରକୁ ପୋଲିସ୍‌ର ଆକ୍ରମଣ ଘଟଣା ଅତ୍ୟନ୍ତ ଲଜ୍ଜାଜନକ ଏବଂ ଦୁଃଖଦାୟକ ମଧ୍ୟ। ଗଣତନ୍ତ୍ରରେ ଏହା ଶୋଭନୀୟ ନୁହେଁ। ପୂର୍ବରୁ ଖବରଦାତାଙ୍କ ଉପରକୁ ପୋଲିସର ଆକ୍ରମଣ ଘଟଣା ବହୁବାର ଦେଖିବାକୁ ମିଳିଛି। କେତେବେଳେ ମଧ ଏହା ବିରୋଧରେ ଠିକ୍‌ରେ କାର୍ଯ୍ୟାନୁଷ୍ଠାନ ହୁଏ ନାହିଁ। ଖବରଦାତାଙ୍କୁ ଏଭଳି କରି ଡରାଇଦେବା ଲାଗି ପୋଲିସ ପ୍ରଶାସନ ଏକ ପ୍ରକାର ପ୍ରୟାସ ଆରମ୍ଭ କରିଛି। ଖବରଦାତାଙ୍କ ଉପରକୁ ଆକ୍ରମଣ ଘଟଣାରେ କଂଗ୍ରେସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରୁଛି।

- ନିରଞ୍ଜନ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ କମିଟି ସଭାପତି

## ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ



ପୁରୀ ଜିଲା ଧରିତ୍ରୀର ସାମ୍ବାଦିକ ଦତ୍ତାତ୍ରେୟ ନାୟକ ଓ ଜଣେ ପରିବାବିକାଳିଙ୍କୁ ପୋଲିସର ମାଡ଼, ବର୍ବରତାକୁ ଘୋର ନିନ୍ଦା କରୁଛି। ବର୍ତ୍ତମାନ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଛି।

- ସୁବାସଚନ୍ଦ୍ର ପାଣିଗ୍ରାହୀ, ବିଧାୟକ, ଦେବଗଡ଼

## ପୋଲିସର ଅମାନବୀୟ ବ୍ୟବହାର



ପୁରୀରେ ଖବରଦାତାଙ୍କୁ ପୋଲିସ ଯେଉଁଭଳି ଭାବରେ ଅମାନବୀୟ ବ୍ୟବହାର ପ୍ରଦର୍ଶନ କଲା ଏହା ଗଣତାନ୍ତ୍ରିକ ରାଷ୍ଟ୍ରରେ ଆଦୌ ଗ୍ରହଣୀୟ ନୁହେଁ। ଯଦି ସାମ୍ବାଦିକଙ୍କ ସହ ପୋଲିସ ଏପ୍ରକାର ବ୍ୟବହାର କରୁଛି ତେବେ ସାଧାରଣ ଜନତାଙ୍କ ସହ କି ପ୍ରକାରର ବ୍ୟବହାର କରୁଥିବ ତାହା ଏହି ଘଟଣାରୁ ବାରି ହୋଇପଡୁଛି।

- ଅରୁଣ ପଣ୍ଡା, ବରିଷ୍ଠ ସାମ୍ବାଦିକ, କଟକ

## ଖାକି କଳଙ୍କକୁ ଘଣ୍ଟ ଘୋଡ଼ାଯାଉଛି



ପୋଲିସର ନିର୍ଯାତନା ଦେବାର ପ୍ରବୃତ୍ତି ବ୍ରିଟିଶ ପୋଲିସଙ୍କଠାରୁ ଉତ୍ତରାଧିକାରୀ ସୂତ୍ରରେ ମିଳିଛି। ଖାକିର କଳଙ୍କକୁ ଉପରିସ୍ଥ ଅଧିକାରୀମାନେ ସବୁବେଳେ ଘଣ୍ଟ ଘୋଡ଼ାଉଛନ୍ତି। ଫଳରେ ତଳୁଆ କର୍ମଚାରୀଙ୍କ ଅତ୍ୟାଚାର ଓ ଦମନ କରିବାର ମନୋବୃତ୍ତି ବୃଦ୍ଧି ପାଉଛି। ଖାକିର ତ୍ରୁଟିକୁ ନିର୍ଭୀକ ଭାବେ ଲୋକଲୋଚନକୁ ଆଣୁଥିବାରୁ ଖବରଦାତାଙ୍କୁ ସୁଯୋଗ ମିଳିଲେ ପୋଲିସ ରାଗ ଶୁଝାଇଥାଏ। ମୁଖ୍ୟମନ୍ତ୍ରୀ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ।

- ଭୂପେଶ ଚନ୍ଦ୍ର ପ୍ରଧାନ, ଆଇନଜୀବୀ, ଅନୁଗୋଳ

## ଅମାନବୀୟ ଘଟଣା



'ଧରିତ୍ରୀ'ର ପୁରୀ ଜିଲା ପ୍ରତିନିଧିଙ୍କୁ ସର୍ବସମ୍ମୁଖରେ ପୋଲିସର ଆକ୍ରମଣ ଘଟଣାକୁ ଯେତେ ନିନ୍ଦା କଲେ କମ୍ ହେବ। କାର୍ଯ୍ୟରତ ସାମ୍ବାଦିକଙ୍କୁ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ସୁରକ୍ଷା ପ୍ରଦାନ କରିବା ବଦଳରେ ମାଡ଼ ମରାଯିବା ଅମାନବୀୟ। ଏହାକୁ ସରକାର ଗୁରୁତ୍ୱର ସହ ନେବା ଉଚିତ।

- ପ୍ରିୟବ୍ରତ ଗଡ଼ନାୟକ, ମାନବାଧିକାର କର୍ମୀ, ଢେଙ୍କାନାଳ

## ଖବରଦାତାଙ୍କ ସୁରକ୍ଷା ଆବଶ୍ୟକ



ଗଣମାଧମ ପ୍ରତିନିଧିଙ୍କୁ ପୋଲିସର ଦୁର୍ବ୍ୟବହାର ଗ୍ରହଣଯୋଗ୍ୟ ନୁହେଁ। ଖବରଦାତା ଦତ୍ତାତ୍ରେୟ ନାୟକଙ୍କ ଉପରେ ଆକ୍ରମଣକୁ ମୁଁ କଡ଼ା ଭାଷାରେ ନିନ୍ଦା କରୁଛି। ଆଗାମୀ ଦିନରେ ଖବରଦାତାଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି।

- ଶୁଭାଶିଷ ଖୁଣ୍ଟିଆ, ଉପସଭାପତି, ରାଜ୍ୟ ଯୁବ ବିଜେଡି, ପୁରୀ

## ପୋଲିସ ଅସହନଶୀଳ ହେବା ନିନ୍ଦନୀୟ



ଯେଉଁମାନେ ଲକ୍‌ଡାଉନ୍ ସମୟରେ ବେଆଇନ କାର୍ଯ୍ୟ କରୁଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ। ମାତ୍ର ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କ ପ୍ରତି ପୋଲିସ ଏଭଳି ଅସହନଶୀଳ ହୋଇପଡ଼ିବା ନିନ୍ଦନୀୟ ଘଟଣା। ଖବରଦାତା ବାରମ୍ବାର ନିଜ ପରିଚୟ ଦେବା ସତ୍ତ୍ୱେ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ତାଙ୍କ ଉପରେ ଆକ୍ରମଣ ହେଲା। କରୋନା ସମ୍ମୁଖ ଯୋଦ୍ଧାଙ୍କୁ ଆକ୍ରମଣ କରିବାର ଅଧିକାର ପୋଲିସକୁ ଦେଇଛି କିଏ? ପୋଲିସର କ୍ରୂର ବ୍ୟବହାରକୁ ଭାରତୀୟ ଜାତୀୟ କଂଗ୍ରେସ କଡ଼ା ଭାଷାରେ ନିନ୍ଦା କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରୁଛି।

- ବିଶ୍ୱାବସୁ ବିନାୟକ ଦାସମହାପାତ୍ର, ରାଜ୍ୟ ମୁଖପାତ୍ର, ଭାରତୀୟ ଜାତୀୟ କଂଗ୍ରେସ, ପୁରୀ



ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ରାଜେନ୍ଦ୍ର ନାରାୟଣ କରଙ୍କୁ ଦାବିପତ୍ର ଦିଆଯାଉଛି।



ଖବରଦାତାଙ୍କ ଉପରେ ଆକ୍ରମଣ ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅନୁଗୋଳ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଅନୁଗୋଳ ଜିଲାର ଖବରଦାତାମାନେ।



ଜଗତ୍‌ସିଂହପୁର ଜିଲା ସାମ୍ବାଦିକ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଡିଏମ୍ ସଚିଦାନନ୍ଦ ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ।



ବାଲେଶ୍ୱର ଜିଲା ଖଇରା ବ୍ଲକ ବିଭିନ୍ନ ଖବରଦାତା ସଙ୍ଗଠନ ପକ୍ଷରୁ ବିଡିଓ ପର୍ଶୁରାମ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।



ପାରାଦୀପ ପ୍ରେସ୍ ମିଡିଆ ପକ୍ଷରୁ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଉଛି।




ସାକ୍ଷୀଗୋପାଳ ଖବରଦାତାମାନେ ଶନିବାର ପ୍ରତୀକ ଧାରଣା ଦେଇ ଆକ୍ରମଣ ଘଟଣାର ପ୍ରତିବାଦ କରୁଛନ୍ତି।

## ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ପ୍ରତି କୁଠାରାଘାତ



ପୁରୀରେ ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ପୋଲିସର ଆକ୍ରମଣ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ପ୍ରତି କୁଠାରାଘାତ। ଏହି ଘଟଣାକୁ ନିନ୍ଦା କରିବା ସହ ଆକ୍ରମଣକାରୀ ପୋଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ଗଣତନ୍ତ୍ରର ସୁରକ୍ଷା ସରକାରଙ୍କ ଦାୟିତ୍ୱ। ସରକାର ଏହି ଘଟଣାକୁ ଗୁରୁତ୍ୱର ସହ ନିଅନ୍ତୁ।

-ଜ୍ଞାନ ପ୍ରକାଶ ପାଣି, ସମ୍ପାଦକ, ଖବରଦାତା ସଂଘ, ଭଦ୍ରକ

## ଧର୍ତ୍ତବ୍ୟ ଅପରାଧ କରିଛି ପୋଲିସ



ଧରିତ୍ରୀ ପ୍ରତିନିଧିଙ୍କୁ ପୋଲିସ ବର୍ବରୋଚିତ ଭାବେ ମାଡ଼ ମାରିବା ଏକ ଧର୍ତ୍ତବ୍ୟ ଅପରାଧ। ଏହାକୁ କୌଣସିମତେ ବରଦାସ୍ତ କରାଯାଇପାରିବ ନାହିଁ। ଏଥିରେ ସମ୍ପୃକ୍ତ ସମସ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସାଙ୍ଗକୁ ଉପରିସ୍ଥ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ।

- ଅମିତାଭ୍ ପାତ୍ର, ସାମାଜିକ କର୍ମୀ, ବରଗଡ଼

## ଗଣମାଧମର କଣ୍ଠରୋଧ କରିବାକୁ ପ୍ରୟାସ



ପୁରୀ ଖବରଦାତାଙ୍କୁ ବିନା କାରଣରେ ପୋଲିସ ମାଡ଼ ମାରିବା ଦୁର୍ଭାଗ୍ୟଜନକ। ଏପରି କାର୍ଯ୍ୟ ନିନ୍ଦନୀୟ। ଏହା ଗଣମାଧମର କଣ୍ଠରୋଧ କରିବାକୁ ପ୍ରୟାସ। ଏଣୁ ସମ୍ପୃକ୍ତ ପଦାଧିକାରୀଙ୍କ ବିପକ୍ଷରେ ନିରପେକ୍ଷ ତଦନ୍ତ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ହେବା ଦରକାର।

- ପ୍ରିୟ ପ୍ରସାଦ ମିଶ୍ର, ୟୁଥସେଲ ପ୍ରେସିଡେଣ୍ଟ, ମାନବ ଅଧିକାର ସୁରକ୍ଷା ସଂଘ, ବ୍ରହ୍ମଗିରି


## ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ନିଆଯାଉ



ଖବରଦାତାଙ୍କୁ ପୋଲିସ ମାଡ଼ ମାରିବା ଘଟଣା ସଭ୍ୟ ସମାଜରେ ନିନ୍ଦନୀୟ। ଗୋଟିଏ ପଟେ ଗଣମାଧମ ପ୍ରତିନିଧିଙ୍କୁ ସରକାର କରୋନା ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ଅନ୍ୟପଟେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଏହି ଘଟଣା ଘଟିଛି। ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ସରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ।

- ବିଧାନ ଚନ୍ଦ୍ର ପାଣିଗ୍ରାହୀ, ସଭାପତି, ସୁବର୍ଣ୍ଣପୁର ଜିଲା ଓକିଲ ସଂଘ










ଗଜପତି ଜିଲା କାଶୀନଗର ପ୍ରେସ୍ କ୍ଲବ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଲକ୍ଷ୍ମୀପ୍ରସାଦ ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।



ସମସ୍ତଙ୍କ ସହିତ ଓ ସବୁ ସହିତ ତୁମେ ଯେତିକି ଯେତିକି ଏକାତ୍ମ ହେବ– ତୁମର ସେତିକି, ସେତିକି ଅଭ୍ୟନ୍ତର ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟକୁ ନିଜ ଆଡୁ ଦେଇଚାଲ। ତୁମେ ଯେତିକି ଦେଇ ଚାଲିବ – ସେତିକି ବିକଶିତ ହୋଇଉଠିବ। –ଶ୍ରୀମା



# ସୋସିଆଲ ମିଡିଆ ଭୟ



ଆକାର ପଟେଲ

ଟୁଇଟର୍ ଭାରତୀୟ ଜନତା ପାର୍ଟି(ଭାଜପା)ର ବିଶେଷକରି ଏହାର ମୁଖପାତ୍ର ସମ୍ବିତ ପାତ୍ରଙ୍କ ଟୁଇଟ୍‌ଗୁଡ଼ିକୁ 'ମାନିପୁଲେଟେଡ୍ ମିଡିଆ' ବୋଲି କହିଛି। ଭାରତକୁ ବଦନାମ କରିବା ଲାଗି କଂଗ୍ରେସର ଏହା ଏକ ଟୁଲ୍‌କିଟ୍ ଥିଲା ବୋଲି ଭାଜପା ପ୍ରଚାର କଲା। କିନ୍ତୁ ତଥ୍ୟ ଯାଞ୍ଚ କରୁଥିବା ୱେବ୍‌ସାଇଟ ଅଲ୍‌ଟନ୍ୟୁଜ ଦର୍ଶାଇଲା ଯେ,ଭାଜପାର ଏହି କଣ୍ଟେଣ୍ଟ ବା ବିଷୟ ପୂରା ଜାଲ୍। ଭାଜପା କହିଲା, ଅଖିଳ ଭାରତୀୟ କଂଗ୍ରେସ କମିଟି ଲେଟରହେଡ୍‌ରେ ପାର୍ଟି ତା'କର୍ମୀ, ସେଚ୍ଛାସେବୀ ଏବଂ ସପକ୍ଷବାଦୀଙ୍କୁ 'ସୁପର ସ୍ପ୍ରେଡର କୁମ୍ଭ' ଶବ୍ଦ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ ଇଦ୍ ସମାବେଶ ଉପରେ ମତାମତ ଦେବାକୁ କହି ନ ଥିଲା। ଏହା ମଧ୍ୟ ନିର୍ଦ୍ଦେଶ ଦେଇଥିଲା,କରୋନା ସଙ୍କଟରେ ଅନ୍ତିମ ସଂସ୍କାର ଏବଂ ମୃତଦେହର ଉତ୍ତେଜକ ଛବି ଦେବାକୁ, ଯାହା ବିଦେଶୀ ଗଣମାଧ୍ୟମ କରିସାରିଥିଲେ। ଭାଜପାର ଏହି କଥା ସମ୍ପୂର୍ଣ୍ଣ ମନଗଢ଼ା ବା ମିଛ ବୋଲି ଜଣାପଡ଼ିଲା। ଏପରି କି ଲେଟର୍‌ହେଡ ନକଲି ଥିଲା ବୋଲି ଯଥାଶୀଘ୍ର ଅଲ୍‌ଟନ୍ୟୁଜ ପ୍ରକାଶ କଲା। ଅହମଦାବାଦର ଏହି ୱେବ୍‌ସାଇଟକୁ ଭାରତ ସରକାରଙ୍କଠାରୁ ଅଧିକ ବିଶ୍ୱାସକୁ ନେଲା ଟୁଇଟର୍ ଏବଂ ଟୁଇଟ୍ ବିଷୟକୁ ଜାଲ୍ ବୋଲି ମୋହର ଲଗାଇଦେଲା। ଭାଜପା ଏବେ ଚିନ୍ତାରେ ପଡ଼ିଯାଇ ଟୁଇଟର୍‌କୁ ଆଉ ଏକ ଧମକପୂର୍ଣ୍ଣ ଚିଠି ଦେଇଛି। ସରକାର ଏହା ଉପରେ ତଦନ୍ତ କରୁଥିବାରୁ ଟୁଇଟର୍ 'ମାନିପୁଲେଟେଡ୍ ମିଡିଆ' ଟ୍ୟାଗ୍ ହଟାଇ ନେବା ଉଚିତ ବୋଲି ଚିଠିରେ କୁହାଯାଇଛି। ସମସ୍ୟାଟି ହେଉଛି, ସରକାର ପ୍ରଥମେ କଂଗ୍ରେସକୁ ଅପମାନିତ କଲେ, ପରେ ତାଙ୍କର ମିଛ ପ୍ରଚାର ଧରାପଡ଼ିଲା ଏବଂ ଏବେ କହୁଛନ୍ତି ଏହା ଉପରେ ତଦନ୍ତ କରୁଛନ୍ତି। ପୁନଶ୍ଚ ଦାବି ସତ ବୋଲି ସାବ୍ୟସ୍ତ କରିବାକୁ ଭାଜପା ତା'ର ସବୁ ମନ୍ତ୍ରୀମାନଙ୍କ ଦ୍ୱାରା ସେମାନଙ୍କ ସରକାରୀ ଆକାଉଣ୍ଟ ମାଧ୍ୟମରେ ଏହି ଘଟଣାକୁ ଆଗକୁ ବଢ଼ାଇଛି। ଯେଉଁଥିପାଇଁ ଏକ ଛୋଟ ଖବରର ସଂଚାଳନ ଏବେ ଭାରତ ଭଳି ଗଣତାନ୍ତ୍ରିକ ସରକାରଙ୍କଠାରୁ ବି ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ ହେଉଛି। ଗୋଟିଏ ଆକାଉଣ୍ଟ ବ୍ଲକ୍ କରିବାକୁ, ସରକାର ଚାହୁଁ ନ ଥିବା କିଛି କଣ୍ଟେଣ୍ଟ ହଟାଇବାକୁ କିମ୍ବା ୟୁଜର୍‌ଙ୍କ ପରିଚୟ ପ୍ରକାଶ କରିବାକୁ ଭାରତ ସରକାରଙ୍କ ତରଫରୁ ଲିଗାଲ୍ ନୋଟିସଗୁଡ଼ିକରେ ଟୁଇଟର୍‌କୁ କୁହାଯାଇଛି। ଜାନୁୟାରୀ ୨୦୧୨ରୁ ଜୁନ୍ ୨୦୧୪ ଯାଏ ଟୁଇଟର୍ ଭାରତ ସରକାରଙ୍କଠାରୁ ଗୋଟିଏ କି ଦୁଇଟି ପାଇଁ ରିକ୍ୱେଷ୍ଟ ପାଇଥିଲା। ୨୦୧୬ର ଦ୍ୱିତୀୟାର୍ଦ୍ଧରେ ଟୁଇଟର୍ ୧୫୧, ଜାନୁୟାରୀରୁ ଜୁନ୍ ୨୦୧୮ ମଧ୍ୟରେ ୩୦୬ ଏବଂ ଜୁଲାଇରୁ ଡିସେମ୍ବର ୨୦୧୯ ମଧ୍ୟରେ ୬୬୨ ରିକ୍ୱେଷ୍ଟ ଟୁଇଟର୍ ପାଇଥିଲା। ଜାନୁୟାରୀ ଏବଂ ଜୁନ୍ ୨୦୨୦ ମଧ୍ୟରେ ମୋଦି ସରକାର ୨.୩୬୭ ରିକ୍ୱେଷ୍ଟ ପଠାଇଥିବା ସଦ୍ୟ ଉପଲବ୍ଧ ତଥ୍ୟରୁ ସ୍ପଷ୍ଟ ହୋଇଛି। ପରିଚୟ ପ୍ରକାଶ କରିବାକୁ, ଆକାଉଣ୍ଟ ବ୍ଲକ୍ କରିବାକୁ ଏବଂ ପସନ୍ଦ ହେଉ ନ ଥିବା ବିଷୟକୁ ହଟାଇଦେବା ଲାଗି ଏହି ରିକ୍ୱେଷ୍ଟ କରାଯାଇଥିଲା।

ପ୍ରଶ୍ନ ଉଠୁଛି, ସରକାର କାହିଁକି ହଜାର ହଜାର ରିକ୍ୱେଷ୍ଟ ଟୁଇଟର୍‌କୁ ପଠାଉଛନ୍ତି। ଏହାର ଉତ୍ତର ହେଉଛି,ଭାଜପା ଯାହା ଜଣାଇବାକୁ ଚାହୁଁନାହିଁ ସୋସିଆଲ ମିଡିଆ ତା'ର ବାସ୍ତବତା ପ୍ରକାଶ କରିଦେଉଛି। ଅନେକ ବ୍ୟକ୍ତି ସୋସିଆଲ ମିଡିଆରେ ସେମାନଙ୍କ ମତ ପ୍ରକାଶ କରୁଛନ୍ତି, ଯାହା ସରକାରଙ୍କୁ ଚିନ୍ତାରେ ପକାଇଦେଉଛି। ସରକାରଙ୍କୁ ସୋସିଆଲ ମିଡ଼ିଆ ଭୟ ଘାରିଛି। ଏହାକୁ ହଟାଇ ଦେବା ହିଁ ଏକମାତ୍ର ବାଟ ଯାହା ଭାରତ ସରକାର ଅତୀତରେ କରିଥିଲେ ଓ ଏବେ ଭାରତରେ ସୋସିଆଲ ମିଡିଆରେ ଯାହା ଚାଲୁଛି ତାକୁ ନେଇ ସରକାର ଏଭଳି ରିକ୍ୱେଷ୍ଟ କରିବା ସ୍ୱାଭାବିକ। ଟୁଇଟର୍ ଫେସ୍‌ବୁକଠାରୁ ସାମାନ୍ୟ ଭିନ୍ନ। ଏହା ଅଧିକ ସ୍ୱାଧୀନତା ପ୍ରଦାନ କରେ। ଏହା ମଧ୍ୟ ବାକ୍ ସ୍ୱାଧୀନତାକୁ ପ୍ରାଧାନ୍ୟ ଦିଏ। କିନ୍ତୁ ଫେସ୍‌ବୁକ ପ୍ରାଣଘାତକ କର୍ପୋରେଟ କମ୍ପାନୀ। ଏହା ଏକଚ୍ଛତ୍ରବାଦୀ ସରକାର ସହ ସାଲିସ୍ ହୋଇ ଚାଲେ। ସେମାନେ ଯାହା ଚାହାନ୍ତି ତାହା କରେ। ଏପରି କି ୟୁଜର ଓ ବିଷୟବସ୍ତୁକୁ ବ୍ଲକ୍ କରିବାଠାରୁ ଆରମ୍ଭ କରି ସରକାରଙ୍କ ସପକ୍ଷ ଘଟଣାକୁ ପ୍ରଚାର କରେ। ଏମିତି କି ହିଂସାକୁ ବି ଏହା ଉତ୍ସାହିତ କରେ। ଟୁଇଟର୍ ମତରେ, ଏହା ତା'ୟୁଜରଙ୍କ ସ୍ୱାଧୀନତା ଲାଗି ଠିଆ ହୋଇଛି। ଏହା ମଧ୍ୟ ଖୋଲାଖୋଲି ଭାବେ ତଥ୍ୟ ଆଦାନପ୍ରଦାନ କରିବାକୁ ବଚନବଦ୍ଧ। ସେଥିପାଇଁ କେଉଁଠୁ ଡେଟା ନିଆଯାଇଛି ତାହା ଅନୁଧ୍ୟାନ କରି ସ୍ୱଚ୍ଛ ରିପୋର୍ଟ ପ୍ରକାଶ କରେ। ଟୁଇଟର୍‌କୁ ରିକ୍ୱେଷ୍ଟ କରିବାରେ ଭାରତ ଏକମାତ୍ର ଲୋକତାନ୍ତ୍ରିକ ଦେଶ ନୁହେଁ। ଆମେରିକାରେ ରାଷ୍ଟ୍ରପତିଙ୍କୁ ସୁରକ୍ଷା ଦେଉଥିବା ସିକ୍ରେଟ ସର୍ଭିସ ରାଷ୍ଟ୍ରପତିଙ୍କ ବିରୋଧରେ ଆସୁଥିବା ପ୍ରତିଟି ଧମକ ଏପରିକି ଏହା ଅଜଣାତରେ କରାଯାଇଥିଲେ ମଧ୍ୟ ତାହାକୁ ଆକଳନ କରିବାକୁ ବାଧ୍ୟ। କିନ୍ତୁ ଭାରତରେ କ'ଣ ହେଉଛି? ଏଠାରେ ସରକାରଙ୍କ ବିରୋଧରେ ସମାଲୋଚନାକୁ ଅନୁମତି ଦିଆଯାଉନାହିଁ। ସରକାର ଲଗାତର ବିରୋଧୀଙ୍କୁ ଅଧିକ ନିନ୍ଦା ଓ ଅପମାନିତ କରୁଛନ୍ତି। ଆଉ ଯେତେବେଳେ ଏହା ଧରା ପଡ଼ିଯାଉଛନ୍ତି ସେତେବେଳେ ଦାୟିତ୍ୱବୋଧକୁ ସ୍ୱୀକାର କରିବାକୁ ଚାହୁଁନାହାନ୍ତି।

ଭାରତ ଚାଇନା ବାଟରେ ଅଗ୍ରସର ହେଉଛି, ଯେଉଁଠି ସରକାରଙ୍କ ଇଚ୍ଛା ଅନୁସାରେ ସୋସିଆଲ ମିଡିଆକୁ ମେସେଜିଂର ନିୟନ୍ତ୍ରଣ ଓ ସାମୂହିକ ନିରୀକ୍ଷଣ କରିବାକୁ ପଡୁଛି। କେତେକ ଗଣତାନ୍ତ୍ରିକ ଦେଶରେ ନାଗରିକଙ୍କର ବାକ୍ ସ୍ୱାଧୀନତା ବନ୍ଦ କରିବା ପଛରେ ସରକାରଙ୍କର ପୂରା ହାତ ରହିଛି, ଯାହା ଭାରତରେ ଘଟିଛି। ବାକ ସ୍ୱାଧୀନତାରେ ବାଧା ଆସିଛି। ସ୍ୱାଧୀନ ମତ ଲାଗି ଆମକୁ ଦେଶଦ୍ରୋହ, ଆପରାଧିକ ମାନହାନି, ଆପରାଧିକ ଅବମାନନା ଏବଂ କଥାରେ ହେଉ କି ବିନା କଥାରେ ତାହାକୁ ଅପରାଧ ବୋଲି ବିବେଚନା କରୁଥିବା ଆଇନ ଦ୍ୱାରା ଜେଲ୍ ଭୋଗିବାକୁ ପଡୁଛି। ଏଭଳି ଘଟଣା ସବୁବେଳେ ଭାରତରେ ଘଟିଆସିଛି। ପୂର୍ବରୁ କିନ୍ତୁ ସମାଲୋଚନା ସରକାରଙ୍କ ପାଇଁ ଅସହ୍ୟ ନ ଥିଲା, ଯାହା ଏବକାର ସରକାରଙ୍କ ପାଇଁ ହୋଇଛି। ସରକାର ନିଜ ଦୋଷ ସ୍ୱୀକାର କରୁନାହାନ୍ତି। କେବଳ ଗୋଟିଏ କଥା ଉପରେ ଜୋର୍ ଦେଉଛନ୍ତି ଏବଂ ଅନ୍ୟ ପକ୍ଷର ମତକୁ ଅଟକାଇବାକୁ ଅଧିକ ଚାହୁଁଛନ୍ତି। ଏହା ମଧ୍ୟ ଟୁଲ୍‌କିଟ ବିଫଳତା ଭଳି ଅନ୍ୟଜଣଙ୍କ ମତକୁ ବ୍ୟର୍ଥ ବା ଦୁର୍ବଳ କରିବା ଲାଗି ଚାହୁଁଛନ୍ତି। କହିବାକୁ ଗଲେ ଏହା ଠିକ୍ ଜରୁରୀ ପରିସ୍ଥିତି ଭଳି ଏବଂ ଯେଉଁମାନେ ସେତେବେଳେ ଏଥିରେ ରହିଥିଲେ ସେମାନେ ଏବେ ଅଧିକ କଷ୍ଟ ଅନୁଭବ କରି ନ ପାରନ୍ତି।

Email:aakar.patel@gmail.com

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 2 | | | |
| | 6 | | | 8 | 4 | | | 3 |
| | | 1 | | | | 2 | | |
| | 4 | | | | | | 7 | |
| | | | 4 | | | | | 6 |
| 2 | 5 | | 9 | | | | 8 | |
| 5 | | | | 6 | | | | |
| 1 | | | | | | | 5 | 7 |
| | | | 7 | | 3 | | 4 | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 6 | 1 | 2 | 8 | 5 | 4 | 9 |
| 9 | 1 | 8 | 4 | 5 | 7 | 3 | 2 | 6 |
| 2 | 5 | 4 | 6 | 3 | 9 | 1 | 7 | 8 |
| 1 | 9 | 5 | 3 | 7 | 2 | 6 | 8 | 4 |
| 8 | 6 | 2 | 5 | 9 | 4 | 7 | 1 | 3 |
| 7 | 4 | 3 | 8 | 1 | 6 | 9 | 5 | 2 |
| 4 | 3 | 7 | 2 | 6 | 1 | 8 | 9 | 5 |
| 5 | 2 | 9 | 7 | 8 | 3 | 4 | 6 | 1 |
| 6 | 8 | 1 | 9 | 4 | 5 | 2 | 3 | 7 |

ଗତକାଲିର ଉତ୍ତର

# ମଣିଷ ନା ପଶୁ

ଚିତ୍ର ଚରିତ୍ର



ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଶୀର୍ଷକଟି ଆମ ସାମାଜିକ ଜୀବନରେ ପରିଲକ୍ଷିତ ହେଉଥିବା ଏକ ବହୁକଥିତ ଆକ୍ଷେପୋକ୍ତି। ସୃଷ୍ଟିର ସକଳ ଜୀବମାନଙ୍କ ମଧ୍ୟରେ ଦିବ୍ୟଜ୍ଞାନର ଅଧିକାରୀ ମଣିଷ ଯେତେବେଳେ ନିମ୍ନତମ ମଣିଷତ୍ୱଠୁ ଦୂରେଇ ଯାଇ ବିବେକ ବିବର୍ଜିତ କୌଣସି ପଶୁସୁଲଭ ଆଚରଣ କରେ, ସେତେବେଳେ ତା'ର ପ୍ରତିପକ୍ଷଙ୍କଠାରୁ ଶୁଣିବାକୁ ମିଳେ ଏମିତି ଏକ ଆକ୍ଷେପୋକ୍ତି 'ତୁ ମଣିଷ ନା ପଶୁ!' ଆକ୍ଷେପୋକ୍ତି ତ ନୁହେଁ, ଚେତନାରେ ଚମକ ସୃଷ୍ଟି କରୁଥିବା ଏକ ଚେତାବନୀ। ବିବର୍ତ୍ତନବାଦର ବିଭିନ୍ନ ପାହାଚ ପରେ ପାହାଚ ଅତିକ୍ରମ କରି ଜୀବଜଗତର ଶୀର୍ଷତମ ସୋପାନରେ ପହଞ୍ଚିଥିବା ମଣିଷ ପୁଣି ପଛକୁ ଫେରିଯାଉନାହିଁ ତ! ନିଜ କଥା ହେଉ କି କାମ ଅବା ଚାଲିଚଳଣ, ଉଚ୍ଚାରଣ ଓ ଆଚରଣରେ ଯଦି ମଣିଷସୁଲଭ ଗୁଣ ପ୍ରତିଫଳିତ ନ ହୋଇ ପଶୁସୁଲଭ ଅବଗୁଣ ପରିଲକ୍ଷିତ ହୁଏ, ତେବେ ମଣିଷକୁ ପଶୁ ବୋଲି ଚିହ୍ନି ଚିହ୍ନାଇବାରେ ବାଧା ରହିବ କେଉଁଠି!

ମଣିଷ ସଭ୍ୟତାର ଆୟୁଷ ଯେତେ ବଢ଼ିବଢ଼ି ଚାଲିଛି, ସେତେ ଲମ୍ବିଲମ୍ବି ଯାଉଛି ତା'ର ବୌଦ୍ଧିକ ବିକାଶର ଇତିହାସ। ଆଦିମ ପ୍ରସ୍ତର ଯୁଗର ଅସଭ୍ୟ ଜୀବନଚର୍ଯ୍ୟା ମଧ୍ୟରେ ଆଜିର ସଭ୍ୟ ମଣିଷକୁ ବଞ୍ଚିବାକୁ କୁହାଗଲେ, ସେ ଚିହିଁକି ଉଠିବ। ଏକ ସମୃଦ୍ଧ ସଭ୍ୟତା, ଭବ୍ୟ ଆଧୁନିକତା ତଥା ବୌଦ୍ଧିକ ଜ୍ଞାନ ଓ ବିଶ୍ୱସ୍ତ ବିଜ୍ଞାନ ତା' ନିଜ ଜୀବନ ସହିତ ଚାରିପାଖର ଦୁନିଆକୁ ଯେମିତି ସହଜ ଓ ସୁଖମୟ କରିଛି, ସେଠାରୁ ଫେରିଆସି ପୁଣି ଏକ ଅଭିଶପ୍ତ, ଅପ୍ରଚଳିତ ଜୀବନ ନିର୍ବାହ କରିବାକୁ ସେ ଅସ୍ୱୀକାର କରିବ। ଏକଦା ଏ ପୃଥିବୀରେ ତା' ପୂର୍ବପୁରୁଷମାନେ କେମିତି ଚଳୁଥିଲେ, ସେ କଥା ବର୍ତ୍ତମାନ ଚିନ୍ତା କଲେ ଏବେକାର ସଭ୍ୟ ମଣିଷର ଲୋମ ଟାଙ୍କୁରି ଉଠିବ। ଜଙ୍ଗଲରେ ଅର୍ଦ୍ଧଉଲଗ୍ନ ହୋଇ ବାସ କରିବା, ପଥରରେ ପଥର ଘଷି ନିଆଁ ସୃଷ୍ଟି କରିବା, ସେହି ନିଆଁରେ ପଶୁପକ୍ଷୀଙ୍କ କଞ୍ଚାମାଂସ ପୋଡ଼ି ଖାଇବା! ବର୍ତ୍ତମାନର ଜୀବନ ଦର୍ପଣରେ ଏମିତି ଭୟଙ୍କର ଅତୀତର ପ୍ରତିଫଳନ ଦେଖି ତା' ଆଖି ଭୟରେ ମୁଦି ହୋଇପଡ଼ିବ। ସେ କୃତଜ୍ଞ ହୋଇ ଉଠିବ ସେହି ସମୟ ପ୍ରତି, ଯେଉଁ ସମୟ ତାକୁ ସଭ୍ୟତାର ଆଲୋକ ଦେଖାଇଛି, ଏକ ପଶୁରୁ ମଣିଷକୁ ବିବର୍ତ୍ତିତ କରିଛି।

ଏକ ସମୃଦ୍ଧ ସଭ୍ୟତାର ସମସ୍ତ ସାନ୍ତ୍ୱନା ସତ୍ତ୍ୱେ ଏଯାଏ ବି କିଛି ହତଭାଗ୍ୟ ମଣିଷ ବିକାଶର ସ୍ୱାଦ ଚାଖିବାକୁ ଅସ୍ୱୀକାର କରି ଆସିଛନ୍ତି। କେଉଁଠି ଆଦିମାନବଙ୍କ ପରି ଅଧାଲଙ୍ଗଳା ହୋଇ ରହୁଛନ୍ତି ତ ଅନ୍ୟ କେଉଁଠି ପରିବାରର ଦୁର୍ଭାଗ୍ୟ ପାଇଁ ପଡ଼ୋଶୀ ମହିଳାଙ୍କୁ ଡାହାଣୀ ମନେକରି ତା' ମୁଣ୍ଡ କାଟି ଦେଉଛନ୍ତି। ଏଇତ କେଇଦିନ ତଳେ ବଣ୍ଡାଘାଟି ଓ ନିୟମଗିରିର ଆଦିମ ଅଧିବାସୀମାନେ କରୋନା ପରୀକ୍ଷା କରିବାକୁ ଅରାଜି ହୋଇ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଥିଲେ। ନୃତତ୍ତ୍ୱବିତ୍ ଓ ସମାଜଶାସ୍ତ୍ରୀଙ୍କ ଗବେଷଣାରୁ ଯାହା ଜଣାପଡ଼େ, କେବଳ ଅଶିକ୍ଷା ହିଁ ଏମାନଙ୍କ ଅସଭ୍ୟତାର ମୂଳହେତୁ। ସ୍ୱାମୀ ବିବେକାନନ୍ଦ କହିଥିଲେ, 'ଶିକ୍ଷା ମଣିଷ ଭିତରେ ଥିବା ଶ୍ରେଷ୍ଠତାର ପରିପ୍ରକାଶ କରେ'। ପ୍ରକୃତପକ୍ଷେ ଶିକ୍ଷା ମଣିଷକୁ ତା'ର ଉତ୍ତାଳ ଉତ୍କର୍ଷ ସମ୍ପର୍କରେ ସୂଚାଇ ଦେଇଥାଏ। ତା' ଭିତରେ ଥିବା ଦିବ୍ୟାତ୍ମାକୁ ଚିହ୍ନିବାକୁ ଏହି ଶିକ୍ଷା ହିଁ ମଣିଷକୁ ଦିବ୍ୟଚକ୍ଷୁ ଦାନ କରିଥାଏ। ସୁତରାଂ ମଣିଷ ଭାବେ ଜନ୍ମ ହୋଇ ମଧ୍ୟ ଯେଉଁମାନେ ପଶୁ ଭଳି ଅସଭ୍ୟ ଭାବେ ବଞ୍ଚି ରହିଥା'ନ୍ତି, ସେମାନଙ୍କର ଏହି ଦୁର୍ଭାଗ୍ୟ ପାଇଁ ଶିକ୍ଷାର ଅଭାବକୁ ହିଁ ଦାୟୀ କରାଯାଇପରେ। ଅଶିକ୍ଷିତ ହୋଇ ନ ଥିଲେ ସେମାନେ ହୁଏତ ଏମିତି ଅସଭ୍ୟ ହୋଇନଥା'ନ୍ତେ।

ମାତ୍ର ଆମର ଏହି ସଭ୍ୟ ସମାଜରେ ଏମିତି କିଛି ଦୃଷ୍ଟାନ୍ତ ଦୃଷ୍ଟିଗୋଚର ହୁଏ, ଯେଉଁଠି ଏହି ଧାରଣା ପ୍ରଚଣ୍ଡ ବ୍ୟତିକ୍ରମର ସମ୍ମୁଖୀନ ହୁଏ। ଶିକ୍ଷା ଓ ସଭ୍ୟତା ମଧ୍ୟରେ ଥିବା ସଚରାଚର ସମ୍ପର୍କ ଭୟଙ୍କର ଭାବେ ଭ୍ରାନ୍ତ ପ୍ରମାଣିତ ହୁଏ। ଜଣଙ୍କର ପଦବୀ, ପ୍ରତିଷ୍ଠା ବା ଶିକ୍ଷାଗତ ଯୋଗ୍ୟତାକୁ ଚାହିଁ ତାଙ୍କୁ ସଭ୍ୟ ସମ୍ଭ୍ରାନ୍ତ ଶ୍ରେଣୀର ମଣିଷ ଭାବେ ବିବେଚନା କରିବାକୁ ବସ୍ତୁତଃ କିଛି ବାଧା ନ ଥିବ, ଅଥଚ ତାଙ୍କ ଆଚରଣକୁ ଟିକେ ନିରେଖି ଚାହିଁଲେ ତାଙ୍କୁ ସଭ୍ୟ ମଣିଷ କହିବାକୁ ମନ ବଳୁ ନ ଥିବ। ଏ ପ୍ରକାର ଅନୁଭବ ବିଚିତ୍ର ନିଶ୍ଚୟ, କିନ୍ତୁ ବିରଳ ନୁହେଁ। ଏଇ ସପ୍ତାହକ ପୂର୍ବରୁ ଆମ ରାଜଧାନୀର ଜଣେ ସଭ୍ୟ ଶ୍ରେଣୀଭୁକ୍ତ ସମ୍ଭ୍ରାନ୍ତ ନାଗରିକଙ୍କ ଅସଭ୍ୟ ଆଚରଣକୁ ଏହି କ୍ରମରେ ଏକ ସଦ୍ୟ ସଂଘଟିତ ଦୃଷ୍ଟାନ୍ତ ଭାବେ ଗ୍ରହଣ କରାଯାଇପାରେ।

ବାବୁ ଜଣକ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ। ତାଙ୍କ ପଦବୀର ପରିଚୟକୁ ନେଇ ଆଖି ବୁଜି କହିଦେଇ ହେବ ଯେ, ସେ ଜଣେ ସଭ୍ୟ ମଣିଷ। ଅଥଚ ସେଦିନ ଟିଭି ପରଦାରେ ପ୍ରଦର୍ଶିତ ହୋଇଥିବା ତାଙ୍କର ଅସଭ୍ୟ ଆଚରଣ ଯେଉଁମାନେ ଦେଖିଛନ୍ତି, ସେମାନେ ବିଶ୍ୱାସ କରିବାକୁ ବାଧ୍ୟ ହେବେ ଯେ ଶିକ୍ଷା ପାଇଲେ ମଣିଷ ଶିକ୍ଷିତ ହୁଏ ସିନା, ସଭ୍ୟ ହୋଇ ଯାଏନା। ବାବୁଙ୍କ ଘରର ଶାନ୍ତିଭଙ୍ଗ କରୁଥିବା ଦୁଇଟି କୁନିକୁନି ବିଲେଇ ଛୁଆଙ୍କୁ ସେ ଯେମିତି ନିର୍ଦ୍ଦୟ ଭାବେ ରାସ୍ତାର ବୁଲାକୁକୁରଙ୍କ ଆହାର ହେବାକୁ ଫିଙ୍ଗିଦେଲେ ତାହା ନିମ୍ନତମ ମଣିଷତ୍ୱର ମଧ୍ୟ ବିରୁଦ୍ଧାଚରଣ କରୁଛି। ଅବଶ୍ୟ ମଣିଷ ହୋଇ ମଧ୍ୟ ମଣିଷତ୍ୱକୁ ନିର୍ବାସନରେ ପଠାଇ ଦେଇଥିବାର ଅପରାଧ ପାଇଁ ପୋଲିସ ଏହାଙ୍କୁ ଗିରଫ କରିଥିବାର ଖବର ପ୍ରକାଶ ପାଇଛି।

ସବଳ ପଶୁଟିଏ ଦୁର୍ବଳ ପଶୁଟିକୁ ନିର୍ମମ ନିର୍ଯାତନା ଦେଉଥିବାର ଦୁଃଖଦ ଦୃଶ୍ୟ ଆମ ଆଖିରେ ବହୁବାର ପଡ଼ିଛି ଟିଭିରେ ଡିସ୍‌କଭରି ବା ଆନିମଲ ପ୍ଲାନେଟ ଚ୍ୟାନେଲ ଦେଖୁଥିଲାବେଳେ। ମାତ୍ର କେହି ସଭ୍ୟ ଶିକ୍ଷିତ ମଣିଷଟିଏ ଯଦି ନିରୀହ ପଶୁଟିକୁ ନିର୍ଯାତନା ଦେଉଥିବାର ଦୃଶ୍ୟ ଆମ ଆଖିରେ ପଡ଼େ, ତେବେ କେମିତି ହେବ ଆମର ଅନୁଭବ। ଏକ ଦୀପାବଳି ସନ୍ଧ୍ୟାରେ ଜଣେ ଉଚ୍ଚ ଶିକ୍ଷିତ ଯୁବକଙ୍କର ଏହି ଅମାନୁଷିକ ଆଚରଣକୁ ଲକ୍ଷ୍ୟ କରାଯାଉ। ଏହି ଶିକ୍ଷିତ ଅଥଚ ଅସଭ୍ୟ ଯୁବକ ଖଣ୍ଡିଏ ରୋଟିର ଲୋଭ ଦେଖାଇ ଗୋଟିଏ ବୁଲା କୁକୁରକୁ ପାଖକୁ ଡାକି ତା' ଲାଞ୍ଜରେ ଚକୋଲେଟ୍ ବମ୍ କୁହାଯାଉଥିବା ଏକ ବିପଜ୍ଜନକ ବିସ୍ଫୋରକ ବାନ୍ଧି ତହିଁରେ ନିଆଁ ଲଗାଇ ଦେଇଥିଲେ। ନିରୀହ ପଶୁଟି ଛାନିଆରେ ପଳାଇ ଯାଉଥିବାବେଳେ ଅଚାନକ ପ୍ରଚଣ୍ଡ ବିସ୍ଫୋରଣରେ ଆହତ ହୋଇ ତଳେ ପଡ଼ିଗଲା। ତା'ର କ୍ଷତବିକ୍ଷତ ରକ୍ତାକ୍ତ ଶରୀର ତୀବ୍ର ଯନ୍ତ୍ରଣାରେ ଥରି ଉଠୁଥିଲାବେଳେ ପରମ ଆନନ୍ଦ ଉପଭୋଗ କରୁଥିଲା ମଣିଷ ବୋଲାଉଥିବା ଉଦଣ୍ଡ ଯୁବକଟି।

ଏ ତ ଗଲା ପଶୁମାନଙ୍କ ପାଇଁ ମଣିଷର ଉନ୍ମତ୍ତ ଆଚରଣର କଥା। ମାତ୍ର ବେଳେବେଳେ କିଛି ପଶୁମାନଙ୍କର ଏମିତି କଥା ଦୃଷ୍ଟିକୁ ଆସେ, ଯେତେବେଳେ ଲାଗେ ମଣିଷମାନଙ୍କଠାରୁ ସେମାନେ ଉନ୍ନତ ଚେତନାର ଜୀବ। କେଇବର୍ଷ ତଳେ ଆମେରିକାର ଜଣେ ପ୍ରଫେସରଙ୍କ ପାଳିତ କୁକୁରଟି ତା' ପ୍ରଭୁଙ୍କ ମୃତ୍ୟୁରେ ଏମିତି ଭାଙ୍ଗି ପଡ଼ିଥିଲା ଯେ ତିନିଦିନଯାଏ ବିନା ଖାଦ୍ୟପେୟରେ ନିଜ ଶୋକ ପ୍ରକଟ କରିଥିଲା। ମଣିଷର ସବୁଠୁ ବିଶ୍ୱସ୍ତ ବନ୍ଧୁ ଭାବେ ବିବେଚିତ ହେଉଥିବା ଏହି କୁକୁରଟିର ଶୋକପାଳନ କେବଳ ଏତିକିରେ ସରି ନ ଥିଲା। ଏକ ପ୍ରଭୁବିହୀନ ପୃଥିବୀ ତା' ପାଇଁ ଏମିତି ନର୍କ ମନେହେଲା ଯେ, ବାରମହଲା ପ୍ରାସାଦର ଛାତ ଉପରୁ ତଳକୁ ଡେଇଁ ସେ ଆତ୍ମହତ୍ୟା କରିଥିଲା। ସ୍ନେହ, ଶ୍ରଦ୍ଧା, ସମ୍ବେଦନା ବା ବିଶ୍ୱାସ ଓ ବିଶ୍ୱସ୍ତତା ଆଦି ମାନବୀୟ ଗୁଣଗୁଡ଼ିକ ଯେ କେବଳ ମାନବୀୟ ପରିଭାଷା ନୁହେଁ, ତାହାର ବଳିଷ୍ଠ ପ୍ରମାଣ ହୋଇ ଉଭା ହୋଇଥିଲା ଏହି ପଶୁଟି।

କେବଳ କୁକୁର ଭଳି ଏକ ଗୃହପାଳିତ ପଶୁ ନୁହେଁ, ବାଘ ଭଳି ଏକ ଜଙ୍ଗଲୀ ହିଂସ୍ର ପ୍ରାଣୀ ଯେ ମାନବସୁଲଭ ସ୍ନେହପ୍ରେମର ଭାଷା ବୁଝିପାରନ୍ତି, ଏହାର ଏକ ଅବିଶ୍ୱସନୀୟ ଉଦାହରଣ ଦେଖିବାକୁ ମିଳିଥିଲା। ପ୍ରାୟ ବର୍ଷକ ତଳେ ଆସାମର ଶିବସାଗର ଅଞ୍ଚଳରେ ଜଣେ ସ୍ୱଚ୍ଛଳ ଚାଷୀଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରାରୁ ଜଣାପଡ଼ିଲା ଯେ, ପ୍ରତିଦିନ ରାତିରେ ତାଙ୍କ ମୁକ୍ତ ଗୁହାଳକୁ ଜଙ୍ଗଲୀ ବାଘଟିଏ ଆସୁଛି ଓ ନୂଆ ହୋଇ ଆସିଥିବା ଏକ ଗାଈ ପାଖରେ କିଛି ସମୟ ବିତାଇ ଗୁହାଳରେ ଥିବା ଅନ୍ୟ ଗାଈଗୋରୁମାନଙ୍କର କିଛି କ୍ଷତି ନ କରି ରାତି ପାହିବା ପୂର୍ବରୁ ପୁଣି ଫେରିଯାଉଛି। ଚାଷୀ ଜଣକ ଆଶ୍ଚର୍ଯ୍ୟ ହେଲେ ଓ ପନ୍ଦରଦିନ ପୂର୍ବରୁ କିଣାହୋଇଥିବା ତାଙ୍କ ନୂଆ ଗାଈର ପୁରୁଣା ମାଲିକଙ୍କୁ ଭେଟି ଏହି ଆଶ୍ଚର୍ଯ୍ୟ ସମ୍ପର୍କରେ ଜାଣିବାକୁ ଚାହିଁଲେ। ତାଙ୍କ ପାଖରୁ ସେ ଯାହା ଜାଣିଲେ, ତାହା ମଧ୍ୟରେ ପ୍ରତିଫଳିତ ହେଉଥିଲା ସଂସାରର ଅନ୍ୟ ଏକ ବୈଚିତ୍ର୍ୟ। ପ୍ରକଟିତ ହେଉଥିଲା ସଚରାଚର ପରିଦୃଷ୍ଟ ହେଉଥିବା ଖାଦ୍ୟ–ଖାଦକର ସମ୍ପର୍କକୁ ପ୍ରତିହତ କରି ମୁଣ୍ଡ ଟେକିଥିବା ଏକ ଅପୂର୍ବ ବାତ୍ସଲ୍ୟର ମୁଗ୍ଧ ଅନୁଭବ।

ପୁରୁଣା ମାଲିକଙ୍କ ଗୋଠରୁ ଘାସ ଚରିବାକୁ ନିକଟସ୍ଥ ଅରଣ୍ୟକୁ ଯାଇଥିବାବେଳେ ସଦ୍ୟ ମାତୃତ୍ୱ ଲାଭ କରିଥିବା ଗାଈଟି ଥରେ ଦେଖିଲା ଗୋଟିଏ ବୁଦାମୂଳରେ ପଡ଼ିରହିଛି ଏକ ଚିତା ବାଘୁଣୀର ମୃତଶରୀର ଓ ପାଖରେ ଶୋଇ ରହି ମା'ର ସ୍ତନ୍ୟପାନ କରିବାକୁ ବିଫଳ ଉଦ୍ୟମ କରୁଥିବା ସଦ୍ୟ ଜନ୍ମିତ ଶାବକଟିଏ। ଶିଶୁ ଶାବକକୁ ଜନ୍ମ ଦେଇ ବାଘୁଣୀଟି ମରିଯାଇଛି ବୋଲି ଗାଈଟି ବୁଝିଲା ପରେ ନିଜ କର୍ତ୍ତବ୍ୟ ସ୍ଥିର କରି ନେଇଥିଲା ଓ ଚିତାବାଘ ଶାବକଟିକୁ ନିଜ କ୍ଷୀର ପିଆଇ ସାଷ୍ଟାମ କରିଥିଲା। କେବଳ ସେଇ ଦିନଟି ନୁହେଁ, ପରବର୍ତ୍ତୀ ପ୍ରତ୍ୟେକ ଦିନ ପାଲଟି ଯାଇଥିଲା ଗାଈଠୁ କ୍ଷୀର ପିଇବାକୁ ଚିତାବାଘ ଛୁଆଟିର ଅପେକ୍ଷାର ଦିନ। ଛୁଆଟି ବଡ଼ ହେଲା ଓ କ୍ଷୀରପିଆ ବୟସରୁ ଉତ୍ତୀର୍ଣ୍ଣ ହୋଇ ନିଜେ ନିଜର ଖାଦ୍ୟ ସଂଗ୍ରହ କରି ଶିଖିଲା ସିନା, ନିତିଦିନ ଗାଈଟି ସହ ଜଙ୍ଗଲରେ ମିଶିବା ଅଭ୍ୟାସକୁ ଛାଡ଼ିପାରିଲା ନାହିଁ। ଯେଉଁଦିନ କୌଣସି କାରଣରୁ ଗାଈଟି ଜଙ୍ଗଲକୁ ଆସିପାରୁ ନ ଥିଲା, ତରୁଣ ଚିତାବାଘଟି ରାତିରେ ଯାଇ ଗାଈକୁ ତା' ମୁକ୍ତ ଗୁହାଳରେ ଭେଟୁଥିଲା ଓ ତା' ପାଖରେ ଜାକିଜୁକି ହୋଇ କିଛି ସମୟ ଶୋଇ ରାତି ପାହିବା ପୂର୍ବରୁ ପୁଣି ଜଙ୍ଗଲକୁ ଫେରି ଯାଉଥିଲା। ଗାଈଟି ବିକ୍ରି ହେଲା ପରେ ତା' ଠିକଣା ବଦଳିଗଲା ସିନା, ମାତ୍ର ଆଦୌ ବଦଳିଲାନି, ବଦଳିପାରିଲାନି ଚିତାବାଘର ଅଭ୍ୟାସ। ସେ ପୁଣି ଯାଇ ପହଞ୍ଚି ଯାଇଥିଲା ଗାଈର ନୂଆ ଠିକଣାରେ। ଆଉ ତା'ର କ୍ଷୀର ପିଇବା ପାଇଁ ନୁହେଁ, ଟିକିଏ ତା'ର ସାନ୍ନିଧ୍ୟ ପାଇବାକୁ ତା'ର ବିଜାତୀୟ ମାତୃତ୍ୱ ପ୍ରତି ନିଜର କୃତଜ୍ଞତା ପ୍ରକଟ କରିବାକୁ।

ଲକ୍ଷ୍ୟ କରିବାର କଥା, ନିଜ କ୍ଷୀର ପିଆଇ ଚିତାବାଘ ଶାବକଟିର ଜୀବନ ବଞ୍ଚାଇଥିବା ସେଇ ବଉଳା ଗାଈ ଅବା ଗାଈଟିର ସାନ୍ନିଧ୍ୟ ପାଇବାକୁ ନିଜ ସ୍ୱଭାବଗତ ହିଂସ୍ରତା ପରିହାର କରି ନିତିଦିନ ଜଙ୍ଗଲରୁ ଜନପଦକୁ ଆସୁଥିବା ଚିତାବାଘ ଦୁହେଁ ଥିଲେ ପଶୁ। ଅଥଚ କଅଁଳ ବିଲେଇ ଛୁଆ ଦିଓଟିକୁ ଅତ୍ୟନ୍ତ ନିର୍ଦ୍ଦୟ ଭାବେ କୁକୁର ମୁହଁରେ ଫିଙ୍ଗି ଦେଇଥିବା ସେଇ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଅବା କୁକୁର ଲାଞ୍ଜରେ ଫୋଟକା ଫୁଟାଇ ଦୀପାବଳି ପାଳନ କରୁଥିବା ସେଇ ଯୁବକ ଜଣକ ଥିଲେ ଦିବ୍ୟ ଚେତନାଧାରୀ ମଣିଷ! ବିଡ଼ମ୍ବନା ଆଉ କାହାକୁ କହନ୍ତି କି?

ପ୍ରଜ୍ଞାନିଳୟ
ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ସାମ୍ବାଦିକାରୁ ସ୍ୱାସ୍ଥ୍ୟମନ୍ତ୍ରୀ

ବ୍ୟକ୍ତିତ୍ୱ



ବୀଣା ଜର୍ଜ

କେରଳରେ ବାମପନ୍ଥୀ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ପୁନଶ୍ଚ କ୍ଷମତାକୁ ଆସିବା ପରେ ପିନରୟୀ ବିଜୟନଙ୍କ ନେତୃତ୍ୱରେ ୨୧ ଜଣିଆ ମନ୍ତ୍ରିମଣ୍ଡଳ ୨୦ ମେ'ରେ ଶପଥ ନେଇଛି। ହେଲେ ସ୍ୱାସ୍ଥ୍ୟମନ୍ତ୍ରୀ ଦାୟିତ୍ୱ ବୀଣା ଜର୍ଜଙ୍କୁ ଦିଆଯାଇଥିବାରୁ ଦଳ ଭିତରେ ଓ ବାହାରେ ଗୁଞ୍ଜରଣ ସୃଷ୍ଟି ହୋଇଛି। ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା କେ.କେ. ଶୈଲେଜା ରାଜ୍ୟରେ ସ୍ୱାସ୍ଥ୍ୟ ସେବାରେ ଢେର ଉନ୍ନତି ଆଣିବା ସହ ୨୦୧୮ରେ ନିପା ଭୂତାଣୁଠାରୁ ଆରମ୍ଭ କରି କୋଭିଡ୍-୧୯ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦେଶରେ ସ୍ୱାସ୍ଥ୍ୟ କ୍ଷେତ୍ରରେ କେରଳ ଏକ ମଡେଲ ରାଜ୍ୟ ଭାବେ ଛିଡ଼ା ହୋଇପାରିବା ତାଙ୍କ ମନ୍ତ୍ରିତ୍ୱ ସମୟରେ ସମ୍ଭବ ହୋଇପାରିଥିଲା ବୋଲି କୁହାଯାଉଛି। ୨୦୨୧ ବିଧାନସଭା ନିର୍ବାଚନରେ ଶୈଲେଜା ବିଜୟୀ ହୋଇଥିଲେ ମଧ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ନ ପାଇବା ଅନେକଙ୍କୁ ବ୍ୟଥିତ କରିଛି। ଏଭଳି ସ୍ଥଳେ ବୀଣାକୁ ସ୍ୱାସ୍ଥ୍ୟମନ୍ତ୍ରୀ ପଦ ଦିଆଯାଇଥିବାରୁ ସରକାରଙ୍କୁ ସମାଲୋଚିତ ହେବାକୁ ପଡ଼ିଛି। ଭାରତୀୟ ରାଜନୀତିରେ ନୂଆ ପରୀକ୍ଷଣ କରାଗଲେ ତାହା ସହଜରେ ଗ୍ରହଣୀୟ ହୋଇ ନ ଥାଏ। ବୟସ୍କମାନେ ଅଧିକ ଧୀସମ୍ପନ୍ନ ବୋଲି ବିଚାର କରାଯାଇ ଆସୁଥିବାରୁ ଯୁବବର୍ଗଙ୍କ ପ୍ରତିଭାକୁ ଅଧିକାଂଶ ସମୟରେ ନ୍ୟୂନ କରି ଦେଖାଯାଏ। ପିନରୟୀ ଯେଉଁ ଚିନ୍ତା ରଖି ବୀଣାଙ୍କ ହାତରେ ସ୍ୱାସ୍ଥ୍ୟ ସେବା ଦାୟିତ୍ୱ ଦେଇଛନ୍ତି, ତାହାକୁ ସକାରାତ୍ମକ ଦୃଷ୍ଟିରେ ଦେଖାଯିବା ଉଚିତ। କାରଣ କାର୍ଯ୍ୟ ପ୍ରତି ଅଙ୍ଗୀକାରବଦ୍ଧତା ଥିଲେ ଖୁବ୍ କମ୍ ବୟସରେ ମଧ୍ୟ ଜଣେ ଉଚ୍ଚକୋଟୀର ପ୍ରଦର୍ଶନ କରିପାରିବେ। ଇତିହାସ ଏହାର ଅନେକ ପ୍ରମାଣ ଦେଇଛି।

କେରଳର ଥିରୁଭାନନ୍ତପୁରମ୍‌ରେ ୩ ଅଗଷ୍ଟ ୧୯୭୬ରେ ବୀଣା ଜନ୍ମଗ୍ରହଣ କରିଥିଲେ। ପିତା ଆଡଭୋକେଟ ପି.ଇ. କୁରିଆକୋଜ୍ ଓ ମାତା ରୋସାମ୍ମା କୁରିଆକୋଜ୍। ବୀଣାଙ୍କ ପ୍ରାଥମିକ ଶିକ୍ଷା ପାଥାନାମ୍‌ଥିଟ୍ଟା ଜିଲାର ମ୍ୟାଲପ୍ରାସ୍ଥିତ ମାଉଣ୍ଟ ବିଥାନି ହାଇସ୍କୁଲରେ ହୋଇଥିଲା। ଥିରୁଭାନନ୍ତପୁରମ୍‌ର ମହିଳା ମହାବିଦ୍ୟାଳୟରୁ ସେ ପଦାର୍ଥ ବିଜ୍ଞାନରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ତା' ପରେ ୟୁନଭର୍ସିଟି ଅଫ୍ କେରଳରୁ ବି.ଏଡ୍ କରି ସେ ର୍‍ୟାଙ୍କ୍ ହୋଲ୍‌ଡର ହୋଇଥିଲେ। ଚାକିରି ଜୀବନ କାଥୋଲିକେଟ୍ କଲେଜରେ ଆରମ୍ଭ କରିଥିଲେ। ହେଲେ ବର୍ଷେ ପାଠ ପଢ଼ାଇବା ପରେ ସେ ସାମ୍ବାଦିକତା ଆଡ଼େ ଢଳିଥିଲେ। କାଇରାଲି ଟେଲିଭିଜନ୍‌ରେ ଜଣେ ଟ୍ରେନି ଜର୍ନାଲିଷ୍ଟ ଭାବେ ବୃତ୍ତିଗତ ଜୀବନରେ ପ୍ରବେଶ କରିଥିଲେ। ମନୋରମା ନ୍ୟୁଜ୍ ଚ୍ୟାନେଲରେ ଉପସ୍ଥାପିକା ସହ ମର୍ନିଂ ଶୋ ଏବଂ ଅନ୍ତର୍ଜାତୀୟ ଖବର କାର୍ଯ୍ୟକ୍ରମକୁ ସଞ୍ଚାଳନ କରି ମାଲୟାଲମ୍ ଟେଲିଭିଜନ୍ ଦୁନିଆରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ୨୦୧୫ ବେଳକୁ ବୀଣା ଏକ୍‌ଜିକ୍ୟୁଟିଭ୍ ଏଡିଟର ପାହ୍ୟାକୁ ଉନ୍ନୀତ ହୋଇଥିଲେ। ଏହା ପରେ ତାଙ୍କ ଜୀବନରେ ଆଉ ଏକ ଟର୍ନିଂ ପଏଣ୍ଟ ଆସିଥିଲା, ତାହା ଥିଲା–ରାଜନୀତି। କୁହାଯାଉଛି ବୀଣା ଉପସ୍ଥାପନ କରୁଥିବା 'ନାମ୍ ମୁନ୍ନୋଟ' କାର୍ଯ୍ୟକ୍ରମରେ ପିନରୟୀ ଏକ ନିର୍ଦ୍ଦିଷ୍ଟ ଦର୍ଶକଙ୍କ ସହ ମତ ବିନିମୟ କରିବାର ସୁଯୋଗ ପାଇଥିଲେ। ସେତିକି ବେଳେ ବୀଣାଙ୍କ ରାଜନୈତିକ ବିଶ୍ଳେଷଣାତ୍ମକ ଉପସ୍ଥାପନା ଉଚ୍ଚ ପ୍ରଶଂସିତ ହୋଇଥିଲା। ସେଥିପାଇଁ ସେ ଅନେକ ପୁରସ୍କାର ଓ ସମ୍ମାନ ପାଇଥିଲେ। ୧୬ ବର୍ଷର ସାମ୍ବାଦିକତା ଜୀବନରେ ସେ ଅର୍ଜନ କରିଥିବା ଅଭିଜ୍ଞତାକୁ ରାଜନୈତିକ କ୍ଷେତ୍ରରେ ପ୍ରୟୋଗ କରିବାର ସୁଯୋଗ ମିଳିବା ପରେ ସେ ତାହାର ସଦ୍‌ବିନିଯୋଗ କରିଥିଲେ। କଲେଜ ପଢ଼ା ବେଳେ ସେ ଭାରତୀୟ ଛାତ୍ର ମହାସଂଘ (ଏସ୍‌ଏଫ୍‌ଆଇ)ର କର୍ମୀ ଥିଲେ। ଫଳସ୍ୱରୂପ ୨୦୧୬ରେ ତାଙ୍କୁ ସିପିଏମ୍ ଅରନ୍ମୁଲା ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିଥିଲା। ସେ କଂଗ୍ରେସର ବରିଷ୍ଠ ନେତା କେ. ସିଭାଦାସନ୍ ନାୟର୍‌ଙ୍କୁ ହରାଇ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନରେ ପାଥାନାମ୍‌ଥିଟ୍ଟା ଲୋକ ସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ହାରିଯାଇଥିଲେ। ୨୦୨୧ ବିଧାନସଭା ନିର୍ବାଚନରେ ବୀଣା ଅରନ୍ମୁଲା ଆସନରୁ ପୁଣି ବିଜୟୀ ହୋଇଛନ୍ତି।

ମାତ୍ର ୪୫ ବର୍ଷ ବୟସରେ ବୀଣା କେରଳର ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଥିବାରୁ ତାଙ୍କ ପୂର୍ବସୂରୀ ଶୈଳେଜା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଣିଥିବା ଅଭୂତପୂର୍ବ ସଫଳତାକୁ ଛୁଇଁବା ନେଇ ଅନେକେ କଳ୍ପନାଜଳ୍ପନା ପ୍ରକାଶ ପାଉଛି। ବର୍ତ୍ତମାନ କରୋନାର ଦ୍ୱିତୀୟ ଲହର ମଣିଷର ଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ସେଥିପାଇଁ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣି ମହାମାରୀ ମୁକାବିଲା ତାଙ୍କ ଲାଗି ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ସାମ୍ବାଦିକତା ଜୀବନରେ କରିଥିବା ସଂଘର୍ଷରୁ ଯିଏ ସଫଳତା ପାଇ ଆଗକୁ ବଢ଼ିଛନ୍ତି, ସେ ଜନସେବା କ୍ଷେତ୍ରରେ ଅଧିକ ପରିଶ୍ରମ କରି ପରିବର୍ତ୍ତନ ଆଣିପାରିବେ ବୋଲି ଆଶା କରାଯିବା ସ୍ୱାଭାବିକ।

ସ୍ୱାମୀ ଡକ୍ଟର ଜର୍ଜ ଯୋଶେଫ୍ ଓ ଦୁଇ ସନ୍ତାନଙ୍କୁ ନେଇ ବୀଣାଙ୍କ ସଂସାର। ଯୋଶେଫ୍ ଉଚ୍ଚ ମାଧ୍ୟମିକ ସ୍କୁଲର ଶିକ୍ଷକ। ନିଜ ପରିବାର ସହ କେରଳବାସୀଙ୍କ ସ୍ୱାସ୍ଥ୍ୟ ଦାୟିତ୍ୱ ଏବେ ବୀଣାଙ୍କ ଉପରେ ନ୍ୟସ୍ତ।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ସଏଲ୍‌ଲେସ ଫାର୍ମ ବା ବିନାମାଟିର ଫାର୍ମ କଥା କେବେ ଶୁଣିଛନ୍ତି। ଏମିତି ଏକ ଫାର୍ମ ଗଢ଼ିଛନ୍ତି ଆଇଆଇଟି, ମୁମ୍ବାଇର ଦୁଇ ପୂର୍ବତନ ଛାତ୍ର। ସେମାନେ ୦.୫ ଏକର ଫାର୍ମରେ ମାସକୁ ୭,୦୦୦ କେ.ଜି. ପରିବା ଉତ୍ପାଦନ କରୁଛନ୍ତି ଓ ଏଥିରୁ ରୋଜଗାର କରୁଛନ୍ତି ମାସକୁ ୩.୫ ଲକ୍ଷ ଟଙ୍କା। ଅମିତ କୁମାର ଏବଂ ଅଭୟ ସିଂ କୋଟାରେ 'ଏକି ଫୁଡ୍ସ' ଷ୍ଟାର୍ଟଅପ୍ ପ୍ରତିଷ୍ଠା କରି ତା'ମାଧ୍ୟମରେ ଚାଷ କରୁଛନ୍ତି। ସେମାନେ ବିନା ମାଟିରେ ହାଇଡ୍ରୋଫୋନିକ୍ସ ପଦ୍ଧତିରେ ଶତ ପ୍ରତିଶତ ଜୈବିକ ପରିବା ଫଳାଉଛନ୍ତି। ଏହା ମଧ୍ୟରେ ରହିଛି ବିଲାତି ବାଇଗଣ, କାକୁଡ଼ି, ଲାଉ, କଲରା, ଲଙ୍କା ଓ ବାଇଗଣ। ଚାଷରେ କମ୍ ଖର୍ଚ୍ଚ ହେଉଥିବାରୁ ଉତ୍ପାଦିତ ପରିବାକୁ ବଜାର ମୂଲ୍ୟରୁ କମ୍ ଦରରେ ବିକ୍ରି କରୁଛନ୍ତି। ୨୦୧୯ରେ ଛାତ ଉପରେ ମାତ୍ର ୫୦୦ ବର୍ଗଫୁଟ ଜାଗାରେ ଅମିତ ଏବଂ ଅଭୟ ଫାର୍ମ ଆରମ୍ଭ କରି ଏବେ ଏହାକୁ ବଢାଇବାକୁ ସକ୍ଷମ ହୋଇଛନ୍ତି। ଏବେ ସେମାନଙ୍କ ସହ ଚେନ୍ନାଇ ଓ ଲଦାଖର ୫ଟି କମର୍ସିଆଲ ଫାର୍ମ ଯୋଡ଼ି ହୋଇଛନ୍ତି। ସେମାନେ ଚଳିତ ଆର୍ଥିକ ବର୍ଷରେ ୧୨ଟି ଏଭଳି ଫାର୍ମ ଗଢ଼ିବା ଲାଗି ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ମେ ୧୯୯୬

- ଜୟପୁରସ୍ଥିତ ଦୌଶା ଜିଲ୍ଲାର ମହୁୱା ନିକଟରେ ଯାତ୍ରୀବାହୀ ବସ୍‌ରେ ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟି ୨୨ ମୃତ।
- ମିଳିତ ସାମ୍ମୁଖ୍ୟର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଏଚ୍.ଡି. ଦେବେଗୌଡ଼ା ସର୍ବସମ୍ମତିକ୍ରମେ ୧୩ ଦଳୀୟ ମିଳିତ ସାମ୍ମୁଖ୍ୟ ସଂସଦୀୟ ଦଳ ନେତାରୂପେ ନିର୍ବାଚିତ ହୋଇଛନ୍ତି।

## ଚିରନ୍ତନୀ

ସ୍ୱପନରେ ଯଦି କଦା
ତବ ଅପମାନ କରେ ପ୍ରିୟ,
ଚିର ନିଦ୍ରା ହେଉ ତାହା
ଏହି ଅବଦାନ ମୋତେ ଦିଅ।
(ଆସ୍ତିକର ଆକୁତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କେନାଲରେ ପାଣି ଛଡ଼ା ଯାଉ

ମହାଶୟ,

ଚଳିତ ଗ୍ରୀଷ୍ମ ଋତୁରେ ନାଳ, ନଈ ଓ ପୁଷ୍କରିଣୀ ସବୁ ଶୁଖି ଗଲାଣି। ଚାରିଆଡ଼େ ଜଳ ସଙ୍କଟ ଉତ୍କଟ ହେଲାଣି। ଭୂତଳ ଜଳସ୍ତର ବହୁତ ତଳକୁ ଖସିଯାଉଛି। ନଳକୂପଗୁଡ଼ିକ ଅଚଳ ହେବା ସହ ନଳକୂପରୁ ପାଣି ବାହାରୁ ନାହିଁ। ଉପକୂଳ ଅଞ୍ଚଳରେ ବର୍ଷା ଅଭାବରୁ ଜଳାଭାବରୁ କେବଳ ମଣିଷ ନୁହନ୍ତି, ପଶୁ ପକ୍ଷୀ ସମସ୍ତେ କଲବଲ ହେଉଛନ୍ତି। ଏଣୁ ରାଜ୍ୟ ସରକାର କେନାଲରେ ପାଣି ଛାଡ଼ିବାକୁ ଅନୁରୋଧ। ତାଳଦଣ୍ଡା କେନାଲ ବହୁଦିନ ତଳୁ ଶୁଖି ଯାଇଥିବାରୁ ଜଗତ୍‌ସିଂହପୁରର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ତାଳଦଣ୍ଡା ଓ ମାଛଗାଁ କେନାଲରେ ପାଣି ଛାଡ଼ିବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ।

– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବଡ଼ ସଢୁଙ୍କ ଛୁରା ମାଡ଼ରେ ସାନ ମୃତ

ଦିଗପହଣ୍ଡି,(ଡି.ଏନ.ଏ.)– ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବଡ଼ ଡୁମୁଳା ଗ୍ରାମ ଗୌଡ଼ ସାହିରେ ଶନିବାର ଏକ ଶୁଦ୍ଧିକ୍ରିୟା ଭୋଜି ଚାଲିଥିବା ବେଳେ ଧାର ଟଙ୍କା ପରିଶୋଧ ପାଇଁ ୨ ସଢୁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ରାଗି ଯାଇ ବଡ଼ ସଢୁ ଜଗନ୍ନାଥ ମହାରଣା ଓରଫ ଜଗାଙ୍କ ଛୁରା ମାଡ଼ରେ ସାନ ସଢୁ କୁନା ମହାରଣା ଗୁରୁତର ହୋଇଥିଲେ। ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ନଂ.୧୨୦/ ୨୧ରେ ମାମଲା ରୁଜୁ ହୋଇଛି। ପାଟପୁର ଥାନା ଦୁଦୁରାପଦର ଗ୍ରାମରେ ରହୁଥିବା ଭୁଜୁକି ଗ୍ରାମର ଅଭିଯୁକ୍ତ ଜଗନ୍ନାଥଙ୍କୁ ପୋଲିସ ଅଟକ ରଖିଛି।

## ସଂକ୍ଷେପରେ

### ରାଜସ୍ୱ ପର୍ଷଦର ସଭ୍ୟ ଭାବେ ଦାୟିତ୍ୱ ନେଲେ ଜି.ଭି.ଭି. ଶର୍ମା

**କଟକ ଅଫିସ, ୨୨।୫:** ୧୯୮୬ ବ୍ୟାଚ୍‌ର ଆଇପିଏସ୍ ଅଫିସର ଜି.ଭି.ଭି. ଶର୍ମା ଓଡ଼ିଶା ରାଜସ୍ୱ ପର୍ଷଦର ସଭ୍ୟ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜସ୍ୱ ପର୍ଷଦ ସଭ୍ୟଙ୍କ



ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଶର୍ମା ବିଦାୟୀ ସଭ୍ୟ ସି.ଜେ. ଭେନୁଗୋପାଳଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଶର୍ମା କେନ୍ଦ୍ରୀୟ ଡେପୁଟେଶନରୁ ଫେରିବା ପରେ ଓଡ଼ିଶା ସରକାରଙ୍କ ପକ୍ଷରୁ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ଶର୍ମାଙ୍କ ଦାୟିତ୍ୱ ଗ୍ରହଣ ସମୟରେ ରାଜସ୍ୱ ପର୍ଷଦ ମୁଖ୍ୟ କାର୍ଯ୍ୟାଳୟର ଅତିରିକ୍ତ ସଚିବ ଅଭିରାମ ବେହେରା, ବ୍ୟକ୍ତିଗତ ସଚିବ ଦେବାନନ୍ଦ ଦାସ, ଜର୍ମନ୍ ଟୁନି ପ୍ରମୁଖ ଉପସ୍ଥିତ ଥିଲେ।

### ବଜ୍ରପାତରେ ଯୁବକ ମୃତ

**ବଲାଙ୍ଗୀ,୨୨।୫(ଡି.ଏନ୍.ଏ.):** ବଲାଙ୍ଗୀ ଥାନା ଉଛୁପୁର ଗ୍ରାମସ୍ଥ ପବିତ୍ର ବେହେରା ଶନିବାର ନିକଟସ୍ଥ ଗଛରୁ ନଡ଼ିଆ ତୋଳୁଥିବାବେଳେ ବଜ୍ରପାତ ହେବାରୁ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ଚିକିତ୍ସା ନିମନ୍ତେ ତାଙ୍କୁ ପିପିଲି ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ପୋଲିସ ନଂ.୪/୨୧ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି। ପବିତ୍ର ଦିନ ମଜୁରିଆ ହୋଇଥିବାରୁ ପରିବାରକୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇ ଦେବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

### ଗୋଡ଼ିସାହିରୁ ହରିଣ ଉଦ୍ଧାର

**ବାରଙ୍ଗ,୨୨।୫(ଡି.ଏନ୍.ଏ.):** ବାରଙ୍ଗ ଥାନା ଅଧୀନ ଗୋଡ଼ିସାହି ବେହେରା ସାହିରୁ ଏକ ମାଈ ହରିଣକୁ ଶନିବାର ସକାଳେ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ହରିଣର ବୟସ ୩ରୁ ୪ବର୍ଷ ହେବ। ଶନିବାର ସକାଳେ କେତେକ କୁକୁର ଏହି ହରିଣକୁ ଗୋଡ଼ାଉ ଥିବା ଗୋଡିସାହି ବେହେରା ସାହି ଲୋକେ ଦେଖିବାକୁ ପାଇଥିଲେ। କେତେଜଣ ଲୋକ ସଂଘବଦ୍ଧ ହୋଇ କୁକୁର କବଳରୁ ହରିଣକୁ ଉଦ୍ଧାର କରି ଗାଁକୁ ଆଣିବା ସହ ବନ ବିଭାଗକୁ ଜଣାଇଥିଲେ। ଡମପଡ଼ା ବନ ବିଭାଗ କର୍ମଚାରୀମାନେ ଆସି ଗ୍ରାମବାସୀଙ୍କଠାରୁ ହରିଣକୁ ନେଇ ଚନ୍ଦକା ଜଙ୍ଗଲରେ ଛାଡିଛନ୍ତି। ଜଙ୍ଗଲରେ ଖାଦ୍ୟ ଓ ଜଳାଭାବ ହେଉ କିମ୍ବା ଶିକାରୀମାନଙ୍କର ପ୍ରାଦୁର୍ଭାବ ଯୋଗୁ ଏହିଭଳି ଭାବେ ହରିଣମାନେ ଗାଁମୁହାଁ ହେଉଥିବା ନରାଜ ଅଞ୍ଚଳରେ ଦେଖିବାକୁ ମିଳିଛି।

# ୩୩ ଲକ୍ଷର ଗୁଟ୍‌ଖା ଜବତ

## ଜଣେ ଗିରଫ, ସହଯୋଗୀ ଫେରାର

**କଟକ ଅଫିସ, ୨୨।୫**

କିଛିମାସର ବ୍ୟବଧାନ ପରେ ପୁଣି କଟକ ଶଙ୍କରପୁରସ୍ଥିତ ନ୍ୟୁ କମଳପୁରଠାରେ ଥିବା ଏକ ଗୁଟ୍‌ଖା ଗୋଦାମ ଶନିବାର ଠାବ କରାଯାଇଛି। ବାଦାମବାଡି ପୋଲିସ ସେଠାରେ ଚଢାଉ କରି ୧୩୬ଟି ଜରିବସ୍ତାରେ ରାଜ୍ୟରେ ବ୍ୟାନ ଥିବା ଗୁଟ୍‌ଖା ଜବତ କରିଥିଲା। ଏହି ଘଟଣାରେ କଟକ ଖାନ୍‌ନଗର ବ୍ରାହ୍ମଣସାହିରେ ରହୁଥିବା ରବୀନ୍ଦ୍ର ପ୍ରଧାନ(୪୩)ଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ଘର ଗଞ୍ଜାମ ଜିଲାରେ ହୋଇଥିବାବେଳେ ସେ ପୂର୍ବରୁ ବାଦାମବାଡିରେ କୁଲି କାମ କରୁଥିଲେ। ପରବର୍ତ୍ତୀ ସମୟରେ ସେ ଏହି ବ୍ୟବସାୟ ଆରମ୍ଭ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୧୪୨/୨୧) ରୁଜୁ ହୋଇଛି। ତେବେ ରବୀନ୍ଦ୍ରଙ୍କ ସହଯୋଗୀ ଫେରାର ଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ଗୁଟ୍‌ଖା ବିକ୍ରି ନିଷେଧ କରାଯାଇଛି। ହେଲେ ନ୍ୟୁ କମଳପୁରଠାରେ ଥିବା ଉକ୍ତ ଗୋଦାମରେ ଗୁଟ୍‌ଖା ରଖାଯାଇ ବିକ୍ରି ପାଇଁ ବିଭିନ୍ନ ଜିଲାକୁ ପଠାଯାଉଥିଲା। ଖବରପାଇ ବାଦାମବାଡି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ପୋଲିସ ଟିମ୍ ସେଠାରେ ଚଢାଉ କରି ବସ୍ତାରେ ଥିବା ୩୩ ଲକ୍ଷ ୩୨ ହଜାର ପାଉଚ ଗୁଟ୍‌ଖା ଜବତ କରିଥିଲା। ଖବରପାଇ କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ପହଞ୍ଚି ଜବତ ଗୁଟ୍‌ଖାର ନମୁନା ସଂଗ୍ରହ କରିଥିଲେ। ତେବେ ଜବତ ଗୁଟ୍‌ଖାର ମୂଲ୍ୟ ପ୍ରାୟ ୩୩ ଲକ୍ଷ ଟଙ୍କା ହେବ ବୋଲି ଥାନା ଅଧିକାରୀ ମହାପାତ୍ର କହିଛନ୍ତି।



ଗୋଦାମରେ ଯାଞ୍ଚ କରାଯାଉଛି।

ସୂଚନାଯୋଗ୍ୟ, ୨୦୨୦ ସେପ୍ଟେମ୍ବରରୁ ଡିସେମ୍ବର ପର୍ଯ୍ୟନ୍ତ କମିଶନରେଟ ପୋଲିସ ପକ୍ଷରୁ କଟକ ଜଗତ୍‌ପୁର,ଚାଉଳିଆଗଞ୍ଜ, ମଧୁପାଟଣା, ମାଲଗୋଦାମ, ଚୌଦ୍ୱାର, ସଦର ଥାନା ଅଞ୍ଚଳର ୨୧ଟି ସ୍ଥାନରେ ଚଢ଼ଉ କରାଯାଇଥିଲା। ଉକ୍ତ କାରଖାନାରୁ ଅପମିଶ୍ରିତ ଘିଅ, ବିଭିନ୍ନ ପ୍ରକାରର ସସ୍, ମସଲା, ଚା'ପତି ଓ ନକଲି ସିମେଣ୍ଟ ଜବତ କରାଯାଇଥିଲା। ଜବତ ସାମଗ୍ରୀର ମୂଲ୍ୟ ୭ କୋଟି ୩୬ ଲକ୍ଷ ୯୮ ହଜାର ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ଦର୍ଶାଯାଇଥିବାବେଳେ ଏହି ଘଟଣାରେ ୨୫ ଜଣଙ୍କୁ ଗିରଫ କରାଯାଇଥିଲା।

# ପ୍ରବାସୀଙ୍କ ପାଇଁ ଓଡ଼ିଶା ସୃଷ୍ଟି କରିଛି ୨.୬୦ କୋଟି ଶ୍ରମ ଦିବସ

**ନୂଆଦିଲ୍ଲୀ, ୨୨।୫**

ବାହାର ରାଜ୍ୟରୁ ଫେରିଥିବା ପ୍ରବାସୀ ଶ୍ରମିକଙ୍କ ରୋଜଗାର ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ(ଏମ୍‌ଜିଏନ୍‌ଆର୍‌ଇଜିଏ) ଅଧୀନରେ ଓଡ଼ିଶା ସରକାର ୨୦୨୧-୨୨ ଆର୍ଥିକ ବର୍ଷ ମେ' ୧୭ ସୁଦ୍ଧା ୨.୬୦ କୋଟି ଶ୍ରମଦିବସ ସୃଷ୍ଟି କରିଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଛି। ଏଥିରେ ଦର୍ଶାଯାଇଛି, ୧୭.୨୧ ଲକ୍ଷ ଶ୍ରମିକଙ୍କ ପାଇଁ ମେ' ୧୭ ସୁଦ୍ଧା ମୋଟ ୨.୬୦ ଶ୍ରମଦିବସ ରାଜ୍ୟ ସରକାର ସୃଷ୍ଟି କରିଛନ୍ତି। ଏହାସହ ଅଧିକ ପ୍ରବାସୀ ଶ୍ରମିକ ଥିବା ୪ ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏ ଅଧୀନରେ ୨୦୭ କିମ୍ବା ଅଧିକ ଟଙ୍କା ପାଉଥିବା ଶ୍ରମିକଙ୍କୁ ୧୦୧ ଟଙ୍କା ଅତିରିକ୍ତ ମଜୁରୀ ପ୍ରଦାନ କରାଯାଇଛି। ଏହି ଆଇନ ଅଧୀନରେ ଧାର୍ଯ୍ୟ ଶହେ ଦିନ ଉପରେ ଅତିରିକ୍ତ ୨ ଶହ ଦିନର କାର୍ଯ୍ୟଦିବସ ଯୋଗାଯାଇଥିବା ଏଥିରେ ଦର୍ଶାଯାଇଛି। ଏହାସହ ମେ' ୧୭ ସୁଦ୍ଧା ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନରେ ୧୬.୧୧ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଯାଇ ୪୬.୭୮ କୋଟି ଟଙ୍କା ମଜୁରି ପ୍ରଦାନ କରାଯାଇଛି। ୧୮.୪୩ ଲକ୍ଷ ନିର୍ମାଣ ଶ୍ରମିକଙ୍କ ସହାୟତା ପାଇଁ ୨୭୬.୫୪ କୋଟି ଟଙ୍କା ପ୍ରଦାନ କରାଯାଇଥିବା ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି।

# ପରପାରିରେ ଯୁବ ଉଦ୍ୟୋଗୀ ସମ୍ବିତ୍ ନନ୍ଦ

**ଢେଙ୍କାନାଳ ଅଫିସ, ୨୨।୫**

ଢେଙ୍କାନାଳର ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କ ପୁଅ ସମ୍ବିତ୍ ନନ୍ଦ (୩୮)ଙ୍କ ଶନିବାର ମଧ୍ୟାହ୍ନ ୧୨ଟା ୨୦ରେ ପରଲୋକ ହୋଇଯାଇଛି। କଟକସ୍ଥିତ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଫୁସ୍‌ଫୁସ୍ ସଂକ୍ରମଣର ଶିକାର ହେବା ପରେ ତାଙ୍କୁ ପ୍ରଥମେ କଟକର ସିଲଭରସିଟି ଏବଂ ପରେ ଅଶ୍ୱିନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କୁ ବଞ୍ଚାଇବାରେ ଡାକ୍ତର ବିଫଳ ହୋଇଥିବା ବାପା ନବୀନ ନନ୍ଦ ସୂଚନା ଦେଇଛନ୍ତି।

ପୁଅ ସଙ୍କଟାପନ୍ନ ଥିବା ନେଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ ନବୀନ। ଏଥିରେ ହସ୍ପିଟାଲ ବେଡ୍‌ରେ ସମ୍ବିତ ଜୀବନ ସହ ସଂଘର୍ଷ କରୁଥିବା ଦେଖିବାକୁ ମିଳିଥିଲା। ପୁଅ ଜୀବନ ବଞ୍ଚାଇବାକୁ ସେ ଟୁଇଟରରେ କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ, ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଏମ୍‌ପି ଅଚ୍ୟୁତ ସାମନ୍ତ, ବଲିଉଡ୍ ଅଭିନେତା ସୋନୁ ସୁଦ୍‌ଙ୍କ ସହାୟତା ଲୋଡ଼ିଥିଲେ।



ସମ୍ବିତ୍ ନନ୍ଦ।

କଟକ ଏସ୍‌ସିବି ମେଡିକାଲ କିମ୍ବା ଜିଲା ମୁଖ୍ୟ ଚିକିତ୍ସାଳୟରୁ ଜୀବନ ରକ୍ଷାକାରୀ ଇସିଏମ୍‌ଓ ମେଶିନ ତୁରନ୍ତ ପଠାଇବାକୁ ସେ ଅନୁରୋଧ କରିଥିଲେ। କଟକ ଅଶ୍ୱିନୀ ହସ୍ପିଟାଲରେ ତାଙ୍କ ପୁଅ କିଭଳି ସଙ୍କଟାପନ୍ନ ଅବସ୍ଥାରେ ଅଛନ୍ତି, ଏହା ତାଙ୍କ ପୋଷ୍ଟରୁ ସ୍ପଷ୍ଟ ବାରି ହେଉଥିଲା। ତେବେ ଏସବୁ ଭିତରେ ମଧ୍ୟାହ୍ନରେ ସମ୍ବିତ୍‌ଙ୍କ ମୃତ୍ୟୁ ହୋଇଯାଇଥିବା ଡାକ୍ତରଖାନା କର୍ତ୍ତୃପକ୍ଷ ଘୋଷଣା କରିଥିଲେ।

ଏପ୍ରିଲ ୨୨ରେ ସମ୍ବିତ୍‌ଙ୍କ କରୋନା ଟେଷ୍ଟ ରିପୋର୍ଟ ନେଗେଟିଭ ଆସିଥିଲା। କିନ୍ତୁ ୨୮ରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସିଟିସ୍କାନ୍‌ରୁ ସେ ନିମୋନିଆରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ସିଲଭରସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥାରେ ସୁଧାର ନ ଆସିବାରୁ ପରେ ଅଶ୍ୱିନୀ ହସ୍ପିଟାଲକୁ ଗତ ୩ ତାରିଖରେ ସ୍ଥାନାନ୍ତର କରାଯାଇଥିଲା। ସିଲଭରସିଟି ହସ୍ପିଟାଲରେ ଚିକିତ୍ସା ଅବହେଳା, ଅବ୍ୟବସ୍ଥା ଏବଂ ରୋଗୀ ଶୋଷଣକୁ ନେଇ ଗତ ମେ ୧୦ରେ ନବୀନ ନନ୍ଦ ଗଭୀର ଉଦ୍‌ବେଗ ବ୍ୟକ୍ତ କରିଥିଲେ। ଏ ନେଇ ସେ ଫେସ୍‌ବୁକ୍‌ରେ ଲମ୍ବାଚଉଡ଼ା ପୋଷ୍ଟ କରି ନିଜର କ୍ଷୋଭ ଜଣାଇଥିଲେ। ସୂଚନାଯୋଗ୍ୟ, ସମ୍ବିତ୍ ହେଉଛନ୍ତି ନବୀନ ନନ୍ଦଙ୍କ ବଡ଼ପୁଅ। ସେ ବିବାହିତ। ଜଣେ ଯୁବ ସଙ୍ଗଠକ ଏବଂ ଉଦ୍ୟୋଗୀ ଭାବେ ଯୁବବର୍ଗଙ୍କ ଭିତରେ ବେଶ୍ ପରିଚିତ ଥିଲେ। ତାଙ୍କ ପରଲୋକରେ ଏମ୍‌ପି ମହେଶ ସାହୁ, ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁଙ୍କ ସମେତ ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# ଖୋଲିବ ପିଭିଟିଜି ୱାର୍ଲ୍ଡ ପ୍ରଦର୍ଶନୀ ଭବନ

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

କରୋନା ମହାମାରୀ ଯୋଗୁ ଏସ୍‌ସିଏସ୍‌ଟିଆର୍‌ଟିଆଇ ପରିସରରେ ଥିବା ରାଜ୍ୟ ଜନଜାତି ସଂଗ୍ରହାଳୟ ବନ୍ଦ ରହିଛି। ତେଣୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ପ୍ରତ୍ୟେକ ରବିବାର ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍‌ର ବ୍ୟବସ୍ଥା କରାଯାଇଛି । ଆସନ୍ତା ୨୩ ତାରିଖରେ ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ @SC–STDEV, @SCSTRTI ଖୋଲି ସଂଗ୍ରହାଳୟ ମଧ୍ୟରେ ଥିବା ପ୍ରାଚୀନତମ ଜନଜାତି (ପିଭିଟିଜି) ଗ୍ୟାଲେରିକୁ ଯାଇ ଦେଖିପାରିବେ। ଏନେଇ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ସଂଗ୍ରହାଳୟରେ ଜନଜାତି କଳା ଓ କଳାବସ୍ତୁର ୫ଟି ଗ୍ୟାଲେରି ସହିତ ପିଭିଟିଜି ୱାର୍ଲ୍ଡ ନାମରେ ଗୋଟିଏ ନୂତନ ପ୍ରଦର୍ଶନୀ ଭବନ ରହିଛି । ଏହି ପିଭିଟିଜି ୱାର୍ଲ୍ଡରେ ୧୩ଟି ପ୍ରାଚୀନତମ ଜନଜାତି ଯଥା: ବଣ୍ଡା, ଚକୋଟିଆ ଭୁଞ୍ଜିଆ, ଦିଦାୟୀ, ଡଙ୍ଗରିଆ କନ୍ଧ, ପାହାଡ଼ି ଖରିଆ, ଜୁଆଙ୍ଗ, କୁଟିଆ କନ୍ଧ, ଲୋଧା, ଲାଞ୍ଜିଆ ସଉରା, ମାଙ୍କିରିଡ଼ିଆ, ବିର୍‌ହୋର୍, ପାଉଡ଼ିଭୂୟାଁ, ସଉରା ଜନଜାତିଙ୍କ ପ୍ରତିମୂର୍ତ୍ତି ସହ ସେମାନଙ୍କ ଗୃହ, ଜୀବନଶୈଳୀ ଓ ସଂସ୍କୃତି, ଗୃହର ବିଭିନ୍ନ ଆସବାବପତ୍ର ଆଦି ପ୍ରଦର୍ଶନ କରାଯାଉଛି । ଏହି ଗ୍ୟାଲେରିରେ ଥ୍ରୀ–ଡି ମାଧ୍ୟମରେ ପ୍ରଦର୍ଶନ ସହିତ କିଓସ୍କରେ ପ୍ରାଚୀନତମ ଜନଜାତିଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ରହିଛି ।

# ଚାନ୍ଦବାଲିର ଜଣେ ମୃତ

## ଆରବ ସାଗରରେ ଜାହାଜ ବୁଡ଼ି ଘଟଣା

**ଚାନ୍ଦବାଲି,୨୨।୫ (ଡି.ଏନ.ଏ.)**

ତାଉକ୍‌ତାଏ ସାମୁଦ୍ରିକ ଝଡ଼ ବେଳେ ଆରବ ସାଗରରେ ଜାହାଜ ପି–୩୦୫ ବୁଡ଼ି ଯାଇଥିଲା। ଏଥିରେ ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅଧୀନ କିସିମତ ଗାଁର ଗୋଲେଖ ଚନ୍ଦ୍ର ସାହୁ(୫୨)ଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ମୁମ୍ବାଇରୁ ତାଙ୍କ ମୃତଦେହ ଗାଁକୁ ଅଣାଯାଇ ବିଳମ୍ବିତ ରାତିରେ ଅନ୍ତିମ ସଂସ୍କାର କରାଯାଇଛି। ସୂଚନା ଅନୁସାରେ, କେନ୍ଦ୍ର ସରକାରଙ୍କ ଓଏନ୍‌ଜିସି ଅଧୀନ କମ୍ପାନୀ ଆଫକନ୍ ମେଥ୍ୟୁ (ଦାସ୍ ଅଫ୍‌ସୋର)ରେ ଗୋଲେଖ ସୁପରଭାଇଜର(ଫିଟର) ଭାବେ ଦୀର୍ଘ ୩୨ବର୍ଷ ହେବ ବମ୍ବେ ହାଇରେ କାମ କରୁଥିଲେ। ସାମୁଦ୍ରିକ ଝଡ଼



ଗୋଲେଖ ଚନ୍ଦ୍ର ସାହୁ (ଫାଇଲ ଫଟୋ)।

ସମୟରେ ଉକ୍ତ ଜାହାଜରେ ସେ ଅନ୍ୟ କର୍ମଚାରୀଙ୍କ ସହ କାର୍ଯ୍ୟରତ ଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିଲା। ସମୁଦ୍ରରୁ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

TPWODL
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint Venture)
Corporate Office; Burla, Dist. Sambalpur (Odisha)- 768017
NOTICE INVITING TENDER
Tender Enquiry No.: TPWODL/PM/O/SER/011
TP Western Odisha Distribution Limited invites tenders (2 part bidding) from eligible vendors for the following package:
Scope of Tender:
Smart Meter Project
Interested bidders to submit Tender Participation Fee and Authorization Letter through email before **2nd June 2021, 1500Hrs**, after which link from e-Tender system shall be shared
For detailed tender documents of all tenders mentioned above, please visit Tender section on website **www.tpwesternodisha.com.** Further details for participating in tender is given in the tender document.
All future correspondence regarding the tender, bid submission, bid submission date extension etc. will happen with participating bidders only through e-Tender system.
Sd/- Chief Contracts and Store

# ହସ୍ପିଟାଲରେ ଖୋଲିବ ଶିଶୁ କୋଭିଡ୍ ୱିଙ୍ଗ୍

## ସ୍ୱାସ୍ଥ୍ୟ ବିଭାଗ ଜାରିକଲା ଗାଇଡ୍‌ଲାଇନ

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

ଦେଶର ବିଭିନ୍ନ ସ୍ଥାନରେ ଶିଶୁମାନେ କରୋନା ସଂକ୍ରମିତ ହେଉଥିବା ଜଣାପଡ଼ିବା ପରେ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶନିବାର ଏ ନେଇ ଗାଇଡ୍‌ଲାଇନ ଜାରି କରାଯାଇଛି। ତଦନୁଯାୟୀ ପିଲାମାନଙ୍କ ପାଇଁ ପ୍ରତ୍ୟେକ ଡେଡିକେଟେଡ୍ କୋଭିଡ୍ ହେଲ୍‌ଥ ସେଣ୍ଟର(ଡିସିଏଚସି) ଏବଂ ଜିଲାସ୍ତରୀୟ କୋଭିଡ୍ ହସ୍ପିଟାଲ(ଡିସିଏଚ)ରେ ଶିଶୁ କୋଭିଡ୍ ୱିଙ୍ଗ ଖୋଲିବା ସହ ୧୫% ଆଇସୋଲେଶନ ବେଡ୍ ରଖାଯିବ। ସେହିପରି ଏଡିୟୁ ଏବଂ ଆଇସିୟୁ ବେଡ୍ ଶିଶୁ ଓ ଅନ୍ୟ ବର୍ଗର ପିଲାମାନଙ୍କ ପାଇଁ ରହିବ। ସଂକ୍ରମିତ ପିଲାଙ୍କ ପାଇଁ ମାତାପିତାଙ୍କ ମଧ୍ୟରୁ ଜଣେ ରହିବା ବ୍ୟବସ୍ଥା କରାଯିବ। ଏନେଇ ପ୍ରସ୍ତୁତି କରିବାକୁ ଜିଲାପାଳ, ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ମହାନଗର ନିଗମ କମିଶନରମାନଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

କଟକସ୍ଥିତ ଏସ୍‌ଭିପିଜିଆଇପି ନୋଡାଲ ସେଣ୍ଟର ଭାବେ କାର୍ଯ୍ୟ କରିବ। ଏହାର ସୁପରିଣ୍ଟେଣ୍ଡେଣ୍ଟ ଶିଶୁ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ ଦେବା ପାଇଁ ଏକ ବୈଷୟିକ କମିଟି ଗଠନ କରିବେ। ଏହି କମିଟି ରାଜ୍ୟର ସମସ୍ତ ଡାକ୍ତରଖାନାର ଶିଶୁରୋଗ ବିଶେଷଜ୍ଞଙ୍କ ସହ ଟେଲିଫୋନ, ହ୍ୱାଟସ୍‌ଆପ ଗ୍ରୁପ୍ ଜରିଆରେ ଯୋଗାଯୋଗ କରିବା ସହ ଆବଶ୍ୟକ ପରାମର୍ଶ ଦେବେ। ଘରୋଇ ହସ୍ପିଟାଲଗୁଡ଼ିକରେ ମଧ୍ୟ ଏଥିପାଇଁ ବ୍ୟବସ୍ଥା କରିବାକୁ କୁହାଯାଇଛି। କର୍ମଚାରୀମାନଙ୍କୁ ଆବଶ୍ୟକ ତାଲିମ ଦେବାକୁ ପରାମର୍ଶ ଦିଆଯାଇଛି। ସ୍କୁଲ ପରିବେଶ ଓ ପିଲାମାନଙ୍କଠାରେ ଦେଖା ଦେଉଥିବା ସଂକ୍ରମଣକୁ ପ୍ରତିହତ କରିବାକୁ ବିଭାଗ ପକ୍ଷରୁ ଆଡଭାଇଜରି ଜାରି କରାଯାଇଛି। କୋଭିଡ୍ ସଂକ୍ରମିତ ପିଲାଙ୍କୁ ଚିହ୍ନଟ ପାଇଁ କୁହାଯାଇଛି। ଘରେ ପିଲାମାନଙ୍କୁ କୋଭିଡ୍ ସଂକ୍ରମିତ ମାତାପିତାଙ୍କଠାରୁ ଅଲଗା ରଖି ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି।

# ଚେତିଲା ପୋଲିସ ପ୍ରଶାସନ

**ଯାଜପୁର ଅଫିସ/ଧର୍ମଶାଳା (ଡି.ଏନ.ଏ.),୨୨।୫**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନ ଆରୁହା ପାହାଡ଼ରେ ପୋଲିସ ପକ୍ଷରୁ ଶନିବାର ଚଢାଉ ହୋଇଛି। କଳାପଥର ଚୋରିରେ ନିୟୋଜିତ ୧୧ ଟିପ୍ପର, ଟ୍ରକ, ଟ୍ରାକ୍ଟର ଓ ହିଟାଚି ମେଶିନକୁ ପୋଲିସ ଜବତ କରିଛି। ଏହାସହ ୧୫ ଜଣ ଶ୍ରମିକଙ୍କୁ ଅଟକ ରଖାଯାଇଛି । ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପ୍ରକୃତ ମାଲିକଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଦୀର୍ଘଦିନ ପରେ ପୋଲିସର ଏପରି ଚଢ଼ାଉକୁ ସ୍ଥାନୀୟ ଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି । ଗତ ୪ ବର୍ଷ ମଧ୍ୟରେ ଆରୁହା ପାହାଡରୁ ହୋଇଥିବା ଖନନ ଓ କଳାପଥର ଚୋରିର ନିରପେକ୍ଷ ମାପଚୁପ କରାଯାଇ ଲିଜ୍‌ଧାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

ଆରୁହା ପାହାଡ଼ର ୩ ଏକର ଜମିରୁ କଳା ପଥର ଉତ୍ତୋଳନ କରିବାକୁ ଅନୁମତି ମିଳିଥିଲା। ହେଲେ ୧୦୦ରୁ ଊର୍ଦ୍ଧ୍ୱ ଏକର ଅଞ୍ଚଳରୁ ବେଆଇନ ପଥର ଖନନ ଚାଲିଥିଲା। ଏନେଇ ଲୋକାୟୁକ୍ତରେ ୧୩୫୫/୨୦୨୦ରେ ଏକ ମାମଲା ରୁଜୁ ହୋଇଥିବାବେଳେ ପୂର୍ବରୁ ଜିଲା ପ୍ରଶାସନକୁ ଜବାବ ତଲବ ହୋଇଛି। ୧।୯।୨୦୧୭ରେ ଆରୁହା କଳାପଥର ଖାଦାନ–୧ ଲିଜ୍ ପାଇଁ ଧର୍ମଶାଳା ତହସିଲ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଓଏମ୍‌ଏମ୍‌ସି ନିୟମ–୨୦୧୬ ଅନୁସାରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ତ୍ରିନାଥ ଜେନାଙ୍କୁ ୫ ବର୍ଷ(୨୦୧୭–୧୮ ରୁ ୨୦୨୧–୨୨) ପର୍ଯ୍ୟନ୍ତ ଲିଜ୍ ପ୍ରଦାନ କରାଯାଇଛି। ଜମି ରେକର୍ଡ ଅନୁସାରେ ଆରୁହା ପାହାଡରେ ୧୫୩.୬୩୦ ଏକର କଳାପଥର ଖାଦାନ ରହିଛି। ସେଥିରୁ ମାତ୍ର ୩ ଏକର ଖାଦାନ ଲିଜ ଦିଆଯାଇଥିବାବେଳେ ଚଞ୍ଚକତା କରି ପ୍ରାୟ ୧୦୦ ଏକର ପର୍ଯ୍ୟନ୍ତ କଳାପଥର ବେଆଇନ ଭାବେ ଉତ୍ତୋଳନ କରାଯାଉଛି। ଏହାସହ ଲିଜ୍ ଅନୁମତି ପରିମାଣଠାରୁ ଶତାଧିକ ଗୁଣ ଅଧିକ କଳାପଥର ଲୁଟ ହୋଇଛି। ଡଙ୍କାରୀ ଭଳି ଖଣି ବିଭାଗର ବିଶେଷଜ୍ଞ ଦଳ ମାପଚୁପ କଲେ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କଳାପଥର ଉତ୍ତୋଳନ ହୋଇଥିବା ଜଣାପଡିବ ବୋଲି ଆବେଦନକାରୀ ସର୍ବେଶ୍ୱର ବେହୁରା କହିଛନ୍ତି। ଏହାବାଦ୍ ଗତ ଟେଣ୍ଡର ପ୍ରକ୍ରିୟାରେ ଆରୁହା ପାହାଡକୁ ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଲିଜ୍ ଦେବାକୁ ଉଦ୍ୟମ ହୋଇଥିଲା ବୋଲି ବେହୁରା ଅଭିଯୋଗ କରିଛନ୍ତି।



ଆରୁହା ପାହାଡ।

- ଆରୁହା ପାହାଡ଼ରେ ଚଢ଼ାଉ,୧୫ ଶ୍ରମିକ ଅଟକ
- ୧୧ ଟିପ୍ପର, ଟ୍ରାକ୍ଟର, ଯନ୍ତ୍ରାଂଶ ଜବତ
- ମାଲିକଙ୍କୁ ଧରିବାରେ ପୋଲିସ ବିଫଳ
- ପଥର ଖନନ ଅଞ୍ଚଳର ମାପଚୁପ ଦାବି

Government of Odisha
'e' Procurement Notice
Bid Identification No.: Online-AGL-02 of 2021-2022
No.O-245:-
1. Name of the work : Road works
2. Estimated cost : Rs.05.30 lakhs to Rs.70.72 lakhs
3. Period of completion : 01 (One) & 02 (Two) calendar months
4. Date & time of availability of bid document in the portal : From 01.06.2021 to 16.06.2021 upto 5.00 P.M.
5. Last date / time for receipt of bids in the portal : 16.06.2021 upto 5.00 P.M.
6. Name & address of the OIT : Executive Engineer, Rural Works Division, Angul
Further details can be seen from the Govt. website www.tendersorissa.gov.in
Sd./- Executive Engineer, R.W. Division, Angul
OIPR-25096/11/0001/2122

# ପୁଅ ମୃତ୍ୟୁର ୮ ଦିନ ପରେ ବାପାଙ୍କ ମୃତ୍ୟୁ

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨୨/୫ (ଡି.ଏନ.ଏ./ସ୍ୱ.ପ୍ର.)**

କରୋନାର ଦ୍ୱିତୀୟ ଲହର ଦୁଃଖ ପରେ ଦୁଃଖ ଦେଇ ଚାଲିଛି। ପୁଅର ଶୁଦ୍ଧିକ୍ରିୟା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ବାପାଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ଗ୍ରାମବାସୀ ଭାଙ୍ଗିପଡ଼ିଛନ୍ତି। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନଳୀପୁର ଗ୍ରାମରେ। ଗ୍ରାମର ନିତ୍ୟାନନ୍ଦ ବଳଙ୍କ ସାନ ପୁଅ ତଥା ଖବରଦାତା ରତିକାନ୍ତଙ୍କ ଗତ ୧୫ ତାରିଖରେ କରୋନା ଜନିତ ଅକାଳ ମୃତ୍ୟୁ ଘଟିଥିଲା। ଭେଣ୍ଡିଆ ପୁଅକୁ ହରାଇ ପରିବାର ଲୋକେ ଭାଙ୍ଗି ପଡ଼ିଥିଲେ। ପରିବାରର ଅନ୍ୟ ସଦସ୍ୟ କୋଭିଡ୍ ଆକ୍ରାନ୍ତ ଜଣାପଡ଼ିବା ପରେ ସେମାନଙ୍କୁ ନିକଟସ୍ଥ ବିଦ୍ୟାଳୟରେ ସଙ୍ଗରୋଧରେ ରଖାଯାଇଥିଲା। ଏହାପରେ ସମସ୍ତଙ୍କ କୋଭିଡ୍ ଟେଷ୍ଟ କରାଯାଇଥିଲା। ସେଥିରେ ନିତ୍ୟାନନ୍ଦଙ୍କ ରିପୋର୍ଟ ନେଗେଟିଭ ଅସିଥିଲା। ତେବେ ନିତ୍ୟାନନ୍ଦ ଘରେ ଏକା ରହୁଥିବା ବେଳେ ପୁଅ ମୃତ୍ୟୁର ଠିକ୍ ୮ ଦିନ ଅର୍ଥାତ୍ ଶନିବାର ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

GOVT. OF ODISHA
OFFICE OF THE SUPERINTENDING ENGINEER
NORTH EASTERN RURAL WORKS CIRCLE, KEONJHAR
mail ID: se_nerwkjr@rediffmail.com
Identification No. PMGSY Online NCB No.306
No. 2225 / Date: 21-05-2021
No.O-247:- 1. Name of the work :- Construction of Road & Bridge works under PMGSY Programme. 2. Total No. of Packages :- 02 Nos. individual works. 3. Estimated Cost of individual packages :- Rs.882.11 lakhs and Rs.710.97 lakhs. 4. Period of completion :- 18 calendar months. 5. Other details :-

| Procurement Officer | Bid Identification No. | No. of Works | Availability of tender online for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Superintending Engineer, North Eastern Rural Works Circle, Keonjhar | PMGSY Online NCB No. 306 | 02 Nos. | 27.05.2021 at 11.00 A.M. | 15.06.2021 upto 5.00 P.M. |

Further details can be seen from the website: www.pmgsytenders.gov.in
Sd./- P.K. Misra, Superintending Engineer, N.E.R.W. Circle, Keonjhar
OIPR-25048/11/0008/2122

ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଜି.: ସୁବର୍ଣ୍ଣପୁର
ବିଜ୍ଞାପନ
ପୂର୍ବରୁ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ODF ସହରଭାବେ ଘୋଷଣା କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଏ ନେଇ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦକୁ କେନ୍ଦ୍ର ସରକାରଙ୍କ ମାନ୍ୟତା ମଧ୍ୟ ମିଳିଥିଲା। ବର୍ତ୍ତମାନ ବିନିକା ସହରକୁ ବାହ୍ୟମଳମୁକ୍ତ ତ୍ୟାଗ ସହରରେ ପରିଣତ କରିବା ଦିଗରେ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଆଉ ଏକ ପାଦ ଆଗକୁ ବଢ଼ିଛି। ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ODF+ ସହରଭାବେ ଘୋଷଣା କରିଛି। ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ କ୍ଷେତ୍ରସ୍ତରୀୟ ଅଧିକାରୀ ବିଭିନ୍ନ ସମୟରେ ଲୋକଙ୍କୁ ସଚେତନ କରାଇବା ପରେ ତଥା ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ଆବଶ୍ୟକ ସଂଖ୍ୟକ ଶୌଚାଳୟ ନିର୍ମାଣ ପରେ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ ODF+ ସହରଭାବେ ଘୋଷଣା କରିଛି। ଏ ନେଇ କେନ୍ଦ୍ର ସରକାରଙ୍କ ନିୟମକୁ ଅନୁସରଣ କରି ବର୍ତ୍ତମାନ ସହରର ବିଭିନ୍ନ ସ୍ଥାନରେ ଶୌଚାଳୟ କରାଯାଇ ISOର ମାନ୍ୟତା ମଧ୍ୟ ପାଇଛି। ଆଗକୁ କୌଣସି ବ୍ୟକ୍ତି ବିଶେଷଙ୍କୁ ଖୋଲାରେ ମଳତ୍ୟାଗ କରିବା ପାଇଁ ଦିଆଯିବ ନାହିଁ। ଯଦି କୌଣସି ବ୍ୟକ୍ତି ଖୋଲାରେ ମଳତ୍ୟାଗ କରିବାର ଦେଖାଯାଏ ତାଙ୍କଠାରୁ ଟ.୧୦୦ଙ୍କା (ଏକ ଶତ ଟଙ୍କା) ଓ ନିଜ ପାଇଖାନାରୁ ବାହାରୁଥିବା ମଳମୂତ୍ରକୁ ପରିଷଦର ଡ୍ରେନ୍ ମଧ୍ୟକୁ କିମ୍ବା ଖୋଲା ସ୍ଥାନରେ ଛାଡ଼ନ୍ତି ତେବେ ତାଙ୍କଠାରୁ ଟ.୫୦୦/–ଙ୍କା (ପାଞ୍ଚ ଶତ ଟଙ୍କା) ଜୋରିମାନା ଆଦାୟ କରାଯିବ। ସରକାରଙ୍କ ଉପରୋକ୍ତ ପଦକ୍ଷେପ ଉପରେ କୌଣସି ବ୍ୟକ୍ତିଙ୍କର ଯଦି କିଛି ଆପତ୍ତି/ପ୍ରସ୍ତାବ ଥାଏ ତେବେ ଉକ୍ତ ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କଠାରେ ଲିଖିତ ଭାବେ ଜଣାଇପାରିବେ।
ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବିନିକା

## ଗ୍ୟାସ୍ ଉତ୍ପାଦନ ୨୩% ବଢ଼ିଲା

**ଭୁବନେଶ୍ୱର:** କରୋନା ମହାମାରୀ ଭଳି ସମୟରେ ଭାରତରେ ପ୍ରାକୃତିକ ବାଷ୍ପ ଉତ୍ପାଦନ ପ୍ରାୟ ୨୩ % (୨୨.୭ ପ୍ରତିଶତ) ଏପ୍ରିଲ ଶେଷ ସୁଦ୍ଧା ବଢ଼ିଥିବା ସୂଚନା ମିଳିଛି। ଏ ସମ୍ପର୍କରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଏକ ଡାଟା ଲିଷ୍ଟ ପ୍ରଦାନ କରାଯାଇଛି। ଉକ୍ତ ଡାଟାରେ ଉଲ୍ଲେଖ କରାଯାଇଛି ଯେ ଚଳିତ ବର୍ଷ ଏପ୍ରିଲରେ ଭାରତ ୨.୬୫ ବିଲିୟନ କ୍ୟୁବିକ ମିଟର ପ୍ରାକୃତିକ ଗ୍ୟାସ୍ ଉତ୍ପାଦନ କରିପାରିଛି।

### ସଂକ୍ଷେପରେ

## ଇପିଏଫ୍ଓରେ ଯୋଡ଼ିହେଲେ ୧୧.୨୨ ଲକ୍ଷ ନୂଆ ସଦସ୍ୟ

**ଭୁବନେଶ୍ୱର,୨୨।୫ :** କରୋନା ମହାମାରୀ ସମୟରେ ଚଳିତ ମାସ ପ୍ରାୟ ୧୧.୨୨ ଲକ୍ଷ ନୂଆ ସଦସ୍ୟ କର୍ମଚାରୀ ଭବିଷ୍ୟନିଧି ସଂଗଠନ( ଇପିଏଫ୍ଓ)ରେ ଯୋଡ଼ିହୋଇଥିବା ଜଣାପଡ଼ିଛି। ଏହି ସଂଖ୍ୟା ଗତ ମାସ ଅପେକ୍ଷା କିଛି ମାତ୍ରାରେ ହ୍ରାସ ପାଇଥିଲେ ମଧ ସଂସ୍ଥା ସହ ଯୋଡ଼ିହେବା ଏକ ଭଲ ଖବର ବୋଲି କୁହାଯାଇଛି। ଏ ସମ୍ପର୍କରେ ଗୁରୁବାର ଏକ ପ୍ରେସ୍ ବିବୃତିରେ କୁହାଯାଇଛି, ଅବସରକାଳୀନ ପାଣ୍ଠି ବଡି ଇପିଏଫ୍ ସହ ମାର୍ଚ୍ଚରେ ପ୍ରାୟ ୧୧.୨୨ ଲକ୍ଷ ନୂତନ ପଞ୍ଜୀକରଣ ହୋଇଛି। ଫେବୃୟାରୀରେ ୧୧.୨୮ ଲକ୍ଷ ପଞ୍ଜୀକରଣ କରିଥିବା ଜଣାପଡିଛି। ସେହିଭଳି ୨୦୨୦-୨୧ ବର୍ଷରେ ସଂଗଠନ ସହ ପ୍ରାୟ ୭୭.୦୮ ଲକ୍ଷ ନୂତନ ପଞ୍ଜୀକରଣ ହୋଇଥିଲା। ଏହି ନୂତନ ସଂଖ୍ୟକ ସବ୍ସ୍କ୍ରାଇବର ଇପିଏଫ୍ଓ ସହ ଜଡିତ ହୋଇଥିବା ସୂଚନା ମିଳିଛି। ପୂର୍ବ ବର୍ଷ ଏହି ସଂଖ୍ୟା ୭୮.୫୮ ଲକ୍ଷ ରହିଥିଲା ବୋଲି କୁହାଯାଇଛି। ମାର୍ଚ୍ଚ ମାସରେ ଏହି ନୂତନ ପଞ୍ଜୀକରଣ ୧୧.୨୨ ଲକ୍ଷ ହୋଇଛି ବୋଲି ଶ୍ରମ ମନ୍ତ୍ରଣାଳୟ କହିଛି।

## ଦୀପ୍ତିଙ୍କୁ ୨ କୋଟିର ପ୍ୟାକେଜ



**ହାଇଦ୍ରାବାଦ,୨୨।୫ :** ହାଇଦ୍ରାବାଦର ମେଧାବୀ ଛାତ୍ରୀ ଦୀପ୍ତି ନାରକୁଟୀ ଆମେରିକାର ଅଗ୍ରଣୀ ସଫ୍ଟୱେୟାର କମ୍ପାନୀ ମାଇକ୍ରୋସଫ୍ଟ ପକ୍ଷରୁ ଗ୍ରେଡ୍-୨ ପୋଷ୍ଟ ପାଇଁ ମନୋନୀତ ହୋଇଛନ୍ତି। ସେ ବାର୍ଷିକ ୨ କୋଟି ଟଙ୍କା ବେତନ ପାଇବେ ବୋଲି ସୂଚନା ମିଳିଛି। ସେ କମ୍ପାନୀର ଜଣେ ଡେଭଲମେଣ୍ଟ ଇଞ୍ଜିନିୟିର ଭାବେ ଉକ୍ତ ଫାର୍ମରେ କାର୍ଯ୍ୟ କରିବେ। ଦୀପ୍ତି ଏହା ପୂର୍ବରୁ ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀରେ କାର୍ଯ୍ୟ କରିଛନ୍ତି। ସେ ହାଇଦ୍ରାବାଦର ଓସ୍ମାନିଆ କଲେଜ ଅଫ୍ ଇଞ୍ଜିନିୟରିଂରୁ ଆରମ୍ଭକରି ଆମେରିକାର ଫ୍ଲୋରିଡା ବିଶ୍ୱବିଦ୍ୟାଳୟରୁ ଏମ୍ଏସ୍ ଇନ୍ କମ୍ପ୍ୟୁଟର ସାଇନ୍ସରେ ଶିକ୍ଷା ସମାପ୍ତ କରିଛନ୍ତି।

# ୮୦% ରିଟେଲ ଷ୍ଟୋର ବନ୍ଦ

**ନୂଆଦିଲ୍ଲୀ,୨୨।୫**

### ସରକାରୀ ସହାୟତା ଲୋଡ଼ିଲେ ବ୍ୟବସାୟୀ



କରୋନା ମହାମାରୀ ଦେଶର ଅର୍ଥ ବ୍ୟବସ୍ଥାକୁ ସଙ୍କଟ ସ୍ଥିତିକୁ ଠେଲି ଦେଇଛି। ଏହାର ପ୍ରଭାବ ମଧ ଦେଶର ରିଟେଲ ଶିଳ୍ପ ଉପରେ ପଡ଼ିଛି। ଫଳରେ ଏହି ଶିଳ୍ପ ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ସମସ୍ୟାରେ ଥିବା ଏହି ଶିଳ୍ପ ଲାଗି ସରକାର ପ୍ୟାକେଜ ଘୋଷଣା କରନ୍ତୁ ବୋଲି ଭାରତୀୟ ରିଟେଲ ଆସୋସିଏଶନ ପକ୍ଷରୁ ଦାବି କରାଯାଇଛି। ଏହି ଶିଳ୍ପ ଦେଶ ମଧରେ ୪୬ ନିୟୁତ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏହା ସହ ଦେଶର ମୋଟ ଜିଡିପିରେ ଏହି ଶିଳ୍ପର ଯୋଗଦାନ ୧୦%।

ଏହି ପରିପ୍ରେକ୍ଷୀରେ ଭାରତୀୟ ରିଟେଲ ଆସୋସିଏଶନର ସିଇଓ କୁମାର ରାଜଗୋପାଳନ କହିଛନ୍ତି, କୋଭିଡ୍ କଟକଣା ଯୋଗୁ ଦେଶର ବିଭିନ୍ନ ରାଜ୍ୟରେ ୮୦% ରିଟେଲ ଷ୍ଟୋର ବନ୍ଦ ରହିଛି। କ୍ୟାଶ୍ ଫ୍ଲୋ ସ୍ଥିର ରହିଥିବା ବେଳେ ପରିଚାଳନାଗତ ଖର୍ଚ୍ଚ ପୂର୍ବପରି ଜାରି ରହିଛି। ପ୍ୟାକେଜ ଜରୁରୀ ହୋଇଥିବା ବେଳେ ସରକାର ଯଦି ସହାୟତା ନ କରନ୍ତି ତେବେ ଶିଳ୍ପ ତିଷ୍ଠିବା କଷ୍ଟକର ହୋଇପଡ଼ିବ। ଭୁବନେଶ୍ୱରସ୍ଥିତ ପଣ୍ଡା ରିଟେଲ ପ୍ରାଇଭେଟ ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ ଶିବପ୍ରସାଦ ପଣ୍ଡା କହିଛନ୍ତି, ରିଟେଲ ଏକ ଲୋକାଭିମୁଖୀ ଶିଳ୍ପ ହୋଇଥିବା ବେଳେ ବିଭିନ୍ନ ଷ୍ଟୋରରେ ପ୍ରାୟ ୯୦% କର୍ମଚାରୀ କାର୍ଯ୍ୟ କରିଥାନ୍ତି। ଏହି କର୍ମଚାରୀଙ୍କ ଅବସ୍ଥା ବର୍ତ୍ତମାନ ଦୟନୀୟ ହୋଇପଡ଼ିଛି। ରିଟେଲର ସେମାନଙ୍କୁ ଠିକ୍ ଭାବେ ଦରମା ମଧ ଦେଇପାରୁନାହାନ୍ତି। ଶିଳ୍ପର ୭୦% ଫିକ୍ସଡ ଖର୍ଚ୍ଚ ଉଠାଇବା କଷ୍ଟକର ହୋଇପଡୁଛି। ଏହାକୁ ଧାନରେ ରଖି ସରକାର ସହାୟତା ଯୋଗାଇ ଦେବାକୁ ଆଗେଇ ଆସିବାର ଆବଶ୍ୟକତା ରହିଛି।

ସେହିଭଳି ଭୁବନେଶ୍ୱରସ୍ଥିତ କଳାମନ୍ଦିର ଫ୍ୟାଶନର ପରିଚାଳନା ଅଂଶୀଦାର ଯଶପାଲ ସିଂ ଅରୋରା କହିଛନ୍ତି, ମହାମାରୀଜନିତ କଟକଣା ଯୋଗୁ ରିଟେଲରଙ୍କ ଆର୍ଥିକ ସ୍ଥିତି ଖରାପ ହୋଇଯାଇଛି। ସପ୍ଲାୟରଙ୍କୁ ପେମେଣ୍ଟ ଦେବାରେ ସମସ୍ୟା ଉପୁଜୁଛି। ସପ୍ଲାୟର ଏମ୍ଏସ୍ଏମ୍ଇ କ୍ଷେତ୍ର ସହ ଜଡ଼ିତ ଥିବାରୁ ଯୋଗାଣ ଚେନ୍ ଚାପରେ ରହିଛି। ବିଭିନ୍ନ ଚାପ ଯୋଗୁ ବ୍ୟବସାୟ ବନ୍ଦ ହେବା ସ୍ଥିତି ଉପୁଜିଛି। ଏହାକୁ ଧାନରେ ରଖି ସଂଘ ପକ୍ଷରୁ ଅର୍ଥ ମନ୍ତ୍ରଣାଳୟ ଏବଂ ରିଜର୍ଭ ବ୍ୟାଙ୍କକୁ ବିଭିନ୍ନ ସହାୟତା ଲାଗି ନିବେଦନ କରାଯାଇଛି।

## ବିଗ୍ବଜାରର ସ୍ୱତନ୍ତ୍ର ଅଫର

**ଭୁବନେଶ୍ୱର,୨୨।୫**




ଦେଶର ଅଗ୍ରଣୀ ରିଟେଲ ଚେନ୍ ସଂସ୍ଥା 'ବିଗ୍ ବଜାର' ପକ୍ଷରୁ ମେ ୨୨ରୁ ୩୧ ପର୍ଯ୍ୟନ୍ତ 'ଦେଶ୍ କା ସବ୍ସେ ବଡା ଅଫର' ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବସରରେ ଗ୍ରାହକଙ୍କ ଶପିଂ ବ୍ୟବସ୍ଥାକୁ ସହଜ ଓ ସୁରକ୍ଷିତ କରିବା ପାଇଁ ଶପ୍ ବିଗ୍ ବଜାର ଡଟ୍ କମ୍ ସହାୟତାରେ କାରବାର କଲେ ଗ୍ରାହକଙ୍କୁ ଅନେକ ସୁବିଧା ମିଳିବ। ଏହି ପରିପ୍ରେକ୍ଷୀରେ ଗ୍ରାହକ ଜଣକ ୧୫୦୦ ଟଙ୍କାରେ ଶପିଂ କଲେ ୧୦୦୦ ଟଙ୍କାର କ୍ୟାଶ୍ବ୍ୟାକ୍ ସୁବିଧା ପାଇପାରିବେ ବୋଲି ଜଣାପଡିଛି। ଗ୍ରାହକମାନେ ଅର୍ଡର କରିବାର ୨ ଘଣ୍ଟା ମଧରେ ସେମାନଙ୍କ ଅର୍ଡର ସାମଗ୍ରୀ ଗ୍ରାହକଙ୍କ ଠିକଣାରେ ପହଞ୍ଚିଯିବ ବୋଲି ଷ୍ଟୋର ପକ୍ଷରୁ ସୂଚନା ଦିଆଯାଇଛି। କରୋନା ସଂକ୍ରମଣକୁ ଆଖି ଆଗରେ ରଖି ବିଗ୍ ବଜାର ଏଭଳି ଏକ ଯୋଜନା ଗ୍ରାହକଙ୍କ ପାଇଁ ଆଣିଛି। ଫଳରେ ଗ୍ରାହକ ଘରେ ରହି ତା'ର ଆବଶ୍ୟକ ସାମଗ୍ରୀ ବିଗ୍ ବଜାର ଅନ୍ଲାଇନ ପ୍ଲାଟ୍ଫର୍ମ ଜରିଆରେ ଶପିଂ କରିବାର ସୁଯୋଗ ଓ ସୁବିଧା ହାସଲ କରିପାରିବେ। ଏହି ଯୋଜନା ସମ୍ପର୍କରେ ଫ୍ୟୁଚର ଗ୍ରୁପ୍ର ଗ୍ରୁପ୍ ସିଏମ୍ଓ (ଡିଜିଟାଲ, ମାର୍କେଟିଂ ଓ ଇ-କର୍ମସ)ର ପଓ୍ୱନ ସର୍ଦା କହିଛନ୍ତି, ବିଗ୍ ବଜାର ଏକ ବ୍ରାଣ୍ଡ ଭାବେ ସର୍ବଦା ଗ୍ରାହକଙ୍କ ସହିତ ରହିଆସିଛି। ମହାମାରୀ ଭଳି ଅସମୟରେ ସଞ୍ଚୟର ଗୁରୁତ୍ୱ ଯଥେଷ୍ଟ ବଢ଼ିଯାଇଛି। ଏଭଳି ପରିସ୍ଥିତିରେ ବିଲିଭ ଇଟ୍ ଅର୍ ନଟ୍ ଅଫର ଗ୍ରାହକଙ୍କୁ କିଛି ମାତ୍ରାରେ ସହାୟତା ପ୍ରଦାନ ସହ ସଞ୍ଚୟ କରିବାର ସୁଯୋଗ ଦେଉଛି। ଗ୍ରାହକ ଯଥାଶୀଘ୍ର ଏହି ଅଫରର ଲାଭ ଉଠାଇବା ପାଇଁ ନିକଟସ୍ଥ ବିଗ୍ ବଜାର ଷ୍ଟୋର ଓ ଏହାର ଆପ୍ କିମ୍ବା ଅନ୍ଲାଇନ ଜରିଆରେ କାରବାର କରିପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଅକ୍ସିଜେନ ଯୋଗାଣ ପାଇଁ ଓଏସ୍ଏଲର ଲଜିଷ୍ଟିକ୍ ସହାୟତା

**ଭୁବନେଶ୍ୱର,୨୨।୫**



ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍ (ଓଏସ୍ଏଲ୍) ନିଜର ଅଭିଜ୍ଞ କର୍ମଚାରୀଙ୍କ ସହଯୋଗରେ ପାରାଦୀପ ପୋର୍ଟ ଟ୍ରଷ୍ଟ ଜରିଆରେ ସିଙ୍ଗାପୁରର ଏମ୍ଭି ଆନ୍ନା ମାରିଆ ଦ୍ୱାରା ୪୦ଲିଟର ଧାରଣ କ୍ଷମତାଯୁକ୍ତ ୨୪ଟି ମେଡିକାଲ ଅକ୍ସିଜେନ୍ ସିଲିଣ୍ଡର, ୫ଟି ମେଡିକାଲ ଅକ୍ସିଜେନ୍ ସିଲିଣ୍ଡର ଏବଂ ଅକ୍ସିଜେନ୍ ରେଗୁଲେଟର- ହ୍ୟୁମିଡିଫାୟର ଆଣି ଅନ୍ଲୋଡିଂ ପାଇଁ ଆବଶ୍ୟକ ସମ୍ପୂର୍ଣ୍ଣ ଲଜିଷ୍ଟିକ୍ ସହାୟତା ପ୍ରଦାନ କରିଛି। ଅନ୍ଲୋଡିଂ, ତ୍ୱରିତ କ୍ଲିୟରାନ୍ସ ନିମନ୍ତେ କଷ୍ଟମ୍ସ ସହ ସମନ୍ୱୟ ରକ୍ଷା, ପୋର୍ଟ କ୍ଲିୟରାନ୍ସ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ବନ୍ଦରରୁ ବିନା କୌଣସି ଡେରିରେ ତ୍ୱରିତ ସ୍ଥାନାନ୍ତର ଆଦି କାର୍ଯ୍ୟ ଓଏସ୍ଏଲ୍ ଗ୍ରୁପ୍ ସମ୍ପାଦନ କରିଥିଲା। ଜଗତ୍ସିଂହପୁରର ଏଡିଏମ୍ ଡକ୍ଟର କାହ୍ନୁଚରଣ ଧୀର ରାଜ୍ୟ ସରକାରଙ୍କ ପକ୍ଷରୁ ସିଲିଣ୍ଡରଗୁଡ଼ିକୁ ଗ୍ରହଣ କରିଥିଲେ ପରେ ଅକ୍ସିଜେନ୍ ସିଲିଣ୍ଡରଗୁଡ଼ିକ ଜଗତ୍ସିଂହପୁରରେ ରାଜ୍ୟ ରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଚିକିତ୍ସାଳୟରେ ବଣ୍ଟନ କରାଯାଇଥିଲା।

ଏ ସମ୍ପର୍କରେ ଓଏସ୍ଏଲ୍ ଗ୍ରୁପ୍ ଅଧକ୍ଷ ମହିମାନନ୍ଦ ମିଶ୍ର କହିଥିଲେ, କୋଭିଡ୍-୧୯ର ଦ୍ୱିତୀୟ ଲହର ପାଇଁ ଆମେ ଏକ ଆପାତକାଳୀନ ସ୍ଥିତିରେ ସମ୍ମୁଖୀନ ହୋଇଛୁ । ଓଏସ୍ଏଲ୍ ଗ୍ରୁପ୍ ରାଜ୍ୟ ଏବଂ ଜନସାଧାରଣଙ୍କ ହିତ ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ଆମେ ସରକାରଙ୍କୁ ଏହି ମହାମାରୀ କାଳରେ ସହାୟତା ପ୍ରଦାନ କରି ଗର୍ବ ଅନୁଭବ କରୁଛୁ। ଓଏସ୍ଏଲ୍ ଗ୍ରୁପ୍ ନିର୍ଦ୍ଦେଶକ ଚର୍ଚ୍ଚିତ ମିଶ୍ର ସଂସ୍ଥାର କର୍ମଚାରୀମାନଙ୍କୁ ଅକ୍ସିଜେନ୍ ସିଲିଣ୍ଡରଗୁଡ଼ିକର ସୁଗମ ଅନ୍ଲୋଡିଂ କରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି।

## ବଜାଜ ଅଟୋର ସର୍ଭିସ ଅବଧି ବୃଦ୍ଧି

**ଭୁବନେଶ୍ୱର,୨୨।୫**

ଦେଶର ଅଗ୍ରଣୀ ଦୁଇଚକିଆ ଯାନ ନିର୍ମାତା ବଜାଜ ଅଟୋ ପକ୍ଷରୁ କରୋନା ମହାମାରୀର ଦ୍ୱିତୀୟ ଲହର ଓ ଏହାର ମୁକାବିଲା ଲାଗି ସାରା ଭାରତର ବିଭିନ୍ନ ରାଜ୍ୟ ଘୋଷଣା କରିଥିବା ଗମନାଗମନ କଟକଣାକୁ ଦୃଷ୍ଟିରେ ରଖି ମାଗଣା ସର୍ଭିସ୍ ଅବଧିକୁ ବୃଦ୍ଧି କରିଛି। କମ୍ପାନୀ ତା'ର ଗ୍ରାହକମାନଙ୍କ ସହାୟତା ପାଇଁ ଏହାର ମାଗଣା ସର୍ଭିସ୍ ସୁବିଧାକୁ ୨୦୨୧ ଜୁଲାଇ ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛି। ୨୦୨୧ ଏପ୍ରିଲ ୧ରୁ ମେ' ୩୧ମଧରେ ମାଗଣା ସର୍ଭିସ୍ ଅବଧି ଶେଷ ହେଉଥିବା ଗାଡ଼ିଗୁଡ଼ିକ ପାଇଁ ଏହି ଅବଧିକୁ ବୃଦ୍ଧି କରାଯାଇଛି। ଏ ସମ୍ପର୍କରେ ବଜାଜ ଅଟୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାକେଶ ଶର୍ମା କହିଛନ୍ତି, କରୋନା ମହାମାରୀର ଦ୍ୱିତୀୟ ଲହର ଦେଖାଦେଇଥିବା ବିଭ୍ରାଟ ଆମ ଗ୍ରାହକ ସାମ୍ନା କରୁଥିବା ଆହ୍ୱାନକୁ ଆମେ ଜାଣିଛୁ।

## ଟାଟା ମୋଟର୍ସ ପକ୍ଷରୁ ଇଭି ଷ୍ଟେଶନ ସ୍ଥାପନ

**ଭୁବନେଶ୍ୱର,୨୨।୫**

ଦେଶର ଅଗ୍ରଣୀ ଅଟୋମୋବାଇଲ କମ୍ପାନୀ ଟାଟା ମୋଟର୍ସ ତା'ର ଇଭି (ଇଲେକ୍ଟ୍ରିକ୍ ଭେଇକିଲ୍ସ)ର ବ୍ୟବହାରକୁ ଆଖି ଆଗରେ ରଖି କମ୍ପାନୀ ଟାଟା ପାୱାର ସହଯୋଗରେ ଦ୍ୱୈତନଗର କଟକ-ଭୁବନେଶ୍ୱରରେ ୨ଟି ହାଇ ସ୍ପିଡ୍ ସିସିଏସ୍୨ ଇଭି ଚାର୍ଜିଂ ଷ୍ଟେଶନକୁ ସ୍ଥାପନ କରିଛି। ଗୋଟିଏ ଷ୍ଟେଶନ ଟିଏମ୍ଏଲ୍ ଡାୟନ ଅଟୋମୋଟିଭ୍ସ ସାମନ୍ତରାପୁର, ଭୁବନେଶ୍ୱର ଏବଂ ଅନ୍ୟଟି ଟିଏମ୍ଏଲ୍ ଗୁଗନାନି ଅଟୋକାର୍ସ, ପ୍ରତାପ ନଗରୀ, କଟକଠାରେ ସ୍ଥାପନ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାଫଳରେ ଟାଟା ଇଭିର ଗ୍ରାହକମାନେ ସହଜରେ ଭୁବନେଶ୍ୱର ଓ କଟକ ମଧରେ ଯାତ୍ରା କରିପାରିବେ। ଏହି ହାଇ ସ୍ପିଡ୍ ଇଭି ଚାର୍ଜର ମାତ୍ର ଏକ ଘଣ୍ଟା ମଧରେ ଟାଟା ପାୱାର ଇଜେଡ୍ ଚାର୍ଜ ସହାୟତାରେ ଚାର୍ଜକରି ହେବ। ଉଦ୍ଘାଟନ ଅବସରରେ ଟାଟା ମୋଟର୍ସର ଇଲେକ୍ଟ୍ରିକ୍ ଭେଇକିଲ୍ସ ୟୁନିଟ ହେଡ୍ ତଥା ସେଲ୍ସ ମାର୍କେଟିଂ ଓ କଷ୍ଟମର କେୟାରର ରମେଶ ଡୋରାଇରାଜନ୍ କହିଛନ୍ତି, ସାରା ଦେଶରେ ଇଭିର ବ୍ୟବହାରକୁ ତ୍ୱରାନ୍ୱିତ କରିବା ପାଇଁ ଆମେ ଭୁବନେଶ୍ୱର ଓ କଟକରେ ହାଇ ସ୍ପିଡ୍ ଚାର୍ଜିଂ ଷ୍ଟେଶନ ସ୍ଥାପନ କରି ଅତ୍ୟନ୍ତ ଆନନ୍ଦିତ। ଟାଟା ପାୱାର ସହ ମିଶି ଆମେ ସିମ୍ଲେସ୍ ଚାର୍ଜିଂ ଅନୁଭୂତି ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତବଦ୍ଧ ଓ ଇଭି ଚାର୍ଜିଂ ଭିତ୍ତିଭୂମିକୁ ଆହୁରି ଉନ୍ନତ କରିବାକୁ ଲକ୍ଷ୍ୟ ରଖିଛୁ।

# ଖେଳ ଖବର

### ଟି୨୦ କ୍ରିକେଟ

## ଗୋଟିଏ ଓଭରରେ ୬ ଛକା

**ନୂଆଦିଲ୍ଲୀ,୨୨।୫**

### ୟୁବି, ପୋଲାର୍ଡଙ୍କ କ୍ଲବ୍ରେ ସାମିଲ ହେଲେ ଭାସିକରଣ



୬ ଛକା ମାରିବା ଅବସରରେ ଆରିଥରନ ଭାସିକରଣ।

ଆଉ ଜଣେ ବ୍ୟାଟ୍ସମ୍ୟାନ ସୀମିତ ଓଭର କ୍ରିକେଟରେ ଗୋଟିଏ ଓଭରରେ ୬ଟି ଛକା ହାସଲ କରି ଯୁବରାଜ ସିଂ, କିରନ ପୋଲାର୍ଡଙ୍କ ଏଲିଟ୍ କ୍ଲବ୍ରେ ସାମିଲ ହୋଇଛନ୍ତି। ସେ ହେଉଛନ୍ତି ୩୪ ବର୍ଷୀୟ ଆରିଥରନ ଭାସିକରଣ। ସେ ଟି୨୦ କ୍ରିକେଟରେ ଏହି ସଫଳତା ପାଇଛନ୍ତି। ୟୁରୋପିଆନ କ୍ରିକେଟ ସିରିଜ (ଇସିଏସ୍) ଟି୧୦ କ୍ରେଫେଲ୍ଡର ଚଳିତ ସେସନ୍ରେ ଭାସିକରଣ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍ରେ ବେୟର ଅର୍ଡିଗେନ ବୁଷ୍ଟର ଦଳ ତରଫରୁ ପ୍ରତିନିଧିତ୍ୱ କରି କୋଲ୍ନ ଚ୍ୟାଲେଞ୍ଜର୍ସ ବିପକ୍ଷରେ ଚିତ୍ତାକର୍ଷକ ବ୍ୟାଟିଂ କରିଥିଲେ। ଇନିଂସର ପଞ୍ଚମ ଓଭରରେ ଭାସିକରଣ ଆୟୁଷ ଶର୍ମାଙ୍କ ଗୋଟିଏ ଓଭରରେ ପଡିଆର ଚତୁର୍ଦ୍ଦିଗକୁ କ୍ରମାଗତ ୬ଟି ଛକା ମାରିଥିଲେ। ମୋଟ ଉପରେ ୨୫ଟି ବଲର ସମ୍ମୁଖୀନ ହୋଇ ସେ ୭ ଛକା ଓ ୩ ଚୌକା ସହ ୬୧ ରନର ଇନିଂସ ଖେଳିଥିଲେ। ସେ ୨୦ଟି ବଲରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ଭାସିକରଣ କିମ୍ବଦନ୍ତୀ କ୍ରିକେଟର ଗ୍ୟାରି ସୋବର୍ସ, ରବି ଶାସ୍ତ୍ରୀ, ହର୍ଶଲ ଗିବ୍ସ, ଯୁବରାଜ ସିଂ ଓ କିରନ ପୋଲାର୍ଡଙ୍କ ସ୍ୱତନ୍ତ୍ର ତଥା ଏଲିଟ୍ କ୍ଲବରେ ସାମିଲ ହୋଇଛନ୍ତି।

## 'ଆଇପିଏଲ୍ ବାୟୋ-ବବ୍ଲ ସମ୍ପୂର୍ଣ୍ଣ ସୁରକ୍ଷିତ ନ ଥିଲା'

**କୋଲକାତା, ୨୨।୫(ପି.ଟି.)**



ରିଦ୍ଧିମାନ ଶାହା

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୪ତମ ସଂସ୍କରଣ ପାଇଁ ବାୟୋ-ବବ୍ଲ ଗତବର୍ଷ ୟୁଏଇ (ୟୁନାଇଟେଡ ଆରବ ଏମିରେଟ୍ସ)ପରି ସମ୍ପୂର୍ଣ୍ଣ ସୁରକ୍ଷିତ ନ ଥିଲା। ପ୍ରଥମ ଭାରତୀୟ ଖେଳାଳିଭାବେ ଏପରି କହି ମୁହଁ ଖୋଲିଛନ୍ତି ରିଦ୍ଧିମାନ ଶାହା। ଏକାଧିକ ଖେଳାଳି ଓ ସପୋର୍ଟ ଷ୍ଟାଫ୍ କରୋନାରେ ଆକ୍ରାନ୍ତ ହେବାରୁ ଆଇପିଏଲ୍-୧୪କୁ ଅଧାରୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ସଂକ୍ରମିତ ଖେଳାଳିଙ୍କ ମଧରୁ ଅନ୍ୟତମ ଥିଲେ ୩୬ ବର୍ଷୀୟ ରିଦ୍ଧିମାନ। ଗତବର୍ଷ ଭଳି ଚଳିତ ବର୍ଷ ଆଇପିଏଲ୍ ୟୁଏଇରେ ହୋଇଥିଲେ ଭଲ ହୋଇଥାନ୍ତା ବୋଲି ସେ ଏକ ସାକ୍ଷାତକାରରେ କହିଛନ୍ତି। ଏହାକୁ ଅନୁଧ୍ୟାନ କରିବା ଅଂଶୀଦାରମାନଙ୍କର କାର୍ଯ୍ୟ। ତେବେ ଗତବର୍ଷ ଜଣେ ହେଲେ ଖେଳାଳି ଏପରିକି ଗ୍ରାଉଣ୍ଡ ଷ୍ଟାଫ୍ ମଧ ୟୁଏଇରେ ସଂକ୍ରମିତ ହୋଇ ନ ଥିଲେ ବୋଲି ସେ କହିଛନ୍ତି।

"ଭାରତରେ ଆଇପିଏଲ୍ ସମୟରେ ଲୋକମାନେ ଏବଂ ଛୋଟ ପିଲାମାନେ ନିକଟସ୍ଥ ପାଚେରି ଉପରୁ ଉଣ୍ଡିମାରି ଦେଖୁଥିଲେ। ଏ ସମ୍ପର୍କରେ ମୁଁ ଅଧିକ କିଛି କହିବାକୁ ଚାହୁଁନାହିଁ, ମାତ୍ର ଭାରତରେ କରୋନା ସଂକ୍ରମଣ ବଢ଼ି ଚାଲିଥିବାବେଳେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ୨୦୨୦ରେ କିନ୍ତୁ ଏହି ଲିଗ୍ ଅତି ସୁନ୍ଦରଭାବେ ୟୁଏଇରେ ଆୟୋଜିତ ହୋଇଥିଲା" ବୋଲି ସେ କହିଛନ୍ତି। ବେଙ୍ଗଲ ଭେଟେରାନ ରିଦ୍ଧିମାନ ଦିଲ୍ଲୀରେ ଏକ ହୋଟେଲରେ ୧୫ଦିନରୁ ଉର୍ଦ୍ଧ୍ୱ କ୍ୱାରାଣ୍ଟାଇନ୍ରେ ରହିବା ପରେ କୋଲକାତାସ୍ଥିତ ଘରକୁ ଫେରିଥିଲେ। କରୋନାମୁକ୍ତ ହୋଇଥିବାରୁ ସେ ଇଂଲଣ୍ଡ ଟୁର୍ ପାଇଁ ନିଜକୁ ଉପଲବ୍ଧ କରାଇଛନ୍ତି। କ'ଣ ପାଇଁ ସଂକ୍ରମଣ ବାୟୋ-ବବ୍ଲ ମଧରେ ପଶିଲା ସେ ସମ୍ପର୍କରେ ନିର୍ଦ୍ଦିଷ୍ଟଭାବେ କିଛି କହିପାରି ନ ଥିଲେ ହେଁ ୟୁଏଇ ପରି ଏଠାରେ ଟାଇଟ୍ ନ ଥିଲା ବୋଲି ସ୍ପଷ୍ଟ କରିଛନ୍ତି। ଆଇପିଏଲ୍ର ଅଂଶୀଦାରମାନେ ଏହା ଉପରେ ବିଶେଷ ଦୃଷ୍ଟି ପକାଇବା ଆବଶ୍ୟକ ବୋଲି ସେ କହିଛନ୍ତି। ମେ' ୪ରେ ରିଦ୍ଧିମାନ କରୋନାରେ ଆକ୍ରାନ୍ତ ଜଣାପଡ଼ିବା ପରେ ଆଇପିଏଲ-୧୪କୁ ସ୍ଥଗିତ ଘୋଷଣା କରାଯାଇଥିଲା।

ରିଦ୍ଧିମାନ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଏବଂ ଦୁର୍ବଳ ଅନୁଭବ କରୁ ନ ଥିବା ପ୍ରକାଶ କରିଛନ୍ତି। ଶରୀରରେ କ୍ଲାନ୍ତି କିମ୍ବା ଦୁର୍ବଳତା ଥିବା ସେ ଅନୁଭବ କରୁନାହାନ୍ତି। ତେବେ ମ୍ୟାଚ ପାଇଁ ଟ୍ରେନିଂ ଆରମ୍ଭ ହେଲେ ତାଙ୍କ ଶରୀର କିପରି ସପୋର୍ଟ କରୁଛି ତାହା ଜଣାପଡ଼ିବ ବୋଲି ସେ କହିଛନ୍ତି। ଏବେ ପରିବାର ଏବଂ ବନ୍ଧୁମାନଙ୍କ (ଭର୍ଚୁଆଲି) ସହ ସମୟ କଟାଇବାର ବେଳ। ମନରେ ଖୁସି ଆଣିପାରୁଥିବା ମୁଭି ଦେଖୁଛନ୍ତି। ସେ କେବେହେଲେ ମାନସିକ ସ୍ଥିରତା ହରାଇ ନାହାନ୍ତି, ସ୍ୱାଭାବିକ ଜୀବନ ଅତିବାହିତ କରୁଛନ୍ତି ବୋଲି ରିଦ୍ଧିମାନ ପ୍ରକାଶ କରିଛନ୍ତି। ସେ ଏବେ ଘରେ ଫିଟ୍ନେସ ରୁଟିନ୍ କରୁଛନ୍ତି। ମୁମ୍ବାଇରେ ଦଳ ସହ ଯୋଗଦେବା ପରେ ଫିଟ୍ନେସ ଟ୍ରେନିଂ ଆରମ୍ଭ ହେବ।

## ଦୁଇଥର ଏଭରେଷ୍ଟ ଆରୋହୀ କଳ୍ପନା



କଳ୍ପନା ଦାସ

କଳ୍ପନା ଦାଶ ଓଡ଼ିଶାର ପର୍ବତାରୋହଣ କ୍ଷେତ୍ରରେ ଏକ ଅନନ୍ୟ ନାମ। ସେ ଥିଲେ ଓଡ଼ିଶାର ଯୁବ ପର୍ବତାରୋହୀମାନଙ୍କର ଆଦର୍ଶ। ସେ ଥିଲେ ଓଡ଼ିଶାର ପ୍ରଥମ ତଥା ଦୁଇଥର ପୃଥିବୀର ସର୍ବୋଚ୍ଚ ଶୃଙ୍ଗ ଏଭରେଷ୍ଟକୁ ସଫଳତାର ସହ ଆରୋହଣ କରିଥିବା ଏକମାତ୍ର ଓଡ଼ିଆ ମହିଳା। କଳ୍ପନାଙ୍କ ଜନ୍ମ ୭ ଜୁଲାଇ ୧୯୬୬ ମସିହାରେ ଢେଙ୍କାନାଳ ଜିଲ୍ଲା ସାରିଆପଦା ଗ୍ରାମରେ ଏକ ବ୍ରାହ୍ମଣ ପରିବାରରେ ହୋଇଥିଲା। ମା' ଶୈଳବାଳା ଦାଶ ଏବଂ ପିତା ଗୁଣନିଧି ଦାଶଙ୍କ ଝିଅ କଳ୍ପନାଙ୍କର ଛୋଟବେଳୁ ପାହାଡ଼ ଚଢିବା ନିଶା ତାଙ୍କୁ ଭବିଷ୍ୟତରେ ଏକ ଦକ୍ଷ ପର୍ବତାରୋହୀ ଭାବେ ଉଭା କରାଇଥିଲା। ସେ ୨୦୦୮ ମେ' ୨୧ରେ ପ୍ରଥମ ଓଡ଼ିଆ ଭାବେ ପୃଥିବୀର ଉଚ୍ଚତମ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟକୁ ସଫଳତାର ସହ ଆରୋହଣ କରିଥିଲେ। ଜଗତରନାଥ ଶ୍ରୀଜଗନ୍ନାଥଙ୍କୁ ଭଲ ପାଉଥିବା କଳ୍ପନା ତାଙ୍କ ବାନାକୁ ଏଭରେଷ୍ଟର ଶୀର୍ଷରେ ଲଗାଇଥିଲେ। ଏହାସତ୍ତ୍ୱେ ପାହାଡ଼ ଚଢିବା ନିଶାରୁ ସେ ଦୂରେଇ ରହିପାରି ନ ଥିଲେ। ସେ ଏହିବର୍ଷଗୁଡିକରେ ମାଉଣ୍ଟ ଏଲବୃଶ, ମାଉଣ୍ଟ କିଲିମାଞ୍ଜାରୋ, ଆକଙ୍କଗୁଆ ଆଦି ବହୁତ ପର୍ବତ ଆରୋହଣ କରିଥିଲେ।

ପୁନର୍ବାର ଏଭରେଷ୍ଟ ଚଢିବା ନିଶା ତାଙ୍କୁ ଅଧିକ ଦିନ ଅଟକାଇ ପାରି ନ ଥିଲା। ୨୦୧୯ରେ ଆଉଥରେ ଏଭରେଷ୍ଟ ଚଢିବା ପାଇଁ ମନ ବଳାଇଥିଲେ। ଏଥିପାଇଁ ବହୁ ସମ୍ବଳ ଆବଶ୍ୟକତା ଥିବାବେଳେ ତାଙ୍କୁ କୌଣସି ଅନୁଷ୍ଠାନରୁ ଅନୁଦାନ ମିଳିପାରି ନ ଥିଲା। ଶେଷରେ ସେ ପଟିଆ, ଚନ୍ଦ୍ରଶେଖରପୁରସ୍ଥିତ ବାସଭବନକୁ ବ୍ୟାଙ୍କରେ ବନ୍ଧକ ରଖି ଏଭରେଷ୍ଟ ଚଢ଼ିବାକୁ ଯାଇଥିଲେ। ସେ ଋଣକରି ଯାଇଥିବା ୨୫ ଲକ୍ଷ ଟଙ୍କାକୁ ଏବେ ମଧ ତାଙ୍କ ପରିବାର ଶୁଝୁଥିବା ଜଣାଯାଇଛି। ଦୃଢ ଇଚ୍ଛାଶକ୍ତି ଯୋଗୁ ସେ ୫୩ ବର୍ଷ ବୟସରେ ୨୦୧୯ ମେ' ୨୩ରେ ପୁନର୍ବାର ସଫଳତାର ସହ ଏଭରେଷ୍ଟ ଆରୋହଣ କରିଥିଲେ। ଏଥିସହ ସେ ଓଡ଼ିଶାର ପ୍ରଥମ ପର୍ବତାରୋହୀ ଭାବେ ଦୁଇ ଥର ଏଭରେଷ୍ଟ ଚଢି ବିରଳ ରେକର୍ଡ କରିଥିଲେ। ଏହି ଅଭିଯାନ ଶେଷକରି ଆସୁଥିବା ସମୟରେ ଏଭରେଷ୍ଟ ଶିଖରର କିଛି ମିଟର ତଳେ ବାଲକୋନିରେ ମୃତ୍ୟୁବରଣ କରିଥିଲେ। ଦ୍ୱିତୀୟ ଏଭରେଷ୍ଟ ଆରୋହଣ ସଫଳତା ଏବଂ ୨ୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଓଡ଼ିଶାର ସମସ୍ତ ପର୍ବତାରୋହୀ ଓ ଅନୁଗାମୀ ତାଙ୍କୁ ମନେପକାଇବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

**-ନୃସିଂହ ଚରଣ ସାହୁ, ପର୍ବତାରୋହୀ**

## ୨୩ରେ ଟିମ୍ ଇଣ୍ଡିଆରେ ଯୋଗ ଦେବେ କ୍ରିଷ୍ଣା

**ନୂଆଦିଲ୍ଲୀ, ୨୨।୫**

ଯୁବ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା କୋଭିଡ୍-୧୯ ସଂକ୍ରମଣରୁ ଆରୋଗ୍ୟ ଲାଭ କରିଛନ୍ତି। ସେ ମେ' ୨୩ ତାରିଖରେ ଭାରତୀୟ ଦଳରେ ଯୋଗ ଦେବେ। ଆଗାମୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଘୋଷିତ ହୋଇଥିବା ବର୍ଦ୍ଧିତ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ସେ ୨୩ରେ ବେଙ୍ଗାଲୁରୁରୁ ମୁମ୍ବାଇ ଯାତ୍ରା କରିବେ। ସେ ଏବେ ବେଙ୍ଗାଲୁରୁସ୍ଥିତ ତାଙ୍କ ଘରେ ଅଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ କ୍ରିଷ୍ଣା କୋଲକାତା ନାଇଟ ରାଇଡର୍ସ (କେକେଆର) ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଆଇପିଏଲ୍ ଖେଳିବା ଅବସରରେ ସେ କରୋନା ସଂକ୍ରମିତ ହୋଇଥିଲେ। କ୍ରିଷ୍ଣା ଷ୍ଟାଣ୍ଡବାଇ କ୍ରିକେଟର ଭାବେ ଭାରତୀୟ ଦଳ ସହ ଇଂଲଣ୍ଡ ଗସ୍ତ କରିବେ। ତାଙ୍କ ସହିତ ଯୁବ ଦ୍ରୁତ ବୋଲର ଆଭେସ ଖାଁ, ଅର୍ଜାନ ନାଗୱାସୱାଲା ଓ ବ୍ୟାଟ୍ସମ୍ୟାନ ଅଭିମନ୍ୟୁ ଈଶ୍ୱରନ ମଧ ଷ୍ଟାଣ୍ଡବାଇ ଖେଳାଳିଭାବେ ଇଂଲଣ୍ଡ ଗସ୍ତରେ ଯିବେ।

## ଦୋହାରେ ଭାରତୀୟ ଫୁଟ୍ବଲ ଦଳର ଟ୍ରେନିଂ ଆରମ୍ଭ

**ନୂଆଦିଲ୍ଲୀ,୨୨।୫(ପି.ଟି.)**

### ସବୁ ଖେଳାଳି କୋଭିଡ୍-୧୯ ନେଗେଟିଭ



କୋଚ ଇଗର ଷ୍ଟିମାକଙ୍କ ତତ୍ତ୍ୱାବଧାନରେ ଭାରତୀୟ ଫୁଟବଲ ଦଳର ଟ୍ରେନିଂ।

କାତାରର ରାଜଧାନୀ ଦୋହାରେ ପହଞ୍ଚିବା ପରେ ଭାରତୀୟ ଫୁଟ୍ବଲ ଦଳର ସବୁ ଖେଳାଳି ଓ ସପୋର୍ଟ ଷ୍ଟାଫ୍ କୋଭିଡ୍-୧୯ ଟେଷ୍ଟରେ ନେଗେଟିଭ ବୋଲି ଜଣାପଡିଛି। ଆସନ୍ତା ମାସରେ ୨୦୨୨ ବିଶ୍ୱକପ୍ ଓ ୨୦୨୩ ଏସିଆନ କପ୍ର ଯୁଗ୍ମ କ୍ୱାଲିଫାୟର୍ସ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଫଳରେ ଦୋହାରେ ପହଞ୍ଚିବା ପରେ ଭାରତୀୟ ଫୁଟ୍ବଲରମାନେ ଟ୍ରେନିଂ ଆରମ୍ଭ କରିଛନ୍ତି।

ଭାରତୀୟ ଦଳ ବୁଧବାର ସନ୍ଧ୍ୟାରେ ଦୋହାରେ ପହଞ୍ଚିଥିଲା ଓ ବାଧ୍ୟତାମୂଳକ କ୍ୱାରାଣ୍ଟାଇନ୍ରେ ରହିଥିଲା। ଖେଳାଳିମାନେ ଆରଟି- ପିସିଆର ଟେଷ୍ଟ ରିପୋର୍ଟକୁ ଅପେକ୍ଷା କରିଥିଲେ। ରିପୋର୍ଟ ନେଗେଟିଭ ଜଣାପଡିବା ପରେ ଖେଳାଳିମାନେ ପ୍ରସ୍ତୁତି ଶିବିରରେ ଯୋଗ ଦେଇଥିଲେ। ସବୁ ୨୮ଜଣ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଟେଷ୍ଟରେ ନେଗେଟିଭ ବୋଲି ଅଲ୍ ଇଣ୍ଡିଆ ଫୁଟ୍ବଲ ଫେଡେରେଶନ (ଏଆଇଏଫ୍ଏଫ) ସାଧାରଣ ସମ୍ପାଦକ କୁଶଲ ଦାସ କହିଛନ୍ତି। ଜୁନ୍ ୩ ତାରିଖରେ ଭାରତ ତା'ର ପ୍ରଥମ ମ୍ୟାଚ୍ରେ ଆୟୋଜକ କାତାରକୁ ଭେଟିବ। ସେହିପରି ଜୁନ୍ ୭ ତାରିଖରେ ଭାରତ ବାଂଲାଦେଶ ଓ ଜୁନ୍ ୧୫ ତାରିଖରେ ଆଫଗାନିସ୍ତାନକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। କାତାର ଫୁଟ୍ବଲ ଆସୋସିଏଶନ ନିର୍ଦ୍ଦେଶ ଅନୁସାରେ ଭାରତୀୟ ଖେଳାଳିମାନେ ୧୦ ଦିନିଆ ହାର୍ଡ କ୍ୱାରାଣ୍ଟାଇନରେ ରହିଥିଲେ। ଗତ ରାତିରେ ଖେଳାଳିମାନେ ଅଭ୍ୟାସ କରିଛନ୍ତି ବୋଲି ଏଆଇଏଫ୍ଏଫ୍ ଟୁଇଟ୍ କରି ସୂଚନା ଦେଇଛି। କୋଚ ଇଗର ଷ୍ଟିମାକଙ୍କ ସହ ଖେଳାଳିମାନଙ୍କ ଟ୍ରେନିଂର ଫଟୋ ଏଆଇଏଫ୍ଏଫ୍ ଅପ୍ଲୋଡ କରିଛି।

**ଡାଳଖାଇ ମନ୍ଦିରରୁ ଚୋରି**

ବାରଙ୍ଗ, (ଡି.ଏନ୍.ଏ.)- ବୁଧବାର ବିଳମ୍ବିତ ରାତିରେ ରାଜଧାନୀ ଉପକଣ୍ଠ କଳାରାହାଙ୍ଗ ଗ୍ରାମରେ ଥିବା ଜଳେଶ୍ୱର ମନ୍ଦିରରୁ ଚୋରି ହୋଇଥିବାବେଳେ ଶୁକ୍ରବାର ରାତିରେ ପଦ୍ମକେଶରୀପୁର ଗ୍ରାମ ମୁଣ୍ଡରେ ଥିବା ଡାଳଖାଇ ମନ୍ଦିରରୁ ଚୋରି ହୋଇଥିବା ଶନିବାର ସକାଳେ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ପୂଜକ ଶ୍ରୀଧର ତ୍ରିପାଠୀ ଶନିବାର ସକାଳେ ପୂଜା କରିବାକୁ ଆସିଥିବାବେଳେ ମନ୍ଦିର ତାଲା ଭାଙ୍ଗି ଘଣ୍ଟ ଘଣ୍ଟା, ପିତଳଥାଳି ସହ ଆସବାବପତ୍ର ଓ ହୁଣ୍ଡିବାକ୍ସକୁ ମଧ୍ୟ ଭାଙ୍ଗି ଚୋରମାନେ ଟଙ୍କା ଲୁଟି ନେଇଥିବା କହିଛନ୍ତି।

## ସଂକ୍ଷେପରେ

### ହିତାଧିକାରୀଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା

**ବାରଙ୍ଗ,୨୨।୫(ଡି.ଏନ୍.ଏ.):** ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଦାଢା ପଞ୍ଚାୟତରେ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁ ନ ଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତରେ ଦୀର୍ଘଦିନ ହେବ ସ୍ଥାୟୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନ ଥିବାରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗ୍ରାମ ରୋଜଗାର ସେବକ(ଜିଆର୍ଏସ୍)ଙ୍କୁ ଭତ୍ତା ବଣ୍ଟନ ଦାୟିତ୍ୱ ଦେଇଛନ୍ତି ବୋଲି ସରପଞ୍ଚ ଶ୍ୟାମସୁନ୍ଦର ଟୁଡୁ କହିଛନ୍ତି। ଜିଆର୍ଏସ୍ ସୁନାକର ଜେନା ଗତ ସୋମବାରଠାରୁ ଏ ପର୍ଯ୍ୟନ୍ତ ୪ଟି ୱାର୍ଡରେ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଛନ୍ତି। କିନ୍ତୁ ବାକିଥିବା ୧୧ଟି ୱାର୍ଡର ହିତାଧିକାରୀମାନେ ଏପର୍ଯ୍ୟନ୍ତ ଭତ୍ତା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏପରି କି ଜିଆରଏସ ଜେନାଙ୍କୁ ଫୋନ କଲେ ସେ ଫୋନ ଉଠାଉ ନ ଥିବା ହିତାଧିକାରୀମାନେ କହିଛନ୍ତି। ବର୍ତ୍ତମାନ କରୋନା ସଂକ୍ରମଣ ସମୟରେ ଓ ସମ୍ଭାବ୍ୟ ବାତ୍ୟା ଆସୁଥିବା ବେଳେ ଜିଆର୍ଏସ୍ଙ୍କର ଏପରି ମନମୁଖି କାର୍ଯ୍ୟକୁ ହିତାଧିକାରୀମାନେ ନାପସନ୍ଦ କରିଛନ୍ତି। ହିତାଧିକାରୀମାନେ ଏହି ବିଷୟରେ ବିଡିଓ ରମେଶ ଚନ୍ଦ୍ର ସେଠୀଙ୍କୁ ଫୋନରେ ଜଣାଇବା ସହ ସରପଞ୍ଚ ଶ୍ୟାମସୁନ୍ଦର ଟୁଡୁଙ୍କୁ କହିଛନ୍ତି। ଯଦି ତୁରନ୍ତ ଭତ୍ତା ବଣ୍ଟନ ନ କରାଯାଏ ଆଗକୁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ବହୁ ହିତାଧିକାରୀ କହିଛନ୍ତି। ଏ ନେଇ ସରପଞ୍ଚ ଟୁଡୁ କହିଛନ୍ତି, ସ୍ଥାୟୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନ ଥିବାରୁ ଜିଆର୍ଏସ୍ ସମସ୍ତ କାର୍ଯ୍ୟ ମନମୁଖି କରୁଛନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ବିଧାୟକ ଓ ବିଡିଓଙ୍କୁ ଅବଗତ କରିଛି।

### ବରିଷ୍ଠ ଆଇନଜୀବୀଙ୍କ ପରଲୋକ

**ଭୁବନେଶ୍ୱର,୨୨।୫(ବ୍ୟୁରୋ):** ବରିଷ୍ଠ ଆଇନଜୀବୀ ତଥା ଭୁବନେଶ୍ୱର ଓକିଲ ସଂଘର ବରିଷ୍ଠ ସଦସ୍ୟ ବନମାଳୀ ମହାନ୍ତିଙ୍କ ପରଲୋକ ଘଟିଛି। ସେ ହୃଦ୍‌ରୋଗ ସହ କରୋନାରେ ଆକ୍ରାନ୍ତ ହୋଇ ଏମ୍ସରେ ଚିକିତ୍ସିତ ହେଉଥିବାବେଳେ ଗତ ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଛି। ଏନେଇ ଭୁବନେଶ୍ୱର ଓକିଲ ସଂଘ ତରଫରୁ ଶୋକ ପ୍ରକାଶ କରାଯିବା ସହ ସଂଘ ପାଇଁ ଅପୂରଣୀୟ କ୍ଷତି ଘଟିଲା ବୋଲି ସଭାପତି ନିର୍ମଳ କିଶୋର ରଥ, ସମ୍ପାଦକ ରାଜକିଶୋର ଦାସ, ଉପସଭାପତି ଦେବୀଦତ୍ତ ବାରିକ, କୋଷାଧ୍ୟକ୍ଷ ଲିଙ୍ଗରାଜ ମହାରଣାଙ୍କ ସମେତ ସମସ୍ତ କାର୍ଯ୍ୟକାରୀ ସଦସ୍ୟ ଜଣାଇଛନ୍ତି।

### ୧୫୦ ଗ୍ରାମ ବ୍ରାଉନସୁଗାର ଜବତ, ୩ ଗିରଫ

**ଭୁବନେଶ୍ୱର,୨୧।୫(ବ୍ୟୁରୋ):** କ୍ୟାପିଟାଲ ଥାନା ପୋଲିସ ଓ କ୍ୟୁଏଟି ମିଳିତ ଭାବେ ୟୁନିଟ୍-୧ ଅଞ୍ଚଳରେ ଚଢାଉ କରି ୧୫୦ ଗ୍ରାମ ବ୍ରାଉସୁଗାର ଜବତ କରିବା ସହ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଝରଣା ସାହିର ସୁନିଲ ସାହାଣୀ (୨୩), ଯାଜପୁର ଜିଲା ରାମଚନ୍ଦ୍ରପୁର ଥାନା ଅଞ୍ଚଳର ମନୋଜ ପଲାଇ (୨୪) ଓ ଖୋର୍ଦ୍ଧା ଟାଉନ ଥାନାର ଶିବ ବେହେରା (୨୪)। ଏମାନଙ୍କଠାରୁ ବ୍ରାଉନସୁଗାର ବ୍ୟତୀତ ଦୁଇଟି ବାଇକ , ୩ ମୋବାଇଲ ଫୋନ୍ ସହ ୧୫ ହଜାର ୮୧୦ ଟଙ୍କା ଜବତ କରିଛି ପୋଲିସ। ତେବେ ଜବତ ବ୍ରାଉସୁଗାରର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ୩ଜଣ ଯୁବକ ୟୁନିଟ-୧ ଅଞ୍ଚଳରେ ଥିବା କିଶୋର କ୍ଲବ ନିକଟରେ ବ୍ରାଉନସୁଗାର କାରବାର କରୁଥିଲେ। ଏନେଇ ଖବର ପାଇବା ପରେ ପୋଲିସ ଚଢାଉ କରିଥିଲେ। କ୍ୟାପିଟାଲ ଥାନା ପୋଲିସ ଏକ ମାମଲା (ନଂ.୩୨୦/୨୧) ରୁଜୁ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# ଶଟ୍‌ଡାଉନ୍‌ରେ ରାଜଧାନୀରେ ବନ୍ଧୁକ ଡିଲ୍

■ସାରା ରାଜ୍ୟରେ ସକ୍ରିୟ ରହିଛି ର୍ୟାକେଟ୍
■ଅପରାଧୀଙ୍କୁ ବନ୍ଧୁକ ଯୋଗାଉଥିଲେ ସଞ୍ଜୟ
■ବିଭିନ୍ନ ଥାନାରେ ତାଙ୍କ ନାମରେ ଏକାଧିକ ମାମଲା

## ୪ ବନ୍ଧୁକ, ଗୁଳି ଜବତ: ବେପାରୀ ଗିରଫ

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

କମିଶନରେଟ୍ ପୋଲିସର କଡ଼ା ଯାଞ୍ଚ ସତ୍ତ୍ୱେ ଶନିବାର ଶଟ୍‌ଡାଉନରେ କଟକରୁ ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିଯାଇଥିଲା ଏକାଧିକ ବନ୍ଧୁକ ଓ ଗୁଳି। ପୋଲିସ ନାକା ଲଗାଇ ବିଭିନ୍ନ ସ୍ଥାନରେ ଜଗି ରହିଥିଲେ ମଧ୍ୟ ଜଣେ କୁଖ୍ୟାତ ବନ୍ଧୁକ ବେପାରୀଙ୍କୁ ଧରିପାରି ନ ଥିଲା। ବେପାରୀ ଜଣକ ଆଚାର୍ଯ୍ୟ ବିହାର ଅଞ୍ଚଳରେ ଥିବା ଲକ୍ଷ୍ମୀ ବିହାର ବସ୍ତିରେ ବନ୍ଧୁକ ବିକ୍ରି କରିବାକୁ ଅପେକ୍ଷା କରିଥିଲେ। ଅର୍ଡର ଦେଇଥିବା ପାର୍ଟି ପହଞ୍ଚିଥିଲେ ଲକ୍ଷାଧିକ ଟଙ୍କାରେ ଡିଲ୍ ହୋଇଥାନ୍ତା। ତେବେ



ଜବତ ବନ୍ଧୁକ ଓ ଗୁଳି।

ପୂର୍ବରୁ ତାଙ୍କ ଉପରେ ନଜର ରଖିଥିବା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏ ସମ୍ପର୍କରେ ସୂଚନା ପାଇବା ପରେ ଶହୀଦନଗର ଥାନା ପୋଲିସ ସହ ମିଶି ସେଠାରେ ଚଢ଼ାଉ କରି ତାଙ୍କୁ ମାଡ଼ି ବସିଥିଲା। ଗିରଫ ବନ୍ଧୁକ ବ୍ୟବସାୟୀ ଜଣକ ହେଲେ କଟକ କନ୍ଦରପୁରର ସଞ୍ଜୟ କୁମାର ସାହୁ। ପୋଲିସ ତାଙ୍କ ନିକଟରୁ ଗୋଟିଏ ୯ ଏମ୍ଏମ୍ ଅଟୋମେଟିକ୍ ପିସ୍ତଲ, ଗୋଟିଏ ରିଭଲଭର, ଦୁଇଟି ସିଙ୍ଗଲ୍ ବ୍ୟାରେଲ୍ ଦେଶୀ ବନ୍ଧୁକ, ମାଗାଜିନ୍, ୬ଟି ୯ଏମ୍ଏମ୍ ଗୁଳି, ୨ଟି ୮ ଏମ୍ଏମ୍ ଗୁଳି ଓ ୩ଟି ବଲ ଗୁଳି ଜବତ କରାଯାଇଛି। ପୋଲିସ ଆଇପିସି ଦଫା ୨୫ ଓ ଆର୍ମସ ଆକ୍ଟରେ ଏକ ମାମଲା (ନଂ.୨୧୪/୨୧) ରୁଜୁ କରି ଅଭିଯୁକ୍ତ ସଞ୍ଜୟଙ୍କୁ କୋର୍ଟ ଚାଲାଣ କରିଛି। ସଞ୍ଜୟ କଟକ, ପାରାଦୀପ ଓ ଜଗତ୍‌ସିଂପୁର ଜିଲାକୁ ବନ୍ଧୁକ ସପ୍ଲାଏ କରିବା ସହ ଚୋରି ଓ ଡକାୟତି ଆଦି ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପୂର୍ବରୁ କନ୍ଦରପୁର ଥାନା ଓ ବାଦାମବାଡ଼ି ଥାନା ପୋଲିସ ହାତରେ ଧରାପଡ଼ି ସେ ଗିରଫ ହୋଇଥିବାବେଳେ ରାଜ୍ୟର ବିଭିନ୍ନ ଥାନାରେ ତାଙ୍କ ନାମରେ ଏକାଧିକ ମାମଲା ରହିଛି। ଏସ୍‌ଟିଏଫ୍ ତାଙ୍କୁ ହିଟ୍‌ଲିଷ୍ଟରେ ରଖିବା ସହ ନଜର ରଖିଥିଲା। ତେବେ ସଞ୍ଜୟଙ୍କ ବନ୍ଧୁକ ର୍ୟାକେଟ ଲିଙ୍କ୍‌ରେ ଥିବା ଅନ୍ୟମାନଙ୍କୁ ଚିହ୍ନଟ ସହ ଗିରଫ ପାଇଁ ଅଧିକ ଖୋଳତାଡ଼ ଚଳାଇଛି ପୋଲିସ।

### ବନ୍ୟଜନ୍ତୁ ଶିକାର ର୍ୟାକେଟ୍‌ରେ ସମ୍ପୃକ୍ତି ସନ୍ଦେହ

ଗିରଫ ସଞ୍ଜୟଙ୍କ ନିକଟରୁ ପୋଲିସ ଦୁଇଟି ସିଙ୍ଗଲ ବ୍ୟାରେଲ୍ ବନ୍ଧୁକ ଜବତ କରିଛି। ମୁଖ୍ୟତଃ ବନ୍ୟ ଜନ୍ତୁ ଶିକାରରେ ଏସବୁ ବନ୍ଧୁକ ବ୍ୟବହାର ହୋଇଥାଏ। ଏଥିରୁ ସେ ରାଜ୍ୟର ବନ୍ୟଜନ୍ତୁ ଶିକାର ର୍ୟାକେଟରେ ସମ୍ପୃକ୍ତ ଥିବା ଓ ପୂର୍ବରୁ ଏସବୁ ବନ୍ଧୁକ ଶିକାରୀଙ୍କୁ ବିକ୍ରି କରିଥିବା ଅନୁମାନ କରୁଛି ପୋଲିସ। ସେହିଭଳି ସଞ୍ଜୟ ପୂର୍ବରୁ ଡକାୟତି ଭଳି ଅପରାଧରେ ମଧ୍ୟ ସମ୍ପୃକ୍ତ ଥିବା ପୋଲିସ ରେକର୍ଡ କହୁଛି। ତେଣୁ ବନ୍ଧୁକ କାରବାର ସହ ଶିକାରୀ ଓ ବଡ଼ ବଡ଼ ଅପରାଧୀଙ୍କ ସହ ଲିଙ୍କ୍ ଥିବା ନେଇ ଏସ୍‌ଟିଏଫ ସନ୍ଦେହ କରୁଛି। ତେଣୁ ଏ ଦିଗରେ ଏସ୍‌ଟିଏଫ୍ ତଦନ୍ତ କରୁଥିବା ନେଇ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।





ବିଏମ୍‌ସି ପକ୍ଷରୁ ଚାଲିଥିବା ଡ୍ରାଇଭ୍ ଇନ୍ ଭାକ୍ସିନେସନର ଶେଷଦିନ ଶନିବାର କଳ୍ପନାଛକସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ପରିସରରେ ଜଣେ ମହିଳାଙ୍କୁ ଟିକା ଦିଆଯାଉଛି।

# ଦିବ୍ୟାଙ୍ଗଙ୍କୁ ଡୋର୍ ସର୍ଭିସ୍ ଦେବ ବିଏମ୍‌ସି

## ହାଉସିଂ ସୋସାଇଟିରେ ଟେଷ୍ଟିଂ ବ୍ୟବସ୍ଥା

**ଭୁବନେଶ୍ୱର, ୨୨।୫ (ବ୍ୟୁରୋ)**

ଟେଷ୍ଟିଂ କ୍ଷେତ୍ରରେ ବରିଷ୍ଠ ନାଗରିକ ଓ ଗର୍ଭବତୀଙ୍କ ଭଳି ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)। କେବଳ ଚାଲିପାରୁ ନ ଥିବା ଦିବ୍ୟାଙ୍ଗମାନେ କରୋନା ଟେଷ୍ଟ କରିବାକୁ ଚାହୁଁଥିଲେ ୧୯୨୯ରେ ଫୋନ୍ କରି ସ୍ଲଟ୍ ବୁକ୍ କଲେ ବିଏମ୍‌ସିର ମେଡିକାଲ ଟିମ୍ ନିର୍ଦ୍ଧାରିତ ସମୟରେ ତାଙ୍କ ଘରକୁ ଯାଇ ନମୁନା ସଂଗ୍ରହ କରିବ। ରବିବାରଠାରୁ ଏହି ସେବା କାର୍ଯ୍ୟକାରୀ ହେବ ବୋଲି କମିଶନର ସଞ୍ଜୟ ସିଂ କହିଛନ୍ତି। ପୂର୍ବରୁ କେବଳ ବୟସ୍କ ଓ ଗର୍ଭବତୀଙ୍କ ଘରକୁ ଯାଇ ଟେଷ୍ଟିଂ ପାଇଁ ନମୁନା ସଂଗ୍ରହ ଅଣାଯାଉଛି। ଏଥିସହ ବୟସ୍କ ଲୋକଙ୍କୁ ଗାଡ଼ିରେ ନେଇ ଟିକା ଦେଇ ଘରେ ଛଡ଼ାଯାଉଛି। ସେହିଭଳି ହାଉସିଂ ସୋସାଇଟିରେ ବ୍ୟାପକ ଟେଷ୍ଟିଂ ପାଇଁ ମଧ୍ୟ ବ୍ୟବସ୍ଥା ଆରମ୍ଭ ହୋଇଥିବା କମିଶନର ସିଂ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯଦି କୌଣସି ହାଉସିଂ ସୋସାଇଟି ବା ରେସିଡେନ୍ସିଆଲ ୱେଲ୍‌ଫେୟାର ଆସୋସିଏଶନ ଟିକାକରଣ ପାଇଁ ଆଗ୍ରହୀ ଅଛନ୍ତି, ସେମାନେ ଜୋନାଲ ଡେପୁଟି କମିଶନରଙ୍କୁ ସୂଚନା ଦେଇପାରିବେ ବା ୧୯୨୯ରେ କଲ୍ କରି ଜଣାଇଲେ ବିଏମ୍‌ସି ପକ୍ଷରୁ ବ୍ୟବସ୍ଥା କରାଯିବ। ବର୍ତ୍ତମାନ ଭୁବନେଶ୍ୱର ଯଥେଷ୍ଟ ସଂଖ୍ୟକ ଆମ୍ବୁଲାନ୍ସ ରହିଛି। ଶୀଘ୍ର ପହଞ୍ଚିବା ପାଇଁ ଏସବୁ ଆମ୍ବୁଲାନ୍ସକୁ ବିଭିନ୍ନ ଜୋନ୍‌ରେ ନିୟୋଜିତ କରାଯାଇଛି। ନାଗରିକମାନେ ଯଦି କିଛି ନିଶ୍ୱାସ ନେବାରେ କଷ୍ଟ ବା ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ତୁରନ୍ତ ଜଣାନ୍ତୁ। ଲକ୍‌ଡାଉନ୍ ପାଇଁ ସହରରେ ଟେଷ୍ଟିଂ ଅନୁସାରେ ସଂକ୍ରମଣ କମୁଛି। ତେଣୁ ସରକରଙ୍କ ସମସ୍ତ କଟକଣାକୁ ମାନି ନିଜେ ସୁରକ୍ଷିତ ରହିବା ସହ କରୋନା ଲଢ଼େଇରେ ସହଯୋଗ କରିବାକୁ କମିଶନର ଭୁବନେଶ୍ୱରବାସୀଙ୍କୁ ନିବେଦନ କରିଛନ୍ତି।

# ବାତ୍ୟା ମୁକାବିଲା ପାଇଁ ନୌସେନା ପ୍ରସ୍ତୁତ



ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ରିଲିଫ ଓ ଉଦ୍ଧାରକାରୀ ନୌସେନା ଟିମ୍।

**ବାଲୁଗାଁ,୨୨।୫(ଡି.ଏନ୍.ଏ.)**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ୟାସ୍' ଆସନ୍ତା ୨୪ଘଣ୍ଟା ମଧ୍ୟରେ ସକ୍ରିୟ ହେବ। ଏହା ଅଧିକ ଘନୀଭୂତ ହୋଇ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ସୀମା ମଧ୍ୟରେ ୨୬ତାରିଖ ବେଳକୁ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ପକ୍ଷରୁ ଉପକୂଳବର୍ତ୍ତୀ ବିଭିନ୍ନ ଜିଲାକୁ ସତର୍କ କରାଯାଇଛି। ଏହି କ୍ରମରେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଚିଲିକା ତଟବର୍ତ୍ତୀ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ଅନୁଧ୍ୟାନ କରାଯାଇଛି । ଅନ୍ୟପକ୍ଷରେ ଭାରତୀୟ ନୌସେନାର ପ୍ରାରମ୍ଭିକ ପ୍ରଶିକ୍ଷଣ କେନ୍ଦ୍ର ଚିଲିକା ଶାଖା ବାତ୍ୟା ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ଓଡ଼ିଶା ଓ ପଶ୍ଚିମବଙ୍ଗରେ ନୌସେନା ପକ୍ଷରୁ ୮ଟି ବନ୍ୟା ସହାୟତା ଦଳ ଓ ୪ଟି ଡ୍ରାଇଭିଂ ଟିମ୍ ପ୍ରସ୍ତୁତ ରହିଛନ୍ତି। ଅଧିକ ପ୍ରଭାବିତ ଅଞ୍ଚଳରେ ସହାୟତା ପାଇଁ ୪ ନୌସେନା ଜାହାଜ, ଡାକ୍ତରୀ ଟିମ୍ ରହିଛନ୍ତି।

## ପାଣିରେ ବୁଡ଼ି ୩ ମୃତ

**ବାଙ୍କୀ/ ଚୌଦ୍ୱାର ୨୨।୫ (ସ୍ୱ.ପ୍ର./ ଡି.ଏନ୍.ଏ.)**

ବାଙ୍କୀ ଉପଖଣ୍ଡରେ ଶନିବାର ପୋଖରୀରେ ବୁଡି ପୃଥକ୍ ଭାବେ ୨ଜଣଙ୍କ ମୃତ୍ୟୁ ଘଟିଛି। ସକାଳେ ଡମପଡ଼ା ବ୍ଲକ ତାଳବସ୍ତ ଗ୍ରାମ ବ୍ରାହ୍ମଣ ସାହିର ତପନ ବେହେରା (୩୦)ଙ୍କୁ ଗ୍ରାମ ପୋଖରୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ତାଳଦଣ୍ଡ ଫାଣ୍ଡିରେ ଖବର ଦେଇଥିଲେ। ଏହାପରେ ପୋଲିସ ପକ୍ଷରୁ ତପନଙ୍କ ମୃତଦେହ ଜବତ କରାଯାଇ ଭୁବନେଶ୍ୱରରେ ରହୁଥିବା ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଏନେଇ ଫାଣ୍ଡିରେ ଅପମୃତ୍ୟୁ ମାମଲା (ନଂ. ୬/୨୧)ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି। ସେହିପରି ପୋଖରୀ ବୁଡ଼ିଯିବାରୁ ଡମପଡ଼ା ବ୍ଲକ ତୁଳସୀପୁର ମଠ ସାହିର ମାନଗୋବିନ୍ଦ ପ୍ରଧାନଙ୍କ ଝିଅ ଚିନ୍ମୟୀ ପ୍ରଧାନ(୩)ଙ୍କ ମୃତ୍ୟୁ ଘଟିଛି। ସେ ମା'ରଞ୍ଜିତାଙ୍କ ସହ ସ୍ଥାନୀୟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ମା' ଲୁଗା ସଫା କରୁଥିବା ବେଳେ ଚିନ୍ମୟୀ ସାଙ୍ଗମାନଙ୍କ ସହ ପାଣିରେ ଖେଳୁଥିଲା। ଏହି ସମୟରେ ହଠାତ୍ ଗୋଡ଼ ଖସିଯିବାରୁ ଚିନ୍ମୟୀ ପାଣିରେ ବୁଡ଼ିଯାଇଥିଲା। ଏହାଦେଖି ରଞ୍ଜିତା ପାଟି କରିବାରୁ ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିନ୍ମୟୀକୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏନେଇ ବାଙ୍କୀ ପୋଲିସ ଅପମୃତ୍ୟୁ ମାମଲା (ନଂ.୭/୨୧) ରୁଜୁ କରିଛି।

ଚୌଦ୍ୱାର ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମ ନିକଟ ମହାନଦୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସେହି ଗ୍ରାମର ତଇର୍ ମହମ୍ମଦଙ୍କ ପୁଅ ଆଜମଲ୍(୧୦ବର୍ଷ)। ଶନିବାର ମଧ୍ୟାହ୍ନରେ ଆଜମଲ୍ ମହାନଦୀ ଘାଟରେ ଗାଧୋଉଥିବାବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ନଦୀଘାଟରେ ଥିବା ଲୋକମାନେ ଆଜମଲଙ୍କୁ ଖୋଜାଖୋଜି କରି ମଧ୍ୟ ପାଇ ନ ଥିଲେ। ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିବା ପରେ ଆଜମଲଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି।

# ଅନିର୍ଦ୍ଦିଷ୍ଟ କାଳ ଔଷଧ ଦୋକାନ ବନ୍ଦ ଚେତାବନୀ

**ଭୁବନେଶ୍ୱର,୨୨।୫ (ବ୍ୟୁରୋ)**

## କରୋନା ଯୋଦ୍ଧା ମାନ୍ୟତା ଦାବି

କରୋନା ଲଢ଼େଇରେ ସାମିଲ ହୋଇ ଜନସାଧାରଣଙ୍କୁ ସେବା ଯୋଗାଇବାରେ ଔଷଧ ବ୍ୟବସାୟୀଙ୍କ ପ୍ରତ୍ୟକ୍ଷ ତଥା ପ୍ରମୁଖ ଅବଦାନ ରହିଛି। ଅନ୍ୟମାନଙ୍କୁ ରାଜ୍ୟ ସରକାର କରୋନା ଯୋଦ୍ଧା ଘୋଷଣା କରିଛନ୍ତି। ହେଲେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଦିନରାତି ସେବା ଯୋଗାଉଥିବା ଔଷଧ ବ୍ୟବସାୟୀଙ୍କୁ ଯୋଦ୍ଧାର ସମ୍ମାନରୁ ବଞ୍ଚିତ କରାଯାଉଛି। ଏମିତିକି ବ୍ୟବସାୟୀ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ସ୍ୱତନ୍ତ୍ର ଟିକାକରଣର ମଧ୍ୟ କୌଣସି ବ୍ୟବସ୍ଥା କରାଯାଉ ନାହିଁ। ବାରମ୍ବାର ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ପାଖରେ ଦାବି ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ସଭାପତି ପି. ସତ୍ୟନାରାୟଣ ଖବରଦାତା ସମ୍ମିଳନୀରେ କହିଛନ୍ତି। ଯଦି ସରକାର ଦାବିକୁ ଗ୍ରହଣ ନ କରନ୍ତି, ତେବେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଔଷଧ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିବା ସହ ସଂଘର ୨୫ ହଜାର ସଭ୍ୟ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଅଜୟ ଗୋୟଙ୍କା ଓ କାର୍ଯ୍ୟକାରିଣୀ ଦେବଦତ୍ତ ଦାସ ସମେତ ଅନ୍ୟ ବରିଷ୍ଠ ସଭ୍ୟମାନେ ଉପସ୍ଥିତ ଥିଲେ।

# ଚନ୍ଦନଗଛ ଚୋରି ର୍ୟାକେଟ ସକ୍ରିୟ

**ବାଳକାଟୀ,୨୨।୫(ଡି.ଏନ୍.ଏ.)**

■ ଅଭିଯୋଗ ସତ୍ତ୍ୱେ ପୋଲିସ ଚୁପ୍
■ ୨ଦିନରେ କାଟିନେଲେ ୨ ଗଛ

ରାଜ୍ୟରେ ଲକ୍‌ଡାଉନ, ଶଟ୍‌ଡାଉନ ଚାଲିଥିବାବେଳେ ଚୋରମାନେ ପୁଣି ସକ୍ରିୟ ହୋଇଯାଇଛନ୍ତି। ରାଜଧାନୀ ଉପକଣ୍ଠ ବାଳକାଟୀ ଫାଣ୍ଡି ଅଞ୍ଚଳରେ ଗୁରୁବାର ରାତିରେ ଜଣେ ଖବରଦାତାଙ୍କ ଘରୁ ଗୋଟିଏ ଚନ୍ଦନ ଗଛ ଚୋରି ହୋଇଥିବାବେଳେ ଶୁକ୍ରବାର ପୁଣି ଆଉ ଜଣଙ୍କ ଘର ନିକଟରୁ ଚନ୍ଦନ ଗଛ ଚୋରି ହୋଇଥିବା ଶନିବାର ଅଭିଯୋଗ ହୋଇଛି। ଗତ ୨ଦିନ ମଧ୍ୟରେ ଫାଣ୍ଡିର କେଇ ହାତ ଦୂରରେ ଥିବା ଘର ନିକଟରୁ ଚୋରମାନେ ଅତି ଚତୁରତାର ସହ ଗଛ କାଟି ନେଇ ଯାଉଥିଲେ ମଧ୍ୟ ପୋଲିସ ଜାଣିପାରୁ ନାହିଁ। ପୋଲିସ ଚୋରଙ୍କୁ ଧରିବାରେ ସକ୍ଷମ ହୋଇପାରୁ ନ ଥିବାବେଳେ ଚୋରମାନେ ଗୋଟିଏ ପରେ ଗୋଟିଏ ଚ୍ୟାଲେଞ୍ଜ କରୁଛନ୍ତି। ଗତ ୨୦ତାରିଖରେ ଫାଣ୍ଡି ସମ୍ମୁଖ ଜଗନ୍ନାଥ କଲୋନୀରେ ରହୁଥିବା ଖବରଦାତା ମନୋଜ ମଣ୍ଡଳଙ୍କ ଘର



କଟାଯାଇଥିବା ଚନ୍ଦନ ଗଛ।

ପରିସରରେ ଥିବା ଚନ୍ଦନ ଗଛ ଚୋରି ହୋଇଥିଲା। ଏହି ଘଟଣାକୁ ୨୪ଘଣ୍ଟା ନ ପୂରୁଣୁ ଶୁକ୍ରବାର ରାତିରେ ପୁଣି ଫାଣ୍ଡି ନିକଟରେ ରହୁଥିବା ଦିଲୀପ କୁମାର ଦାଶଙ୍କ ଘର ଆଗରେ ଥିବା ଏକ ଫୁଟ ଗୋଲେଇ ଓ ୨୫ଫୁଟ ଉଚ୍ଚତା ବିଶିଷ୍ଟ ଚନ୍ଦନ ଗଛକୁ କେହି ଚୋରି କରି ନେଇଛନ୍ତି। ତେବେ ପୋଲିସ ୨ଟି ଅଭିଯୋଗକୁ ରୁଜୁ କରି ଚୁପ ରହିଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ସ୍ଥାନୀୟ ଅଞ୍ଚଳରୁ ଘରକରଣା ସାମଗ୍ରୀ ଚୋରି ଅଭିଯୋଗରେ ପୋଲିସ ଏହି ଅଞ୍ଚଳର କେତେଜଣ ଯୁବକଙ୍କୁ ଧରିଥିଲା। ମାତ୍ର ଫାଣ୍ଡିରେ ଜଣେ ଦଲାଲ ସାଜିଥିବା ୨ଜଣ ଭଦ୍ରମୁଖା ଉକ୍ତ ଚୋରଙ୍କ ପାଇଁ ମଧ୍ୟସ୍ଥ ସାଜି ମାମଲାକୁ ରଫାଦଫା କରି ଚୋରମାନଙ୍କୁ ଛଡ଼ାଇ ନେଇଥିଲେ। ଏହି କଥା ସ୍ଥାନୀୟ ଲୋକେ ଜାଣିବା ପରେ ପୋଲିସର ସହାନୁଭୂତିକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏବେ ପୁଣି ୨ଦିନରେ ଚନ୍ଦନ ଗଛ ଚୋରିକୁ ନେଇ ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି। ଅନ୍ୟପଟେ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥା ଠିକ୍ ଭାବେ ହେଉ ନ ଥିବାରୁ ଏହି ଚୋରି ହୋଇଥିବା ଲୋକେ କହୁଛନ୍ତି।

# ୟାସ୍ ପୂର୍ବରୁ ବିଏମ୍‌ସିର ପ୍ରସ୍ତୁତି

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

ସମ୍ଭାବ୍ୟ ବାତ୍ୟା 'ୟାସ୍'ର ମୁକାବିଲା ପାଇଁ ଶନିବାର ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ମେ' ୨୫ରୁ ସାମୁଦ୍ରିକ ଝଡ଼ ପ୍ରଭାବରେ ରାଜଧାନୀରେ ପ୍ରବଳ ବର୍ଷା ସହ ଜୋର୍‌ରେ ପବନ ବହିବା ସମ୍ଭାବନା ଥିବାରୁ ବିଏମ୍‌ସି କମିଶନର ସଞ୍ଜୟ ସିଂ ନାଳନର୍ଦ୍ଦମା ସଫା, ଅସ୍ଥାୟୀ ଆଶ୍ରୟସ୍ଥଳର ବ୍ୟବସ୍ଥା ସହ ବିଦ୍ୟୁତ୍ ସରବରାହ ଦିଗରେ ପ୍ରସ୍ତୁତିର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏହି ବୈଠକରେ ସମସ୍ତ ଜୋନାଲ ଡେପୁଟି କମିଶନର, ଶକ୍ତି ବିଭାଗ, ପରିମଳ, ପୋଲିସ ଏବଂ ଅଗ୍ନିଶମ ବିଭାଗର ଅଧିକାରୀମାନଙ୍କ ସହ ସିଂ ଆଲୋଚନା କରିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି)ଙ୍କ ନିୟମାବଳୀ ଅନୁଯାୟୀ ସମସ୍ତ କାର୍ଯ୍ୟ ସୁନିଶ୍ଚିତ କରିବା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଆଗକୁ ମୌସୁମୀ ଆସୁଥିବାରୁ ନାଳନର୍ଦ୍ଦମା ସଫେଇ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏହାକୁ ଏବେ ଅଧିକ ତ୍ୱରାନ୍ୱିତ କରାଯିବ। ସମ୍ଭାବ୍ୟ ବାତ୍ୟାକୁ ଆଖି ଆଗରେ ରଖାଯାଇ ଅସ୍ଥାୟୀ ଆଶ୍ରୟସ୍ଥଳ ସହ ଅସହାୟ ଓ ବଞ୍ଚିତ ବର୍ଗଙ୍କ ପାଇଁ ଉପଯୁକ୍ତ ଖାଦ୍ୟର ବ୍ୟବସ୍ଥା କରାଯିବା ସକାଶେ ଆଞ୍ଚଳିକ ବିକାଶ ପରିଷଦଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

# ସିସିଟିଭିରେ ଅଭିଯୁକ୍ତ, ଶୁଣୁନି ପୋଲିସ

**ବାଳକାଟୀ,୨୨।୫ (ଡି.ଏନ.ଏ)**

ବାଳକାଟୀ ଫାଣ୍ଡି ନିକଟ ଏକ ଗ୍ୟାସ କମ୍ପାନୀ କାଉଣ୍ଟରରୁ ୨୧ହଜାର ଟଙ୍କା ଚୋରି ହୋଇଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଥିଲା। ହେଲେ ଅଭିଯୋଗର ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ ମାମଲା ରୁଜୁ ହୋଇ ନାହିଁ। ଏପରିକି ଗ୍ୟାସ କମ୍ପାନୀ ପାଖରେ ଚୋରି ହେବାର ଦୃଶ୍ୟ ସିସିଟିଭିରେ ଥିଲେ ମଧ୍ୟ ପୋଲିସ ତଦନ୍ତ ପାଇଁ ଯାଉ ନାହିଁ କି ମାମଲାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଫାଣ୍ଡିଠାରୁ ମାତ୍ର କିଛି ମାତ୍ର ଦୂର ପୁରୀ ମୁଖ୍ୟ କେନାଲ କଡ଼ରେ ଏକ ଗ୍ୟାସ୍ କମ୍ପାନୀ ରହିଛି। ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଓଆର ୦୪ ଜି ୯୩୦୧ନଂ.

## ଗ୍ୟାସ କାଉଣ୍ଟରରୁ ଚୋରି



ବିଶିଷ୍ଟ ଏକ ବାଇକ୍‌ରେ ଜଣେ ଯୁବକ ଏକ ଗ୍ୟାସ ସିଲିଣ୍ଡର ଧରି ଆସିଥିଲେ। କିନ୍ତୁ କାଉଣ୍ଟରରେ କେହି ନ ଥିବା ଦେଖି ଉକ୍ତ ଯୁବକ ଡ୍ର'ରୁ ୨୧ହଜାର ଟଙ୍କା ଧରି ପଳାଇଥିଲେ। ପରେ ବ୍ୟବସାୟୀ ଜଣକ ଆସି ଡ୍ର'ରେ ଟଙ୍କା ନ ଥିବା ଦେଖି ଫାଣ୍ଡିର ଦ୍ୱାରସ୍ଥ ହେବା ସହ ଚୋରିର ସିସିଟିଭି ଫୁଟେଜ ରେକର୍ଡିଂ ଥିବା ନେଇ ଫାଣ୍ଡି ଅଧିକାରୀ ମନତାଜ ଅଲ୍ଲୀ ଖାଁଙ୍କୁ କହିଥିଲେ। କିନ୍ତୁ ଫାଣ୍ଡି ଅଧିକାରୀ ଅଭିଯୋଗ ରଖି ନ ଶୁଣିଲା ଭଳି ରହିଗଲେ। ସିସିଟିଭିରେ ଚୋରିର ସମସ୍ତ ଦୃଶ୍ୟ ଥିଲେ ମଧ୍ୟ ପୋଲିସ ଏଥିପ୍ରତି ଆନ୍ତରିକତା ଦେଖାଉ ନ ଥବା ନେଇ ନାନା ପ୍ରଶ୍ନ ସୃଷ୍ଟି କରୁଛି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ଖାଁ କୁହନ୍ତି, ଅଭିଯୋଗ ସମ୍ପର୍କରେ ମୁଁ କିଛି ଜାଣି ନାହିଁ। ସେମାନେ ଅତିରଞ୍ଜିତ କରି କହୁଛନ୍ତି। ଏ ନେଇ ବାଲିଅନ୍ତା ଥାନାଧିକାରୀ ପ୍ରଦୀପ ରାଉତ କହିଛନ୍ତି, ଅଭିଯୋଗ ହେବାର ସଙ୍ଗେ ସଙ୍ଗେ ସ୍ଥାନୀୟ ପୋଲିସ ତଦନ୍ତ ପାଇଁ ଯିବା କଥା। କିନ୍ତୁ କ'ଣ ପାଇଁ ଏପର୍ଯ୍ୟନ୍ତ କେହି ଯାଇନାହାନ୍ତି, ସେନେଇ ଯଥାଶୀଘ୍ର ତଦନ୍ତ କରି ବିହିତ ପଦକ୍ଷେପ ନେବି ବୋଲି ସେ କହିଛନ୍ତି।

# ପୋଲିସ ଉପସ୍ଥିତିରେ ଆର୍‌ଆଇଙ୍କୁ ମରଣାନ୍ତକ ଆକ୍ରମଣ

**ନିଶ୍ଚିନ୍ତକୋଇଲି, ୨୨।୫(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ତହସିଲରେ ଶନିବାର ବେଆଇନ୍ ବାଲି ବୋଝେଇ ଗାଡ଼ି ଉପରେ ଚଢ଼ାଉବେଳେ ଜଣେ ରାଜସ୍ୱ ନିରୀକ୍ଷକ (ଆରଆଇ)ଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହାପରେ ଗୁରୁତର ଅବସ୍ଥାରେ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେ ହେଲେ ଗଣେଶ୍ୱର ହେମ୍ବ୍ରମ୍। ଚିକିତ୍ସିତ ହୋଇ ଫେରିବା ପରେ ସେ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆକ୍ରମଣବେଳେ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ।



ପୋଲିସ ଉପସ୍ଥିତିରେ ଗଣେଶ୍ୱର ହେମ୍ବ୍ରମ୍‌ଙ୍କୁ ଆକ୍ରମଣ କରାଯାଉଛି।

ଫଳରେ ପୋଲିସର କାର୍ଯ୍ୟକାରିତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗଣେଶ୍ୱରଙ୍କ ଅଭିଯୋଗ ଅନୁଯାୟୀ, ମାହାଙ୍ଗା ତହସିଲ ଅଧୀନ

## ବାଲିଘାଟରେ ଦାଦାଗିରି

ବିରୂପା ନଦୀରୁ ବେଆଇନ ବାଲି ଚାଲାଣ ସମ୍ପର୍କରେ ସୂଚନାପାଇ ଗଣେଶ୍ୱର ଏକ ସ୍ୱତନ୍ତ୍ର ଟିମ୍ ସହ ସେଠାରେ ଚଢ଼ାଉ କରିଥିଲେ। ସେଠାରୁ ଏକ ନମ୍ବର ବିହୀନ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ଏହି ସମୟରେ ସମ୍ପୃକ୍ତ ଟ୍ରାକ୍ଟର ମାଲିକ ଓ ଚାଳକ ଗଣେଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଏନେଇ ରିପୋର୍ଟ ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ ରଞ୍ଜନ ପ୍ରଧାନଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ୍ ଫୋନ ଉଠାଇ ନ ଥିଲେ।

# 'ସିଭେଟ୍' ମଳରୁ ଦାମୀ କଫି

ପୃଥିବୀର ସବୁଠାରୁ ଦାମୀ କଫି ବଗିଚାରୁ ନୁହେଁ, ବରଂ ପଶୁ ମଳରୁ ସଂଗୃହୀତ। ଏକଥା ହୁଏତ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଦେଇପାରେ। ହେଲେ ଏହା ସତ୍ୟ। 'ସିଭେଟ୍' ନାମକ ପ୍ରାଣୀ ମଳରୁ ସଂଗୃହୀତ କଫି ମଞ୍ଜିରୁ ପ୍ରସ୍ତୁତ କପେ କଫିର ମୂଲ୍ୟ ହାରାହାରି ୬,୦୦୦ ଟଙ୍କା। ବିରାଡ଼ି ପ୍ରଜାତିର ଏହି ପ୍ରାଣୀର ଅନ୍ତଃନଳୀ ଦେଇ ମଳ ବାହାରିବା ଭିତରେ ଯେଉଁ ରାସାୟନିକ ପ୍ରକ୍ରିୟା ହୁଏ, ସେଥିରେ କଫିର ସ୍ୱାଦ ଆହୁରି ବଢ଼ିଯାଇଥାଏ।



**ନୂଆଦିଲ୍ଲୀ:** କେଉଁ ଆବହମାନ କାଳରୁ କଫିକୁ ନେଇ ମଣିଷ ଭିତରେ ରହିଛି ସ୍ୱତନ୍ତ୍ର ଆକର୍ଷଣ। କଫି ମୋହରେ ପଡ଼ିଥିବା ବ୍ୟକ୍ତି ପୃଥିବୀର ବିଭିନ୍ନ ସ୍ଥାନ ପରିକ୍ରମା କରି ଏହାର ସ୍ୱାଦର ମଜା ନେଇଥିବା ନଜିର ରହିଛି। ହେଲେ ଆମେରିକାରେ 'ସିଭେଟ୍' ନାମକ ପ୍ରାଣୀ ମଳରୁ ସଂଗୃହୀତ କଫି 'କୋପି ଲୁୱାକ୍'ର ଚାହିଦା ଯେତିକି ଏହାର ଦାମ୍ ମଧ୍ୟ ସେତିକି।

ବିରାଡ଼ି ପ୍ରଜାତିର ଏକ ପ୍ରାଣୀ ହେଉଛି ସିଭେଟ୍। ଲମ୍ବାଲାଞ୍ଜ ସିଭେଟ୍‌କୁ ବିରାଡ଼ି ପ୍ରଜାତି ମଧ୍ୟରେ ସ୍ୱତନ୍ତ୍ର କରିଥାଏ। ଜୈବବିବିଧତା ସନ୍ତୁଳନ ରକ୍ଷାରେ ଏହି ଜଙ୍ଗଲୀ ପ୍ରାଣୀର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରାଣୀ ଅପରିପକ୍ୱ କଫି ଫଳକୁ ଖାଦ୍ୟ ଭାବେ ଗ୍ରହଣ କରିଥାଏ। ହେଲେ ଅନ୍ତଃନଳୀରେ ପାଚକ ଏନ୍‌ଜାଇମ୍ ନ ଥିବାରୁ ଏହାକୁ ସିଭେଟ ହଜମ କରିପାରି ନ ଥାଏ। କିଛିଦିନ ପରେ କଫିର ମଞ୍ଜି ମଳରେ ନିର୍ଗତ ହୋଇଥାଏ। ଏହାକୁ ସଂଗ୍ରହ କରି ଆବଶ୍ୟକ ଶୁଦ୍ଧୀକରଣ ପରେ କଫି ପ୍ରସ୍ତୁତ କରାଯାଇଥାଏ। ଅନ୍ତଃନଳୀ ଭିତରେ ରହିବା ଭିତରେ କଫି ମଞ୍ଜିରେ ଏନ୍‌ଜାଇମ୍ ମିଶିଥାଏ। ଫଳରେ ଏହାର ପୌଷ୍ଟିକତା ଏବଂ ସ୍ୱାଦ ଆହୁରି ବଢ଼ିଯାଏ। ସିଭେଟ୍ ମଳରୁ ସଂଗୃହୀତ ହେଉଥିବାରୁ ଏହା 'ସିଭେଟ୍ କଫି' ନାମରେ ଜଣାଶୁଣା। ନ୍ୟାଶନାଲ ଜିଓଗ୍ରାଫିକ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି, ସିଭେଟ୍‌ର ଅନ୍ତଃନଳୀ ଦେଇ ମଳରେ ବାହାରିବା ଭିତରେ କଫି ମଞ୍ଜିର ପ୍ରୋଟିନ ସଂରଚନା ବଦଳିଯାଏ। ଏଥିରୁ କଫିରୁ ଅମ୍ଳ ବାହାରି ଯାଏ। ତେଣୁ ଏହାର ସ୍ୱାଦ ବହୁଗୁଣରେ ବଢ଼ିଯାଏ। ଆମେରିକା, ୟୁରୋପ ସମେତ ମଧ୍ୟପ୍ରାଚ୍ୟ ଦେଶରେ ସିଭେଟ୍ କଫିର ଚାହିଦା ଖୁବ୍ ବେଶି। ଏହାକୁ ଧନୀକଙ୍କ ସଉକ୍ ବୋଲି ମଧ୍ୟ କୁହାଯାଏ।



ଦକ୍ଷିଣ ଭାରତୀୟ ରାଜ୍ୟ କର୍ନାଟକର କୁର୍ଗ ଜିଲାରେ ଏହି କଫି ବହୁଳ ପରିମାଣରେ ଚାଷ କରାଯାଏ। ସେହିପରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ଇଣ୍ଡୋନେସିଆରେ ସିଭେଟ୍ ସହାୟତାରେ କଫି ପ୍ରୋସେସିଂ କରାଯାଉଛି। ତେବେ ପ୍ରାଣୀ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା କେତେକ ସଂସ୍ଥା ଏହାକୁ ବିରୋଧ କରୁଛନ୍ତି। ସେମାନେ ଯୁକ୍ତି ଦର୍ଶାଇଛନ୍ତି ଯେ, ନିଜର ସ୍ୱାର୍ଥ ପାଇଁ ଅନେକ ଦେଶ ଏବେ ସିଭେଟ୍‌କୁ ବନ୍ଦୀ କରି ଏଭଳି କଫି ପ୍ରସ୍ତୁତ କରୁଛନ୍ତି। ଜିହ୍ୱା ଲାଳସା ମେଣ୍ଟାଇବା ପାଇଁ ବନ୍ୟପ୍ରାଣୀଙ୍କୁ ଏଭଳି କାର୍ଯ୍ୟରେ ବ୍ୟବହାରକୁ ସେମାନେ ତୀବ୍ର ନିନ୍ଦା କରି ଆସୁଛନ୍ତି।

# କୁକୁରଙ୍କୁ ବିରିୟାନୀ

**ଭୋପାଳ:** ଲକଡାଉନ୍ ଯୋଗୁଁ ସବୁଆଡେ ଦୋକାନ ବଜାର ଆଦି ବନ୍ଦ ରହିଥିବାରୁ ବୁଲା କୁକୁର ବିଲେଇ ଆଦି ଜୀବଜନ୍ତୁ ଖାଇବାକୁ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏକଥା ଅନୁଭବ କରି ସେମାନଙ୍କୁ ଦିନକୁ ଥରେ ଚିକେନ ବିରିୟାନୀ ଖୁଆଉଛନ୍ତି ନାଗପୁରର ରଞ୍ଜିତ ନାଥ। ତାଙ୍କର ଏଭଳି ଉଦ୍ୟମ ପାଇଁ ଏବେ ସେ ସ୍ଥାନୀୟ ଅଞ୍ଚଳରେ ଖୁବ୍ ଲୋକପ୍ରିୟ ହେବାରେ ଲାଗିଛନ୍ତି ଏବଂ ଏହି କାମ ପାଇଁ ଏବେ ତାଙ୍କୁ ବିଭିନ୍ନ ସ୍ଥାନରୁ ଦାନ ମଧ୍ୟ ମିଳିବାରେ ଲାଗିଛି। ରଞ୍ଜିତ ପ୍ରତିଦିନ ଚିକେନ ବିରିୟାନୀ ରୋଷେଇ କରି ଏବେ ବୁଲା କୁକୁର ଏବଂ ବିଲେଇମାନଙ୍କୁ ଖାଇବାକୁ ଦେଉଛନ୍ତି। କରୋନାର ଦ୍ୱିତୀୟ ଲହରୀ ଆରମ୍ଭ ହେବା ପର ଠାରୁ ସେ ଏହି କାମ କରି ଆସୁଛନ୍ତି। ଏଥିପାଇଁ ପ୍ରତିଦିନ ସେ ପ୍ରାୟ ୪୦ କିଲୋଗ୍ରାମ ବିରିୟାନୀ ତିଆରି କରୁଛନ୍ତି ଏବଂ ପାଖାପାଖି ୧୯୦ଟି ବୁଲା କୁକୁରଙ୍କୁ ଖୁଆଇ ପାରୁଛନ୍ତି। ରଞ୍ଜିତ ପ୍ରଥମେ ନିଜ ଖର୍ଚ୍ଚରେ ଏଭଳି ଏକ ଉଦ୍ୟମ ଆରମ୍ଭ କରିଥିଲେ। ପରେ ତାଙ୍କୁ ଅନେକ ସ୍ଥାନରୁ ଦାନ ମଧ୍ୟ ମିଳିବା ଆରମ୍ଭ ହୋଇଛି।

ବିବାହ ଉପଲକ୍ଷେ ଶୁଭେଚ୍ଛା



ଶକ୍ତି ସହିତ ଶିପ୍ରାଲିନ୍

ଜଗତରନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମର ଦାମ୍ପତ୍ୟ ଜୀବନ ସୁଖମୟ ହେଉ, ଏତିକି ତାଙ୍କ ଚରଣରେ କାମନା।


-:ଶୁଭେଚ୍ଛା ସହ:-

ମହାପାତ୍ର ପରିବାର

ଧ-୨୦୭୬୪

# ରିଲିଜ ପୂର୍ବରୁ ଫାଇଦାରେ 'ଆର୍‌ଆର୍‌ଆର୍'

**ମୁମ୍ବାଇ:** ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଲିଙ୍କ ଅପ୍‌କମିଂ ଫିଲ୍ମ 'ଆର୍‌ଆର୍‌ଆର୍' ରିଲିଜ୍ ପାଇଁ ଏହାର ଡିଜିଟାଲ ଓ ସାଟେଲାଇଟ୍ ରାଇଟ୍ସ ୩୨୫ କୋଟି ଟଙ୍କାରେ ଡିଲ୍ ହୋଇଛି। ପ୍ରଯୋଜକ ଜୟନ୍ତୀଲାଲ ଗଡା ଜୀ ଗ୍ରୁପ୍‌କୁ ଏହି ଅଧିକାର ଟ୍ରାନ୍ସଫର କରିଥିବା ଜଣାଯାଇଛି। ଚଳଚ୍ଚିତ୍ରର ହିନ୍ଦୀ, ତେଲୁଗୁ, ତାମିଲ, କନ୍ନଡ଼, ମାଲୟାଲମ ଭାଷାରେ ରିଲିଜ୍‌କୁ ମିଶାଇ ଏହି ଡିଲ୍ ହୋଇଛି। କୌଣସି ଫିଲ୍ମ ରିଲିଜ୍ ହେବା ପରବର୍ତ୍ତୀ ରାଇଟ୍ସ କିଣାଯିବାରେ ଏହା ସବୁଠୁ ବଡ଼ ଡିଲ୍ ବୋଲି କୁହାଯାଉଛି। ରିପୋର୍ଟ ମୁତାବକ, ଜୟନ୍ତୀଲାଲଙ୍କ ଷ୍ଟୁଡିଓ ପେନ୍ ଇଣ୍ଡିଆ ଲିମିଟେଡ ଫିଲ୍ମର ସବୁ ଭାଷାର ଡିଜିଟାଲ, ସାଟେଲାଇଟ୍ ଏବଂ ଇଲେକ୍ଟ୍ରୋନିକ୍ସ ରାଇଟ୍ସ କିଣିଥିଲା। ଚଳଚ୍ଚିତ୍ରର ଥିଏଟ୍ରିକାଲ ରାଇଟ୍ସକୁ ଏହି ଷ୍ଟୁଡିଓ ୧୪୦ କୋଟିରେ ନିଜ ପାଖରେ ରଖିଥିଲା। ଏହାକୁ ମିଶାଇ ଫିଲ୍ମର ରିଲିଜ ପରବର୍ତ୍ତୀ ରାଇଟ୍ସ ମୋଟ ୪୭୫ କୋଟି ବୋଲି ଜଣାଯାଇଛି।



ଜୁନିଅର ଏନଟିଆର

ଏବେ ଫିଲ୍ମ ନିର୍ମାତା ସବୁ ମାଧ୍ୟମର ରାଇଟ୍ସକୁ ବିକ୍ରି କରିଦେଇଥିବାରୁ ପ୍ରାୟ ୪୫୦ କୋଟିର ଲାଭ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ଡିବିବି ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମାଣ କରାଯାଇଥିବା ଏହି ଫିଲ୍ମ ୧୯୨୦ ଦଶକର ବିପ୍ଳବୀ ଆଲୁରୀ ସୀତାରାମା ରାଜୁ ଏବଂ କୋମାରାମ ଭୀମାଙ୍କ ଜୀବନୀ ଉପରେ ଆଧାରିତ। ଏହି ମଲ୍ଟି ଷ୍ଟାରର୍ ପିରିୟଡ୍ ଡ୍ରାମା ଚଳଚ୍ଚିତ୍ର ୮ ଜାନୁୟାରୀ ୨୦୨୧ ରେ ମୁକ୍ତିଲାଭ କରିବାକୁ ସ୍ଥିର ହୋଇଥିଲା। କିନ୍ତୁ କରୋନା ସଂକ୍ରମଣ ଯୋଗୁ ତାହା ରିଲିଜ ହୋଇପାରିନି। ଆସନ୍ତା ଅକ୍ଟୋବର ୧୩ରେ 'ଆର୍‌ଆର୍‌ଆର୍' ମୁକ୍ତିଲାଭ କରିବ। ଏଥିରେ ଜୁନିଅର ଏନଟିଆର, ରାମ ଚରଣ, ଅଜୟ ଦେବଗନ, ଆଲିଆ ଭଟ୍ଟ ଏବଂ ଶ୍ରୀୟା ସରନ ପ୍ରମୁଖ ଭୂମିକାରେ ଅଛନ୍ତି। ଅଜୟ ଏବଂ ଆଲିଆଙ୍କ ଏହା ପ୍ରଥମ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର।

# କଙ୍ଗନାଙ୍କ ବଡିଗାର୍ଡ ବଳାତ୍କାର ଅଭିଯୁକ୍ତ

**ମୁମ୍ବାଇ:** ବଳାତ୍କାର ମାମଲାରେ ଫସିଛନ୍ତି ବଲିଉଡ୍‌ର ବିବାଦୀୟ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତଙ୍କ ବଡିଗାର୍ଡ। ପେସାରେ ବ୍ୟୁଟିସିଆନ୍ ଥିବା ଜଣେ ୩୦ ବର୍ଷୀୟ ଯୁବତୀ ତାଙ୍କ ବିରୋଧରେ ଡିଏନ୍ ନଗର ପୋଲିସ ଷ୍ଟେଶନରେ ଅଭିଯୋଗ କରିଛନ୍ତି। କଙ୍ଗନାଙ୍କ ବଡିଗାର୍ଡ କୁମାର ହେଗଡେଙ୍କ ସହ ତାଙ୍କର ସମ୍ପର୍କ ରହିଥିଲା। ୮ ବର୍ଷ ଧରି ପରସ୍ପରକୁ ସେମାନେ ଜାଣିଥିଲେ। କୁମାର ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଲିଭ୍-ଇନ୍ ରିଲେସନଶିପ୍‌ରେ ରହୁଥିଲେ। ଏହାଛଡ଼ା କୁମାର ତାଙ୍କଠାରୁ ୫୦ ହଜାର ଟଙ୍କା ମଧ୍ୟ ନେଇଛନ୍ତି। ମା' ଅସୁସ୍ଥ ଅଛନ୍ତି କହି କୁମାର ଗାଁକୁ ଯିବା ପରେ ଆଉ ଯୁବତୀଙ୍କୁ ଧରାଛୁଆଁ ଦେଉ ନ ଥିବା ଅଭିଯୋଗରେ ଦର୍ଶାଯାଇଛି।



କୁମାର ହେଗଡେ

## ରାଜ୍ୟ ଖବର

# ପଜିଟିଭ ଚିହ୍ନଟ ପରେ ଆସନ୍ନପ୍ରସବା ହଟହଟା

ବୌଦ୍ଧ,୨୨।୫(ସ୍ୱ.ପ୍ର.)

ବୌଦ୍ଧ ଜିଲାରେ କରୋନାର ଆଉ ଏକ କରୁଣ ଚିତ୍ର ଦେଖିବାକୁ ମିଳିଛି । କରୋନା ପଜିଟିଭ ଚିହ୍ନଟ ହେବା ପରେ ଜଣେ ଆସନ୍ନପ୍ରସବାଙ୍କୁ ଡାକ୍ତରଖାନାରୁ ରାତାରାତି ଚାଲିଯିବାକୁ କୁହାଯିବାରୁ ତାଙ୍କୁ ହଟହଟା ହେବାକୁ ପଡିଛି। ଏହି ସମ୍ବେଦନଶୀଳ ଘଟଣା ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି କରିଛି।

ପ୍ରକାଶ ଯେ, ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପୁରୁଣାମାନତ୍ରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ତ୍ରିମଣ୍ଡଳ ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କୁ ପ୍ରସବ ପାଇଁ ପରିବାର ଲୋକେ ଶୁକ୍ରବାର ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏଠାରେ ଚିକିତ୍ସା ପୂର୍ବରୁ ତାଙ୍କର କୋଭିଡ୍ ପରୀକ୍ଷା କରାଯାଇଥିଲା। କିନ୍ତୁ ସମ୍ପୃକ୍ତ ମହିଳା ଜଣକ କରୋନା ପଜିଟିଭ ବୋଲି ରିପୋର୍ଟ ଆସିଥିଲା । ଏହାପରେ ଚିକିତ୍ସାଳୟ ପକ୍ଷରୁ ରାତି ପ୍ରାୟ ୪ଟା ବେଳେ ତାଙ୍କୁ ବୁର୍ଲା ନେଇଯିବାକୁ ପରିବାର ଲୋକଙ୍କୁ କୁହାଯାଇଥିଲା। ଏହି ପରିବାର ଅତ୍ୟନ୍ତ ଗରିବ ହୋଇଥିବା ବେଳେ ପାଖରେ ଟଙ୍କା ନ ଥିବା ଜଣାଇଥିଲେ । ଏହାସତ୍ତ୍ୱେ ତାଙ୍କୁ ଡାକ୍ତରଖାନା ଛାଡି ଚାଲିଯିବାକୁ କୁହାଯାଇଥିଲା। ଫଳରେ ପରିବାର ଲୋକେ ଆସନ୍ନ ପ୍ରସବାଙ୍କୁ ଚିକିତ୍ସାଳୟ ପରିସରରେ ଖୋଲା ଆକାଶ ତଳେ ପକାଇ ରଖିଥିଲେ । ସେ ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ୍ୟ ଅନ୍ୟମାନେ ଦେଖଣାହାରୀ ସାଜିଥିଲେ । ଜିଲାପାଳ ଲଲାଟେନ୍ଦୁ ମିଶ୍ର ଏ ସମ୍ପର୍କରେ ଖବରପାଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଯଥାଶୀଘ୍ର ତାଙ୍କୁ ଚିକିତ୍ସା ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ତାଗିଦ ପରେ ମହିଳାଙ୍କୁ ପୁଣି ଥରେ ଚିକିତ୍ସାଳୟ ଭିତରକୁ ନିଆଯାଇ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯାଇଥିଲା। ପରେ ଚିକିତ୍ସାଳୟ ପକ୍ଷରୁ ଶନିବାର ସକାଳ ସାଢେ ୮ଟା ସମୟରେ ୧୦୮ ଆମ୍ବୁଲାନ୍ସ ଯୋଗେ ମହିଳାଙ୍କୁ ଚିକିତ୍ସା ପାଇଁ ବୁର୍ଲା ପଠାଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ତ୍ରିଲୋଚନ ପ୍ରଧାନ କହିଛନ୍ତି, ମହିଳା ଜଣକ କୋଭିଡ ସଂକ୍ରମିତ ଥିବା ପରୀକ୍ଷା ପରେ ଜଣାପଡିଥିଲା। ତେବେ ଗର୍ଭସ୍ଥ ଶିଶୁର ମୁଣ୍ଡ ବଡ ଥିବାରୁ ଅସ୍ତ୍ରୋପଚାର କରିବାର ଆବଶ୍ୟକତା ରହିଥିଲା। ଏଠାରେ କୋଭିଡ ସଂକ୍ରମିତ ରୋଗୀଙ୍କ ପାଇଁ କୌଣସି ସୁବିଧା ନ ଥିବାରୁ ତାଙ୍କୁ ବୁର୍ଲା ନେଇଯିବାକୁ ପରାମର୍ଶ ଦିଆଯାଇଥିଲା। ସେମାନେ ସେଠାକୁ ଯିବାକୁ ଅରାଜି ହେବା ସହ ଘରକୁ ଚାଲିଯିବାକୁ ବାହାରି ଥିଲେ। ସକାଳୁ ଚିକିତ୍ସାଳୟ ପକ୍ଷରୁ ଆମ୍ବୁଲାନ୍ସ ସୁବିଧା କରି ମହିଳାଙ୍କୁ ବୁର୍ଲା ଡାକ୍ତରଖାନା ପଠାଇ ଦିଆଯାଇଥିଲା।

### ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆମ୍ବୁଲାନ୍ସ ଯୋଗାଇ ଦିଆଗଲା



ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଗର୍ଭବତୀ ଓ ତାଙ୍କ ପରିବାର।

# ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା

କେନ୍ଦୁଝର,୨୨।୫(ସ୍ୱ.ପ୍ର.)

### ୧୭ ଦିନ ପରେ ମାଟିତଳୁ ମୃତଦେହ ଜବତ କଲା ପୋଲିସ

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ନୟାକୋଟ ଥାନା କଦମଡ଼ିହି ଗ୍ରାମର ନିରାଶ ମୁଣ୍ଡା ନାମ୍ନୀ ଜଣେ ମହିଳାଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ତଣ୍ଟି ଚିପି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାର ୧୭ ଦିନ ପରେ ଶନିବାର ମାଟି ତଳୁ ତାଙ୍କ ମୃତଦେହ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୨୨/୨୧) ରୁଜୁ କରି ଅଭିଯୁକ୍ତ ଛବି ମୁଣ୍ଡାଙ୍କୁ ଗିରଫ କରଛି।

ପୋଲିସ ସୂଚନା ଅନୁଯାୟୀ ଛବି ମୁଣ୍ଡାଙ୍କ ସ୍ତ୍ରୀ ଦୀର୍ଘ ଦିନ ଧରି ଜ୍ୱରରେ ପୀଡ଼ିତ ହୋଇ ଗତବର୍ଷ ମୃତ୍ୟୁବରଣ କରିଥିଲେ। ତେବେ ତାଙ୍କୁ ଛବି ମେଡିକାଲ ନେଇ ନ ଥିଲେ। ମୃତ ନିରାଶ ମୁଣ୍ଡା ଗୁଣି ଗାରେଡ଼ି କରିଥିବାରୁ ତାଙ୍କ ସ୍ତ୍ରୀ ମରିଗଲା ବୋଲି ଛବି ସନ୍ଦେହ କରିଥିଲେ। ପ୍ରତିଶୋଧ ପରାୟଣ ହୋଇ ନିରାଶଙ୍କୁ ସବୁ ଦିନ ପାଇଁ ରାସ୍ତାରୁ ହଟାଇ ଦେବାକୁ ସେ ଯୋଜନା କରିଥିଲେ। ଗତ ୫ ତାରିଖ ସନ୍ଧ୍ୟାରେ ନିରାଶ ଘର ପାଖରେ ଥିବା ବେଳେ ହଠାତ ଛବି ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ମୃତଦେହକୁ ଏକାକୀ ବୋହି ନେଇ ଗାଁ ପାଖ ନାଳ କଡ଼ରେ ଥିବା ଏକ ଖାଲରେ ପୋତି ଦେଇଥିଲେ। ତେବେ ନିରାଶ ହଠାତ ନିଖୋଜ ହୋଇଯିବାରୁ ତାଙ୍କ ପୁଅ ଶୁକ୍ରା ମୁଣ୍ଡା ବ୍ୟତିବ୍ୟସ୍ତ ହୋଇ ଖୋଜାଖୋଜି କରିବା ପରେ ଗତ ଶୁକ୍ରବାର ନାଳ କଡ଼ରେ ନିରାଶଙ୍କ କିଛି ବ୍ୟବହୃତ ସାମଗ୍ରୀ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ସେଠାରେ ପୋତା ହୋଇଥିବା ନିରାଶଙ୍କ ଗୋଡ଼ ଦୁଇଟି ଉପରକୁ ଦେଖା ଯାଉଥିବାରୁ ସେ ନୟାକୋଟ ଥାନା ପୋଲିସକୁ ଜଣାଇଥିଲେ। ଶନିବାର ନୟାକୋଟ ଥାନାଧିକାରୀ ବିଦେଶୀ ବାଗ, ଏଏସ୍ଆଇ ସୁଶାନ୍ତ ସେଠୀ, ମାଜିଷ୍ଟ୍ରେଟ ତହସିଲଦାର ସପନ କୁମାର ସାହୁ, ସଦର ଏସଡିପିଓ ପ୍ରକାଶ ଜେମ୍ସ ଟପୋ ଘଟଣାସ୍ଥଳରେ ପହଞ୍ଚି ମାଟି ତଳୁ ମୃତଦେହ ଜବତ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଛବି ମୁଣ୍ଡା ଏହି ହତ୍ୟାକାଣ୍ଡ ଘଟାଇଥିବା ନେଇ ସ୍ୱୀକାର କରିଥିବା ପୋଲିସ ସୂଚନା ଦେଇଛି।

# କୋଭିଡ୍ ମୁକାବିଲା ପାଇଁ ପାୱାର ଗ୍ରୀଡ୍‌ର ପଦକ୍ଷେପ

ଭୁବନେଶ୍ୱର,୨୨।୫(ବ୍ୟୁରୋ)

କୋଭିଡ୍ ମୁକାବିଲା ପାଇଁ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ମହାରତ୍ନ କମ୍ପାନୀ ପାୱାର ଗ୍ରୀଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍ (ପାୱାର ଗ୍ରୀଡ୍) ଅନେକ ପଦକ୍ଷେପ ଗ୍ରହଣ କରିଛି। ନିଜ କର୍ମଚାରୀ ଓ ଶ୍ରମିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେବା ସହ ଟେଷ୍ଟିଂ ଏବଂ ଟିକାକରଣକୁ ବ୍ୟାପକ କରିଛି। ରାଉରକେଲା ସବ୍‌ଷ୍ଟେଶନ କ୍ୟାମ୍ପସକୁ ଶତପ୍ରତିଶତ କୋଭିଡ୍ ମୁକ୍ତ କରିବା ପାଇଁ ଗତ ୧୯ ତାରିଖରେ ସ୍ୱତନ୍ତ୍ର ଟେଷ୍ଟିଂ ଶିବିର କରାଯାଇଥିଲା। ଏଥିରେ ସବ୍‌ଷ୍ଟେଶନ କର୍ମଚାରୀ, ଶ୍ରମିକ ଓ ସେମାନଙ୍କ ପରିବାର ସଦସ୍ୟଙ୍କର ରାପିଡ୍ ଆଣ୍ଟିଜେନ ଟେଷ୍ଟ ହୋଇଥିଲା। ଅନୁଗୋଳ ସବ୍‌ଷ୍ଟେଶନରେ ବିରାଟ ଟିକାକରଣ ଶିବିରର ଆୟୋଜନ କରାଯାଇ କର୍ମଚାରୀ, ପରିବାର ସଦସ୍ୟ, ଏମ୍‌ସି ଫିଟର, ଡ୍ରାଇଭରଙ୍କ ସମେତ ପ୍ରାୟ ୧୦୦ଜଣଙ୍କୁ ଟିକା ଦିଆଯାଇଥିଲା। ସେହିଭଳି ବାରିପଦା, କଣିହା ଓ ବଲାଙ୍ଗୀର ସବ୍‌ଷ୍ଟେଶନରେ ଏଭଳି ଶିବିରମାନ ଆୟୋଜନ କରାଯାଇ କୋଭିଡ୍ ସଂକ୍ରମଣକୁ ଯଥାସମ୍ଭବ ରୋକିବାକୁ ଉଦ୍ୟମ ଜାରି ରହିଥିବା କମ୍ପାନୀର ସିନିୟର ଜେନେରାଲ ମ୍ୟାନେଜର (କର୍ପୋରେଟ କମ୍ୟୁନିକେଶନ୍ସ) ନରେଶ କୁମାର ସୂଚନା ଦେଇଛନ୍ତି।

# ୯ ଷ୍ଟାର୍ଟଅପଙ୍କ ସମସ୍ୟା ବୁଝିଲେ ସଚିବ

ଭୁବନେଶ୍ୱର, ୨୨।୫(ବ୍ୟୁରୋ)

ଏମ୍‌ଏସ୍‌ଏମ୍‌ଇ ବିଭାଗ ଷ୍ଟାର୍ଟଅପ୍-ସଂଯୋଗ କାର୍ଯ୍ୟକ୍ରମର ୪ର୍ଥ ସଂସ୍କରଣ ଶନିବାର ଭର୍ଚୁଆଲ ମୋଡ୍‌ରେ ଆୟୋଜିତ ହୋଇଥିଲା। ଏଥିରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆଲୋଚନା କରିଥିଲେ । ବିଦ୍ୟୁତ୍ ବାହନ(ଇଭି) କ୍ଷେତ୍ରରେ କାର୍ଯ୍ୟ କରୁଥିବା ନୂଆ ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କ କେଉଁ ପ୍ରକାର ସମସ୍ୟା ରହିଛି ଏବଂ ସରକାରୀ ସହାୟତା ଯଦି ଆବଶ୍ୟକ ତେବେ ସେ ନେଇ ସୂଚିତ କରିବାକୁ ପରାମର୍ଶ ଦିଆଯାଇଛି । ପ୍ରମୁଖ ଶାସନ ସଚିବ ଏହି ଷ୍ଟାର୍ଟଅପ୍‌ଗୁଡ଼ିକୁ ଜମି ଯୋଗାଣ, ବ୍ୟାଙ୍କ ଋଣ ସହାୟତା ପ୍ରଦାନ, ରେଜିଷ୍ଟ୍ରେଶନ ସହ ଆବଶ୍ୟକ ସ୍ଥଳେ ସରକାରୀ ଆଇନରେ ସଂଶୋଧନ କରିବା ନେଇ ବିଭାଗ ସହଯୋଗ ଯୋଗାଇବବୋଲି ସୂଚନା ଦେଇଛନ୍ତି। ଏହି ଅବସରରେ ୯ ଷ୍ଟାର୍ଟଅପ୍‌ଙ୍କ ସହ ଆଲୋଚନା କରାଯାଇଛି। ସେମାନଙ୍କ ମଧ୍ୟରେ ସ୍କାଏ ରାଇଡରର ହିମାଂଶୁ ଓ ନିହାର ରଞ୍ଜନ ପଣ୍ଡା, ୟୋ ୟୋ ରାଇଡସ୍‌ର ଲକ୍ଷ୍ମୀନାରାୟଣ, ଆଲ୍‌ଫା ଇଭିର ସୁଶ୍ରୀ ଚିନ୍ମୟୀ ପାତ୍ର, ସେସ୍ପା ଗ୍ଲୋବାଲ ସଲ୍ୟୁସନ୍‌ର ଜେ. ସ୍ୱାଇଁ ଆଦି ଷ୍ଟାର୍ଟଅପ୍ ବିଦ୍ୟୁତ୍ ବାହନ ଉପରେ କାର୍ଯ୍ୟ କରୁଛନ୍ତି। ଏସବୁ ଓଡ଼ିଶାରେ ନିର୍ମାଣ କରିବାର ଯୋଜନା ରଖିଛନ୍ତି । ତେବେ କେତେକ ଷ୍ଟାର୍ଟଅପ୍ ପାଇଁ ଜମିର ଆବଶ୍ୟକତା ରହିଥିବାବେଳେ କେତେକ ଆର୍ଥିକ ସହଯୋଗ ପାଇଁ ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଆସୁଥିବା ଅଭିଯୋଗଗୁଡ଼ିକୁ ରେକର୍ଡ କରାଯାଇ ଏହାର ସମାଧାନ ଦିଗରେ ବିହୀତ କାର୍ଯ୍ୟାନୁଷ୍ଠାନ ଲାଗି ପ୍ରମୁଖ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି।

## ମନେ ପଡ଼ନ୍ତି

ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଆର୍. ବାବୁରାଓ

ଅବସରପ୍ରାପ୍ତ D.S.I of Police, ଓଡ଼ିଶା
(ବନ୍ଧୁକ ଚାଳନାରେ ସିଦ୍ଧହସ୍ତ)
ରେଡିକା ଷ୍ଟ୍ରିଟ୍, ଚର୍ଚ୍ଚରୋଡ୍, ଛତ୍ରପୁର, ଗଞ୍ଜାମ
ଆବିର୍ଭାବ: ୩୧।୧୨।୧୯୨୯
ତିରୋଧାନ: ୧୩।୦୫।୨୦୨୧

ଆପଣ ହଠାତ୍ ଆମକୁ ଶୋକ ସାଗରରେ ଭସାଇ ଚାଲିଗଲେ। ଅତୀତର ତୁମ ସ୍ମୃତିଗୁଡ଼ିକୁ ମନେପକାଇ ବହୁତ ଦୁଃଖରେ। ତୁମର ସେଇ ସ୍ନେହ, ମମତା ଓ ଶ୍ରଦ୍ଧା ଆମପାଇଁ ସଦାବେଳେ ପ୍ରେରଣା ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ:- ପୁଅ: ନାଗେଶ୍ୱର, ଝିଅ:କରିସ୍ମା, ବୋହୂ: ଦମୟନ୍ତୀ ଓ ପଦ୍ମା ଜ୍ୱାଇଁ: ସ୍ୱର୍ଗତ ସୋମେଶ୍ୱର, ନାତି: ଦେବାଶିଷ, କୈଳାସ, ଘନଶ୍ୟାମ ଓ ଲୋକନାଥ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।

ଧ-୬୬୬୫୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଚାରୁଲତା ମହାନ୍ତି

ବଗଲସାହି, ଶାସୋଳ, ଫୁଲନଖରା, କଟକ
ଆବିର୍ଭାବ: ୦୧।୦୧।୧୯୪୧
ତିରୋଧାନ: ୧୩।୦୫।୨୦୨୧

ଦେଖୁଦେଖୁ ଦିନ ବିତି ଚାଲିଛି, ଆଜି ବି ବିଶ୍ୱାସ ହେଉନାହିଁ ଯେ ତୁମେ ଆମ ସାଙ୍ଗରେ ନାହିଁ ବୋଲି। ତୁମର ଅନୁପସ୍ଥିତି ଆମପାଇଁ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ ।

ଧ-୬୧୦୮୧

ଶ୍ରଦ୍ଧାଞ୍ଜଳି



୰ରାଜ କିଶୋର ତ୍ରିପାଠୀ

ଆବିର୍ଭାବ: ୦୯।୦୨।୧୯୨୬
ତିରୋଧାନ: ୧୧।୦୫।୨୦୧୪
କାଳିଆକୃପା, ଓଲ୍ଡଟାଉନ୍, ଭୁବନେଶ୍ୱର

ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ପ୍ରାର୍ଥନା। ତୁମ ସ୍ନେହାଶୀର୍ବାଦ ସଦା ଆମ ଉପରେ ରହିଥାଉ।

ଶୋକସନ୍ତପ୍ତ ପରିବାରବର୍ଗ

ଧ-୨୦୭୬୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କ୍ଷେତ୍ରବାସୀ ଦେହୁରୀ

ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ
ଆବିର୍ଭାବ: ୧୯୫୦ ଆଷାଢ଼ ଶୁକ୍ଳପକ୍ଷ ଅଷ୍ଟମୀ
ତିରୋଧାନ: ୦୪।୦୫।୨୦୨୦ ବୈଶାଖ ଶୁକ୍ଳ ଏକାଦଶୀ
ଡିମିରିପାଲି, ବାଉଁଶୁଣୀ, ଜିଲ୍ଲା- ବୌଦ୍ଧ

ଚାହୁଁ ଚାହୁଁ ୧ବର୍ଷ ବିତିଗଲା, ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଅନୁପସ୍ଥିତି ଆମ୍ଭେ ଅନୁଭବ କରୁଛୁ ଓ କରୁଥିବୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ:- ଧର୍ମପତ୍ନୀ: ଯାଜ୍ଞସେନୀ ଦେହୁରୀ, ଭଉଣୀ: ଦ୍ରୌପଦୀ କ୍ଷେତି, କନ୍ୟା: ଜୁଇ, ଜୁଲି, ରିନି, ପୁତ୍ର: ପ୍ରୀତୀଶ, ଜ୍ୱାଇଁ: ସୁଦର୍ଶନ, ବୁଲୁ, ରାଜୁ, ନାତି/ନାତୁଣୀ: ପଂଶୁଲ, ସିଆନା, ଗୁଲୁ ଓ ବନ୍ଧୁବାନ୍ଧବବର୍ଗ ।

ଧ-୨୦୭୬୬

# ଲକ୍‌ଡାଉନ୍ ଓ ସୋସିଆଲ୍ ମିଡିଆ

ବର୍ତ୍ତମାନ ଲକ୍‌ଡାଉନ୍‌ର ଅବଧି ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ବଢ଼ିଯାଇଛି। ଆଗାମୀ ପରିସ୍ଥିତିକୁ ଆଖିଆଗରେ ରଖି ଏହା ଆହୁରି ବଢ଼ା ନ ଯାଇପାରେ ବୋଲି କହିବା ବି ମୁସ୍କିଲ୍। ଏମିତିରେ ଘରେ ରହି ବୋର୍ ହେଉଥିବା ଯୁବପିଢ଼ିଙ୍କ ଲାଗି ସୋସିଆଲ ମିଡିଆ ଯେମିତି ପାଲଟିଯାଇଛି ବେଷ୍ଟ ଫ୍ରେଣ୍ଡ। ହେଲେ ଏହା ନିଶାରେ ଦିନ ରାତି ସେମାନଙ୍କ ହାତରୁ ଅଲଗା ହେଉନାହିଁ ମୋବାଇଲ୍। ଏହା ଦ୍ୱାରା ବିଭିନ୍ନ ସମସ୍ୟା ଉପୁଜୁଛି...







ଦିନେ ନୁହେଁ ମାସେ ନୁହେଁ, ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି କରୋନା ଲାଗି ସ୍କୁଲ୍ କଲେଜଠାରୁ ଆରମ୍ଭ କରି ବାହାରେ ମଜାମସ୍ତି କରିବା ଲାଗି ଥିବା ସମସ୍ତ ସ୍ଥାନ ବି ଏକପ୍ରକାର ବନ୍ଦ ହୋଇଯାଇଛି। ତେଣୁ ଘରେ ରହି ରହି ବୋର୍ ହେଉଛନ୍ତି ସମସ୍ତେ। ବିଶେଷକରି ଏହା ଯୁବପିଢ଼ିଙ୍କୁ ଅଧିକ ପ୍ରଭାବିତ କରିଛି। ତେଣୁ ଏ ସମୟରେ ସେମାନେ ଅଧିକରୁ ଅଧିକ ସମୟ ବିଭିନ୍ନ ସୋସିଆଲ୍ ମିଡିଆରେ ଆକ୍ଟିଭ୍ ରହୁଥିବା ଦେଖିବାକୁ ମିଳୁଛି। ତେବେ କାହା କାହା ଲାଗି ଏହାଦ୍ୱାରା ସଭିଙ୍କ ସହ ଯୋଗାଯୋଗରେ ରହିବା ସହ ଅନେକ କିଛି ଶିଖିବାଠାରୁ ଆରମ୍ଭ କରି ନିଜ ପ୍ରତିଭାକୁ ଲୋକଲୋଚନକୁ ଆଣିବା ବି ସହଜ ହୋଇପାରୁଛି। ପୁଣି ଆଉ କାହା କାହାଠାରେ ଏହାକୁ ବ୍ୟବହାର କରିବା କ୍ରେଜ୍ ଏତେ ଅଧିକ ଯେ, ସେମାନେ ଏହାର ସକାରାତ୍ମକ ଦିଗରୁ ଦୂରେଇ ଯାଉଛନ୍ତି, ଯାହାକି ଅପରପକ୍ଷେ ବିଭିନ୍ନ ସମସ୍ୟାର କାରଣ ସାଜୁଛି ସେ ଦିଗରେ ସେମାନେ ସଚେତନ ନୁହନ୍ତି...

**ଅଜାଣତରେ ହୋଇଯାଉଛନ୍ତି ଏକାକି:** କରୋନା ସଂକ୍ରମଣ ରୋକିବା ଲାଗି ବର୍ତ୍ତମାନ ସମସ୍ତଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଉଛି। ଯାହାକି ଅପରପକ୍ଷେ ନିଜ ପରିବାର ସହ କ୍ୱାଲିଟି ଟାଇମ୍ ବିତାଇବାର ବଡ ସୁଯୋଗ। ହେଲେ ଦୁଃଖର ବିଷୟଯେ, ସୋସିଆଲ୍ ସାଇଟ୍‌ର ଅଧିକ ବ୍ୟବହାର ଏକ ଏଭଳି ନିଶା, ଯଦ୍ଦ୍ୱାରା ଅନେକ ଯୁବତୀଯୁବକ ନିଜ ପରିବାରର ସଦସ୍ୟଙ୍କ ପରିବର୍ତ୍ତେ ମୋବାଇଲ୍‌ରେ ଅଧିକ ସମୟ ବିତାଉଛନ୍ତି। ସୋସିଆଲ ନେଟ୍‌ୱର୍କିଂ ସାଇଟ୍‌ରେ ସବୁବେଳେ ଅପ୍‌ଡେଟ୍ ରହିବା ଲାଗି କିଏ କ'ଣ ନୂଆ ପୋଷ୍ଟ କରୁଛନ୍ତି ଜାଣିବା, ନିଜେ କିଛି ଭିନ୍ନ କରି ଲାଇକ୍ସ ଏବଂ କମେଣ୍ଟସ୍ ପାଇବା ସହ ନିଜ ସାଙ୍ଗସାଥିଙ୍କ ସହ ଚାଟିଂ କରିବା ଲାଗି ଏଥିରେ ଦୀର୍ଘ ସମୟ ଅତିବାହିତ କରୁଛନ୍ତି। ତେଣୁ ଏ ସମୟରେ ପରିବାର ସହ ରହିବାର ସୁଯୋଗ ଥାଇ ସୁଦ୍ଧା ସେମାନଙ୍କ ସହ ବିତାଇବାକୁ ସମୟ ଅଣ୍ଟୁ ନାହିଁ, ଯାହାକି ଅଜାଣତରେ ସେମାନଙ୍କୁ ଏକାକୀ କରିଦେଉଛି। କେବେ କେବେ ସୋସିଆଲ୍ ସାଇଟ୍‌ରେ ପ୍ରେମ, ପ୍ରତାରଣା ଆଦି ପରିବାର ସହ ସେୟାର କରି ନ ପାରି ଡିପ୍ରେଶନ୍‌ର ଶିକାର ମଧ ହେଉଥିବା ଦେଖିବାକୁ ମିଳୁଛି।

**ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣୁଛି:** ବର୍ତ୍ତମାନ ଲକ୍‌ଡାଉନ୍‌ରେ ଘରେ ରହୁଥିବାରୁ ଅଧିକାଂଶ ସୋସିଆଲ୍ ମିଡିଆ ନିଶାରେ ଅଧିକାଂଶ ଘଣ୍ଟାଘଣ୍ଟା ମୋବାଇଲ୍ କିମ୍ବା କମ୍ପ୍ୟୁଟର ବ୍ୟବହାର କରୁଛନ୍ତି। କେହିକେହି ଅଧିକ ରାତି ପର୍ଯ୍ୟନ୍ତ ଅନିଦ୍ରା ରହିବାକୁ ବି ପଛାଉ ନାହାନ୍ତି। କେହିକେହି ଖାଇବା ଭୁଲି ଯାଉଛନ୍ତି ତ କେହିକେହି ଏହାକୁ ବ୍ୟବହାର ନିଶାରେ ଅଜାଣତରେ ଆବଶ୍ୟକରୁ ଅଧିକ ଖାଇନେଉଛନ୍ତି। ତେବେ ଦୀର୍ଘ ସମୟ ଏହାର ବ୍ୟବହାର ଫଳରେ ଅଳସୁଆ ଲାଗିବା, କାର୍ଯ୍ୟ କୁଶଳତା ହ୍ରାସ, ଗ୍ୟାସ୍, ବଦହଜମି, ହୃଦ୍ ସମସ୍ୟା, ନିଦ୍ରାହୀନତା, ଆଖିତଳ କଳା ପଡ଼ିବା, ତ୍ୱଚାରେ କୁଞ୍ଚନ, ମଧୁମେହ, ମେଦବହୁଳତା, ସ୍ମରଣ ଶକ୍ତି, ଦୃଷ୍ଟିଶକ୍ତି, ଶ୍ରବଣ ଶକ୍ତି ହ୍ରାସ ହେବା, ବେକ, ଅଣ୍ଟାରେ ଯନ୍ତ୍ରଣା ଭଳି ବିଭିନ୍ନ ସମସ୍ୟା ଦେଖା ଦେବା ସହିତ କେତେକ ଅସାଧ ରୋଗ ସୃଷ୍ଟି ହେବାର ଆଶଙ୍କା ମଧ ବୃଦ୍ଧି ପାଉଛି। ତା'ଛଡା କେତେକଙ୍କ ଠାରେ ଇଣ୍ଟରନେଟ୍ ଆଡିକ୍ସନ ସିଣ୍ଡ୍ରୋମ ମଧ ଦେଖାଦେଉଛି।

**ବଢୁଛି ଅପରାଧ:** ଏ ସମୟରେ ଅପ୍‌ଡେଟ୍ ରହିବା ଲାଗି ସବୁବେଳେ ନିଜର ଦୈନନ୍ଦିନ କାର୍ଯ୍ୟ ତଥା ଫଟୋ ଅପ୍‌ଲୋଡ୍ କରିବା ନିଶାରେ ଅନେକେ ସେମାନଙ୍କ ପର୍ସନାଲ କଥା ସାର୍ବଜନୀନ ହେଉଥିବା କଥା ଭୁଲିଯାଉଛନ୍ତି। ଫଳରେ ଏହାଦ୍ୱାରା ବି ପରବର୍ତ୍ତୀ ସମୟରେ ଅନେକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘରେ କ'ଣ ହେଉଛି, କ'ଣ ନୂଆ କିଣିଲେ ଆଦି ଭଳି ପ୍ରତିଟି କଥା ସୋସିଆଲ୍ ମିଡିଆରେ ପୋଷ୍ଟ କରିବା ଦ୍ୱାରା ଏହି ତଥ୍ୟକୁ ଆଧାର କରି ଅନେକ ଅପରାଧ ମଧ ଘଟୁଥିବାର ନଜିର ରହିଛି। ସେହିଭଳି ଅନେକ ଫେକ୍ ଆକାଉଣ୍ଟ ଯୋଗୁ ବି ବିଭିନ୍ନ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି। ତେଣୁ ସୋସିଆଲ୍ ମିଡିଆରେ ସୁରକ୍ଷିତ ରହିବା ଲାଗି ଏସବୁ ଦିଗ ପ୍ରତି ସଜାଗ ଏବଂ ସତର୍କ ରହିବା ଆବଶ୍ୟକ।

### କ'ଣ କରନ୍ତି ଏମାନେ...

**ଭର୍ଚୁଆଲ ଯୋଗାଯୋଗ କମାଉଛି ଦୂରତା**



ଲକ୍‌ଡାଉନ୍ ସମୟରେ ବାହାରକୁ ଯିବା, ସାଙ୍ଗସାଥୀଙ୍କ ସହ ଦେଖାହେବା ବନ୍ଦ ହୋଇଯାଇଛି। ଏମିତିରେ ଫେସ୍‌ବୁକ୍, ହ୍ୱାଟ୍ସଆପ୍ ଭଳି ସାଇଟ୍‌ରେ ଗ୍ରୁପ୍ ଚାଟିଂ କିମ୍ବା ଭିଡିଓ କଲିଂ ଦ୍ୱାରା ସଭିଙ୍କ ସହ ଭର୍ଚୁଆଲ ଯୋଗାଯୋଗ ହୋଇପାରୁଛି। କେବଳ ଏତିକି ନୁହେଁ, କିଏ କ'ଣ କଲା କିମ୍ବା ନିଜେ କିଛି ନୂଆ କାର୍ଯ୍ୟ କଲେ ସମସ୍ତଙ୍କ ସହ ସହଜରେ ଶେୟାର କରିହେଉଛି। ଏହାଦ୍ୱାରା ଦୂରରେ ଥାଇ ସୁଦ୍ଧା ପାଖରେ ଥିବା ଭଳି ମନେହେଉଛି। ହେଲେ ସୋସିଆଲ୍ ସାଇଟ୍ ବ୍ୟବହାର ଆଳରେ ନିଜ ସ୍ୱାସ୍ଥ୍ୟ ସହ ଅନ୍ୟାନ୍ୟ କାର୍ଯ୍ୟରେ ଆଦୌ ଅବହେଳା କରେନାହିଁ।

– **ଆଫ୍ରିଦୀ** (ଛାତ୍ର, ଉଦୟନାଥ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ଅଡ଼ଶପୁର, କଟକ)

**ଘରେ ଲାଗୁନି ବୋର୍**



ପୂର୍ବରୁ ପ୍ରତିଦିନ କଲେଜ ଯିବାବେଳେ ରବିବାର ଗୋଟିଏ ଦିନ ଛୁଟିକୁ ଅପେକ୍ଷା ଥାଏ। ହେଲେ ବର୍ତ୍ତମାନ କଲେଜ ବନ୍ଦ। ତା' ସାଙ୍ଗକୁ ଲକ୍‌ଡାଉନ୍ ଲାଗି ବାହାରକୁ ଯିବା ବନ୍ଦ ଥିବାରୁ ଘରେ ବୋର୍ ଲାଗୁଛି, ଯାହାକୁ ଦୂର କରିବା ଲାଗି ସୋସିଆଲ୍ ସାଇଟ୍‌ଗୁଡିକ ସବୁଠୁ ବେଷ୍ଟ ମାଧ୍ୟମ ପାଲଟିଛି। ବିଭିନ୍ନ ନୂଆ ଖବର ଜାଣିବାଠାରୁ ଆରମ୍ଭ କରି ସାଙ୍ଗସାଥୀଙ୍କ ସହ ଯୋଗାଯୋଗରେ ରହିବା ଓ ଏଣ୍ଟରଟେନ୍‌ମେଣ୍ଟ ପର୍ଯ୍ୟନ୍ତ ସବୁକିଛି ସହଜ ହେଉଛି। ତା'ଛଡା ଲକ୍‌ଡାଉନ୍ ସମୟରେ ଅଧିକାଂଶ ଘରେ ରହୁଥିବାରୁ ନିଜନିଜ ପାଖରେ ଥିବା ଲୁକ୍କାୟିତ ସୋସିଆଲ୍ ମିଡିଆ ସାହାଯ୍ୟରେ ବାହାରକୁ ଆସିପାରୁଛି। ତେବେ ଏତେସବୁ ସୁବିଧା ଥିଲେ ହେଁ ଏହାର ଅତ୍ୟଧିକ ବ୍ୟବହାର ଯୋଗୁ ଯେପରି କୌଣସି ସ୍ୱାସ୍ଥ୍ୟ ସମସ୍ୟା ନ ଉପୁଜେ କିମ୍ବା ବ୍ୟକ୍ତିଗତ ତଥ୍ୟ ସାର୍ବଜନୀନ ନ ହୁଏ, ସେଥିପ୍ରତି ସଜାଗ ରହିଥାଏ।

– **ରାଜଶ୍ରୀ ସାହୁ** (ଛାତ୍ରୀ, ଜଟଣୀ, ଖୋର୍ଦ୍ଧା)

### ୟୁଥ୍ ଆଲର୍ଟ

# ଶରୀରରେ ବଢ଼ାନ୍ତୁ ଅମ୍ଳଜାନ ମାତ୍ରା

ଚାରିଆଡ଼େ ଗାଡ଼ି, ମୋଟର, କଳକାରଖାନାଠାରୁ ଆରମ୍ଭ କରି ଗଛକଟା ପର୍ଯ୍ୟନ୍ତ ବିଭିନ୍ନ କାରଣରୁ ବାୟୁ ପ୍ରଦୂଷଣ ବଢ଼ିଚାଲିଛି। ଆବଶ୍ୟକ ମାତ୍ରାରେ ଅମ୍ଳଜାନ ଅଭାବରୁ ଅନେକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏମିତିରେ ବୋଝ ଉପରେ ନଳିତାବିଡ଼ା ପାଲଟିଛି କରୋନା। ତେଣୁ ଏଭଳି ମହାମାରୀ ସମୟରେ ଶରୀରକୁ ଆବଶ୍ୟକ ଅମ୍ଳଜାନ ଯୋଗାଇ ଦେବା ଲାଗି ଆପଣାଇ ପାରିବେ ବିଭିନ୍ନ ଉପାୟ...





**ବ୍ୟାୟାମ କରନ୍ତୁ:** ଶରୀରକୁ ଫିଟ୍ ରଖିବା ସହ ଶ୍ୱାସକ୍ରିୟା ଠିକ୍ ରଖିବା ଲାଗି ପ୍ରତିଦିନ କିଛି ନା କିଛି ବ୍ୟାୟାମ କରିବା ଅତ୍ୟନ୍ତ ଜରୁରୀ। ଦିନକୁ ଅତିକମ୍‌ରେ ଅଧଘଣ୍ଟା ସମୟ ବାହାର କରି ବିଭିନ୍ନ ଯୋଗ, ବ୍ୟାୟାମ ସହିତ ପ୍ରାଣାୟାମ ନିହାତି କରନ୍ତୁ। ଏହା ଶରୀରରେ ରକ୍ତ ସଞ୍ଚାଳନ ବ୍ୟବସ୍ଥା ଠିକ୍ ରଖିବା ସହ ହୃତ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍‌କୁ ମଜଭୁତ ରଖିବ ଏବଂ ଅମ୍ଳଜାନ ମାତ୍ରା ବଢ଼ାଇବ।

**ଜଳିୟାଂଶ ଠିକ୍ ରଖନ୍ତୁ:** ଶରୀରରେ ପ୍ରତ୍ୟେକ ଅଙ୍ଗକୁ ଅମ୍ଳଜାନ ଭଲ ଭାବେ ସଂଚାଳନ ଲାଗି ଜଳିୟାଂଶ ମାତ୍ରା ଠିକ୍ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ପର୍ଯ୍ୟାପ୍ତ ପରିମାଣରେ ପାଣି ପିଅନ୍ତୁ। ପାଣିରେ ଥିବା ଅମ୍ଳଜାନ ଆପଣଙ୍କୁ ଫିଟ୍ ରଖିବା ସହ ଶରୀରକୁ ଡିହାଇଡ୍ରେଶନ୍ ହେବାକୁ ଦେବ ନାହିଁ।

**ଲୌହଯୁକ୍ତ ଖାଦ୍ୟ ଖାଆନ୍ତୁ:** ରକ୍ତରେ ଥିବା ହିମୋଗ୍ଲୋବିନ୍‌ରେ ଅକ୍ସିଜେନ ମିଶି ଅକ୍ସିହିମୋଗ୍ଲୋବିନ୍ ଭାବେ ପ୍ରବାହିତ ହୋଇଥାଏ। ତେବେ ଏହି ହିମୋଗ୍ଲୋବିନ୍ ପରିମାଣ ନିୟନ୍ତ୍ରଣରେ ରଖିବା ଲାଗି ସବୁଜ ପନିପରିବା, ଶାଗ, ବିନ୍ସ, ଅଣ୍ଡା, ମାଂସ ଭଳି ଲୌହଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ।

**ଇନ୍‌ଡୋର ପ୍ଲାଣ୍ଟ ରଖନ୍ତୁ:** ଘରକୁ ସୁନ୍ଦର କରିବା ସହ ଶୁଦ୍ଧ ପବନ ବା ଫ୍ରେଶ୍ ଏୟାର୍ ପାଇବା ଲାଗି ଇନ୍‌ଡୋର ପ୍ଲାଣ୍ଟ ରଖିବା ଏକ ଭଲ ଅଭ୍ୟାସ। ଏଥିପାଇଁ ବେଡ୍‌ରୁମ୍, ଡ୍ରଇଂରୁମ୍ ଏବଂ ଅନ୍ୟାନ୍ୟ ସ୍ଥାନରେ ସ୍ନେକ୍ ପ୍ଲାଣ୍ଟ, ସ୍ପାଇଡର ପ୍ଲାଣ୍ଟ, ଆଲୋଭେରା, ମନିପ୍ଲାଣ୍ଟ ଆଦି ରଖନ୍ତୁ। ଏହା ବ୍ୟତୀତ ଅନ୍ୟାନ ଏୟାର ପ୍ୟୁରିଫାଇଂ ଇନ୍‌ଡୋର ପ୍ଲାଣ୍ଟ ମଧ ରଖିଲେ ଉପକୃତ ହେବେ।


## ଏ ସପ୍ତାହର ପ୍ରଶ୍ନ

୧– ପୃଥିବୀର ସବୁଠାରୁ ବଡ଼ ବେଙ୍ଗ ପ୍ରଜାତି......... ?
୨– ୱାଇଲ୍ଡ ଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଦ୍ୱାରା ଡିଜାଇନ କରାଯାଇଥିବା ମୋବାଇଲ୍ ଆପ୍ଲିକେଶନ୍ ବ୍ୟବହାର କରି ନିକଟରେ.......... ରାଜ୍ୟ ମାଙ୍କଡ଼ ଗଣନା କରିଛି ?
୩– ଅନ୍ତର୍ଜାତୀୟ ପରିବାର ଦିବସ ୨୦୨୧ର ଥିମ୍ ............... ?
୪– ରକ୍ତ ଜମାଟ ବାନ୍ଧିବାରେ................ ସାହାଯ୍ୟ କରିଥାଏ ?
୫– ସୂର୍ଯ୍ୟ ଏବଂ ପୃଥିବୀ ମଝିରେ ଜହ୍ନ ରହିଲେ.............. ହୋଇଥାଏ ?

## ଗତ ଥରର ଉତ୍ତର

୧ ଉଗାଣ୍ଡା
୨ ଅକ୍ଟୋବର
୩ ଅଷ୍ଟ୍ରେଲିଆ
୪ ୟାମାଟୋସରସ୍
୫ ଡେରାଡୁନ୍, ଉତ୍ତରାଖଣ୍ଡ

## ଉତ୍ତରଦାତା



ଆରାଧନା, ଭଦ୍ରକ




ପ୍ରତୀକ୍ଷା ରାଉତରାୟ ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ବଡ଼ ଇଞ୍ଜିନିୟରିଂ ୟୁନିଭର୍ସିଟି–୨୦୨୧



୧– ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି........................ ଆମେରିକା
୨– ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟି.............................................. ଆମେରିକା
୩– ୟୁନିଭର୍ସିଟି ଅଫ୍ କେମ୍ବ୍ରିଜ୍.............................................. ୟୁକେ
୪– ସ୍ୱିସ୍ ଫେଡେରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି.................... ସ୍ୱିଜରଲାଣ୍ଡ
୫– ନାୟାଙ୍ଗ୍ ଟେକ୍ନୋଲୋଜିକାଲ୍ ୟୁନିଭର୍ସିଟି................................ ସିଙ୍ଗାପୁର
୬– ୟୁନିଭର୍ସିଟି ଅଫ୍ ଅକ୍ସଫୋର୍ଡ.............................................. ୟୁକେ
୭– ୟୁନିଭର୍ସିଟି ଅଫ୍ କାଲିଫର୍ନିଆ........................................... ଆମେରିକା
୮– ଇମ୍ପେରିଆଲ୍ କଲେଜ ଲଣ୍ଡନ.............................................. ୟୁକେ
୯– ନ୍ୟାଶନାଲ୍ ୟୁନିଭର୍ସିଟି ଅଫ୍ ସିଙ୍ଗାପୁର................................ ସିଙ୍ଗାପୁର
୧୦– ସିଙ୍ଘୁଆ ୟୁନିଭର୍ସିଟି.................................................... ଚାଇନା

### ଜାଣନ୍ତୁ ଦୁନିଆ

## ୟୁ ଟ୍ୟୁବ୍

ବର୍ତ୍ତମାନ ୟୁଟ୍ୟୁବ୍ ଅଧିକାଂଶଙ୍କ ଲାଗି ଦେଶ ବିଦେଶର ଖବର ଜାଣିବା, ବିଭିନ୍ନ ନୂଆନୂଆ ଜ୍ଞାନକୌଶଳ ଆହରଣ କରିବା, ଶିକ୍ଷା, ଫ୍ୟାଶନ୍, କୁକିଂ ଆଦି ଶିଖିବା ଠାରୁ ଆରମ୍ଭ କରି ନିଜ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ବଳିଷ୍ଠ ମାଧ୍ୟମ ପାଲଟିଛି। ତେବେ ଅନେକେ ଏହାକୁ ବ୍ୟବହାର କରୁଥିଲେ ହେଁ ଏହା ସମ୍ପର୍କରେ ଏମିତି କିଛି ତଥ୍ୟ ରହିଛି, ଯାହାକି ବୋଧହୁଏ ଖୁବ୍ କମ୍ ଲୋକେ ଜାଣିଥିବେ। ଆସନ୍ତୁ ଜାଣିବା ଏଭଳି କିଛି ତଥ୍ୟ...

➔ୟୁଟ୍ୟୁବ୍ ୨୦୦୫ ମସିହାରେ ଭାଲେଣ୍ଟାଇନ୍ସ ଡେ' ଅର୍ଥାତ୍ ଫେବୃୟାରୀ ୧୪ ତାରିଖରେ ଚାଡ୍ ହୁର୍ଲେ, ଷ୍ଟିଭ୍ ଚେନ୍, ଜାବେଦ୍ କରିମଙ୍କ ମିଳିତ ଉଦ୍ୟମରେ ଆରମ୍ଭ କରାଯାଇଥିଲା। ତେବେ ସେମାନେ କାର୍ଯ୍ୟ କରୁଥିବା କମ୍ପାନୀ 'ପେ ପାଲ'କୁ ଇବେ କମ୍ପାନୀ କିଣି ନେବା ସମୟରେ କର୍ମଚାରୀମାନଙ୍କୁ ଦେଇଥିବା ବୋନସ୍ ଟଙ୍କାରେ ସେମାନେ ୟୁଟ୍ୟୁବ ଆରମ୍ଭ କରିଥିଲେ।

➔୨୦୦୫ ଏପ୍ରିଲ ୨୩ ତାରିଖରେ ୟୁ ଟ୍ୟୁବ୍‌ରେ 'ମି ଆଟ୍ ଦି ଜୁ' ନାମରେ ପ୍ରଥମ ଭିଡିଓ ଅପ୍‌ଲୋଡ୍ ହୋଇଥିଲା, ଯାହାକୁ ଏହାର କୋ–ଫାଉଣ୍ଡର ଜାବେଦ୍ କରିମ୍ ସାନ୍ ଡିଏଗୋ ଜୁ ଠାରେ ରେକର୍ଡ କରିଥିଲେ।

➔ପ୍ରଥମେ ପ୍ରଥମେ ଏହା ଟ୍ୟୁନ୍ ଇନ୍ ହୁକ୍ ଆପ୍ ନାମରେ ଏକ ଭିଡିଓ ଡେଟିଂ ସାଇଟ୍ ଭାବେ ଖୋଲା ଯାଇଥିଲା।

➔ୟୁ ଟ୍ୟୁବ୍ ଆରମ୍ଭ ହେବାର ମାତ୍ର ୧୮ ମାସ ପରେ ଗୁଗଲ୍ ଏହାକୁ ୧.୬୫ ବିଲିଅନ୍ ଡଲାରରେ କିଣି ନେଇଥିଲା।

➔୧୮୯୪ ମସିହାରେ ଶୁଟ୍ ହୋଇଥିବା ଦୁଇଟି ବିଲେଇ ବକ୍ସିଂ କରୁଥିବା ଭିଡିଓ ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ ହୋଇଥିବା ସବୁଠୁ ପୁରୁଣା ବିଲେଇ ଭିଡିଓ।

➔ୟୁଟ୍ୟୁବ୍‌ରେ ପ୍ରତି ମିନିଟ୍‌ରେ ପ୍ରାୟ ୧୦୦ ଘଣ୍ଟାରୁ ଊର୍ଦ୍ଧ୍ୱ ଅବଧିର ଭିଡିଓ ଅପ୍‌ଲୋଡ୍ ହୋଇଥାଏ।

➔ୟୁଟ୍ୟୁବ୍‌ରେ ବିଭିନ୍ନ କଥା ଶିଖିବା ଲାଗି ବହୁ ସଂଖ୍ୟକ ଟ୍ୟୁଟୋରିଆଲ୍ ରହିଛି। ତେବେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ୟୁଟ୍ୟୁବ୍‌ର ସବୁଠୁ ଲୋକପ୍ରିୟ ଟ୍ୟୁଟୋରିଆଲ୍ ହେଉଛି 'ହାଓ ଟୁ କିସ୍' ଏବଂ ଏହା ତଳକୁ ରହିଛି 'ହାଓ ଟୁ ଟାଏ ଏ ଟାଇ'।

➔୨୦୦୭ ମସିହାରେ ୟୁଟ୍ୟୁବ୍‌ରେ ପ୍ରଥମ ଚ୍ୟାନେଲ ଖୋଲିଥିବା ୱାର୍ଲ୍ଡ ଲିଡର ହେଉଛନ୍ତି ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର।

➔ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ ହୋଇଥିବା ସବୁଠୁ ଲମ୍ବା ଭିଡିଓର ଅବଧି ହେଉଛି ୫୭୧ ଘଣ୍ଟା ୧ ମିନିଟ୍ ୪୧ ସେକେଣ୍ଡ, ଯାହାକି ୨୩ ଦିନ ୧୯ ଘଣ୍ଟା।

# 'ନିର୍ଦ୍ଧାରିତ ସମୟରେ ଅଲିମ୍ପିକ୍ସ'

**ନୂଆଦିଲ୍ଲୀ,୨୨।୫(ପି.ଟି.)**

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଟୋକିଓରେ ଅଲିମ୍ପିକ୍ସ ଆୟୋଜନ ହେବ ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ମୁଖ୍ୟ ଥୋମାସ ବାକ୍ କହିଛନ୍ତି। କୋଭିଡ୍-୧୯ ମହାମାରୀ କାରଣରୁ ଅଲିମ୍ପିକ୍ସ ଆୟୋଜନକୁ ଜାପାନରେ ପ୍ରବଳ ବିରୋଧ କରାଯାଉଛି। ତେବେ ଏହା ସତ୍ତ୍ୱେ ଏହି ମେଗା ଇଭେଣ୍ଟ ଆୟୋଜନ ଉପରେ ବାକ୍ ଜୋର ଦେଇଛନ୍ତି।



କୋଭିଡ୍-୧୯ ମହାମାରୀ କାରଣରୁ ୨୦୨୦ରେ ଆୟୋଜିତ ହେବାକୁ ଥିବା ଏହି କ୍ରୀଡ଼ା ମହାକୁମ୍ଭ ଗୋଟିଏ ବର୍ଷ ବିଳମ୍ବିତ ହୋଇଛି। କିନ୍ତୁ ଅଲିମ୍ପିକ୍ସ ଏଥର ଆୟୋଜନ କରିବାକୁ ଆଇଓସି ବଦ୍ଧପରିକର ବୋଲି ସେ କହିଛନ୍ତି। ସଫଳତାର ସହ ଏହା ଆୟୋଜନ ହୋଇପାରିଲେ ସାରା ଦୁନିଆକୁ ଏକ ସକାରାତ୍ମକ ସନ୍ଦେଶ ଯିବ ବୋଲି ବାକ୍ କହିଛନ୍ତି। ଅନ୍ଧଗଳିର ଶେଷରେ ଆଲୋକ ଆଭାସ ମିଳିବ ଓ ଏହା ବିଶ୍ୱ କ୍ରୀଡ଼ାକୁ ନୂଆ ଦିଗ୍‌ଦର୍ଶନ ଦେବ ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) କଂଗ୍ରେସରେ ଭର୍ଚୁଆଲ ଭାବେ ଯୋଗଦେଇ ବାକ୍ ଏହି କଥା କହିଛନ୍ତି।

ଅଲିମ୍ପିକ୍ସ ଆୟୋଜନ ହେବାକୁ ଆଉମାତ୍ର ଦୁଇମାସ ବାକି ଅଛି। ତେଣୁ ଏହାର ଫାଇନାଲ କାଉଣ୍ଟଡାଉନ ଆରମ୍ଭ ହୋଇଛି। ପ୍ରତିକୂଳ ତଥା କଷ୍ଟକର ସ୍ଥିତିରେ ଆମେ ବିବିଧତା, ଏକତା ନେଇ ଦୃଢ ବାର୍ତ୍ତା ଦେବାର ଆବଶ୍ୟକତା ରହିଛି। ଟୋକିଓ ଅଲିମ୍ପିକ୍ସ ସାରା ଦୁନିଆକୁ ନୂଆ ଦିଶାନିର୍ଦ୍ଦେଶ ଦେବ ବୋଲି ସେ କହିଛନ୍ତି।

ପୂର୍ବରୁ ଆଇଓସି ଉପସଭାପତି ଜନ କୋଟ୍ସ ମଧ୍ୟ ସମାନ ମନ୍ତବ୍ୟ ଦେଇଥିଲେ। ମହାମାରୀ କାରଣରୁ ଷ୍ଟେଟ୍ ଇମର୍ଜେନ୍ସି ଜାରି ରହିଥିଲେ ମଧ୍ୟ ଅଲିମ୍ପିକ୍ସ ଆୟୋଜନ ହେବ ବୋଲି ସେ କହିଥିଲେ। କରୋନା ନେଇ କଡ଼ା ଚ୍ୟାଲେଞ୍ଜ ଥିଲେ ମଧ୍ୟ ଆଇଓସି ତା'ର କଡ଼ା ଆଭିମୁଖ୍ୟ ସ୍ପଷ୍ଟ କରିଛି। ସ୍ଥାନୀୟ ଆୟୋଜକ ଓ ଆଇଓସି ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ ଅଲିମ୍ପିକ୍ସ ଆୟୋଜନ କରିବ ବୋଲି ବାକ୍ ବିଶ୍ୱାସର ସହିତ କହିଛନ୍ତି। ତେବେ ସମସ୍ତଙ୍କ ସୁରକ୍ଷା ଓ ନିରାପତ୍ତାକୁ ସବୁଠାରୁ ଅଧିକ ପ୍ରାଧାନ୍ୟ ଦିଆଯିବ। ସମ୍ପୂର୍ଣ୍ଣ ଏକ ସୁରକ୍ଷିତ ପରିବେଶରେ ଆଥ୍‌ଲେଟମାନେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।

୭୦ ପ୍ରତିଶତରୁ ଅଧିକ ଆଥ୍‌ଲେଟ ଓ ଅଫିସିଆଲ ଟିକା ନେଇ ସାରିଛନ୍ତି ଓ ଏଥିରେ ଆହୁରି ବୃଦ୍ଧି ଘଟିବ। ଟିକାକରଣ ପାଇଁ ଟିକା ଉତ୍ପାଦନକାରୀ କମ୍ପାନୀଗୁଡିକଠାରୁ ଏକାଧିକ ପ୍ରସ୍ତାବ ମିଳୁଛି। ଅଲିମ୍ପିକ୍ ସ୍ୱପ୍ନ ପୂରଣ କରିବାକୁ ସମସ୍ତଙ୍କୁ କିଛି ନା କିଛି ତ୍ୟାଗ କରିବାକୁ ହେବ। ଅଲିମ୍ପିକ୍ସ ସହିତ ଜଡିତ ଥିବା ସବୁ ବ୍ୟକ୍ତିବିଶେଷ ସୃଷ୍ଟି ହୋଇଥିବା ଚ୍ୟାଲେଞ୍ଜକୁ ସାହସର ସହିତ ସାମ୍ନା କରିବାର ଆବଶ୍ୟକତା ରହିଛି ବୋଲି ବାକ୍ କହିଛନ୍ତି।

## ରୁଷିଆର ଆଉ ୨୩ ଆଥ୍‌ଲେଟଙ୍କୁ ଅନୁମତି

**ମୋନାକୋ, ୨୨।୫**

ଚଳିତବର୍ଷ ଅନ୍ତର୍ଜାତୀୟ ଇଭେଣ୍ଟଗୁଡ଼ିକରେ ନିରପେକ୍ଷ ଭାବେ ଭାଗ ନେବାଲାଗି ବିଶ୍ୱ ଆଥ୍‌ଲେଟିକ୍ସ ରୁଷିଆର ଅନ୍ୟ ୨୩ ଜଣ ଆଥ୍‌ଲେଟଙ୍କୁ ଅନୁମତି ଦେଇଛି। ଫଳରେ ଏହି ସଂଖ୍ୟା ବର୍ତ୍ତମାନ ୨୭କୁ ବୃଦ୍ଧି ପାଇଛି। ପୂର୍ବରୁ ୩ଥର ବିଶ୍ୱ ଚାମ୍ପିୟନ ହାଇଜମ୍ପର ମାରିୟା ଲସିଷ୍ଟକେନ୍ ଓ ବିଶ୍ୱଚାମ୍ପିୟନ ପୋଲଭଲ୍ଟର ଆନ୍‌ଝେଲିକା ସିଦୋରୋଭାଙ୍କ ସମେତ ୪ଜଣଙ୍କୁ ଅନୁମତି ଥିଲା। ତେବେ ଏହି ଗ୍ରୀଷ୍ମଋତୁରେ ଟୋକିଓ ଅଲିମ୍ପିକ୍ସରେ ମାତ୍ର ୧୦ଜଣ ଦୌଡ଼କୁଦ ଆଥ୍‌ଲେଟ ଅଂଶଗ୍ରହଣ ଲାଗି ସମର୍ଥ ହେବେ। ଶନିବାର ପ୍ରକାଶ ପାଇଥିବା ନାମ ତାଲିକାରେ ହାଇଜମ୍ପର ମିଖାଇଲ ଆକିମେଙ୍କୋ ଓ ରେସ୍ ୱାକର ଭାସିଲି ମିଜିନୋଭ ଅଛନ୍ତି। ଉଭୟେ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ହାସଲ କରିଥିଲେ। ଡୋପ୍ ସ୍କାଣ୍ଡାଲ ପାଇଁ ୨୦୧୫ରୁ ରୁଷିଆ ଏକ ଦେଶ ଭାବେ କୌଣସି ପ୍ରତିଯୋଗିତାରେ ଭାଗ ନେବାରୁ ବଞ୍ଚିତ ହୋଇଥିଲା। ୨୦୧୯ରେ ୱାର୍ଲ୍ଡ ଆଣ୍ଟି ଡୋପିଂ ଏଜେନ୍ସି (ୱାଡା) ସମସ୍ତ ପ୍ରମୁଖ ଇଭେଣ୍ଟରେ ଅଂଶଗ୍ରହଣ ଉପରେ କଟକଣା ଜାରି କରିଥିଲା। ମାତ୍ର ଡିସେମ୍ବର ୨୦୨୦ରେ ଦଣ୍ଡକୁ ଦୁଇବର୍ଷ ହ୍ରାସ କରିଦିଆଯାଇଥିଲା। ଚଳିତବର୍ଷ ପ୍ରାରମ୍ଭରେ ବିଶ୍ୱ ଆଥଲେଟିକ୍ସ ରୁଷିଆର ୩୧ ପୃଷ୍ଠା ସମ୍ବଳିତ ସଂସ୍କାରମୂଳକ ଯୋଜନାକୁ ଅନୁମୋଦନ କରିଥିଲା। ଫଳତଃ ୨୦୨୧ବର୍ଷ ଅଥରାଇଜ୍‌ଡ ନ୍ୟୁଟ୍ରାଲ ଆଥଲେଟିକ୍ସ (ଏଏନ୍‌ଏ) ଭାବେ ରୁଷିଆର ୨୭ଜଣ ଆଥଲେଟ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇପାରିବେ। ତେବେ ଟୋକିଓ ଅଲିମ୍ପିକ ଗେମ୍ସ, ୱାର୍ଲ୍ଡଆଥଲେଟିକ୍ସ ସିରିଜ ଇଭେଣ୍ଟ୍ସ ଏବଂ ୨୩ବର୍ଷରୁ କମ୍ ୨୦୨୧ ୟୁରୋପିଆନ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ରୁଷିଆର କେବଳ ୧୦ଜଣ ଆଥଲେଟଙ୍କୁ ଅନୁମତି ରହିବ। ତେଣୁ ଏଏନଏ ଷ୍ଟାଟସ ହାସଲ କରିଥିବା ଆଥଲେଟମାନଙ୍କ ମଧ୍ୟରୁ ରୁଷିଆକୁ ୧୦ଜଣଙ୍କୁ ବାଛିବାକୁ ପଡ଼ିବ ଯେଉଁମାନେ ଅଲିମ୍ପିକ୍ସରେ ଭାଗ ନେଇପାରିବେ।

# ଲେକ୍‌ରେକ୍‌ଙ୍କୁ ପୋଲ୍ ପୋଜିଶନ

**ମୋନାକୋ, ୨୨।୫**

ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ଆଶ୍ଚର୍ଯ୍ୟଜନକ ଭାବେ ମୋନାକୋ ଫର୍ମୁଲା ୱାନ ଗ୍ରାଁ ପ୍ରିରେ ପୋଲ୍ ପୋଜିଶନ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ କ୍ୱାଲିଫାଇଂ ରେସ୍‌ର ଶେଷ ଭାଗରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିବାରେ ସଫଳ ରହିଥିଲେ। ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ୭ମ ହୋଇଥିଲେ। ହେଲେ ଟାଇଟଲ ପ୍ରତିଦ୍ୱନ୍ଦ୍ୱୀ ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ ଫେରାରିର କାର୍ଲୋସ ସେଞ୍ଜ୍‌ଙ୍କ ଆଗରେ ମର୍ସିଡିଜ ଡ୍ରାଇଭର ଭାଲଟେରି ବୋଟାସ ତୃତୀୟ ହୋଇଥିଲେ। ୫ମରୁ ୧୦ମ ସ୍ଥାନ ଅଧିକାର କରିଥିବା ଅନ୍ୟ ଡ୍ରାଇଭରମାନେ ହେଲେ ଲାଣ୍ଡୋ ନୋରିସ (ମ୍ୟାକଲରେନ), ପିଏରେ ଗାସ୍‌ଲି (ଆଲ୍‌ଫା ଟାଉରି), ଲୁଇସ୍ ହାମିଲଟନ (ମର୍ସିଡିଜ), ସେବାଷ୍ଟିଆନ ଭେଟେଲେ (ଆଷ୍ଟନ ମାର୍ଟିନ), ସର୍ଗିଓ ପେରେଜ (ରେଡ୍‌ବୁଲ୍), ଆଣ୍ଟୋନିଓ ଗ୍ଲୋଭିନାଜି (ଆଲ୍‌ଫା ରୋମିଓ)।






# ବାତ୍ରା ପୁଣି ହେଲେ ଏଫ୍‌ଆଇଏଚ୍ ସଭାପତି

**ନୂଆଦିଲ୍ଲୀ, ୨୨।୫ (ପି.ଟି.)**

ନରିନ୍ଦର ବାତ୍ରା ଦ୍ୱିତୀୟ ଥର ପାଇଁ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)ର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। କୋଭିଡ୍ ଯୋଗୁ ଅନ୍‌ଲାଇନରେ ଅନୁଷ୍ଠିତ ହୋଇଥିବା ଏଫ୍‌ଆଇଏଚ୍‌ର ୪୭ତମ ବାର୍ଷିକ ଅଧିବେଶନରେ ସଭାପତି ପାଇଁ ନିର୍ବାଚନ ହୋଇଥିଲା। ବାତ୍ରା ଆରମ୍ଭରୁ ଫେଭରାଇଟ୍ ଥିଲେ। କିନ୍ତୁ ସେ କଷ୍ଟସାଧ୍ୟ ବିଜୟ ହାସଲ କରିଥିଲେ।



ନରିନ୍ଦର ବାତ୍ରା

ବାତ୍ରା ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ଏବଂ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ଜଣେ ସଦସ୍ୟ ରହିଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବେଲଜିୟମ ହକି ମହାସଂଘର ମୁଖ୍ୟ ମାର୍କ କୋଡ୍ରନ ଦେଶର ଅଲିମ୍ପିକ୍ ପ୍ୟାନେଲର ମଧ୍ୟ ଜଣେ ସଦସ୍ୟ। ଅନ୍‌ଲାଇନ୍ ଭୋଟିଂ ପ୍ରକ୍ରିୟାରେ ମୋଟ ୧୨୪ଜଣ ସଦସ୍ୟ ଭାଗ ନେଇଥିଲେ। ବାତ୍ରା ୬୩ଟି ଭୋଟ ପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ୬୧ଟି ଭୋଟ ପାଇଥିଲେ। ବାତ୍ରା ୨୦୨୪ ପର୍ଯ୍ୟନ୍ତ ଏଫ୍‌ଆଇଏଚ୍ ସଭାପତି ପଦବୀରେ ରହିବେ। ଏଫ୍‌ଆଇଏଚ୍‌ର ୪୭ତମ ବାର୍ଷିକ ଅଧିବେଶନ ଗତବର୍ଷ ନୂଆଦିଲ୍ଲୀରେ ହେବାର କାର୍ଯ୍ୟକ୍ରମ ରହିଥିଲା। ମାତ୍ର କରୋନା ମହାମାରୀର ପ୍ରକୋପ ଯୋଗୁ ଏହାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା। ତେଣୁ ଏଥର ସଭାପତିଙ୍କ କାର୍ଯ୍ୟକାଳ ୪ବର୍ଷ ପରିବର୍ତ୍ତେ ୩ ବର୍ଷ ରଖାଯାଇଛି। ୨୦୧୬ରେ ଅନୁଷ୍ଠିତ ୪୫ତମ ଅଧିବେଶନରେ ବାତ୍ରା ପ୍ରଥମ ଅଣ-ୟୁରୋପୀୟ ଭାବେ ବିପୁଳ ଭୋଟରେ ନିର୍ବାଚିତ ହୋଇଥିଲେ।

## ଦୁବାଇରେ ପହଞ୍ଚିଲା ଭାରତୀୟ ବକ୍ସିଂ ଦଳ

**ନୂଆଦିଲ୍ଲୀ, ୨୨।୫ (ପି.ଟି.)**

**ଏସିଆନ ଚାମ୍ପିୟନଶିପ୍**

ଏସିଆନ ଚାମ୍ପିୟନଶିପ୍‌ରେ ଭାଗ ନେବା ଲାଗି ଭାରତୀୟ ବକ୍ସିଂ ଦଳ ଦୁବାଇରେ ପହଞ୍ଚିଛି। ଏହି ଦଳରେ ଏମ୍‌ସି ମେରିକମ୍ (୫୧କେଜି) ଓ ଅମିତ ପଙ୍ଘାଲ (୫୨କେଜି)ଙ୍କ ଭଳି ଷ୍ଟାର ବକ୍ସର ରହିଛନ୍ତି। ପ୍ରଶାସନିକ କାଗଜପତ୍ର ଯାଞ୍ଚ ଯୋଗୁ ବକ୍ସରମାନେ ଯେଉଁ ବାୟୋ-ବବଲ ବିମାନରେ ଯାତ୍ରା କରିଥିଲେ, ତାହା ବିଳମ୍ବରେ ଅବତରଣ କରିଥିଲା। ଟୁର୍ନାମେଣ୍ଟ ସୋମବାରଠାରୁ ଆରମ୍ଭ ହେବ। ଜୁଲାଇ-ଅଗଷ୍ଟରେ ଅଲିମ୍ପିକ୍ସ ପୂର୍ବରୁ ଏହା ହେଉଛି ଏକମାତ୍ର ବଡ଼ ଟୁର୍ନାମେଣ୍ଟ।

# ସୁଶୀଲ କୁମାର ଗିରଫ

**ନୂଆଦିଲ୍ଲୀ, ୨୨।୫:** ଦୁଇଥର ଅଲିମ୍ପିକ ପଦକ ବିଜେତା ରେସ୍‌ଲର ସୁଶୀଲ କୁମାରଙ୍କୁ ଦିଲ୍ଲୀ ପୋଲିସ ଶେଷରେ ପଞ୍ଜାବରୁ ଶନିବାର ଗିରଫ କରିଛି। ଛତ୍ରସାଲ ଷ୍ଟାଡିୟମ ଗଣ୍ଡଗୋଳରେ ସାଗର ରାଣା ନାମକ ଜଣେ ରେସ୍‌ଲରଙ୍କୁ ହତ୍ୟା କରାଯିବା ଘଟଣାରେ ସେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଖବର ଅନୁସାରେ ୩୭ ବର୍ଷୀୟ ସୁଶୀଲଙ୍କ ଡାହାଣ ହାତ ବୋଲି କୁହାଯାଉଥିବା ଅଜୟ କୁମାରଙ୍କୁ ମଧ୍ୟ ପଞ୍ଜାବରୁ ଗିରଫ କରାଯାଇଛି। ଏହି ହତ୍ୟା ମାମଲାରେ ପୋଲିସ ତାଙ୍କୁ ପୁଣି ଥରେ ପଚରାଉଚରା କରିବ। ସାଗର ରାଣାଙ୍କୁ ହତ୍ୟା କରାଯିବା ପରଠାରୁ ସୁଶୀଲ ଫେରାର ହୋଇଯାଇଥିଲେ। କୋର୍ଟ ତାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରିଥିବା ବେଳେ ଦିଲ୍ଲୀ ପୋଲିସ ତରଫରୁ ଏହି ରେସ୍‌ଲରଙ୍କ ଅବସ୍ଥିତି ସମ୍ପର୍କରେ ସୂଚନା ପାଇଁ ୧ ଲକ୍ଷ ଟଙ୍କା ପୁରସ୍କାର ମଧ୍ୟ ଘୋଷଣା କରାଯାଇଥିଲା। ସୁଶୀଲ ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ନାୟକ ବୋଲି କୁହାଯାଉଛି। ତାଙ୍କୁ ଧରିବା ଲାଗି ଏକାଧିକ ପୋଲିସ ଟିମ୍ ଗଠନ କରାଯାଇଥିଲା ଏବଂ ପଞ୍ଜାବ ଓ ହରିୟାଣାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା।

**ରେସ୍‌ଲର ହତ୍ୟା ମାମଲା**



ସୁଶୀଲ କୁମାର

## ୧୪୮ ଆଥଲେଟଙ୍କୁ ପ୍ରଥମ ଡୋଜ୍ ଟିକା

**ନୂଆଦିଲ୍ଲୀ,୨୨।୫(ପି.ଟି.):** ଆଗାମୀ ଟୋକିଓ ଅଲିମ୍ପିକ୍ସରେ ଭାଗନେବାକୁ ଥିବା ଆଥ୍‌ଲେଟମାନଙ୍କ ସମେତ ମୋଟ ୧୪୮ ଜଣ କ୍ରୀଡ଼ାବିତ୍‌ଙ୍କୁ କରୋନା ପ୍ରଥମ ଡୋଜ୍ ଟିକା ପ୍ରଦାନ କରାଯାଇଛି। ଏ ନେଇ ଶନିବାର ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ (ଆଇଓଏ) ତରଫରୁ ସୂଚନା ଦିଆଯାଇଛି। ଏହି ୧୪୮ଜଣ ଆଥ୍‌ଲେଟଙ୍କ ମଧ୍ୟରୁ ୧୭ଜଣ ଖେଳାଳି ଟିକାର ଉଭୟ ଡୋଜ୍ ନେଇସାରିଛନ୍ତି ଓ ୧୩୧ଜଣ ଟିକାର ପ୍ରଥମ ଡୋଜ୍ ନେଇଛନ୍ତି ବୋଲି ଆଇଓଏ ଅଧ୍ୟକ୍ଷ ନରିନ୍ଦର ବାତ୍ରା କହିଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ମେ ୨୦୨୧

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**କଟକ ସଦର,(ଡି.ଏନ.ଏ.):** କଟକ ସଦର ବ୍ଲକ ଅଧୀନ ରାମକୃଷ୍ଣପୁର ଗ୍ରାମର ଚିତ୍ତରଞ୍ଜନ ସାମଲ(୩୨)ଙ୍କ ଶନିବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ ଘରେ ଥିବା ଟେବୁଲ ଫ୍ୟାନ୍‌ର ସୁଇଚ୍ ଅନ୍ କଲାବେଳେ ବିଦ୍ୟୁତ୍ ଆଘାତ ପାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରିଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି।



# ସଂକ୍ଷେପରେ

## କରୋନା ଆକ୍ରାନ୍ତଙ୍କ ମୃତ୍ୟୁ

**କଣ୍ଟାପଡା, ୨୨।୫(ଡି.ଏନ୍.ଏ.):** କରୋନାରେ ଆକ୍ରାନ୍ତ ହୋଇ କଟକର ଏକ ଘରୋଇ ନର୍ସିଂହୋମରେ ଚିକିତ୍ସିତ ହେଉଥିବା ଜଣେ ବୃଦ୍ଧାଙ୍କର ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ କଣ୍ଟାପଡା ଗ୍ରାମର ହାରାମଣି ସାହୁ(୯୨)। ସୂଚନାଯୋଗ୍ୟ, ହାରାମଣିଙ୍କ ନାତି ଗତ ୩ ତାରିଖରେ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବାବେଳେ ୧୭ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା।

## ସିଏମ୍‌ସି ପକ୍ଷରୁ କୋଭିଡ୍ ହସ୍ପିଟାଲ ଯାଞ୍ଚ

**କଟକ ଅଫିସ,୨୨।୫:** ସହରର କୋଭିଡ୍ ମେଡିକାଲଗୁଡ଼ିକରେ ବିଭିନ୍ନ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏ ନେଇ ଅଭିଯୋଗ ଆସିବା ପରେ ଶନିବାର କଟକ ମହାନଗର ନିଗମ(ସିଏମ୍‌ସି)ର ଏକ ଟିମ୍ ବିଭିନ୍ନ କୋଭିଡ୍ ହସ୍ପିଟାଲ ଯାଞ୍ଚ କରି ରୋଗୀଙ୍କ ଚିକିତ୍ସା ସମ୍ପର୍କରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲା। ଏସ୍‌ସିବି ମେଡିକାଲ ସମେତ ସଦ୍‌ଗୁରୁ, ଓମଶୁଭନ, ୟୁନିକ, ରୁଦ୍ର ହସ୍ପିଟାଲଗୁଡ଼ିକରେ ସ୍ଥିତି ଅନୁଧ୍ୟାନ କରାଯାଇଛି ବୋଲି ସିଏମ୍‌ସି ଅଧିକାରୀ ପରେଶ କୁମାର ନାୟକ କହିଛନ୍ତି।

## ଚୋରି: ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୨।୫:** ଚୋରି ଅଭିଯୋଗରେ ଜଗତ୍‌ପୁର ପୋଲିସ ସ୍ଥାନୀୟ ଶାନ୍ତିନଗର ଅଞ୍ଚଳର ନାରାୟଣ ରାଉତ(୨୩)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ତାଙ୍କ ନିକଟରୁ ଗୋଟିଏ ଏଲଇଡି ଟିଭି ଓ ଏକ ସ୍ମାର୍ଟଫୋନ୍ ଜବତ କରାଯାଇଛି। ଏହି ଥାନା ଅଧୀନ ଶୁଭଲକ୍ଷ୍ମୀ ସ୍ୱାଇଁଙ୍କ ଘରୁ ଅଳଙ୍କାର, ୧୮, ୫୦୦ ଟଙ୍କା ଓ ଏକ ଏଲଇଡି ଟିଭି ଚୋରି ହୋଇଥିଲା। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୧୯/୨୧) ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଥିଲା।

## ନିଃଶୁଳ୍କ ଆମ୍ବୁଲାନ୍ସ ସେବା ପ୍ରଦାନ

**କଟକ ଅଫିସ, ୨୨।୫:** ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ମୋ ପରିବାର ପକ୍ଷରୁ ନିଃଶୁଳ୍କ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଛି। ଏହାଦ୍ୱାରା ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ନବରଙ୍ଗପୁର ଜିଲା ପୋଖରାଗଡ ଗ୍ରାମର ଡାନିଏଲ ସିହ୍ନା ଡିସ୍‌ଚାର୍ଜ ହୋଇ ଘରକୁ ଫେରିଛନ୍ତି। ବାଇକ୍ ଦୁର୍ଘଟଣାରେ ସିହ୍ନା ଗୁରୁତର ହୋଇ ଗତ ମେ’ ୬ରେ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଥିଲେ। ସର୍ଜରୀ ପରେ ଦୁଇଟି ହାତ ସମ୍ପୂର୍ଣ୍ଣ ସୁସ୍ଥ ହେବାରୁ ଡାକ୍ତର ତାଙ୍କୁ ଡିସଚାର୍ଜ କରିଥିଲେ। କିନ୍ତୁ ସିହ୍ନାଙ୍କ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ ଏତେ ଟଙ୍କା ଦେଇ ଆମ୍ବୁଲାନ୍ସରେ ଯିବା ସମ୍ଭବପର ନ ଥିଲା। ଖବରପାଇ ବିଶ୍ୱାଳ ସଙ୍ଗେ ସଙ୍ଗେ ଓଡ଼ିଶା ମୋ ପରିବାର ପକ୍ଷରୁ ଏକ ନିଃଶୁଳ୍କ ଆମ୍ବୁଲାନ୍ସ ବ୍ୟବସ୍ଥା କରାଇ ସିହ୍ନାଙ୍କୁ ତାଙ୍କ ଘରକୁ ପଠାଇଥିଲେ।

## ଜୀବନବିନ୍ଦୁ କାର୍ଯ୍ୟକ୍ରମ

**କଟକ ସଦର,୨୨।୫(ଡି.ଏନ.ଏ.):** କଟକ ସଦର ବ୍ଲକ ଅଧୀନ ନାହାଭଙ୍ଗାଠାରେ ଶନିବାର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଉଦ୍‌ଘାଟନ କରିଥିଲେ। କୋଭିଡ୍ ନିୟମ ପାଳନ କରାଯାଇ ୫୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସିଂହ, ସମର ବେହେରା, ହିମାଂଶୁ ଦାସ, ପ୍ରମୋଦ ମହାପାତ୍ର, ତ୍ରିଲୋଚନ ସ୍ୱାଇଁ ଓ ସୁବୋଧ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ

**କଟକ ଅଫିସ, ୨୨।୫:** ମଙ୍ଗଳାବାଗସ୍ଥିତ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ୭୫ ତମ ପ୍ରତିଷ୍ଠା ଦିବସ ଶନିବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ପ୍ରଭାକର ପଲ୍ଲେଇ ଅଧକ୍ଷତା କରି ସଂଘର ପୂର୍ବତନ ସଭାପତି ବିଶ୍ୱନାଥ ପଣ୍ଡିତଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀରାମ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ଗଗନ ଚନ୍ଦ୍ର ରାଏ, ଏସ୍‌ସିବି ମେଡିକାଲ କର୍ମଚାରୀ ସଂଘ ସମ୍ପାଦକ ପ୍ରସନ୍ନ କୁମାର ସାମଲ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ନାଥ ଦେହୁରୀ, ଯୁଗ୍ମ ସମ୍ପାଦିକା ସୁକାମିନୀ ଦେଈ, ସଂଘ କୋଷାଧକ୍ଷ ସନ୍ତୋଷ ନାୟକ ଓ ଚନ୍ଦନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶଟ୍‌ଡାଉନ୍‌ରେ ରାଜଧାନୀରେ ବନ୍ଧୁକ ଡିଲ୍

- ସାରା ରାଜ୍ୟରେ ସକ୍ରିୟ ରହିଛି ର୍‍ୟାକେଟ୍
- ଅପରାଧୀଙ୍କୁ ବନ୍ଧୁକ ଯୋଗାଉଥିଲେ ସଞ୍ଜୟ
- ବିଭିନ୍ନ ଥାନାରେ ତାଙ୍କ ନାମରେ ଏକାଧିକ ମାମଲା

## ୪ ବନ୍ଧୁକ, ଗୁଳି ଜବତ: ବେପାରୀ ଗିରଫ

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

କମିଶନରେଟ୍ ପୋଲିସର କଡ଼ା ଯାଞ୍ଚ ସତ୍ତ୍ୱେ ଶନିବାର ଶଟ୍‌ଡାଉନରେ କଟକରୁ ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିଯାଇଥିଲା ଏକାଧିକ ବନ୍ଧୁକ ଓ ଗୁଳି। ପୋଲିସ ନାକା ଲଗାଇ ବିଭିନ୍ନ ସ୍ଥାନରେ ଜଗି ରହିଥିଲେ ମଧ୍ୟ ଜଣେ କୁଖ୍ୟାତ ବନ୍ଧୁକ ବେପାରୀଙ୍କୁ ଧରିପାରି ନ ଥିଲା। ବେପାରୀ ଜଣକ ଆଚାର୍ଯ୍ୟ ବିହାର ଅଞ୍ଚଳରେ ଥିବା ଲକ୍ଷ୍ମୀ ବିହାର ବସ୍ତିରେ ବନ୍ଧୁକ ବିକ୍ରି କରିବାକୁ ଅପେକ୍ଷା କରିଥିଲେ। ଅର୍ଡର ଦେଇଥିବା ପାର୍ଟି ପହଞ୍ଚିଥିଲେ ଲକ୍ଷାଧିକ ଟଙ୍କାରେ ଡିଲ୍ ହୋଇଥାନ୍ତା। ତେବେ


ଜବତ ବନ୍ଧୁକ ଓ ଗୁଳି।

ପୂର୍ବରୁ ତାଙ୍କ ଉପରେ ନଜର ରଖିଥିବା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏ ସମ୍ପର୍କରେ ସୂଚନା ପାଇବା ପରେ ଶହୀଦନଗର ଥାନା ପୋଲିସ ସହ ମିଶି ସେଠାରେ ଚଢ଼ାଉ କରି ତାଙ୍କୁ ମାଡ଼ି ବସିଥିଲା। ଗିରଫ ବନ୍ଧୁକ ବ୍ୟବସାୟୀ ଜଣକ ହେଲେ କଟକ କନ୍ଦରପୁରର ସଞ୍ଜୟ କୁମାର ସାହୁ। ପୋଲିସ ତାଙ୍କ ନିକଟରୁ ଗୋଟିଏ ୯ ଏମ୍‌ଏମ୍ ଅଟୋମେଟିକ୍ ପିସ୍ତଲ, ଗୋଟିଏ ରିଭଲଭର, ଦୁଇଟି ସିଙ୍ଗଲ୍ ବ୍ୟାରେଲ୍ ଦେଶୀ ବନ୍ଧୁକ, ମାଗାଜିନ୍, ୬ଟି ୯ଏମ୍‌ଏମ୍ ଗୁଳି, ୨ଟି ୮ ଏମ୍‌ଏମ୍ ଗୁଳି ଓ ୩ଟି ବଲ ଗୁଳି ଜବତ କରାଯାଇଛି। ପୋଲିସ ଆଇପିସି ଦଫା ୨୫ ଓ ଆର୍ମସ ଆକ୍ଟରେ ଏକ ମାମଲା (ନଂ.୨୧୪/୨୧) ରୁଜୁ କରି ଅଭିଯୁକ୍ତ ସଞ୍ଜୟଙ୍କୁ କୋର୍ଟ ଚାଲାଣ କରିଛି। ସଞ୍ଜୟ କଟକ, ପାରାଦୀପ ଓ ଜଗତ୍‌ସିଂପୁର ଜିଲାକୁ ବନ୍ଧୁକ ସପ୍ଲାଏ କରିବା ସହ ଚୋରି ଓ ଡକାୟତି ଆଦି ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପୂର୍ବରୁ କନ୍ଦରପୁର ଥାନା ଓ ବାଦାମବାଡ଼ି ଥାନା ପୋଲିସ ହାତରେ ଧରାପଡ଼ି ସେ ଗିରଫ ହୋଇଥିବାବେଳେ ରାଜ୍ୟର ବିଭିନ୍ନ ଥାନାରେ ତାଙ୍କ ନାମରେ ଏକାଧିକ ମାମଲା ରହିଛି। ଏସ୍‌ଟିଏଫ୍ ତାଙ୍କୁ ହିଟ୍‌ଲିଷ୍ଟରେ ରଖିବା ସହ ନଜର ରଖିଥିଲା। ତେବେ ସଞ୍ଜୟଙ୍କ ବନ୍ଧୁକ ର୍‍ୟାକେଟ ଲିଙ୍କ୍‌ରେ ଥିବା ଅନ୍ୟମାନଙ୍କୁ ଚିହ୍ନଟ ସହ ଗିରଫ ପାଇଁ ଅଧିକ ଖୋଳତାଡ଼ ଚଳାଇଛି ପୋଲିସ।

### ବନ୍ୟଜନ୍ତୁ ଶିକାର ର୍‍ୟାକେଟ୍‌ରେ ସମ୍ପୃକ୍ତି ସନ୍ଦେହ

ଗିରଫ ସଞ୍ଜୟଙ୍କ ନିକଟରୁ ପୋଲିସ ଦୁଇଟି ସିଙ୍ଗଲ ବ୍ୟାରେଲ୍ ବନ୍ଧୁକ ଜବତ କରିଛି। ମୁଖ୍ୟତଃ ବନ୍ୟ ଜନ୍ତୁ ଶିକାରରେ ଏସବୁ ବନ୍ଧୁକ ବ୍ୟବହାର ହୋଇଥାଏ। ଏଥିରୁ ସେ ରାଜ୍ୟର ବନ୍ୟଜନ୍ତୁ ଶିକାର ର୍‍ୟାକେଟରେ ସମ୍ପୃକ୍ତ ଥିବା ଓ ପୂର୍ବରୁ ଏସବୁ ବନ୍ଧୁକ ଶିକାରୀଙ୍କୁ ବିକ୍ରି କରିଥିବା ଅନୁମାନ କରୁଛି ପୋଲିସ। ସେହିଭଳି ସଞ୍ଜୟ ପୂର୍ବରୁ ଡକାୟତି ଭଳି ଅପରାଧରେ ମଧ୍ୟ ସମ୍ପୃକ୍ତ ଥିବା ପୋଲିସ ରେଡର୍କ କହୁଛି। ତେଣୁ ବନ୍ଧୁକ କାରବାର ସହ ଶିକାରୀ ଓ ବଡ଼ ବଡ଼ ଅପରାଧୀଙ୍କ ସହ ଲିଙ୍କ୍ ଥିବା ନେଇ ଏସ୍‌ଟିଏଫ ସନ୍ଦେହ କରୁଛି। ତେଣୁ ଏ ଦିଗରେ ଏସ୍‌ଟିଏଫ୍ ତଦନ୍ତ କରୁଥିବା ନେଇ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।


ଶନିବାର ସପ୍ତାହାନ୍ତ ଶଟ୍‌ଡାଉନ୍‌ରେ କଟକ ଯୋବ୍ରା ଆନିକଟ ବ୍ରିଜ୍ ଖାଁ ଖାଁ।

# ପୋଲିସ ଉପସ୍ଥିତିରେ ରାଜସ୍ୱ ନିରୀକ୍ଷକଙ୍କ ଆକ୍ରମଣ


ପୋଲିସ ଉପସ୍ଥିତିରେ ଗଣେଶ୍ୱର ହେମ୍ବ୍ରମ୍‌ଙ୍କୁ ଆକ୍ରମଣ କରାଯାଉଛି।

**ନିଶ୍ଚିନ୍ତକୋଇଲି, ୨୨।୫(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ତହସିଲରେ ଶନିବାର ବେଆଇନ୍ ବାଲି ବୋଝେଇ ଗାଡ଼ି ଉପରେ ଚଢ଼ାଉବେଳେ ଜଣେ ରାଜସ୍ୱ ନିରୀକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହାପରେ ଗୁରୁତର ଅବସ୍ଥାରେ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେ ହେଲେ ଗଣେଶ୍ୱର ହେମ୍ବ୍ରମ୍। ଚିକିତ୍ସିତ ହୋଇ ଫେରିବା ପରେ ସେ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆକ୍ରମଣବେଳେ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଫଳରେ ପୋଲିସର କାର୍ଯ୍ୟକାରିତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗଣେଶ୍ୱରଙ୍କ

### ବାଲିଘାଟରେ ଦାଦାଗିରି

ଅଭିଯୋଗ ଅନୁଯାୟୀ, ମାହାଙ୍ଗା ତହସିଲ ଅଧୀନ ବିରୂପା ନଦୀରୁ ବେଆଇନ ବାଲି ଚାଲାଣ ସମ୍ପର୍କରେ ସୂଚନାପାଇ ଗଣେଶ୍ୱର ଏକ ସ୍ୱତନ୍ତ୍ର ଟିମ୍ ସହ ସେଠାରେ ଚଢ଼ାଉ କରିଥିଲେ। ସେଠାରୁ ଏକ ନମ୍ବର ବିହୀନ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ଏହି ସମୟରେ ସମ୍ପୃକ୍ତ ଟ୍ରାକ୍ଟର ମାଲିକ ଓ ଚାଳକ ଗଣେଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଏନେଇ ରିପୋର୍ଟ ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ ରଞ୍ଜନ ପ୍ରଧାନଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ୍ ଫୋନ ଉଠାଇ ନ ଥିଲେ।

## ଦୀପ ନିଆଁରୁ ୬ ବଖରା ଜଳିଗଲା

**ସାଲେପୁର,୨୨।୫(ଡି.ଏନ୍.ଏ.)**

ସାଲେପୁର ବ୍ଲକ୍ ଅନ୍ତର୍ଗତ କଟରପାସ୍ଥିତ ରଥଦାଣ୍ଡରେ ଥିବା ଅନାଦି ଚରଣ ଦାସଙ୍କ ଘରେ ଶନିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୬ବଖରା ପୋଡ଼ିଯାଇଛି। ଏଥିରେ ଘରେ ଥିବା ସମସ୍ତ ଆସବାବପତ୍ର ସମେତ ଗଚ୍ଛିତ ଧାନ,ଚାଉଳ, ମୁଗ ଓ ବିରି ଆଦି ପୋଡ଼ିଯାଇଛି। ଖବରପାଇ ସାଲେପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସନ୍ଧ୍ୟାରେ ଚଉରାରେ ଦୀପ ଦିଆଯାଇଥିଲା। କୌଣସିମତେ ସେଥିରୁ ନିଆଁ ଲାଗି ଅନ୍ୟ ଆଡ଼େ ବ୍ୟାପିଯାଇଥିଲା ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଖବରଦାତାଙ୍କ ଉପରେ ଆକ୍ରମଣକୁ ନିନ୍ଦା

**କଟକ ସଦର,୨୨।୫(ଡି.ଏନ.ଏ.)**

ଧରିତ୍ରୀର ପୁରୀ ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କ ଉପରେ ପୋଲିସର ଆକ୍ରମଣ ଘଟଣାକୁ କଟକ ସଦର ପ୍ରେସ୍ କ୍ଲବ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏ ନେଇ ତେଲେଙ୍ଗାପେଣ୍ଠଠାରେ ଆୟୋଜିତ ସଭାରେ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର ଅଧକ୍ଷତା କରି କ୍ରମାଗତ ଭାବେ ଖବରଦାତାଙ୍କ ଉପରେ ପୋଲିସ ଓ ଅନ୍ୟମାନଙ୍କର ଆକ୍ରମଣ ବୃଦ୍ଧି ପାଉଥିବା ଘୃଣ୍ୟ ଆଚରଣକୁ ନିନ୍ଦା କରିଥିଲେ। କାର୍ଯ୍ୟକାରୀ ସଭାପତି ଲଳିତ କୁମାର ଦାଶ, ଉପସଭାପତି କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ପ୍ରତାପ କେଶରୀ ପାତ୍ର, ଯୁଗ୍ମ ସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ସହସମ୍ପାଦକ ଦୀପ୍ତିରଞ୍ଜନ ଶତପଥୀ, ଅଜୟ କୁମାର ଦାଶ, ସୁବାସ ଚନ୍ଦ୍ର ନାୟକ, ଗଜେନ୍ଦ୍ର ନାଥ ଦାସ, ଉପଦେଷ୍ଟା ଶ୍ରୀ ସନ୍ନ୍ୟାସୀ, ଅଜୟ କୁମାର ପତି, ଆଇନ ପରାମର୍ଶଦାତା କବି ନାରାୟଣ ଜେନା ପ୍ରମୁଖ ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ଖବରଦାତା ଅଜୟ କୁମାର ପାତ୍ର, ରାଜକିଶୋର ବେହେରା, ଅମିତ କୁମାର ପରିଜା, ଧୀରେନ୍ଦ୍ର ସାହୁ, ଶଶିଭୂଷଣ ଦାଶ ଓ ସୁଶାନ୍ତ କୁମାର ଜେନା ଉପସ୍ଥିତ ଥିଲେ। ସନାତନ ପରିଜା ସଭା ପରିଚାଳନା କରିଥିଲେ।

# ପାଣିରେ ବୁଡ଼ି ୩ ମୃତ

**ବାଙ୍କୀ/ ଚୌଦ୍ୱାର ୨୨।୫(ସ୍ୱ.ପ୍ର./ ଡି.ଏନ୍.ଏ.)**

ବାଙ୍କୀ ଉପଖଣ୍ଡରେ ଶନିବାର ପୋଖରୀରେ ବୁଡି ପୃଥକ୍ ଭାବେ ୨ଜଣଙ୍କ ମୃତ୍ୟୁ ଘଟିଛି। ସକାଳେ ଡମପଡ଼ା ବ୍ଲକ ତାଳବସ୍ତ ଗ୍ରାମ ବ୍ରାହ୍ମଣ ସାହିର ତପନ ବେହେରା (୩୦)ଙ୍କୁ ଗ୍ରାମ ପୋଖରୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ତାଳଦଣ୍ଡ ଫାଣ୍ଡିରେ ଖବର ଦେଇଥିଲେ। ଏହାପରେ ପୋଲିସ ପକ୍ଷରୁ ତପନଙ୍କ ମୃତଦେହ ଜବତ କରାଯାଇ ଭୁବେନେଶ୍ୱରରେ ରହୁଥିବା ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଏନେଇ ଫାଣ୍ଡିରେ ଅପମୃତ୍ୟୁ ମାମଲା (ନଂ. ୬/୨୧)ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି। ସେହିପରି ପୋଖରୀ ବୁଡ଼ିଯିବାରୁ ଡମପଡ଼ା ବ୍ଲକ ତୁଳସୀପୁର ମଠ ସାହିର ମାନଗୋବିନ୍ଦ ପ୍ରଧାନଙ୍କ ଝିଅ ଚିନ୍ମୟୀ ପ୍ରଧାନ(୩)ଙ୍କ ମୃତ୍ୟୁ ଘଟିଛି। ସେ ମା’ରଞ୍ଜିତାଙ୍କ ସହ ସ୍ଥାନୀୟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ମା’ ଲୁଗା ସଫା କରୁଥିବା ବେଳେ ଚିନ୍ମୟୀ ସାଙ୍ଗମାନଙ୍କ ସହ ପାଣିରେ ଖେଳୁଥିଲା। ଏହି ସମୟରେ ହଠାତ୍ ଗୋଡ଼ ଖସିଯିବାରୁ ଚିନ୍ମୟୀ ପାଣିରେ ବୁଡ଼ିଯାଇଥିଲା। ଏହାଦେଖି ରଞ୍ଜିତା ପାଟି କରିବାରୁ ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିନ୍ମୟୀକୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଏନେଇ ବାଙ୍କୀ ପୋଲିସ ଅପମୃତ୍ୟୁ ମାମଲା (ନଂ.୭/୨୧) ରୁଜୁ କରିଛି।

ଚୌଦ୍ୱାର ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମ ନିକଟ ମହାନଦୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସେହି ଗ୍ରାମର ତଇର୍ ମହମ୍ମଦଙ୍କ ପୁଅ ଆଜମଲ୍(୧୦ବର୍ଷ)। ଶନିବାର ମଧ୍ୟାହ୍ନରେ ଆଜମଲ୍ ମହାନଦୀ ଘାଟରେ ଗାଧୋଉଥିବାବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ନଦୀଘାଟରେ ଥିବା ଲୋକମାନେ ଆଜମଲଙ୍କୁ ଖୋଜାଖୋଜି କରି ମଧ୍ୟ ପାଇ ନ ଥିଲେ। ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିବା ପରେ ଆଜମଲଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି।

## ଗ୍ରହରାଜ ଶନିଶ୍ଚରଙ୍କ ତୈଳାଭିଷେକ ଉତ୍ସବ

**ନିଶ୍ଚିନ୍ତକୋଇଲି,୨୨।୫(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବଜାରସ୍ଥିତ ଶ୍ୱେତବଟ ଶନିଶ୍ଚରଙ୍କ ପୀଠରେ ବିଶ୍ୱ ଶାନ୍ତି ମହାଯଜ୍ଞ ଓ ତୈଳାଭିଷେକ ଉତ୍ସବ ଶନିବାର କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବାବା ନିତ୍ୟାନନ୍ଦ ଦାସ ମହାରାଜଙ୍କ ଉପସ୍ଥିତିରେ ଆୟୋଜିତ ଏହି ଉତ୍ସବରେ ପଣ୍ଡିତ ସଞ୍ଜୟ କୁମାର ଷଡ଼ଙ୍ଗୀ, ସୁବୋଧ କୁମାର ଷଡ଼ଙ୍ଗୀ ପୂଜାର୍ଚ୍ଚନା କରିଥିଲେ। କର୍ତ୍ତାଭାବେ ନିତ୍ୟାନନ୍ଦ ମହାପାତ୍ର ଶନିଶ୍ଚରଙ୍କ ତୈଳାଭିଷେକ କରାଇଥିଲେ। ବାବା ନିର୍ମଳ ଚନ୍ଦ୍ର ମିଶ୍ର କାର୍ଯ୍ୟକୁ ସମ୍ପାଦନ କରିଥିଲେ। ସେହିପରି ସ୍ଥାନୀୟ ମା’ବେଲେଶ୍ୱରୀଙ୍କ ପୀଠ, ସରପଡାସ୍ଥିତ ଶନିଶ୍ଚର ପୀଠ, ବାବୁଜଙ୍ଗ ଶନିଶ୍ଚର ପୀଠ, ଜନାର୍ଦ୍ଦନପୁର ଅମଣିଆପାଟଣାସ୍ଥିତ ଶନିଶ୍ଚର ପୀଠ, କଳାଗ୍ନି ପୀଠ ଓ ଅସୁରେଶ୍ୱରର ଅଣସରପୁରସ୍ଥିତ ମା’ବୁଢୀ ଜାଗୁଳାଇ ମନ୍ଦିର ପରିସରରେ ଥିବା ଗ୍ରହରାଜ ଶନିଶ୍ଚରଙ୍କ ତୈଳାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ପୀଠରେ କରୋନା ମହାମାରୀ ପାଇଁ ଭକ୍ତଙ୍କ ଦର୍ଶନ ଉପରେ କଟକଣା ଲଗାଯାଇଥିଲା।


କଟକ ପୁରୀଘାଟସ୍ଥିତ ଶନିମନ୍ଦିର ନିକଟ ବରଗଛ ମୂଳରେ ଶ୍ରଦ୍ଧାଳୁମାନେ ଜଳଲାଗି କରୁଛନ୍ତି।

## ବ୍ୟବସାୟୀଙ୍କ ଦୋକାନ ସିଲ୍, ଜରିମାନା ଆଦାୟ

**ସାଲେପୁର,୨୨।୫(ଡି.ଏନ୍.ଏ.)**

କୋଭିଡ୍ କଟକଣା ପାଇଁ ଲକ୍‌ଡାଉନ୍ ସମୟରେ ସକାଳ ୭ଟାରୁ ୧୧ଟା ୪ଘଣ୍ଟା ପାଇଁ ଜରୁରିକାଳୀନ ବ୍ୟବସାୟ ପ୍ରତିଷ୍ଠାନ ଖୋଲା ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ସାଲେପୁର ଥାନା ଅନ୍ତର୍ଗତ ରାଇସୁଙ୍ଗୁଡ଼ା ବଜାରରେ ତେଜରାତି ଦୋକାନ ଖୋଲିଥିବା ଜଣେ ବ୍ୟବସାୟୀ ନିୟମ ଉଲ୍ଲଂଘନ କରି ଶୁକ୍ରବାର ରାତି ୮ଟାରେ ଦୋକାନ ଖୋଲା ରଖିଥିଲେ। ଏହି ସମୟରେ ସାଲେପୁର ପୋଲିସ ସେଠାରେ ଚଢ଼ାଉ କରି ୩ ଦିନ ପାଇଁ ଦୋକାନ ସିଲ୍ କରିବା ସହ ଜରିମାନା ସ୍ୱରୂପ ୩ହଜାର ଟଙ୍କା ଆଦାୟ କରିଥିବା ନେଇ ଆଇଆଇସି ବିଜୟ କୁମାର ବିଶି ସୂଚନା ଦେଇଛନ୍ତି।

## କଟକରେ ଶୂନ୍ୟଛାୟା ଦୃଶ୍ୟମାନ

**କଟକ ଅଫିସ,୨୨।୫**

କଟକରେ ଶନିବାର ପୂର୍ବାହ୍ନ ୧୧.୪୩ ମିନିଟ୍‌ରେ ଶୂନ୍ୟଛାୟା ଦେଖିବାକୁ ମିଳିଥିଲା। ଏହି ଛାୟା ୩ରୁ ୪ ମିନିଟ୍ ପାଇଁ ଦେଖାଯାଇଥିଲା। ଏହାକୁ ଦେଖିବା ପାଇଁ କୌଣସି ଯନ୍ତ୍ରପାତିର ଆବଶ୍ୟକତା ନାହିଁ। ଏକ ସମତଳ ଜାଗାରେ ଖୁଣ୍ଟ, ଚାରିକୋଣିଆ ବାକ୍ସ, ବୋତଲ, ଇଟା ଭଳି କିଛି ଜିନିଷ ଖରା ପଡୁଥିବା ସ୍ଥାନରେ ଲମ୍ବ ଭାବରେ ରଖାଯାଇଥିଲା। କିଛି ସମୟ ପୂର୍ବରୁ ଲକ୍ଷ୍ୟ କରାଗଲା ଯେ ବସ୍ତୁଗୁଡିକର ଛାୟା ଧୀରେ ଧୀରେ ଛୋଟ ହୋଇ ଉଭାନ ହୋଇଯାଇଥିଲା। ପୁଣି କିଛି ସମୟ ପରେ ଧୀରେ ଧୀରେ ଛାୟା ଫେରି ଆସିଥିବା ଦେଖିବାକୁ ମିଳିଥିଲା। ୨୫ରୁ ୩୦ ବର୍ଷ ପୂର୍ବେ ଭାରତରେ ଜ୍ୟୋତିର୍ବିଜ୍ଞାନୀମାନେ ଏହି ଶୂନ୍ୟ ଛାୟା ଦିବସ ଘୋଷଣା କରିଥିଲେ। ସେବେଠାରୁ ପ୍ରତିବର୍ଷ ଏହି ଶୂନ୍ୟଛାୟା ପ୍ରତୀୟମାନ ହେଉଛି ।

## କରୋନା ଆକ୍ରାନ୍ତଙ୍କୁ ଭିଡିଓ କଲ୍‌ରେ ଦେଖିହେବ

**କଟକ ଅଫିସ,୨୨।୫**

### ହେଲ୍ପ ଡେସ୍କ ବ୍ୟବସ୍ଥାରେ ଉନ୍ନତୀକରଣ

ସହରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଶନିବାର ସହରରେ ୪୧୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ସହରରେ ମୋଟ୍ ୫,୧୫୦ ଜଣ କୋଭିଡ୍ ଆକ୍ରାନ୍ତ ରହିଛନ୍ତି। ସେଥିମଧ୍ୟରୁ ଅନେକ ଲୋକ ସହରର ବିଭିନ୍ନ ସରକାରୀ ଓ ବେସରକାରୀ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ରୋଗୀ ସମ୍ପର୍କୀୟମାନଙ୍କ ପାଇଁ କୋଭିଡ୍ ହସ୍ପିଟାଲରେ ରାଜ୍ୟ ସରକାରଙ୍କ ପକ୍ଷରୁ ହେଲ୍ପ ଡେସ୍କ ବ୍ୟବସ୍ଥା କରାଯାଇଛି। ହେଲେ ଉକ୍ତ ହେଲ୍ପ ଡେସ୍କରୁ ରୋଗୀଙ୍କ ସମ୍ପର୍କରେ ସେମାନଙ୍କ ସମ୍ପର୍କୀୟମାନେ ଠିକ୍ ସୂଚନା ପାଉ ନ ଥିବା ଅଭିଯୋଗ ହୋଇଛି। ଏଣୁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଏହି ହେଲ୍ପ ଡେସ୍କ ବ୍ୟବସ୍ଥାରେ ଉନ୍ନତୀକରଣ କରାଯାଇଛି। କୋଭିଡ୍ ରୋଗୀଙ୍କ ଚିକିତ୍ସା, ମୃତ୍ୟୁ ସମ୍ପର୍କରେ ଏହି ହେଲ୍ପଡେସ୍କ ଜରିଆରେ ସେମାନଙ୍କ ସମ୍ପର୍କୀୟଙ୍କୁ ସହଜରେ ସୂଚନା ଦିଆଯାଇପାରିବ। କୋଭିଡ୍ ୱାର୍ଡରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଭିଡିଓ କଲ୍ ମାଧ୍ୟମରେ ସେମାନଙ୍କ ସମ୍ପର୍କୀୟମାନେ ଦେଖିବା ପାଇଁ ବ୍ୟବସ୍ଥା କରାଯିବ। ଏଥିପାଇଁ ଦୁଇଟି ହେଲ୍ପ ଲାଇନ ନମ୍ବର ଜାରି ହେବ। ଗୋଟିଏ ନମ୍ବରରେ ହ୍ୱାଟ୍ସଆପ୍ ଓ ଅନ୍ୟ ନମ୍ବରରେ ରୋଗୀ ସମ୍ପର୍କୀୟମାନେ ଫୋନ କରିପାରିବେ। ଏହି କାର୍ଯ୍ୟରେ ଦୁଇଜଣଙ୍କୁ ନିଯୁକ୍ତି କରାଯିବ। ସେମାନେ ଦୁଇଟି ଶିଫ୍ଟରେ କାମ କରିବେ। ଏହି ବ୍ୟବସ୍ଥା ଆସନ୍ତା ସୋମବାରଠାରୁ କାର୍ଯ୍ୟକାରୀ ହେବ ବୋଲି ସିଏମ୍‌ସି ଅଧିକାରୀ ପରେଶ କୁମାର ନାୟକ କହିଛନ୍ତି।

# ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟରେ ଜବରଦଖଲ ବାଧକ

**କଣ୍ଟାପଡା, ୨୨।୫(ଡି.ଏନ୍.ଏ.)**

କଣ୍ଟାପଡା ପୂର୍ତ୍ତ ବିଭାଗ ଅଧୀନରେ ଥିବା କାକଟପୁର ବ୍ରାଞ୍ଚ କେନାଲର ସାଇଲୋ ଝାରପଡାଠାରୁ ଇଚ୍ଛାପୁର ଦକ୍ଷିଣପାର୍ଶ୍ୱ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟରେ ଜବରଦଖଲ ବାଧକ ସାଜିଛି। ଫଳରେ ଏହି କାମ ସରିବା ନେଇ ବିଳମ୍ବ ହେଉଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ୭.୬୫୦ କିମି ରାସ୍ତାର ପ୍ରଶସ୍ତୀକରଣ ପାଇଁ ୨୦୧୯-୨୦ ଆର୍ଥିକବର୍ଷରେ ୧୦୦୮.୬୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଉକ୍ତ ଟଙ୍କାରେ ରାସ୍ତାଟି ୫.୫ ମିଟର ଚଉଡା ହେବା ସହ ବିଭିନ୍ନ ସ୍ଥାନରେ ଆଉଟ୍‌ଲେଟ କରାଯିବା ପାଇଁ ସ୍ଥିର ହୋଇଛି। ଏହି ରାସ୍ତା ହେଲେ ସ୍ଥାନୀୟ ଅଞ୍ଚଳବାସୀ ଜଗତ୍‌ସିଂହପୁର ଓ କଟକକୁ ସୁବିଧାରେ ଯାତାୟାତ କରିପାରିବେ। ତେବେ ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନକୁ ଜବରଦଖଲ କରି କେତେଜଣ ବ୍ୟକ୍ତି ସ୍ଥାୟୀଗୃହ ନିର୍ମାଣ କରିଛନ୍ତି। ଫଳରେ ରାସ୍ତାକାର୍ଯ୍ୟ ଚାଲୁଥିବାବେଳେ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାରୁ କଣ୍ଟାପଡା ପୂର୍ତ୍ତ ବିଭାଗ ପକ୍ଷରୁ ଗତ ଜାନୁୟାରୀରେ ଜବରଦଖଲ ଉଚ୍ଛେଦ ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ଚିଠି କରାଯାଇଥିଲା। ତହସିଲ ପକ୍ଷରୁ ଜବରଦଖଲକାରୀଙ୍କୁ ନୋଟିସ୍ ଦିଆଯିବା ସହ ଜରିମାନା ଆଦାୟ କରାଯାଇଥିବା ଜଣାପଡିଛି। ତେବେ ଜବରଦଖଲ ଉଚ୍ଛେଦରେ ବିଳମ୍ବ ହେଉଛି। ଆଗକୁ ବର୍ଷାଋତୁ ଆସୁଥିବାରୁ ରାସ୍ତା କାମ ବିଳମ୍ବ ହେବା ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ କଣ୍ଟାପଡା ତହସିଲଦାର ଆର୍ତ୍ତତ୍ରାଣ ମଲ୍ଲିକ କୁହନ୍ତି କରୋନା ପାଇଁ ଉଚ୍ଛେଦ କାମ ବିଳମ୍ବ ହେଉଛି।


ରାସ୍ତା ଜବରଦଖଲ କରି ଗୋଡି ଜମା କରାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ମେ, ୨୦୨୧



## ସଂକ୍ଷେପରେ

### ବଜ୍ରପାତରେ ଯୁବ ଚାଷୀଙ୍କ ମୃତ୍ୟୁ

**ଟାଙ୍ଗୀ(ଖୋର୍ଦ୍ଧା),୨୨।୫(ଡି.ଏନ୍.ଏ.):** ବଜ୍ରପାତରେ ଶନିବାର ଜଣେ ଯୁବ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚାନ୍ଦପୁର ଥାନା ଅନ୍ତର୍ଗତ କଟକ ସହର ଗ୍ରାମର ସଜିତ ରଞ୍ଜନ ସେନାପତି। ସୂଚନା ମୁତାବକ, ସଜିତ୍ ବିଲରେ କାମ କରୁଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ସେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଯୁବ ଚାଷୀଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

### ମଦ, ଭାଙ୍ଗ ଜବତ: ୨ ଗିରଫ

**ଜଟଣୀ,୨୨।୫(ଡି.ଏନ୍.ଏ.):** କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟରେ ଲକ୍‌ଡାଉନ ଓ ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। ଏହି ସମୟରେ ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ଶନିବାର ରାତିରେ ଜଟଣୀ ପୋଲିସ ରାଜାବଜାର ଅଞ୍ଚଳରେ ଚଢ଼ାଉ କରି ୨ ନିଶା ବ୍ୟବସାୟୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ପ୍ରମୋଦ ମହାନ୍ତି ଓ ସନ୍ତୋଷ ମହାନ୍ତି। ଏମାନଙ୍କ ନିକଟରୁ ୨ପେଟି ବିଦେଶୀ ମଦ, ଏକ ବସ୍ତା ଭାଙ୍ଗ ଓ ୩ଟି ଗ୍ରାଇଣ୍ଡର ଜବତ କରାଯାଇଛି। ଏନେଇ ଜଟଣୀ ଥାନାରେ ଏକ ମାମଲା (ନଂ.୨୫୦/୨୧)ରୁଜୁ ହୋଇଛି।

### କୋଭିଡ୍ କେୟାର କେନ୍ଦ୍ରରେ ଅବ୍ୟବସ୍ଥା ଅଭିଯୋଗ

**ଜଟଣୀ,୨୨।୫(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଜଟଣୀ ପାତ୍ରପଡାସ୍ଥିତ କୋଭିଡ୍ କେୟାର କେନ୍ଦ୍ରରେ ରୋଗୀଙ୍କୁ ଉପଯୁକ୍ତ ସେବା ମିଳୁ ନ ଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଖୋର୍ଦ୍ଧା ପଲ୍ଲା ଅଞ୍ଚଳର ଜଣେ ମହିଳା ଗତ ଶୁକ୍ରବାର ପଜିଟିଭ୍ ଚିହ୍ନଟ ହେବା ପରେ ଜଟଣୀର ପାତ୍ରପଡା କୋଭିଡ୍ କେୟାର କେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିଲେ। ତେବେ ଉକ୍ତ କେନ୍ଦ୍ରରେ ରୋଗୀଙ୍କୁ ଉପଯୁକ୍ତ ସେବା ପ୍ରଦାନ କରାଯାଉ ନ ଥିବା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହ ଏକ ଭିଡିଓ ଜାରିକରି ଉପଯୁକ୍ତ ସେବା ପାଇଁ ପ୍ରଶାସନକୁ ନିବେଦନ କରିଛନ୍ତି। ସମ୍ପୃକ୍ତ ମହିଳା ଖାଡା ହେଉଥିବା ବେଳେ ତାଙ୍କୁ ବରା ଖାଇବାକୁ ଦିଆଯାଉଛି। ପିଇବାକୁ ଗରମ ପାଣି ମଧ ମିଳୁନାହିଁ। ବେଡ୍‌ରେ ପଡ଼ିଥିବା ବେଡଶିଟ୍‌କୁ ବଦଳାଯାଉ ନାହିଁ। ଏଥିସହ ଉକ୍ତ କେନ୍ଦ୍ରକୁ ଠିକ୍‌ରେ ଡାକ୍ତର ମଧ ଆସୁ ନ ଥିବା ସେ ଅଭିଯୋଗ ଆଣିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଜଟଣୀ ନାଗରିକ କମିଟି ସଦସ୍ୟ କଳିଙ୍ଗ ସାହୁ ଅନୁରୋଧ କରିଛନ୍ତି।

### ପୋଚ, ମଦ ଜବତ: ଜଣେ ଗିରଫ

**ବାଲୁଗାଁ,୨୨।୫(ଡି.ଏନ୍.ଏ.):** ବାଲୁଗାଁ, ଟାଙ୍ଗୀ ଅବକାରୀ ବିଭାଗ ଏବଂ ନାଚୁଣୀ ପୋଲିସ ଶନିବାର ମିଳିତ ଭାବେ ଚଢ଼ାଉ କରି ନାଚୁଣୀ ନିକଟ ଶୁଳିଆ ଜଙ୍ଗଲରୁ ବେଆଇନ ଭାବେ ପ୍ରସ୍ତୁତ ୨୮ ଲିଟର ଦେଶୀ ମଦ ଜବତ କରିବା ସହ ୧୨ଶହ ଲିଟର ପୋଚ ନଷ୍ଟ କରିଛନ୍ତି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ସ୍ଥାନୀୟ ମୋରାମୋରି ଗ୍ରାମର ଲକ୍ଷ୍ମୀଧର ସେଠୀ। ତାଙ୍କ ବିରୋଧରେ ନଂ.୧୯/୨୧ରେ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ନାଚୁଣୀ ଫାଣ୍ଡି ଅନ୍ତର୍ଗତ ସଲପଡ଼ିହ ଗ୍ରାମର ଶୁଳିଆ ନିକଟ ଜଙ୍ଗଲରେ ବ୍ୟାପକ ଭାବେ ବେଆଇନ ଦେଶୀ ମଦ ପ୍ରସ୍ତୁତ ହୋଇ ବିଭିନ୍ନ ଅଞ୍ଚଳକୁ ଚୋରା ଚାଲାଣ ହେଉଥିଲା। ଶନିବାର ଭୋରରୁ ଟାଙ୍ଗୀ ଅବକାରୀ ବିଭାଗ ନିରୀକ୍ଷକ ଆଲୋକ ପ୍ରଧାନ, ବାଲୁଗାଁ ଅବକାରୀ ଉପନିରୀକ୍ଷକ ମନୋଜ ବାରିକ ଏବଂ ନାଚୁଣୀ ଫାଣ୍ଡି ଅଧିକାରୀ ଉମାକାନ୍ତ ସାହୁ ସଦଳବଳ ଚଢ଼ାଉ କରିଥିଲେ।

# ଶଟ୍‌ଡାଉନରେ ରାଜଧାନୀରେ ବନ୍ଧୁକ ଡିଲ୍

- ସାରା ରାଜ୍ୟରେ ସକ୍ରିୟ ରହିଛି ର୍‍ୟାକେଟ୍
- ଅପରାଧୀଙ୍କୁ ବନ୍ଧୁକ ଯୋଗାଉଥିଲେ ସଞ୍ଜୟ
- ବିଭିନ୍ନ ଥାନାରେ ତାଙ୍କ ନାମରେ ଏକାଧିକ ମାମଲା

## ୪ ବନ୍ଧୁକ, ଗୁଳି ଜବତ: ବେପାରୀ ଗିରଫ



ଜବତ ବନ୍ଧୁକ ଓ ଗୁଳି।

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

କମିଶନରେଟ୍ ପୋଲିସର କଡ଼ା ଯାଞ୍ଚ ସତ୍ତ୍ୱେ ଶନିବାର ଶଟ୍‌ଡାଉନରେ କଟକରୁ ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିଯାଇଥିଲା ଏକାଧିକ ବନ୍ଧୁକ ଓ ଗୁଳି। ପୋଲିସ ନାକା ଲଗାଇ ବିଭିନ୍ନ ସ୍ଥାନରେ ଜଗି ରହିଥିଲେ ମଧ ଜଣେ କୁଖ୍ୟାତ ବନ୍ଧୁକ ବେପାରୀଙ୍କୁ ଧରିପାରି ନ ଥିଲା। ବେପାରୀ ଜଣକ ଆଚାର୍ଯ୍ୟ ବିହାର ଅଞ୍ଚଳରେ ଥିବା ଲକ୍ଷ୍ମୀ ବିହାର ବସ୍ତିରେ ବନ୍ଧୁକ ବିକ୍ରି କରିବାକୁ ଅପେକ୍ଷା କରିଥିଲେ। ଅର୍ଡର ଦେଇଥିବା ପାର୍ଟି ପହଞ୍ଚିଥିଲେ ଲକ୍ଷାଧିକ ଟଙ୍କାରେ ଡିଲ୍ ହୋଇଥାନ୍ତା। ତେବେ ପୂର୍ବରୁ ତାଙ୍କ ଉପରେ ନଜର ରଖିଥିବା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏ ସମ୍ପର୍କରେ ସୂଚନା ପାଇବା ପରେ ଶହୀଦନଗର ଥାନା ପୋଲିସ ସହ ମିଶି ସେଠାରେ ଚଢ଼ାଉ କରି ତାଙ୍କୁ ମାଡ଼ି ବସିଥିଲା। ଗିରଫ ବନ୍ଧୁକ ବ୍ୟବସାୟୀ ଜଣକ ହେଲେ କଟକ କନ୍ଦରପୁରର ସଞ୍ଜୟ କୁମାର ସାହୁ। ପୋଲିସ ତାଙ୍କ ନିକଟରୁ ଗୋଟିଏ ୯ ଏମ୍‌ଏମ୍ ଅଟୋମେଟିକ୍ ପିସ୍ତଲ, ଗୋଟିଏ ରିଭଲଭର, ଦୁଇଟି ସିଙ୍ଗଲ୍ ବ୍ୟାରେଲ୍ ଦେଶୀ ବନ୍ଧୁକ, ମାଗାଜିନ୍, ୬ଟି ୯ଏମ୍‌ଏମ୍ ଗୁଳି, ୨ଟି ୮ ଏମ୍‌ଏମ୍ ଗୁଳି ଓ ୩ଟି ବଲ ଗୁଳି ଜବତ କରାଯାଇଛି। ପୋଲିସ ଆଇପିସି ଦଫା ୨୫ ଓ ଆର୍ମସ ଆକ୍ଟରେ ଏକ ମାମଲା (ନଂ.୨୧୪/୨୧) ରୁଜୁ କରି ଅଭିଯୁକ୍ତ ସଞ୍ଜୟଙ୍କୁ କୋର୍ଟ ଚାଲାଣ କରିଛି। ସଞ୍ଜୟ କଟକ, ପାରାଦୀପ ଓ ଜଗତ୍‌ସିଂପୁର ଜିଲାକୁ ବନ୍ଧୁକ ସପ୍ଲାଏ କରିବା ସହ ଚୋରି ଓ ଡକାୟତି ଆଦି ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପୂର୍ବରୁ କନ୍ଦରପୁର ଥାନା ଓ ବାଦାମବାଡ଼ି ଥାନା ପୋଲିସ ହାତରେ ଧରାପଡ଼ି ସେ ଗିରଫ ହୋଇଥିବାବେଳେ ରାଜ୍ୟର ବିଭିନ୍ନ ଥାନାରେ ତାଙ୍କ ନାମରେ ଏକାଧିକ ମାମଲା ରହିଛି। ଏସ୍‌ଟିଏଫ୍ ତାଙ୍କୁ ହିଟ୍‌ଲିଷ୍ଟରେ ରଖିବା ସହ ନଜର ରଖିଥିଲା। ତେବେ ସଞ୍ଜୟଙ୍କ ବନ୍ଧୁକ ର୍‍ୟାକେଟ ଲିଙ୍କ୍‌ରେ ଥିବା ଅନ୍ୟମାନଙ୍କୁ ଚିହ୍ନଟ ସହ ଗିରଫ ପାଇଁ ଅଧିକ ଖୋଳତାଡ଼ ଚଳାଇଛି ପୋଲିସ।

### ବନ୍ୟଜନ୍ତୁ ଶିକାର ର୍‍ୟାକେଟ୍‌ରେ ସମ୍ପୃକ୍ତି ସନ୍ଦେହ

ଗିରଫ ସଞ୍ଜୟଙ୍କ ନିକଟରୁ ପୋଲିସ ଦୁଇଟି ସିଙ୍ଗଲ ବ୍ୟାରେଲ୍ ବନ୍ଧୁକ ଜବତ କରିଛି। ମୁଖ୍ୟତଃ ବନ୍ୟ ଜନ୍ତୁ ଶିକାରରେ ଏସବୁ ବନ୍ଧୁକ ବ୍ୟବହାର ହୋଇଥାଏ। ଏଥିରୁ ସେ ରାଜ୍ୟର ବନ୍ୟଜନ୍ତୁ ଶିକାର ର୍‍ୟାକେଟରେ ସମ୍ପୃକ୍ତ ଥିବା ଓ ପୂର୍ବରୁ ଏସବୁ ବନ୍ଧୁକ ଶିକାରୀଙ୍କୁ ବିକ୍ରି କରିଥିବା ଅନୁମାନ କରୁଛି ପୋଲିସ। ସେହିଭଳି ସଞ୍ଜୟ ପୂର୍ବରୁ ଡକାୟତି ଭଳି ଅପରାଧରେ ମଧ ସମ୍ପୃକ୍ତ ଥିବା ପୋଲିସ ରେକର୍ଡ କହୁଛି। ତେଣୁ ବନ୍ଧୁକ କାରବାର ସହ ଶିକାରୀ ଓ ବଡ଼ ବଡ଼ ଅପରାଧୀଙ୍କ ସହ ଲିଙ୍କ୍ ଥିବା ନେଇ ଏସ୍‌ଟିଏଫ ସନ୍ଦେହ କରୁଛି। ତେଣୁ ଏ ଦିଗରେ ଏସ୍‌ଟିଏଫ୍ ତଦନ୍ତ କରୁଥିବା ନେଇ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

# କୋଭିଡ୍ ରିପୋର୍ଟକୁ ନେଇ ଉତ୍ତେଜନା

### ଡାକ୍ତରଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ ଅଟକ

**ଟାଙ୍ଗୀ(ଖୋର୍ଦ୍ଧା),୨୨।୫(ଡି.ଏନ୍.ଏ.)**

ରଣପୁର ବ୍ଲକ ଅନ୍ତର୍ଗତ ମୟୁରଝାଲିଆ ଗ୍ରାମରେ ଶନିବାର କୋଭିଡ୍ ଟେଷ୍ଟ ରିପୋର୍ଟକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏଥିସହ ଡାକ୍ତରଙ୍କ ସହ ସ୍ୱାସ୍ଥ୍ୟକର୍ମୀଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ପ୍ରକାଶ ଯେ, ୩ଦିନ ପୂର୍ବେ ଗ୍ରାମର ୨୪ଜଣଙ୍କ ଆର୍‌ଟି-ପିସିଆର ଟେଷ୍ଟ କରାଯାଇଥିବା ବେଳେ ୨୦ଜଣଙ୍କର ପଜିଟିଭ ଆସିଥିଲା। ସେମାନଙ୍କ ମଧ୍ୟରୁ ଜଣେ ରଣପୁରରେ ପୁଣି ଥରେ ଟେଷ୍ଟ କରାଇବା ପରେ ନେଗେଟିଭ ରିପୋର୍ଟ ଆସିଥିଲା। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଶନିବାର ଗାଁକୁ ଡାକ୍ତରୀ ଟିମ୍ ଯାଇଥିବା ବେଳେ ଗ୍ରାମବାସୀ ସମସ୍ତଙ୍କୁ ଅଟକ ରଖିଥିଲେ। ଚାନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଛାଡ଼ିଥିଲେ।

# ପ୍ରଶାସନ ଢିଲା, ନିୟମ ମାନୁନାହାନ୍ତି ବ୍ୟବସାୟୀ



ଶଟ୍‌ଡାଉନରେ ବି ଦୋକାନ ଖୋଲା ରହିଛି।

**ଜଟଣୀ,୨୨।୫(ଡି.ଏନ୍.ଏ.)**

କରୋନା ସଂକ୍ରମଣ ରୋକିବା ଲାଗି ରାଜ୍ୟରେ ଲକ୍‌ଡାଉନ ଓ ସହରାଞ୍ଚଳରେ ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ଛାଡ଼ିଦେଲେ ଅନ୍ୟ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି। ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳରେ ଏହି କଟକଣା ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳିଛି। ଜଟଣୀ ସହର ସମେତ ପୌରାଞ୍ଚଳ ଅଧୀନ ୧୫ନଂ. ୱାର୍ଡ ହାଟବଜାର, ୧୭ନଂ. ୱାର୍ଡ ଟ୍ରାଫିକ୍ କଲୋନି, ବାଛରାପାଟଣା, ମୁଣ୍ଡିଆ ସାହି, ଲୋକୋକଲୋନି, ରାଜାବଜାର ଆଦି ଅଞ୍ଚଳରେ ଦୋକାନ ଖୋଲାଯାଉଛି। ଫଳରେ ଲୋକଙ୍କ ଗହଳି ଜମୁଛି। ଏନେଇ ଅଭିଯୋଗ ହେଉଥିଲେ ମଧ ପ୍ରଶାସନ ଓ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଶନିବାର ଶଟ୍‌ଡାଉନ ଥିବାବେଳେ ହାଟବଜାର ଏବଂ ଟ୍ରାଫିକ୍ କଲୋନି ରେଳବାଇ ସିନିୟର ସିଟିଜେନ ୱେଲଫେୟାର ସୋସାଇଟି କାର୍ଯ୍ୟାଳୟ ପରିସରରେ ଜଣେ ଦୋକାନୀ ଚା ବେପାର କରୁଥିଲେ। ଖବରପାଇ ପୋଲିସ ପହଞ୍ଚିଥିଲେ ମଧ ଜରିମାନା କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଫେରିଯାଇଥିଲା। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ଜିଲା ପ୍ରଶାସନ ଅଧିକାରୀମାନେ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବାତ୍ୟା ମୁକାବିଲା ପାଇଁ ନୌସେନା ପ୍ରସ୍ତୁତ



ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ରିଲିଫ ଓ ଉଦ୍ଧାରକାରୀ ନୌସେନା ଟିମ୍।

**ବାଲୁଗାଁ,୨୨।୫(ଡି.ଏନ୍.ଏ.)**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ୟାସ୍' ଆସନ୍ତା ୨୪ଘଣ୍ଟା ମଧ୍ୟରେ ସକ୍ରିୟ ହେବ। ଏହା ଅଧିକ ଘନୀଭୂତ ହୋଇ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ସୀମା ମଧ୍ୟରେ ୨୬ତାରିଖ ବେଳକୁ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ପକ୍ଷରୁ ଉପକୂଳବର୍ତ୍ତୀ ବିଭିନ୍ନ ଜିଲାକୁ ସତର୍କ କରାଯାଇଛି। ଏହି କ୍ରମରେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଚିଲିକା ତଟବର୍ତ୍ତୀ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ଅନୁଧ୍ୟାନ କରାଯାଇଛି । ଅନ୍ୟପକ୍ଷରେ ଭାରତୀୟ ନୌସେନାର ପ୍ରାରମ୍ଭିକ ପ୍ରଶିକ୍ଷଣ କେନ୍ଦ୍ର ଚିଲିକା ଶାଖା ବାତ୍ୟା ମୁକାବିଲା ପାଇଁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ଓଡ଼ିଶା ଓ ପଶ୍ଚିମବଙ୍ଗରେ ନୌସେନା ପକ୍ଷରୁ ୮ଟି ବନ୍ୟା ସହାୟତା ଦଳ ଓ ୪ଟି ଡ୍ରାଇଭିଂ ଟିମ୍ ପ୍ରସ୍ତୁତ ରହିଛନ୍ତି। ଅଧିକ ପ୍ରଭାବିତ ଅଞ୍ଚଳରେ ସହାୟତା ପାଇଁ ୪ ନୌସେନା ଜାହାଜ, ଡାକ୍ତରୀ ଟିମ୍ ରହିଛନ୍ତି।

# ପାଣିରେ ବୁଡ଼ି ୩ ମୃତ

**ବାଙ୍କୀ/ ଚୌଦ୍ୱାର**
**୨୨।୫ (ସ୍ୱ.ପ୍ର./ ଡି.ଏନ୍.ଏ.)**

ବାଙ୍କୀ ଉପଖଣ୍ଡରେ ଶନିବାର ପୋଖରୀରେ ବୁଡି ପୃଥକ୍ ଭାବେ ୨ଜଣଙ୍କ ମୃତ୍ୟୁ ଘଟିଛି। ସକାଳେ ଡମପଡ଼ା ବ୍ଲକ ତାଳବସ୍ତ ଗ୍ରାମ ବ୍ରାହ୍ମଣ ସାହିର ତପନ ବେହେରା (୩୦)ଙ୍କୁ ଗ୍ରାମ ପୋଖରୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ତାଳଦଣ୍ଡ ଫାଣ୍ଡିରେ ଖବର ଦେଇଥିଲେ। ପରେ ପୋଲିସ ପକ୍ଷରୁ ତପନଙ୍କ ମୃତଦେହ ଜବତ କରାଯାଇ ଭୁବନେଶ୍ୱରରେ ରହୁଥିବା ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଏନେଇ ଫାଣ୍ଡିରେ ଅପମୃତ୍ୟୁ ମାମଲା (ନଂ. ୬/୨୧)ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି। ସେହିପରି ପୋଖରୀ ବୁଡ଼ିଯିବାରୁ ଡମପଡ଼ା ବ୍ଲକ ତୁଳସୀପୁର ମଠ ସାହିର ମାନଗୋବିନ୍ଦ ପ୍ରଧାନଙ୍କ ଝିଅ ଚିନ୍ମୟୀ ପ୍ରଧାନ(୩)ଙ୍କ ମୃତ୍ୟୁ ଘଟିଛି। ଏନେଇ ବାଙ୍କୀ ପୋଲିସ ଅପମୃତ୍ୟୁ ମାମଲା (ନଂ.୭/୨୧) ରୁଜୁ କରିଛି। ଚୌଦ୍ୱାର ଥାନା ଅଧୀନ ନୂଆପାଟଣା ଗ୍ରାମ ନିକଟ ମହାନଦୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ତଇର୍ ମହମ୍ମଦଙ୍କ ପୁଅ ଆଜମଲ୍(୧୦ବର୍ଷ)। ଆଜମଲ୍ ମହାନଦୀ ଘାଟରେ ଗାଧୋଉଥିବାବେଳେ ଗୋଡ ଖସିଯିବାରୁ ପାଣିରେ ବୁଡି ଯାଇଥିଲେ। ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରିବା ପରେ ଆଜମଲଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଅନିର୍ଦ୍ଦିଷ୍ଟ କାଳ ଔଷଧ ଦୋକାନ ବନ୍ଦ ଚେତାବନୀ

### କରୋନା ଯୋଦ୍ଧା ମାନ୍ୟତା ଦାବି

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

କରୋନା ଲଢ଼େଇରେ ସାମିଲ ହୋଇ ଜନସାଧାରଣଙ୍କୁ ସେବା ଯୋଗାଇବାରେ ଔଷଧ ବ୍ୟବସାୟୀଙ୍କ ପ୍ରତ୍ୟକ୍ଷ ତଥା ପ୍ରମୁଖ ଅବଦାନ ରହିଛି। ଅନ୍ୟମାନଙ୍କୁ ରାଜ୍ୟ ସରକାର କରୋନା ଯୋଦ୍ଧା ଘୋଷଣା କରିଛନ୍ତି। ହେଲେ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଦିନରାତି ସେବା ଯୋଗାଉଥିବା ଔଷଧ ବ୍ୟବସାୟୀଙ୍କୁ ଯୋଦ୍ଧାର ସମ୍ମାନରୁ ବଞ୍ଚିତ କରାଯାଉଛି। ଏମିତିକି ବ୍ୟବସାୟୀ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ସ୍ୱତନ୍ତ୍ର ଟିକାକରଣର ମଧ କୌଣସି ବ୍ୟବସ୍ଥା କରାଯାଉ ନାହିଁ। ବାରମ୍ବାର ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ପାଖରେ ଦାବି ଜଣାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ ବୋଲି ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ସଭାପତି ପି. ସତ୍ୟନାରାୟଣ ଖବରଦାତା ସମ୍ମିଳନୀରେ କହିଛନ୍ତି। ଯଦି ସରକାର ଦାବିକୁ ଗ୍ରହଣ ନ କରନ୍ତି, ତେବେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଔଷଧ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିବା ସହ ସଂଘର ୨୫ ହଜାର ସଭ୍ୟ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର, କୋଷାଧକ୍ଷ ଅଜୟ ଗୋୟଙ୍କା ଓ କାର୍ଯ୍ୟକାରିଣୀ ଦେବଦତ୍ତ ଦାସ ସମେତ ଅନ୍ୟ ବରିଷ୍ଠ ସଭ୍ୟମାନେ ଉପସ୍ଥିତ ଥିଲେ।

# ମଦନମୋହନଙ୍କ ପାଇଁ ତିଆରି ଚାଲିଛି ଟାହିଆ



**ପୁରୀ ଅଫିସ, ୨୨।୫**

ମହାପ୍ରଭୁ ଶ୍ରୀଜଗନ୍ନାଥ ଅନେକ ଆଭୂଷଣ ପରିଧାନ କରିଥାନ୍ତି। ସେଥିମଧ୍ୟରେ ଟାହିଆ ଅନ୍ୟତମ। ସ୍ନାନଯାତ୍ରା ଓ ଘୋଷଯାତ୍ରାରେ ମହାପ୍ରଭୁ ଟାହିଆ ଲଗାଇ ପହଣ୍ଡି ହୋଇଥାନ୍ତି। ସେହିପରି ଚନ୍ଦନଯାତ୍ରାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଟାହିଆ ଲଗାଇଥାନ୍ତି। ପଣସପତ୍ର ବାଉଁଶ କାଠି, ବିଭିନ୍ନ ସୁଗନ୍ଧିତ ଫୁଲରେ ଏହି ଟାହିଆ ତିଆରି ହୋଇଥାଏ। ଏହି ଟାହିଆ ସେବା ଶ୍ରୀମନ୍ଦିର ପକ୍ଷରୁ ଯୋଗାଇ ଦିଆଯାଇ ନ ଥାଏ। କେତେଜଣ ଭକ୍ତ ଏହି ଟାହିଆ ତିଆରି କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥାନ୍ତି। ଲୋକକଥା ଅନୁଯାୟୀ, ଏହି ଟାହିଆ ସେବା ଦୀର୍ଘ ୮୦ ବର୍ଷର ବୋଲି ଜଣାପଡ଼େ। କେନ୍ଦୁଝର ରାଣୀ ପୁରୀରେ ରହୁଥିବାବେଳେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଦର୍ଶନ କରି ବିମୋହିତ ହୋଇ ତାଙ୍କୁ ସୁବାସିତ ଟାହିଆ ଲାଗିକରିବାକୁ ଆଗ୍ରହୀ ହୋଇଥିଲେ। ପରେ ତତ୍କାଳୀନ ଗଜପତିଙ୍କ ଅନୁମତିକ୍ରମେ ସେ ଟାହିଆ ପ୍ରସ୍ତୁତ କରାଇଥିଲେ। କାଳକ୍ରମେ ବଙ୍ଗୀୟ ସନ୍ଥ ଶ୍ରୀଜଗନ୍ନାଥବଲ୍ଲଭ ନିବାସୀ ଆଦିନନ୍ଦ ଦାସଜୀ ମହାରାଜ ଏହି ସେବା ପାଇଁ ଦଇତାପଡ଼ା ସାହିର ନବକିଶୋର ପଟ୍ଟନାୟକଙ୍କଠାରୁ ଛାଞ୍ଚ ଆଣି ଟାହିଆ ତିଆରି କରିଥିଲେ। ପରେ ନବକିଶୋରଙ୍କ ପରିବାର ଟାହିଆ ନିର୍ମାଣ କରିଆସୁଛନ୍ତି। ବର୍ତ୍ତମାନ ତାଙ୍କ ଜ୍ୟେଷ୍ଠ ପୁତ୍ର ଅବଧୂତ ପଟ୍ଟନାୟକ ଟାହିଆ ସେବା ଯୋଗାଇଦେଉଛନ୍ତି। ଗତବର୍ଷ କରୋନା ଯୋଗୁ ଶ୍ରୀମନ୍ଦିର ପରିସରରେ ବାହାର ଚନ୍ଦନଯାତ୍ରା ହୋଇଥିଲା। ଫଳରେ ଟାହିଆ ନିର୍ମାଣ ହୋଇ ନ ଥିଲା। ଚଳିତବର୍ଷ ଭିତର ଚନ୍ଦନ ଯାତ୍ରା ହେଉଥିବାରୁ ଟାହିଆ ଆବଶ୍ୟକ। ଅବଧୂତଙ୍କ ଦେହ ଅସୁସ୍ଥ ଥିବାରୁ ଦଇତାପଡ଼ା ସାହିର ସାନମଠ ପରିସରରେ ମହନ୍ତ ଡ. ବୈଷ୍ଣବ ଚରଣ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଟାହିଆ ନିର୍ମାଣ କରାଯାଉଛି। ଏହି ସେବାରେ ପ୍ରାୟ ୨୦ଜଣ ଶ୍ରୀଜଗନ୍ନାଥପ୍ରେମୀ ସାମିଲ ଅଛନ୍ତି। ପ୍ରତ୍ୟହ ସକାଳୁ ଯୂଇ, ଯାଇ, ହେନା, ମଲ୍ଲୀ, ବଉଳଫୁଲ, ରଙ୍ଗଣୀ, ଦୟଣା, ମରୁଆ ହେନା, ପଣସପତ୍ର, ବାଉଁଶ, ଚମ୍ପା ଏବଂ ଟଗର ଆଦି ଫୁଲ ସଂଗ୍ରହ କରାଯିବା ପରେ ଶୁଦ୍ଧପୂତ ଭାବେ ଟାହିଆ ନିର୍ମାଣ କରାଯାଏ।




ଶନିବାର ସପ୍ତାହାନ୍ତ ଶଟ୍‌ଡାଉନ ପାଇଁ ଖୋର୍ଦ୍ଧା ଟ୍ରାଫିକ୍ ଛକ ରାସ୍ତା ଶୂନଶାନ ରହିଛି।

# ଗ୍ରାମାଞ୍ଚଳରେ ୧୭୨୦ ସକ୍ରିୟ ସଂକ୍ରମିତ

**ଖୋର୍ଦ୍ଧା ଅଫିସ,୨୨।୫**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଶନିବାର ୨୭୪ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୧୭ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୨୩, ବାଲିପାଟଣା ୪୨, ଭୁବନେଶ୍ୱର ବ୍ଲକ ୨୮, ଜଟଣୀ ୨୬, ଖୋର୍ଦ୍ଧା ୪୨, ବେଗୁନିଆ ୨୬, ବୋଲଗଡ଼ ୩୨, ଟାଙ୍ଗୀ ୨୮, ଚିଲିକା ୭ ଓ ବାଣପୁରର ୨୦ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ୩,୩୬,୨୦୦ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୧୯,୧୯୧ ପଜିଟିଭ ଚିହ୍ନଟ ହୋଇଛନ୍ତି। ୧୭,୪୧୪ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୧୭୨୦ ସକ୍ରିୟ ସଂକ୍ରମିତ ରହିଛନ୍ତି।

### ବାଘମାରି ବଡ଼ସାହି ମାଇକ୍ରୋ କଣ୍ଟେନ୍‌ମେଣ୍ଟ

**ବେଗୁନିଆ,୨୨।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବେଗୁନିଆ ବ୍ଲକ ଅଧୀନ ବାଘମାରି ଗ୍ରାମର ବଡ଼ସାହିକୁ ୧୦ଦିନପାଇଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ଗତ ୫ଦିନ ମଧ୍ୟରେ ଉକ୍ତ ଗ୍ରାମରେ ୨୦ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ରୋକିବା ଲାଗି ଶନିବାର ସନ୍ଧ୍ୟା ୭ଟାରୁ ଆସନ୍ତା ୩୧ତାରିଖ ରାତି ୯ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ସୂଚନାଥାଉ କି, ବେଗୁନିଆ ବ୍ଲକ ଅଞ୍ଚଳରେ ଶୁକ୍ରବାର ରାତି ସୁଦ୍ଧା ମୋଟ୍ ୩୭୭ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ତେବେ ସରକାରୀ ସ୍ତରରେ କେହି ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ନ ଥିବାବେଳେ ବେସରକାରୀ ଭାବେ ୭ଜଣଙ୍କ ମୃତ୍ୟୁ ହୋଇଥିବା ମୃତକଙ୍କ ପରିବାର ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

ଅନ୍ୟପକ୍ଷେ ସପ୍ତାହାନ୍ତ ଶଟ୍‌ଡାଉନ ଅବସରରେ ଖୋର୍ଦ୍ଧାରେ ଶନିବାର ପୋଲିସ ପକ୍ଷରୁ ଚେକିଂ ଜୋରଦାର କରାଯାଇଛି। ସେବାଭୁକ୍ତ କର୍ମଚାରୀଙ୍କୁ ବାଦ୍ ଦେଲେ ସହରରେ ଯାତାୟାତ ଉପରେ କଟକଣା ରହିଛି। ରାସ୍ତାରେ ଯାତାୟାତ କରୁଥିବା ବାଇକ୍ ଓ କାର ଚାଳକଙ୍କ ପରିଚୟପତ୍ର ଯାଞ୍ଚ ସହ ବିନା କାରଣରେ ବୁଲୁଥିବା ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଇଛି।

# ପୋଲିସ ଉପସ୍ଥିତିରେ ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ

**ନିଶ୍ଚିନ୍ତକୋଇଲି, ୨୨।୫(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ତହସିଲରେ ଶନିବାର ବେଆଇନ୍ ବାଲି ବୋଝେଇ ଗାଡ଼ି ଉପରେ ଚଢ଼ାଉବେଳେ ଜଣେ ରାଜସ୍ୱ ନିରୀକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଏହାପରେ ଗୁରୁତର ଅବସ୍ଥାରେ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେ ହେଲେ ଗଣେଶ୍ୱର ହେମ୍ବ୍ରମ୍। ଚିକିତ୍ସିତ ହୋଇ ଫେରିବା ପରେ ସେ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆକ୍ରମଣବେଳେ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଫଳରେ ପୋଲିସର କାର୍ଯ୍ୟକାରିତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗଣେଶ୍ୱରଙ୍କ ଅଭିଯୋଗ ଅନୁଯାୟୀ, ମାହାଙ୍ଗା ତହସିଲ ଅଧୀନ ବିରୂପା ନଦୀରୁ ବେଆଇନ



ପୋଲିସ ଉପସ୍ଥିତିରେ ଗଣେଶ୍ୱର ହେମ୍ବ୍ରମ୍‌ଙ୍କୁ ଆକ୍ରମଣ କରାଯାଉଛି।

### ବାଲିଘାଟରେ ଦାଦାଗିରି

ବାଲି ଚାଲାଣ ସମ୍ପର୍କରେ ସୂଚନାପାଇ ଗଣେଶ୍ୱର ଏକ ସ୍ୱତନ୍ତ୍ର ଟିମ୍ ସହ ସେଠାରେ ଚଢ଼ାଉ କରିଥିଲେ। ସେଠାରୁ ଏକ ନମ୍ବର ବିହୀନ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ। ଏହି ସମୟରେ ସମ୍ପୃକ୍ତ ଟ୍ରାକ୍ଟର ମାଲିକ ଓ ଚାଳକ ଗଣେଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଏନେଇ ରିପୋର୍ଟ ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ ରଞ୍ଜନ ପ୍ରଧାନଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ସେ ମୋବାଇଲ୍ ଫୋନ ଉଠାଇ ନ ଥିଲେ।

**ସହାୟତା ପାଇଁ ଜିଲାପାଳଙ୍କୁ ଗୁହାରି**

ପୁରୀ ଅଫିସ: କୋଭିଡ୍ କଟକଣା, ଲକ୍‌ଡାଉନ ଓ ଶଟଡାଉନ ଯୋଗୁ ପୁରୀ ସମୁଦ୍ରକୂଳ ଫଟୋଗ୍ରାଫର ମହାସଂଘର ସଦସ୍ୟମାନେ ଜୀବିକା ହରାଇ ଦୟନୀୟ ଅବସ୍ଥାରେ ଜୀବନ ନିର୍ବାହ କରୁଛନ୍ତି। ତେଣୁ ମହାସଂଘର ସଦସ୍ୟମାନଙ୍କୁ ଜିଲା ପ୍ରଶାସନ ଆର୍ଥିକ ସହାୟତା ଯୋଗାଇ ଦେବା ଦାବିରେ ଶନିବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ମହାସଂଘ ସମ୍ପାଦକ ବାଲୁକେଶ୍ୱର ଦାସ କହିଛନ୍ତି, ବଳିଆପଣ୍ଡାଠାରୁ ଚକ୍ରତୀର୍ଥ ବେଳାଭୂମି ମଧ୍ୟରେ ପ୍ରାୟ ୬୫୦ ଫଟୋଗ୍ରାଫର ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ମାତ୍ର ଏବେ କଟକଣା ଯୋଗୁ ପର୍ଯ୍ୟଟକ ଆସୁନାହାନ୍ତି। ଫଟୋଗ୍ରାଫର କାମ ନ ପାଇ ହଇରାଣ ହେଉଛନ୍ତି। ତେଣୁ ସହାୟତା ପାଇଁ ଗୁହାରି ଜଣାଇଛୁ। ଦାବିପତ୍ର ପ୍ରଦାନ ବେଳେ ସଭାପତି ମଙ୍ଗରାଜ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।




୨୨.୦୫.୨୦୨୧

୧୬୬୫ ଟଙ୍କା

## ସଂକ୍ଷେପରେ

### ୧୧ ବାଲିମାଫିଆ ଗିରଫ

ପୁରୀ ଅଫିସ, ୨୨।୫ - ଜିଲାରେ ବାଲି ଏବଂ ପଥର ମାଫିଆ ବୃଦ୍ଧି ପାଇବାରୁ ପୋଲିସ ପ୍ରଶାସନ ପକ୍ଷରୁ ଶନିବାରଠାରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରାଯାଇଛି। ପ୍ରଥମ ଦିନରେ ୧୧ଟି ଗାଡ଼ିକୁ ପୋଲିସ ଜବତ କରିବା ସହ ୧୧ ଜଣଙ୍କୁ ଗିରଫ କରିଛି। ପୁରୀ ସତ୍ୟବାଦୀ ଥାନା ଅଞ୍ଚଳରେ ବାଲି ଚୋରି ଅଭିଯୋଗରେ ୩ଟି ଟ୍ରାକ୍ଟର ସହ ଗୋଟିଏ ବାଲି ଭର୍ତ୍ତି ଟ୍ରକକୁ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। କଣାସ ଥାନା ପୋଲିସ ୨ଟି ୪୦୭ ଗାଡ଼ି ସହ ଗୋଟିଏ ଟ୍ରକ୍‌କୁ ପଥର ଚୋରା ଚାଲାଣ ଅଭିଯୋଗରେ ଜବତ କରିବା ସହ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସଦରଥାନା ପୋଲିସ ମାଟି ଚୋରା ଚାଲାଣ ଅଭିଯୋଗରେ ୩ଟି ଟ୍ରକ୍ ଓ ପଥର ଚୋରି କରିବା ଅଭିଯୋଗରେ ଗୋଟେ ମିନିଟ୍ରକ୍‌କୁ ଜବତ କରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ପିପିଲି ଥାନା ପୋଲିସ ବାଲି ଚୋରି ଅଭିଯୋଗରେ ଗୋଟିଏ ଟ୍ରାକ୍ଟରକୁ ଜବତ କରିଛି।

### ପୋଖରୀରୁ ମୃତଦେହ ଜବତ

ବ୍ରହ୍ମଗିରି,୨୨।୫(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅନ୍ତର୍ଗତ ଗଡ଼ରୋଡ଼ଙ୍ଗ ଗ୍ରାମ ନିକଟସ୍ଥ ଏକ ପୋଖରୀରୁ ଶନିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସୂଚନା ଅନୁଯାୟୀ, ପୁରୀ ସାତପଡ଼ା ଜାତୀୟ ରାଜପଥର ଗଡରୋଡଙ୍ଗ ଗ୍ରାମ ନିକଟରେ ଥିବା ଏହି ପୋଖରୀରେ ସକାଳୁ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ନଂ.୫/୨୧ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତ ଯୁବକଙ୍କ ପରିଚୟ ମିଳି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବ୍ରହ୍ମଗିରି ଥାନା ଅଧିକାରୀ ମନୋଜ ଶତପଥୀ କହିଛନ୍ତି।

### ଯୁବକଙ୍କୁ ଆକ୍ରମଣ ଘଟଣା, ୪ ଗିରଫ

ପୁରୀ ଅଫିସ, ୨୨।୫ - ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୁରୀ ଟାଉନଥାନା ପୋଲିସ ଶନିବାର ୪ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦୋଳମଣ୍ଡପ ସାହି ନିକଟ କରତି ସାହିର ପ୍ରତ୍ୟୁଷ ସେନାପତି ଓରଫ ଜଗା, ବଳରାମ ସେନାପତି, କାହ୍ନୁଚରଣ ସେନାପତି ଏବଂ ମାର୍କଣ୍ଡେଶ୍ୱର ସାହି ବାଣୁଆ ଗଳିର ରାକେଶ ନାୟକ। ଏ ନେଇ ପୋଲିସ ନଂ. ୧୩୭/ ୨୧ରେ ମାମଲା ରୁଜୁ କରିଛି। ପୋଲିସ ସେମାନଙ୍କଠାରୁ ଆକ୍ରମଣରେ ବ୍ୟବହାର ହୋଇଥିବା କଟୁରି ସହ ଏକ ବାଇକ୍‌କୁ ଜବତ କରିଛି। କରତି ସାହିରେ ରାମଚନ୍ଦ୍ର ପାତ୍ରଙ୍କ ଘରେ ଆକ୍ରମଣର ଶିକାର ହୋଇଥିବା ସଞ୍ଜୟ ମହାନ୍ତିଙ୍କ ପରିବାର ଏବଂ ବାବୁଲି ସେନାପତିଙ୍କ ପରିବାର ଭଡ଼ାରେ ରହୁଥିଲେ। ଦୁଆର ମୁହଁରେ ସେନାପତି ପରିବାର କରିଥିବା ଫାଷ୍ଟଫୁଡ୍ ଦୋକାନକୁ ନେଇ ଉଭୟ ପରିବାର ମଧ୍ୟରେ ବିବାଦ ଦେଖାଦେଇଥିଲା। ତେବେ ଗତ ୧୯ ତାରିଖ ଦିନ ସଞ୍ଜୟ ଦୋକାନରେ ବ୍ୟବହୃତ ହେଉଥିବା ୨ଟି କାଠ ଚେୟାରକୁ ଭାଙ୍ଗି ଦେଇଥିଲେ। ଫଳରେ ପ୍ରତିଶୋଧ ପରାୟଣ ହୋଇ ସେନାପତି ପରିବାରର ବଡ଼ପୁଅ ଜଗା ତାଙ୍କ ସାଙ୍ଗ ରାକେଶ ସହ ୪ଜଣ ମିଶି ଶୁକ୍ରବାର ସଞ୍ଜୟଙ୍କୁ ରାସ୍ତାରେ ହାଣିଥିଲେ। ସଞ୍ଜୟଙ୍କ ମା ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

### ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଟିକାଦାନରୁ ବଞ୍ଚିତ

ବଲଙ୍ଗା,୨୨।୫(ଡି.ଏନ୍.ଏ.)- ବଲଙ୍ଗା ସରକାରୀ ଡାକ୍ତରଖାନାରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଟିକାକରଣ ଚାଲିଛି। ଶନିବାର ସକାଳେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଟିକା ନେବା ପାଇଁ ଆସିଥିଲେ। ଟୋକନ ସଂଗ୍ରହ ପାଇଁ ପ୍ରତିଯୋଗିତା ମଧ୍ୟରେ ଅନେକ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ନିରାଶ ହୋଇ ଫେରିଯାଇଥିଲେ। ଏହି ଟିକାଦାନ କେନ୍ଦ୍ର ଉପରେ ସତ୍ୟବାଦୀ, ନିମାପଡ଼ା, ପିପିଲି ନିର୍ବାଚନମଣ୍ଡଳୀର ପ୍ରାୟ ୧୦ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରିଥାନ୍ତି। ଆବଶ୍ୟକ ପରିମାଣର ଟିକା ଆସୁ ନ ଥିବାରୁ ସଦାସର୍ବଦା ଲୋକମାନେ ଫେରୁଛନ୍ତି। ଆଜି ମାତ୍ର ୧୪୦ଜଣଙ୍କୁ ଟିକା ଦିଆଯାଇଛି। ବିଭିନ୍ନ ପଞ୍ଚାୟତରେ ଟିକାକରଣ କେନ୍ଦ୍ର ଖୋଲିବା ସହିତ ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗଙ୍କୁ ଟିକା ଦେବାର ସୁବିଧା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜିଲାପାଳଙ୍କ ନିକଟରେ ଜନସାଧାରଣ ଦାବି କରିଛନ୍ତି।

# ବାତ୍ୟା ଆଶ୍ରୟସ୍ଥଳ ଚିହ୍ନଟ ଚାଲିଛି

**ପୁରୀ ଅଫିସ/ଗୋପ/ଡେଲାଙ୍ଗ/ସାକ୍ଷୀଗୋପାଳ/କଣାସ, ୨୨।୫ (ଡି.ଏନ୍.ଏ./ସ୍ୱ.ପ୍ର.)**

ସମ୍ଭାବ୍ୟ ବାତ୍ୟା 'ୟାସ୍' ମୁକାବିଲା ନେଇ ଶନିବାର ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଏବଂ ବ୍ଲକସ୍ତରରୁ ବାତ୍ୟା ଓ କ୍ଷୟକ୍ଷତି ସମ୍ପର୍କିତ ସୂଚନା କଣ୍ଟ୍ରୋଲ୍ ରୁମ୍‌ରେ ପହଞ୍ଚିବ। ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ରଖାଯିବା ସହ ଆଶ୍ରୟସ୍ଥଳ ନ ଥିବା ସ୍ଥାନରେ ସ୍କୁଲଘରକୁ ବାତ୍ୟା ଆଶ୍ରୟସ୍ଥଳ କରାଯିବ। କୋଭିଡ୍‌କୁ ଦୃଷ୍ଟିରେ ରଖି ସାମାଜିକ ଦୂରତା ରକ୍ଷା ନିମନ୍ତେ ବାତ୍ୟା ଆଶ୍ରୟସ୍ଥଳରେ ବିସ୍ଥାପିତଙ୍କ ରହଣି ପାଇଁ ଅଧିକ ସ୍ଥାନର ବ୍ୟବସ୍ଥା କରାଯିବ। ଯେଉଁ ସ୍ଥାନରେ ଆଶ୍ରୟସ୍ଥଳ କୋଠା ନିର୍ମାଣ ହୋଇନାହିଁ ସେଠାରେ ଆଶ୍ରୟସ୍ଥଳ ଚିହ୍ନଟ ଚାଲିଛି। ମୋଟରଡଙ୍ଗା ଓ ବନ୍ୟାଜଳ ନିଷ୍କାସନ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଔଷଧ, ପାନୀୟଜଳ, ଖାଦ୍ୟ ସାମଗ୍ରୀ, ଶୁଖିଲା ଖାଦ୍ୟ ସମେତ ପଶୁଖାଦ୍ୟ ମହଜୁଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। ବିଶେଷକରି ଦିବ୍ୟାଙ୍ଗ, ଗର୍ଭବତୀ, ଗରିବ ଓ ଅସହାୟଙ୍କୁ ବାତ୍ୟା ଆଶ୍ରୟସ୍ଥଳ ଓ ସ୍କୁଲ ଗୃହକୁ ସ୍ଥାନାନ୍ତର କରାଯିବ। ବାତ୍ୟା ପରବର୍ତ୍ତୀ ସମୟରେ ଯୁଦ୍ଧକାଳୀନ ଭିତ୍ତିରେ ବାତ୍ୟା ପୀଡ଼ିତଙ୍କୁ ଉଦ୍ଧାର କାର୍ଯ୍ୟ କରାଯିବା ସହ ରାସ୍ତାଘାଟ ତୁରନ୍ତ ସଫା, ବିଦ୍ୟୁତ୍ ଯୋଗାଣ, ଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ପଦକ୍ଷେପ ନିଆଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଗୋପ ବ୍ଲକ ଅଫିସ ସଭାଗୃହରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ବୈଠକ ହୋଇଛି। ଏଥିରେ ତହସିଲଦାର ଶୁଭାଶିଷ ପାଲଟା, ବିଡିଓ ଦୀପ୍ତିରାଣୀ ଦାସ, ଅଗ୍ନିଶମ ଅଧିକାରୀ ପ୍ରସନ୍ନ ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବପ୍ରସାଦ ମଙ୍ଗରାଜ, ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ, ଜଳସମ୍ପଦ ବିଭାଗ ଏସଡିଓ ସଂଗ୍ରାମ କିଶୋର ମହାନ୍ତି, ନିମାପଡ଼ା ବିଡିଓ ମନୋଜ ବେହେରା, ଡିଏସ୍‌ପି ଦେବାଶିଷ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଆବଶ୍ୟକ ସାମଗ୍ରୀ ମହଜୁଦ ଥିବାବେଳେ ସାଧାରଣ ଲୋକଙ୍କୁ ଚାଉଳ, କିରୋସିନ, ତେଲ ଆଗୁଆ ଦେବା ପାଇଁ ମନ୍ତ୍ରୀ କହିଥିଲେ। ଗୋପରେ ୧୯ ଓ ନିମାପଡ଼ାରେ ୫୧ ବାତ୍ୟା ଆଶ୍ରୟସ୍ଥଳୀ ଥିବାବେଳେ ସ୍କୁଲ ଗୃହ ମଧ୍ୟ ଆଶ୍ରୟସ୍ଥଳୀ ହେବ ବୋଲି ୨ ବିଡିଓ କହିଥିଲେ। ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟରେ ତହସିଲଦାର ମହେନ୍ଦ୍ର ବଡ଼େଇଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଛି। ଏଥିରେ ବିଡିଓ ଦିଲୀପ ଷଡ଼ଙ୍ଗୀ, ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ଡେଲାଙ୍ଗ ଥାନା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ, ଅତିରିକ୍ତ ବିଡିଓ ପ୍ରଦୀପ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ନଂ. ୯୫୩୮୦୧୨୭୭୧, ୯୪୩୭୨୩୪୯୩୪ ଓ ଡେଲାଙ୍ଗ ଅଗ୍ନିଶମ ବିଭାଗ ପକ୍ଷରୁ ନଂ. ୦୬୭୫୮– ୨୪୨୩୦୧ ଜାରି କରାଯାଇଛି। ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଇଛି। ସତ୍ୟବାଦୀ ପଞ୍ଚାୟତ ସମିତି ସଭାଗୃହରେ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ହୋଇଯାଇଛି। ବିଡିଓ କ୍ଷୀରୋଦ ବେହେରା, ତହସିଲଦାର ମନୋଜ ନାୟକ, ଜଳସମ୍ପଦ ବିଭାଗ ଇଞ୍ଜିନିୟର ରଘୁନାଥ ସ୍ୱାଇଁ, ମେଡିକାଲ ଅଫିସର ବିଶ୍ୱଜିତ ମିଶ୍ର, ପ୍ରାଣୀ ଚିକିତ୍ସକ ଜ୍ଞାନରଞ୍ଜନ ମିଶ୍ର ଏବଂ ଅଗ୍ନିଶମ ଅଧିକାରୀ ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଣାସ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା, ଅତିରିକ୍ତ ତହସିଲଦାର ସହଦେବ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା. ରମେଶ ଚନ୍ଦ୍ର ବେହେରା, ମୁଖ୍ୟ ପ୍ରାଣୀ ଚିକିତ୍ସକ ବିଶ୍ୱରଞ୍ଜନ ବେହେରା, ଆଇଆଇସି ତପନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକରେ ୨୪ଟି ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ ହୋଇଛି। ଆବଶ୍ୟକ ସାମଗ୍ରୀ ମହଜୁଦ ରଖାଯାଇଥିବା ବିଡିଓ କହିଛନ୍ତି।



ଜିଲାସ୍ତରୀୟ ବୈଠକରେ ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀମାନେ ।



ସମ୍ଭାବ୍ୟ ବାତ୍ୟା 'ୟାସ' ପାଇଁ ଶନିବାର ପୁରୀ ପୋଲିସ ପକ୍ଷରୁ ପେଣ୍ଠକଟା ବସ୍ତିର ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଉଛି ।

## ରଥଖଳାରୁ

### ଶେଷ ପର୍ଯ୍ୟାୟରେ ତୁମ୍ବ କାମ



**ପୁରୀ ଅଫିସ, ୨୨।୫:**

ମହାପ୍ରଭୁଙ୍କ ରଥ ନିର୍ମାଣ କାର୍ଯ୍ୟ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ଆଗେଇ ଚାଲିଛି। ଅଷ୍ଟମ ଦିନରେ ଶନିବାର ତିନିରଥର ତୁମ୍ବ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନି ରଥର ୪୨ ତୁମ୍ବରୁ ୪୦ଟି ନିର୍ମାଣ ସରିଥିବାବେଳେ କଟକ ଶ' ମିଲ୍‌ରୁ ଆସିଥିବା ଫାସିକାଠକୁ କରତି ସେବକ କଟିଂ କରି ତାଳଧ୍ୱଜ ରଥ ମୁଖ୍ୟ ମହାରଣାଙ୍କୁ ଯୋଗାଇ ଥିଲେ। ପରେ ଉକ୍ତ ଦୁଇ ତୁମ୍ବର ପ୍ରାରମ୍ଭିକ ଗୋଲେଇ କାର୍ଯ୍ୟ ସରି ସାଇଜ କାମ ଜାରି ରହିଛି। ସେହିପରି ରଥଖଳାରେ ତୁମ୍ବ ବିନ୍ଧ ଅନୁକୂଳ ପୂଜା ସରିବା ପରେ ତୁମ୍ବରେ ବିନ୍ଧ କାମ ଆରମ୍ଭ ହୋଇଛି। ପ୍ରତ୍ୟେକ ତୁମ୍ବରେ ୧୬ଯୋଡ଼ା ଲେଖାଏ ୩୨ଟି ବିନ୍ଧ କରାଯିବ। ତାଳଧ୍ୱଜ ରଥର ୧୨ତୁମ୍ବ ତିଆରି ସହ ସୂତାବାଡ଼ିଆ ସରିଛି। ତିଆରି ସରିଥିବା ତୁମ୍ବଗୁଡ଼ିକର ଠେକତୁଲୁଆ ଓ ଘେରକଟା ଚାଲିଛି। ଦେବଦଳନ ରଥର ୧୨ଟି ଯାକ ତୁମ୍ବର ସୂତାବାଡ଼ିଆ ସରିଥିବାବେଳେ ୧୦ ନମ୍ବର ତୁମ୍ବର ବିନ୍ଧ ଚାଲିଛି। ଏହାପରେ ଘେରକଟା ଆରମ୍ଭ ହେବ। ନନ୍ଦିଘୋଷ ରଥର ସମସ୍ତ ୧୬ ତୁମ୍ବର ସୂତାବାଡ଼ିଆ ସରି ଘେରକଟା ଓ ଠେକତୁଲିଆ କାମ ଚାଲିଛି। ଏଥିସହ ୫ଟି ତୁମ୍ବର ବିନ୍ଧ କାର୍ଯ୍ୟ ହେଉଛି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝାସେବକମାନେ ତୁମ୍ବରେ ଫିଟିଂ ପାଇଁ ପନ୍ଦାରି ତିଆରି କରୁଛନ୍ତି। ୪୨ ଚକ ପାଇଁ ୮୪ ପନ୍ଦାରି ଏବଂ ୮୪ ବଳା ଆବଶ୍ୟକ। ଶୁକ୍ରବାର କଟକ ଶ' ମିଲ୍‌ରୁ ଆସିଥିବା କାଠଗୁଡ଼ିକ ମଧ୍ୟରେ ୬ଟି ଯନ୍ତାପଟା, ଯନ୍ତାଘର ପାଇଁ ଫାଳିକାଠ ବା ଥାଳି, ୬ଟି ଅସନ କାଠ ରହିଛି। ତିନି ରଥ ପାଇଁ ଅରପଟା, ଦୁଇଟି ତୁମ୍ବ ପାଇଁ ଫାସିକାଠ ରହିଛି। ଶନିବାର ରଥକାର୍ଯ୍ୟରେ ୯୨ ସେବକ ଓ ସହାୟକ ନିୟୋଜିତ ଥିଲେ। ସେମାନଙ୍କ ମଧ୍ୟରୁ ୩୩ ମହାରଣା, ୪ କରତି ସେବକ, ୩୯ ଭୋଇ ସେବକ, ୨ ତୁମ୍ବବିନ୍ଧ କାରିଗର, ୧୨ ଓଝା ବା କମାରସେବକ ଏବଂ ଜଣେ ପାହି ମହାରଣାଙ୍କ ସମେତ ଜଣେ ସହାୟକ ରହିଥିଲେ।

### ଆଉ ୨ ସେବକ କରୋନା ପଜିଟିଭ୍

**ପୁରୀ ଅଫିସ, ୨୨।୫:**

ସମ୍ପ୍ରତି ରଥଖଳାରେ ରଥ ନିର୍ମାଣ କାମ ଚାଲିଛି। ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ସତ୍ତ୍ୱେ ଜଣକ ପରେ ଜଣେ ସେବକ କରୋନା କବଳରେ ପଡ଼ୁଛନ୍ତି। ଶନିବାର ଆଉ ୨ଜଣ ସେବକ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଏପର୍ଯ୍ୟନ୍ତ ମୋଟ ୨୦ ଜଣ ସେବକ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ସଂକ୍ରମିତ ସେବକମାନଙ୍କୁ ଆଇସୋଲେଶନରେ ରଖାଯାଇ ଚିକିତ୍ସା ଯୋଗାଇ ଦିଆଯାଉଛି।

### କରୋନାମୁକ୍ତ ବିଶ୍ୱ ପାଇଁ ମହାବିଷ୍ଣୁ ଯଜ୍ଞ

**ପୁରୀ ଅଫିସ, ୨୨।୫:**

ଶ୍ରୀମନ୍ଦିର ମୁକ୍ତିମଣ୍ଡପ ଆନୁକୂଲ୍ୟରେ ଶନିବାରଠାରୁ ମହାବିଷ୍ଣୁ ଯଜ୍ଞ ଆରମ୍ଭ ହୋଇଛି। ଏହା ୩ଦିନ ଧରି ଚାଲିବ। କେବଳ ସାତଜଣ ପଣ୍ଡିତଙ୍କୁ ନେଇ ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ବଟେଶ୍ୱରୀ ଠାକୁରାଣୀଙ୍କ ମନ୍ଦିର ପରିସରସ୍ଥ ପ୍ରଭୁ ନୃସିଂହଙ୍କ ସମ୍ମୁଖରେ ଯଜ୍ଞ କରାଯାଉଛି। ବିଶ୍ୱକୁ କରୋନାମୁକ୍ତ କରିବା ସହ ଜଗତର କଲ୍ୟାଣ ପାଇଁ କାମନା କରାଯାଇଛି। ମୁକ୍ତିମଣ୍ଡପର ପୂର୍ବତନ ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଦୁର୍ଗାପ୍ରସାଦ ମହାପାତ୍ର, ବରିଷ୍ଠ ସଦସ୍ୟ ସୂର୍ଯ୍ୟନାରାୟଣ ରଥ, ରାଧାକାନ୍ତ ମହାପାତ୍ର, ହରିହର ରଥ, ରମାକାନ୍ତ ମିଶ୍ର, ରାମକୃଷ୍ଣ ମିଶ୍ର ଏବଂ ଚନ୍ଦ୍ର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିବର୍ଷ ସିଂହଦ୍ୱାର ନିକଟରେ ଏହି ଯଜ୍ଞ ହୋଇଥାଏ। ମାତ୍ର ଗତବର୍ଷ ଭଳି ଚଳିତବର୍ଷ କରୋନା କାରଣରୁ ସେଠାରେ ଯଜ୍ଞଶାଳା ପାଇଁ ସରକାରଙ୍କ ଅନୁମତି ମିଳି ନାହିଁ। ତେଣୁ କେବଳ ପରମ୍ପରା ଓ ବିଧି ରକ୍ଷା ପାଇଁ ନିରାଡମ୍ବର ଭାବେ ଯଜ୍ଞ ହେଉଛି ବୋଲି ପଣ୍ଡିତ ଦୁର୍ଗାପ୍ରସାଦ ମହାପାତ୍ର କହିଛନ୍ତି।

### ଶ୍ରୀଜଗନ୍ନାଥ ସଂସ୍କୃତି ଅଧିବେଶନ ସ୍ଥଗିତ

**କଣାସ, ୨୨।୫(ସ୍ୱ.ପ୍ର):**

ନୂଆଗାଁରେ ଆସନ୍ତା ଜୁନ୍‌ରେ ହେବାକୁ ଥିବା ଶ୍ରୀଜଗନ୍ନାଥ ସଂସ୍କୃତି ଅଧିବେଶନକୁ କୋଭିଡ୍ କାରଣରୁ ସ୍ଥଗିତ ରଖାଯାଇଛି। ଅଗଷ୍ଟ ଦ୍ୱିତୀୟ ସପ୍ତାହ ପରେ ଏହି କାର୍ଯ୍ୟକ୍ରମ ରୂପରେଖ ଚୂଡ଼ାନ୍ତ ହେବ ବୋଲି ଜଗନ୍ନାଥ ଚେତନା ଟ୍ରଷ୍ଟ ପକ୍ଷରୁ କାଶୀନାଥ ପାଣିଗ୍ରାହୀ, ଅଜୟ ସେଠୀ, ଦିଲ୍ଲୀପ ଶ୍ରୀଚନ୍ଦନ, ମୃତ୍ୟୁଞ୍ଜୟ ଦକ୍ଷିଣରାୟ ପ୍ରମୁଖ କହିଛନ୍ତି।

# ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଅସୁରକ୍ଷିତ

**ପୁରୀରେ ଖବରଦାତାଙ୍କୁ ଆକ୍ରମଣର ପ୍ରତିବାଦ**

**ସାକ୍ଷୀଗୋପାଳ,୨୨।୫(ଡି.ଏନ୍.ଏ.)**

ପୁରୀରେ ଧରିତ୍ରୀର ଜିଲାସ୍ତରୀୟ ଖବରଦାତାଙ୍କୁ ପୋଲିସର ମାଡ଼ ଘଟଣାରେ ସତ୍ୟବାଦୀ ଖବରଦାତାଙ୍କ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଶନିବାର ବକୁଳବନସ୍ଥିତ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ଖବରଦାତାମାନେ ପ୍ରତୀକ ଧାରଣା ଦେଇ ପ୍ରତିବାଦ ଜଣାଇଥିଲେ। ଉଚ୍ଚ ଅଧିକାରୀଙ୍କ ଦ୍ୱାରା ତଦନ୍ତ ପରେ ଆକ୍ରମଣକାରୀ ପୋଲିସଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆଶା କରାଯାଇଛି। କେବଳ ପୁରୀ କାହିଁକି ବିଭିନ୍ନ କ୍ଷେତ୍ରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରତି ହିଂସାତ୍ମକ ଆଚରଣ ଯୋଗୁ ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ଅସୁରକ୍ଷିତ ହୋଇଛି। ସେଥିପାଇଁ ଖବରଦାତା ସୁରକ୍ଷା ଆଇନ ପ୍ରଣୟନ କରିବା ସହିତ ଏଭଳି ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପ୍ରତି ସରକାରଙ୍କ ନିକଟରେ ବାରମ୍ବାର ଦାବି କରାଗଲେ ମଧ୍ୟ ସୁଫଳ ମିଳୁ ନ ଥିବା ସେମାନେ କହିଛନ୍ତି। ସତ୍ୟବାଦୀ ଶାଖା ସଂଯୋଜକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ଆହ୍ୱାନ କ୍ରମେ ଖବରଦାତା ବସନ୍ତ କୁମାର ପଟ୍ଟନାୟକ, ଅଶୋକ ବେହେରା, ଅଶୋକ ମିଶ୍ର, ଉପେନ୍ଦ୍ର ବିଶ୍ୱାଳ, ପ୍ରଶାନ୍ତ ବାରିକ, ପ୍ରଭାତ କୁମାର ମିଶ୍ର, ରମାବଲ୍ଲଭ ବରାଳ, ଅମର ଶତପଥୀ, ଅଶୋକ ସେନାପତିଙ୍କ ସହ ଆଇନଜୀବୀ ଅମର ନନ୍ଦ ସାମିଲ ହୋଇ ପ୍ରତିବାଦ କରିଥିଲେ।

# ବୀରତୁଙ୍ଗ ପଞ୍ଚାୟତ, ଅଣ୍ଡିଆସାହି ପାତ୍ରସାହି ମାଇକ୍ରୋ କଣ୍ଟେନ୍‌ମେଣ୍ଟ

**ଗୋପ/ନିମାପଡା,୨୨।୫(ଡି.ଏନ୍.ଏ.):**

ଗୋପ ବ୍ଲକ ବୀରତୁଙ୍ଗ ପଞ୍ଚାୟତରେ କରୋନା ସଂକ୍ରମିତ ସଂଖ୍ୟା ବଢୁଥିବାରୁ ସରପଞ୍ଚ ଶଶିଶେଖର ମହାପାତ୍ର ପଞ୍ଚାୟତକୁ ୪ଦିନ ପାଇଁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଘୋଷଣା କରିବା ସହ ବିଡିଓ ଏବଂ ଜିଲାପାଳଙ୍କୁ ଜଣାଇଥିବା ସୂଚନା ଦେଇଛନ୍ତି। ବୀରତୁଙ୍ଗ ସରପଞ୍ଚ କହିଛନ୍ତି, ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଂକ୍ରମଣ ହେବା ଯୋଗୁ ଏପରି ପଦକ୍ଷେପ ନିଆଯାଇଛି। ତେବେ ୨୨ରୁ ୨୫ତାରିଖ ମଧ୍ୟରେ ଏହି ପଞ୍ଚାୟତର ବିଭିନ୍ନ ଗ୍ରାମକୁ କାହାରିକୁ ଛଡା ଯିବ ନାହିଁ। ପଞ୍ଚାୟତର ଅଙ୍ଗନୱାଡ଼ି କର୍ମୀ ପୁଷ୍ପାଞ୍ଜଳି ସ୍ୱାଇଁଙ୍କ ସମେତ ସମସ୍ତ ଆଶାକର୍ମୀ ଘର ଘର ବୁଲି ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିବା ସହ ଔଷଧ ବଣ୍ଟନ କରୁଛନ୍ତି।

ନିମାପଡ଼ା ଏନ୍‌ଏସିର ୯ନଂ. ୱାର୍ଡରେ ଅଣ୍ଡିଆ ସାହି ପାତ୍ର ସାହି ଗ୍ରାମକୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶନିବାରଠାରୁ ଅନିର୍ଦ୍ଦିଷ୍ଟକାଳ ପାଇଁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଥିବା ତହସିଲଦାର ରାମଚନ୍ଦ୍ର ଜେନା, ବିଡିଓ ମନୋଜ ବେହେରା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଶଶିଭୂଷଣ ମିଶ୍ର, ପରିମଳ ଅଧିକାରୀ ବିଜୟ କୁମାର ଗ୍ରହାଚାର୍ଯ୍ୟ ପ୍ରମୁଖ କହିଛନ୍ତି। ପାତ୍ର ସାହି ଗ୍ରାମର ସମସ୍ତ ପ୍ରବେଶ ପଥକୁ ପ୍ରଶାସନ ପକ୍ଷରୁ ସିଲ କରି ଦିଆଯାଇଛି। ଗ୍ରାମବାସୀ ବାହାରକୁ ଯାତାୟାତ ନ କରିବାକୁ ଓ ବାହାର ଅଞ୍ଚଳର ଲୋକେ ଗ୍ରାମକୁ ପ୍ରବେଶ ନ କରିବାକୁ କଟକଣା ଜାରି କରାଯାଇଛି।

## ମଦନମୋହନଙ୍କ ପାଇଁ ତିଆରି ଚାଲିଛି ଟାହିଆ

**ଅନନ୍ୟ ପରମ୍ପରା**

**ପୁରୀ ଅଫିସ, ୨୨।୫:**

ମହାପ୍ରଭୁ ଶ୍ରୀଜଗନ୍ନାଥ ଅନେକ ଆଭୂଷଣ ପରିଧାନ କରିଥାନ୍ତି। ସେଥିମଧ୍ୟରେ ଟାହିଆ ଅନ୍ୟତମ। ସ୍ନାନଯାତ୍ରା ଓ ଘୋଷଯାତ୍ରାରେ ମହାପ୍ରଭୁ ଟାହିଆ ଲଗାଇ ପହଣ୍ଡି ହୋଇଥାନ୍ତି। ସେହିପରି ଚନ୍ଦନଯାତ୍ରାରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଟାହିଆ ଲଗାଇଥାନ୍ତି। ପଣସପତ୍ର ବାଉଁଶ କାଠି, ବିଭିନ୍ନ ସୁଗନ୍ଧିତ ଫୁଲରେ ଏହି ଟାହିଆ ତିଆରି ହୋଇଥାଏ। ଏହି ଟାହିଆ ସେବା ଶ୍ରୀମନ୍ଦିର ପକ୍ଷରୁ ଯୋଗାଇ ଦିଆଯାଇ ନ ଥାଏ। କେତେଜଣ ଭକ୍ତ ଏହି ଟାହିଆ ତିଆରି କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥାନ୍ତି। ଲୋକକଥା ଅନୁଯାୟୀ, ଏହି ଟାହିଆ ସେବା ଦୀର୍ଘ ୮୦ ବର୍ଷର ବୋଲି ଜଣାପଡ଼େ। କେନ୍ଦୁଝର ରାଣୀ ପୁରୀରେ ରହୁଥିବାବେଳେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଦର୍ଶନ କରି ବିମୋହିତ ହୋଇ ତାଙ୍କୁ ସୁବାସିତ ଟାହିଆ ଲାଗିକରିବାକୁ ଆଗ୍ରହୀ ହୋଇଥିଲେ। ପରେ ତତ୍କାଳୀନ ଗଜପତିଙ୍କ ଅନୁମତି କ୍ରମେ ସେ ଟାହିଆ ପ୍ରସ୍ତୁତ କରାଇଥିଲେ। କାଳକ୍ରମେ ବଙ୍ଗୀୟ ସନ୍ଥ ଶ୍ରୀଜଗନ୍ନାଥବଲ୍ଲଭ ନିବାସୀ ଆଦିନନ୍ଦ ଦାସଜୀ ମହାରାଜ ଏହି ସେବା ପାଇଁ ଦଇତାପଡ଼ା ସାହିର ନବକିଶୋର ପଟ୍ଟନାୟକଙ୍କଠାରୁ ଛାଞ୍ଚ ଆଣି ଟାହିଆ ତିଆରି କରିଥିଲେ। ଏହାପରଠୁ ନବକିଶୋରଙ୍କ ପରିବାର ଟାହିଆ ନିର୍ମାଣ କରିଆସୁଛନ୍ତି। ବର୍ତ୍ତମାନ ତାଙ୍କ ଜ୍ୟେଷ୍ଠ ପୁତ୍ର ଅବଧୂତ ପଟ୍ଟନାୟକ ଟାହିଆ ସେବା ଯୋଗାଇଦେଉଛନ୍ତି। ତେବେ ଗତବର୍ଷ କରୋନା ମହାମାରୀ କାରଣରୁ ଶ୍ରୀମନ୍ଦିର ପରିସରରେ ବାହାର ଚନ୍ଦନଯାତ୍ରା ହୋଇଥିଲା। ଫଳରେ ଟାହିଆ ନିର୍ମାଣ କରାଯାଇ ନ ଥିଲା। ଚଳିତବର୍ଷ ଭିତର ଚନ୍ଦନ ଯାତ୍ରା ହେଉଥିବାରୁ ଟାହିଆ ଆବଶ୍ୟକ। ଅବଧୂତଙ୍କ ଦେହ ଅସୁସ୍ଥ ଥିବାରୁ ଦଇତାପଡ଼ା ସାହିର ସାନମଠ ପରିସରରେ ମହନ୍ତ ଡ. ବୈଷ୍ଣବ ଚରଣ ଦାସ ମହାରାଜଙ୍କ ତତ୍ତ୍ୱାବଧାନରେ ଟାହିଆ ନିର୍ମାଣ କରାଯାଉଛି। ଏହି ସେବାରେ ପ୍ରାୟ ୨୦ଜଣ ଶ୍ରୀଜଗନ୍ନାଥପ୍ରେମୀ ସାମିଲ ଅଛନ୍ତି। ଟାହିଆ ନିର୍ମାଣ ପାଇଁ ପ୍ରାୟ ୭ଘଣ୍ଟା ଲାଗେ। ପ୍ରତ୍ୟହ ସକାଳୁ ଯୂଇ, ଯାଇ, ହେନା, ମଲ୍ଲୀ, ବଉଳଫୁଲ, ରଙ୍ଗଣୀ, ଦୟଣା, ମରୁଆ ହେନା, ପଣସପତ୍ର, ବାଉଁଶ, ଚମ୍ପା ଏବଂ ଟଗର ଆଦି ଫୁଲ ସଂଗ୍ରହ କରାଯିବା ପରେ ଶୁଦ୍ଧପୂତ ଭାବେ ଟାହିଆ ନିର୍ମାଣ କରାଯାଏ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ଖୋରାକି ବା ପାରିଶ୍ରମିକ ମିଳି ନ ଥାଏ।



ଟାହିଆ ତିଆରି ଚାଲିଛି ।

## ବାତ୍ୟା ଆସୁଛି ; ଚିନ୍ତାରେ ଫନୀ ନିରାଶ୍ରୟ

**କଣାସ,୨୨।୫(ସ୍ୱ.ପ୍ର.):**

୨୦୧୯ ମେ ୩ରେ ହୋଇଥିବା ଫନୀ ବାତ୍ୟାରେ କଣାସ ବ୍ଲକର ଶହ ଶହ ଚାଳ ଓ ଆଜବେଷ୍ଟସ୍ ଗୃହ ମାଟିରେ ମିଶିଯାଇଥିଲା। କ୍ଷତିଗ୍ରସ୍ତଙ୍କ ଗୃହ ଚିହ୍ନଟ କରି ସହାୟତା ଦେବା ପାଇଁ ରାଜ୍ୟ ସରକାର ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ କେତେକ କ୍ଷେତ୍ରରେ ବ୍ୟାପକ ପାତରଅନ୍ତର ହୋଇଥିଲା। ଅନେକ ପ୍ରକୃତ ହିତାଧିକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଥିଲେ। ଅନେକ କ୍ଷତିଗ୍ରସ୍ତ ଏବେ ସୁଦ୍ଧା ସହାୟତା ପାଇ ନ ଥିବାରୁ ଘର ନିର୍ମାଣ କରିପାରିନାହାନ୍ତି। ଫଳରେ ସେମାନେ ପଲିଥିନ ତଳେ ମୁଣ୍ଡ ଗୁଞ୍ଜୁଛନ୍ତି। ଏବେ ପୁଣି ୟାସ୍ ବାତ୍ୟା ଆସୁଥିବା ଗଣମାଧ୍ୟମରେ ପ୍ରଚାର ହେବା ପରେ ପଲିଥିନ ତଳେ ଆଶ୍ରୟ ନେଇଥିବା ପରିବାର ଚିନ୍ତାରେ ପଡ଼ିଲେଣି। କିପରି ବାତ୍ୟାରୁ ବର୍ତ୍ତିବେ ସେ ନେଇ ଠାକୁରଙ୍କୁ ଡାକିଲେଣି। କେତେଜଣ ନିରାଶ୍ରୟ କହିଛନ୍ତି, ପ୍ରଶାସନଠାରୁ ନିରାଶ ହୋଇଥିବାବେଳେ ଏବେ ନିରୁପାୟ ହୋଇ ଈଶ୍ୱରଙ୍କୁ ଭରସା କରିଛୁ।



ଗୁଡୁପୁର ଗ୍ରାମର ଏକ ଘର ଉପରେ ପଲିଥିନ ପଡ଼ିଛି।

# ଗ୍ରାମାଞ୍ଚଳରେ ସ୍ଥିତି ସଙ୍ଗିନ

- ରାପିଡ୍ ରେସ୍‌ପନ୍ସ ଟିମ୍ ସଂଖ୍ୟା ବଢ଼ିବ
- ବ୍ଲକସ୍ତରରେ କୋଭିଡ୍ ଶ୍ମଶାନଘାଟ ହେବ

**ପୁରୀ ଅଫିସ,୨୨।୫:**

ପୁରୀ ଜିଲାର ଗ୍ରାମାଞ୍ଚଳରେ ସଂକ୍ରମଣ ବଢୁଥିବାରୁ ଜିଲା ପ୍ରଶାସନର ଚିନ୍ତା ବଢ଼ିଛି। ଏ ନେଇ ଶନିବାର ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରେ ସଂକ୍ରମଣକୁ କିଭଳି ଭାବେ ନିୟନ୍ତ୍ରଣକୁ ଫେରାଇ ଆଣିହେବ ସେନେଇ ବିସ୍ତୃତ ଆଲୋଚନା କରାଯାଇଛି। ରାପିଡ୍ ରେସପନ୍ସ ଟିମ୍‌ର ସଂଖ୍ୟାକୁ ଦୁଇଗୁଣ କରାଯାଇଛି। ପଞ୍ଚାୟତସ୍ତରରେ ଯେଉଁଠାରେ ଯେତିକି ଟିମ୍ ଥିଲେ ସେମାନଙ୍କ ସଂଖ୍ୟା ଦୁଇଗୁଣ ହୋଇଯିବ। ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀମାନେ ଘର ଘର ବୁଲି ଟେଷ୍ଟିଂ କରିବେ। ଦୈନିକ ୨ହଜାର ଟେଷ୍ଟିଂ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସଂକ୍ରମିତ ବ୍ୟକ୍ତିଙ୍କୁ ଆଇସୋଲେଶନ୍‌ରେ ରଖାଯିବ। ଗୁରୁତର ବ୍ୟକ୍ତି କୋଭିଡ୍ ହସ୍ପିଟାଲ୍‌କୁ ଆସିବେ। ଗ୍ରାମାଞ୍ଚଳରେ ୪୪ଟି ଟେଷ୍ଟିଂ ସେଣ୍ଟର ଥିବାବେଳେ ଏହାର ସଂଖ୍ୟା ବଢ଼ାଇ ଦିଆଯାଇଛି। ଆଶାକର୍ମୀ, ଅଙ୍ଗନୱାଡି କର୍ମୀଙ୍କର ମଧ୍ୟ ଟେଷ୍ଟିଂ ହେବ। ସଂକ୍ରମିତ ବ୍ୟକ୍ତି ଡୋର୍ ଟୁ ଡୋର୍ ଟେଷ୍ଟିଂ କାର୍ଯ୍ୟରେ ସାମିଲ ହେବେନାହିଁ। ସଂକ୍ରମିତ ଥିଲେ ଚିକିତ୍ସା କରାଇବେ। ବିଡିଓମାନଙ୍କୁ ବ୍ଲକସ୍ତରରେ ମୁଖ୍ୟ ପରିଚାଳକ ଦାୟିତ୍ୱ ଦିଆଯାଇଛି। ପଞ୍ଚାୟତ ସ୍ତରରେ କୋଭିଡ୍ ପରିଚାଳନା ନେଇ କୌଣସି ସମସ୍ୟା ଦେଖାଦେଲେ ବିଡିଓଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ପ୍ରତି ପଞ୍ଚାୟତସ୍ତରରେ କମିଟି ହେବ। ଟେଷ୍ଟିଂ ସଂଖ୍ୟା, ଟେଷ୍ଟିଂ କରୁଥିବା କର୍ମଚାରୀ ଓ ଟେଷ୍ଟିଂ ସେଣ୍ଟର ସଂଖ୍ୟା ମଧ୍ୟ ବଢ଼ାଇ ଦିଆଯିବ। ପ୍ରତି ବ୍ଲକ୍‌ରେ ଅତିରିକ୍ତ ଆମ୍ବୁଲାନ୍ସ ବ୍ୟବସ୍ଥା ହେବ। ପ୍ରତ୍ୟେକ ବ୍ଲକ୍‌ରେ କୋଭିଡ୍ ଶ୍ମଶାନ ଘାଟ ନିର୍ମାଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଉପଜିଲାପାଳ ଭବତାରଣ ସାହୁ ସମସ୍ତ ସୂଚନା ଦେଇଛନ୍ତି। ବୈଠକରେ ଜିଲାପାଳଙ୍କ ସମେତ ବିଡିଓ, ସରପଞ୍ଚ ଓ ଅନ୍ୟ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଜିଲାରେ ଶୁକ୍ରବାର ୪୭୩ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ପୁରୀ ସହରରୁ ୧୩୭ ଜଣ ପଜିଟିଭ୍ ବାହାରିଛନ୍ତି। ସେହିଭଳି ପୁରୀ ସଦରରୁ ୬୩, ପିପିଲରୁ ୬୦ ଓ ନିମାପଡ଼ାରୁ ୪୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଶନିବାର ପୁରୀ କୋଭିଡ୍ ଶ୍ମଶାନ ଘାଟରେ ୩ ଜଣଙ୍କର ଶେଷକୃତ୍ୟ ହୋଇଛି। ଗୋପର ୬୦ ବର୍ଷୀୟା ମହିଳା, ପୁରୀ ତିଆଡ଼ି ସାହିର ୮୦ ବର୍ଷୀୟା ମହିଳା ଓ ପୁରୀ ସହରର ଅନ୍ୟ ଜଣେ ମହିଳାଙ୍କର ଶେଷକୃତ୍ୟ କରାଯାଇଛି।